

ପ୍ରୀତିସ୍ମିତାଙ୍କ ବିଶ୍ୱ ରେକର୍ଡ

▶ପୃଷ୍ଠା ୧୨ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-120 ♦MONDAY ♦27 OCTOBER 2025 ♦PAGE-12 ♦₹ 6.00 | JEYPORE | ♦ବର୍ଷ-୪୩ ♦ସଂଖ୍ୟା-୧୨୦ ♦ସୋମବାର ♦୨୭ ଅକ୍ଟୋବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


# ମାଡ଼ିଆସୁଛି 'ମୋନ୍ଥା'

## ସମୁଦ୍ରରୁ ବଳ ଗୋଟାଇ ବାତ୍ୟାର ରୂପ ନେଉଛି ଗଭୀର ଅବପାତ


**୨୮ ତାରିଖ ରାତିରେ ଭୂଭାଗ ଛୁଇଁବ**

**ଓଡ଼ିଶା ଉପରେ ବାତ୍ୟା ପ୍ରଭାବ ରୋକିବ ପୂର୍ବଘାଟ ପର୍ବତମାଳା**

**ରାଜ୍ୟରେ କମ୍ ପବନ; ଅଧିକ ବର୍ଷା, ଦକ୍ଷିଣକୁ ଭୂସ୍ଖଳନ ବିପଦ**

■ **ଭୁବନେଶ୍ୱର, ୨୬।୧୦ (ସମିସ):** ୨୪ ତାରିଖରେ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଘନୀଭୂତ ହୋଇ ରବିବାର ସକାଳେ ଗଭୀର ଅବପାତରେ ପରିଣତ ହୋଇଛି ଓ ଆସନ୍ତାକାଲି ସକାଳ ସୁଦ୍ଧା ବାତ୍ୟାରେ ପରିଣତ ହେବ 'ମୋନ୍ଥା"। ସମୁଦ୍ରରୁ ବଳ ଗୋଟାଇ ଏହା କ୍ରମଶଃ ଭୂଭାଗ ଆଡ଼କୁ ଅଗ୍ରସର ହେଉଛି ଓ ୨୮ ତାରିଖ ସନ୍ଧ୍ୟା ସୁଦ୍ଧା ଭୀଷଣ ବାତ୍ୟାରେ ପରିଣତ ହେବ ଓ ମଧ୍ୟରାତ୍ରି ସୁଦ୍ଧା ଆନ୍ଧ୍ରର କାକିନାଡ଼ାରେ ସ୍ଥଳଭାଗ ଅତିକ୍ରମ କରିବ ବୋଲି ଆକଳନ କରାଯାଇଛି। ଭୂମିସ୍ପର୍ଶ ସମୟରେ ପବନର ଗତି ଘଣ୍ଟା ପ୍ରତି ୯୦-୧୦୦ କିମି ଓ ଏହାର ଝଟକା ପବନ ୧୧୦ କିମି ପର୍ଯ୍ୟନ୍ତ ରହିବାର ସମ୍ଭାବନା ରହିଛି।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ସମ୍ଭାବ୍ୟ ବାତ୍ୟା ୨୮ ତାରିଖ ସନ୍ଧ୍ୟାରେ ଆନ୍ଧ୍ରର କାକିନଡ଼ା ପାଖରେ ଉପକୂଳ ଛୁଇଁବ। ସନ୍ଧ୍ୟା ୬ଟାରୁ ରାତି ୧୦ ଟା ମଧ୍ୟରେ ଲ୍ୟାଣ୍ଡଫଲ୍ ପ୍ରକ୍ରିୟା ଶେଷ ହେବ। ସ୍ଥଳଭାଗ ଛୁଇଁବା ପରେ ବାତ୍ୟା ଆନ୍ଧ୍ର ଓ ସଂଲଗ୍ନ ଛତିଶଗଡ଼ରେ ପହଞ୍ଚି ଜଗଦଲପୁର ଓ ରାୟପୁରର ପଶ୍ଚିମରେ ଯାଇପାରେ। ଏମିତି ହେଲେ ଅବିଭକ୍ତ କୋରାପୁଟ ଓ ନୂଆପଡ଼ାରେ ଘଣ୍ଟାପ୍ରତି ୪୦-୫୦ ▶ପୃଷ୍ଠା-୭



## ୮ ଜିଲ୍ଲାକୁ ଗଲେ ୧୨୮ ଉଦ୍ଧାରକାରୀ ଟିମ୍

**ମୁକାବିଲା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ: ରାଜସ୍ୱ ମନ୍ତ୍ରୀ**

**କଳାବଜାରୀ କ୍ଷେତ୍ରରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ**

■ **ଭୁବନେଶ୍ୱର, ୨୬।୧୦ (ସମିସ):** ସମ୍ଭାବ୍ୟ ବାତ୍ୟାରେ ସର୍ବାଧିକ ପ୍ରଭାବିତ ହେବାକୁ ଥିବା ଦକ୍ଷିଣ ଓଡ଼ିଶାର ୮ଟି ଜିଲ୍ଲା ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଞ୍ଜାମ, ଗଜପତି, କନ୍ଧମାଳ, କଳାହାଣ୍ଡି, ନବରଙ୍ଗପୁର ଜିଲ୍ଲାକୁ ରେଡ୍ ଜୋନ୍‌ରେ ଅନ୍ତର୍ଭୁକ୍ତ କରାଯାଇଛି। ଅବଶିଷ୍ଟ ୨୨ଟି ଜିଲ୍ଲାରେ ବାତ୍ୟା ପ୍ରଭାବରେ ବର୍ଷାର ସମ୍ଭାବନା ରହିଛି। ତେଣୁ ଏହାର ମୁକାବିଲା ପାଇଁ ସମସ୍ତ ବିଭାଗ ସହ ଆଲୋଚନା କରାଯାଇ ସବୁ ପ୍ରକାର ସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନାମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ରବିବାର ମନ୍ତ୍ରୀ ▶ପୃଷ୍ଠା-୭

## ଆନ୍ଧ୍ରକୁ ଗଲେ ୩ ଏନ୍‌ଡିଆର୍‌ଏଫ୍ ଟିମ୍

■ **ଭୁବନେଶ୍ୱର, ୨୬।୧୦ (ସମିସ):** ସମ୍ଭାବ୍ୟ ବାତ୍ୟା 'ମନ୍ଥା'ର ମୁକାବିଲା ପାଇଁ ଓଡ଼ିଶାରୁ ଏନ୍‌ଡିଆର୍‌ଏଫ୍‌ର ୩ଟି ଟିମ୍ ସମସ୍ତ ସରଞ୍ଜାମ ସହିତ ଆନ୍ଧ୍ର ପ୍ରଦେଶ ଯାଇଛି। ଗୋଟିଏ ଟିମ୍ ଶ୍ରୀକାକୁଲମ୍ ଜିଲ୍ଲା ଓ ଦୁଇଟି ଟିମ୍ ଭାଇଜାଗ୍ ଗସ୍ତ କରିଛନ୍ତି। ପ୍ରତି ଟିମ୍‌ରେ ୩ ଜଣ ଅଫିସର ଓ ୩୨ ଜଣ ଯବାନ ରହିଛନ୍ତି। ଏନ୍‌ଡିଆର୍‌ଏଫ୍‌ର ୧୮ଟି ଟିମ୍‌ରୁ ୧୫ଟି ଟିମ୍ ଏବେ ମୁଣ୍ଡଲୀରେ ଅଛନ୍ତି। ବାତ୍ୟାର ଗତିବିଧି ଦେଖି ଏହି ଟିମ୍‌କୁ ମୁତୟନ କରାଯିବ ବୋଲି ଏନ୍‌ଡିଆର୍‌ଏଫ ପକ୍ଷରୁ କୁହାଯାଇଛି।

ସମ୍ଭାବ୍ୟ ବାତ୍ୟା ଓ ବର୍ଷାକୁ ଦୃଷ୍ଟିରେ ରଖି ଅଗ୍ନିଶମ ବିଭାଗକୁ ଆଲର୍ଟରେ ରଖାଯାଇଥିବା ଅଗ୍ନିଶମ ଡିଜି ସୁଧାଂଶୁ ଷଡ଼ଙ୍ଗୀ କହିଛନ୍ତି। କଟର୍ ମେସିନ୍, ଲାଇଟ୍ ଏବଂ ▶ପୃଷ୍ଠା-୭

**ଶିଶୁଙ୍କୁ ଦିଆଯାଇଥିଲା ସଂକ୍ରମିତ ରକ୍ତ**

## ୫ ଶିଶୁ ଏଚ୍‌ଆଇଭି ପଜିଟିଭ୍

■ **ରାଞ୍ଚି, ୨୬।୧୦ (ଏଜେନ୍ସି):** ଝାଡ଼ଖଣ୍ଡର ପଶ୍ଚିମ ସିଂହଭୁମ୍ ଜିଲ୍ଲାରେ ଡାକ୍ତର ତଥା ମେଡିକାଲ ଷ୍ଟାଫ୍‌ଙ୍କ ଅବହେଳା କାରଣରୁ ବଡ଼ ଧରଣର ଅଘଟଣ ହୋଇଛି। ଚାଇବସାର ସରକାରୀ ହସ୍ପିଟାଲରେ ରକ୍ତ ଦେବା ପରେ ୫ ଜଣ ଶିଶୁ ଏଚ୍‌ଆଇଭି ସଂକ୍ରମିତ ହେବାଭଳି ଘଟଣା ସାମ୍ନାକୁ ଆସିଛି। ଏମାନଙ୍କ ମଧ୍ୟରେ ଜଣେ ୭ ବର୍ଷର ଥାଲାସେମିଆ ରୋଗରେ ପୀଡିତ ଜଣେ ଶିଶୁ ସାମିଲ ରହିଛି। ଏହି ଘଟଣା ସାମ୍ନାକୁ ଆସିବା ପରେ ରାଜ୍ୟର ସ୍ୱାସ୍ଥ୍ୟ ବିଭାଗରେ ହାଇଚଇ ସୃଷ୍ଟି କରିଛି ଓ ସାରା ରାଜ୍ୟରେ ଆତଙ୍କ ଖେଳି ଯାଇଛି। ଏହି ଘଟଣା ଯାଞ୍ଚ ପାଇଁ ରାଞ୍ଚିରୁ ଏକ ମେଡିକାଲ ଟିମ୍ ଯଥାଶୀଘ୍ର ଚାଇବସା ଯାତ୍ରା କରିଛି। ଏଥିସହ ଝାଡଖଣ୍ଡ ହାଇକୋର୍ଟ ଏହି ମାମଲାରେ ରାଜ୍ୟର ସ୍ୱାସ୍ଥ୍ୟ ବିଭାଗ ଓ ଜିଲ୍ଲା ସିଭିଲ ସର୍ଜନଙ୍କଠାରୁ ଜବାବ ମାଗିଛି। ମିଳିଥିବା ସୂଚନା ଅନୁଯାୟୀ ଏହି ମାମଲା ଶୁକ୍ରବାର ସାମ୍ନାକୁ ଆସିଥିଲା। ଥାଲାସେମିଆରେ ପୀଡିତ ଜଣେ ଶିଶୁଙ୍କ ପରିବାର ଚାଇବସା ସଦର ହସ୍ପିଟାଲ ବ୍ଲଡ ବ୍ୟାଙ୍କ୍ ତାଙ୍କ ପିଲାକୁ ଏଚ୍‌ଆଇଭି ସଂକ୍ରମିତ ରକ୍ତ ଦେଇଥିବା ଅଭିଯୋଗ କରିବା ପରେ ସମସ୍ତେ ଏ ବିଷୟରେ ଜାଣିବାକୁ ପାଇଥିଲେ। ପରିବାର ତରଫରୁ ଅଭିଯୋଗ ହେବା ▶ପୃଷ୍ଠା-୭

## ସ୍କୁଲ ଯିବାବେଳେ ନାବାଳିକାକୁ ଦୁଷ୍କର୍ମ

■ **ଜମନକିରା, ୨୬।୧୦ (ସମିସ):** ସ୍କୁଲ ଯିବା ବାଟରୁ ନାବାଳିକାକୁ ଟେକିନେଇ ଦୁଷ୍କର୍ମ। ସମ୍ବଲପୁର ଜିଲ୍ଲା ଜମନକିରା ଥାନା ଅଞ୍ଚଳରେ ଏଭଳି ଏକ ଲଜ୍ଜାଜନକ ଘଟଣା ଘଟିଛି। ଏହି ଘଟଣାରେ ପୁଲିସ ଅଭିଯୁକ୍ତ ଯୁବକକୁ ଗିରଫ କରି ଆଜି କୋର୍ଟଚାଲାଣ କରିଛି।



ସୂଚନାନୁଯାୟୀ, ଜମନକିରା ଥାନା ଅଞ୍ଚଳର ୧୫ ବର୍ଷୀୟା ନାବାଳିକାଜଣଙ୍କ ଗତକାଲି ସକାଳେ ସ୍କୁଲ୍‌କୁ ଯାଉଥିଲା। ଏହି ସମୟରେ ଅମିର କୁରେଶୀ ନାମକ ଜଣେ ଯୁବକ ତାକୁ ବାଟରେ ଅଟକାଇଥିଲା। ଦେବଗଡ଼ ପଟକୁ ବୁଲିଯିବାକୁ କହି ଜୋର୍‌ଜବରଦସ୍ତ ତାକୁ ସାଙ୍ଗରେ ନେଇଯାଇଥିଲା। ସେଠାରେ ଏକ ନିଛାଟିଆ ଜାଗା ଦେଖି ସେ ନାବାଳିକାକୁ ଦୁଷ୍କର୍ମ କରିଥିଲା। ପରେ ନାବାଳିକାକୁ ଆଣି ତା' ଘର ପାଖରେ ଛାଡ଼ି ଚାଲିଯାଇଥିଲା। ନାବାଳିକାଜଣକ ନିଜ ମା'କୁ ଏ ସଂପର୍କରେ ଜଣାଇବା ପରେ ପରିବାରଲୋକ ଥାନାରେ ଏତଲା ଦେଇଥିଲେ। ଅଭିଯୋଗ ଆଧାରରେ ପୁଲିସ ଗତକାଲି ରାତିରେ ଅଭିଯୁକ୍ତ ଅମିରକୁ ଥାନାକୁ ଉଠାଇ ଆଣିଥିଲା। ତାକୁ ପଚରାଉଚରା କରିବା ପରେ ଆଜି ଅପରାହ୍ଣରେ ▶ପୃଷ୍ଠା-୭


କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟ
ଭାରତ ସରକାର

"ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅନିଶ୍ଚିତ ପାଣିପାଗ ସହ ଜଡ଼ିତ ବିପଦକୁ କମ କରିବା ସହିତ ପରିଶ୍ରମୀ ଚାଷୀ ଭାଇଭଉଣୀଙ୍କ ଆର୍ଥିକ ହିତ ରକ୍ଷା କରିବାରେ ବିଭିନ୍ନ ସମୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ଚାଷୀ ହିତାକାଂକ୍ଷୀ ବୀମା ଯୋଜନାର ଲାଭ ଆଜି କୋଟି କୋଟି ଚାଷୀଙ୍କୁ ମିଳୁଛି।"
- ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ



ମୋ ପଲିସି ମୋ ହାତରେ
• 2025 ମସିହାର ଖରିଫ ଫସଲ ବୀମା ପଲିସି ପାଆନ୍ତୁ
• ଆଗାମୀ ରବି ଋତୁରେ ମଧ୍ୟ ଫସଲ ବୀମା ନିଶ୍ଚୟ କରାନ୍ତୁ
ଫସଲ ବୀମା କରାନ୍ତୁ, ସୁରକ୍ଷା କବଚ ପାଆନ୍ତୁ

ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ୨ ବର୍ଷର ସଫଳତା
• 82+ କୋଟିରୁ ଅଧିକ କୃଷକଙ୍କର ଆବେଦନ ପ୍ରାପ୍ତ କରାଯାଇଛି
• ₹1.93+ ଲକ୍ଷ କୋଟିରୁ ଅଧିକ ମୂଲ୍ୟର ଦାବି ଗ୍ରହଣ କରାଯାଇଛି, ସେଥିରୁ ₹1.89+ ଲକ୍ଷ କୋଟିରୁ ଅଧିକ କୃଷକମାନଙ୍କୁ ପୈଠ କରାଯାଇଛି
• 23+ କୋଟିରୁ ଅଧିକ କୃଷକଙ୍କର ଆବେଦନ ବାବଦକୁ ଫସଲ ବୀମାର ଲାଭ ମିଳିଛି
• ରାଷ୍ଟ୍ରୀୟ ଫସଲ ବୀମା ପୋର୍ଟାଲ ଦ୍ୱାରା ସ୍ୱଚ୍ଛ ଏବଂ ତ୍ୱରିତ ଦାବି ପୈଠ




ଦେଶବ୍ୟାପୀ ହେଲ୍ପଲାଇନ୍ 14447

ଆପଣଙ୍କ ଗ୍ରାମରେ ଆୟୋଜିତ ଶିବିର ଏବଂ ଫସଲ ବୀମା ପାଠଶାଳାକୁ ନିଶ୍ଚୟ ଯାଆନ୍ତୁ
• ଆପଣଙ୍କ ଫସଲ ବୀମା ପଲିସି ପାଆନ୍ତୁ
• ଫସଲ ହାନି ବିଷୟରେ ସୂଚନା ପ୍ରଦାନ କରିବାର ପ୍ରକ୍ରିୟା, ଦାବି ଏବଂ ଅଭିଯୋଗ ପ୍ରକ୍ରିୟାକରଣ ବ୍ୟବସ୍ଥା ବିଷୟରେ ଜାଣନ୍ତୁ
• ଏହା ସହିତ ଆଗାମୀ ରବି ଋତୁ ପାଇଁ ଫସଲ ବୀମା କରାଇବାର ସମ୍ପୂର୍ଣ୍ଣ ପ୍ରକ୍ରିୟା ଓ ମାର୍ଗଦର୍ଶନ ଲାଭ କରନ୍ତୁ

ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା

ବୀମା ଅଂଶୀଦାରୀ: AIC, Chola MS, ICICI Lombard, Kshema, Oriental Insurance, Reliance General Insurance, SBI general, Universal Sompo General Insurance

ଯୋଜନା ସମ୍ବନ୍ଧୀୟ ଅଧିକ ସୂଚନା ପାଇଁ ଯୋଗାଯୋଗ କରନ୍ତୁ

ନିକଟତମ କୃଷି ବିଭାଗ କାର୍ଯ୍ୟାଳୟ | ଜନସେବା କେନ୍ଦ୍ର | କ୍ରପ୍ ଇନସ୍ୟୁରାନ୍ସ ଆପ୍ https://play.google.com | ପୋଷ୍ଟ ଅଫିସ | ବ୍ୟାଙ୍କ ଶାଖା
@PMFBY
ଯୋଜନା ସମ୍ବନ୍ଧିତ ଅଧିକ ସୂଚନା ପାଇଁ QR କୋଡ୍ ସ୍କାନ୍ କରନ୍ତୁ

## ‘ବସୁନ୍ଧରା’ର ସ୍ୱପ୍ନ: ଆମେରିକାରେ ବାସ୍ତବ ରୂପ

# ୨୧ ବର୍ଷ ପରେ ଜନ୍ମମାଟିରେ ପାଦ ରଖିବ ସୁନା ଝିଅ ‘ସୁଧନ୍ୟା’



୧୯୯୪ ମସିହାର କଥା। ୨ମାସର ଝିଅକୁ ବେସାହାରା କରି ‘ବସୁନ୍ଧରା’ ଦୁଆରେ ଛାଡ଼ି ପଳାଇଲା ଜନ୍ମ କଲା ମା’। କିନ୍ତୁ, ଅନ୍ୟ ବେସାହାରା ପିଲାଙ୍କ ପରି ବସୁନ୍ଧରା ତାକୁ କୋଳେଇ ନେଲା। ସେଇ କଅଁଳ ଶିଶୁର ଦରୋଟି ଓଠର ହସ, ନିରୀହ ଆଖିର ନଜର, କଅଁଳ ପାଦର ସ୍ପର୍ଶ ଆଉ ଅବୋଧ କୁଆଁକୁଆଁ ଡାକରେ ବସୁନ୍ଧରା’ର ବିସ୍ତୀର୍ଣ୍ଣ ଅଗଣା ପୂରି ଉଠିଥିଲା। ନିଜ ପଣତକାନିରେ ଢାଙ୍କି ବସୁନ୍ଧରାର ଶୈଳ ଅପା ତାକୁ ୫ବର୍ଷ ଯାଏଁ ମା’ର ଅନାବିଳ ଆବେଗ ଓ ମମତା ଅଜାଡ଼ି ଦେଇଥିଲେ। କିନ୍ତୁ, ୧୯୯୯ ମସିହାରେ ତା’ର ଭାଗ୍ୟ ବଦଳିଗଲା। ଆମେରିକାର ଏକ ଦମ୍ପତି ଆସି ୫ବର୍ଷର ସେହି ଶିଶୁକନ୍ୟା ସୁଧନ୍ୟାକୁ କୋଳେଇ ନେଇ ସାଥିରେ ଆମେରିକା ନେଇଯାଇଥିଲେ। ଏହା ଭିତରେ ୨୧ ବର୍ଷ ବିତିଯାଇଛି। ସେଦିନର ବସୁନ୍ଧରାର ସୁନା ଝିଅ ପାଲଟିଥିବା ସୁଧନ୍ୟା ଆଜି ଫେରିଛି ‘ସୁଡି’ ହୋଇ। ଭାରତୀୟ ବଂଶୋଦ୍ଭବ ଡଃ ହର୍ଷଙ୍କ ହାତ ଧରିଛି। ବିଦେଶରେ ରହିଥିଲେ ବି ଭୁଲି ପାରିନି ନିଜ ଜନ୍ମମାଟି ଓଡ଼ିଶାକୁ। ପ୍ରଥମଥର ପାଇଁ ବାହାଘରର ଭୋଜି ଦେବା ପାଇଁ ବସୁନ୍ଧରାକୁ ଆସୁଛନ୍ତି ନବଦମ୍ପତି। ଏଭଳି ଘଟଣା ଯଦିଓ ପୂର୍ବରୁ ଘଟିଛି, ତଥାପି କଟକ ଦେଖିବ ଭିନ୍ନ ଏକ ଅନାବିଳ ସ୍ନେହର ଜୀବନ୍ତ ଉଦାହରଣ....

କଟକ, ୨୬।୧୧(ସମିସ): ବସୁନ୍ଧରାରୁ ସୁନା ଝିଅ ସୁଧନ୍ୟା ୧୯୯୯ ମସିହାରେ ଆମେରିକା ଚାଲି ଯାଇଥିଲା। ସରକାରୀ ନିୟମ ଅନୁସାରେ ଜିଲ୍ଲା ପ୍ରଶାସନ ଓ ବସୁନ୍ଧରା କର୍ତ୍ତୃପକ୍ଷଙ୍କ ଅନୁମତି ନେଇ ଆମେରିକାର ଦମ୍ପତି ନିଜର ଝିଅ ଭାବେ ସୁଧନ୍ୟାକୁ ଗ୍ରହଣ କରି ନେଇଥିଲେ। ସେଠାରେ ଏକ ଆର୍ଥିକ ସ୍ୱଚ୍ଛଳ ଏବଂ ଉଚ୍ଚ ଶିକ୍ଷିତ ବିଦେଶୀ ପରିବାରରେ ରହି ସୁନା ଝିଅ ଶିକ୍ଷା ଗ୍ରହଣ ଆରମ୍ଭ କରିଥିଲା। ଇଂରାଜୀରେ ସ୍କୁଲ ଶିକ୍ଷା ପରେ ଉଚ୍ଚ ଶିକ୍ଷା ଲାଭ କରିଥିଲା। ପିତା-ମାତାଛେଉଣ୍ଡ ସୁଧନ୍ୟା ଈଶ୍ୱରଙ୍କ କୃପାରୁ ନିଜ ବାପା ଓ ମା’ଙ୍କୁ ପାଇଥିଲା। ପାରିବାରିକ ସ୍ନେହ, ସାମାଜିକ ପ୍ରତିଷ୍ଠା, ଆର୍ଥିକ ସ୍ୱଚ୍ଛଳତା ଏବଂ ଲାଳନପାଳନର ଆକାଶଛୁଆଁ ଆବେଗ ତା’ ଜୀବନକୁ ସରସ, ସୁନ୍ଦର କରିଥିଲା। ଅତ୍ୟାଧୁନିକ ଛାତ ତଳେ ଆଧୁନିକତାର ଜୀବନଶୈଳୀ ଭିତରେ ସୁଧନ୍ୟା ‘ସୁଡ଼ି’ ହୋଇ ସାରିଥିଲା। ଓଡ଼ିଆ ଭାଷା ଯଦିଓ ସେ ଉଚ୍ଚାରଣ କରୁଥିଲା, ହେଲେ ଇଂରାଜୀ ତା’ର ମାତୃଭାଷା ପାଲଟି ଯାଇଥିଲା। ଭଲରେ ଓଡ଼ିଆ କହି ପାରୁନଥିଲା ସତ କିନ୍ତୁ ନିଜ ଜନ୍ମ ମାଟିର ଆବଳିତାକୁ କେମିତି ବା ଭୁଲିବ?

- ଡଃ ହର୍ଷଙ୍କ ହାତ ଧରି ଫେରୁଛି ସୁଡି
- କଟକ ଦେଖିବ ଅନାବିଳ ସ୍ନେହର ଜୀବନ୍ତ ଉଦାହରଣ
- ବିଦେଶରେ ବାହାଘର: ବସୁନ୍ଧରାରେ ଭୋଜିଭାତ

ସୁଧନ୍ୟାକୁ(ସୁଡ଼ି ନାମରେ ପରିଚିତା) ପୋଷ୍ୟକନ୍ୟା ଭାବେ ଆଦରି ନେଇଥିବା ଆମେରିକୀୟ ଦମ୍ପତି ତା’ର ବାହାଘର ସ୍ଥିର କରିଥିଲେ। ଭାରତୀୟ ବଂଶୋଦ୍ଭବ ଡଃ ହର୍ଷ ସହିତ ସୁଡ଼ିର ବାହାଘର କରାଇଥିଲେ। ଏହି ବାହାଘରରେ ସୁଡ଼ିର ଓଡ଼ିଶାରେ ଥିବା ବସୁନ୍ଧରାର କୌଣସି ସମ୍ପର୍କୀୟ ଯୋଗ ଦେଇପାରିନଥିଲେ। ଆଜି ସେ ବସୁନ୍ଧରାରେ ପହଞ୍ଚିବ। ଏଠାରେ ଭୋଜି ଭାତର ବ୍ୟବସ୍ଥା ହୋଇଛି। ତାକୁ ୨ ମାସରୁ ୫ବର୍ଷ ପର୍ଯ୍ୟନ୍ତ ବଡ଼ କରିଥିବା ବସୁନ୍ଧାରର ସମ୍ପାଦିକା ଶୈଳ ବେହେରା (ଶୈଳ ଅପା)ଙ୍କ ସହ ଅନ୍ୟ ସହଯୋଗୀ ଓ ବନ୍ଧୁମାନେ ଚାହିଁ ବସିଛନ୍ତି। ଗୁରୁଜନଙ୍କ ଆର୍ଶୀବାଦ ନେଇ ସେ ପୁଣି ଆମେରିକା ଫେରିଯିବ।

ବସୁନ୍ଧରାରେ ନିଜ ବାପା ଓ ମା’ର ପରିଚୟ ନପାଇ ଜୀବନ ଅତିବାହିତ କରୁଥିବା ଅସହାୟ ଝିଅଙ୍କ କ୍ଷେତ୍ରରେ ଯଦି ଏଭଳି ପରିବର୍ତ୍ତନ ଘଟେ, ତେବେ ତାହା ଈଶ୍ୱରଙ୍କ ଆର୍ଶୀବାଦ ଯୋଗୁଁ ସମ୍ଭବ ହୋଇପାରେ। ସୁଡ଼ିଙ୍କ କ୍ଷେତ୍ରରେ ଏଭଳି ପରିବର୍ତ୍ତନକୁ ଶୁଣି ଯେ କେହିବି ଆଶ୍ଚର୍ଯ୍ୟ ହେଉଛି। ବସୁନ୍ଧରା ପକ୍ଷରୁ ନିମନ୍ତ୍ରଣପତ୍ର ଛପାଯାଇଛି। ସଭାପତି ଡଃ ଯୋଗମାୟା ପଟ୍ଟନାୟକ ଏବଂ ବସୁନ୍ଧରା ପରିବାର ପକ୍ଷରୁ ସମସ୍ତଙ୍କୁ ନିମନ୍ତ୍ରଣ କରାଯାଇଛି। ଅନ୍ୟପଟେ ପୂର୍ବରୁ ବସୁନ୍ଧରାରୁ ଏକାଧିକ ଅସହାୟ ଝିଅମାନେ ବିଦେଶକୁ ଯାଇଛନ୍ତି ଏବଂ ସେଠାରେ ରହି ପ୍ରତିଷ୍ଠିତ ହୋଇଛନ୍ତି, କିନ୍ତୁ ସୁଡ଼ିଙ୍କ କାହାଣୀ ସେମାନଙ୍କଠାରୁ ନିଆରା। ସୁଡ଼ି ବିଦେଶରେ ରହି ଶିକ୍ଷାଦାନ କରିବା ପରେ ବାହା ହୋଇ ଭୋଜି ଦେବା ପାଇଁ, କଟକ ବିଡ଼ାନାସୀସ୍ଥିତ ବସୁନ୍ଧରାକୁ ଫେରୁଛି। ଏଭଳି ନିଚ୍ଛକ ଓ ସ୍ୱତନ୍ତ୍ର ପ୍ରସଙ୍ଗକୁ ଯିଏ ଶୁଣୁଛି, ତା’ ଆଖି ଲୁହରେ ଛଳଛଳ ହେବା ସ୍ୱାଭାବିକ।

# ୨ବର୍ଷର ଝିଅକୁ ଅପହରଣ କରିନେଲା ମଉସା

ବ୍ରହ୍ମପୁର, ୨୬।୧୦ (ସମିସ): ୨ବର୍ଷର ଶିଶୁକନ୍ୟାକୁ ଅପହରଣ କରି ଦେଢ଼ ଲକ୍ଷ ଟଙ୍କା ଦାବି କରିବା ଅଭିଯୋଗରେ ବ୍ରହ୍ମପୁର ପୁଲିସ ଶିଶୁକନ୍ୟାର ମଉସାକୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲା, ବିଶାଲ ବାବନ ମୋହିତେ। ବ୍ରହ୍ମପୁର ପୁଲିସ ଅଭିଯୋଗ ହେବାର ମାତ୍ର ୨୪ ଘଣ୍ଟା ମଧ୍ୟରେ ଶିଶୁକନ୍ୟାକୁ ପୂର୍ବ ମେଦିନିପୁର ଅଞ୍ଚଳରୁ ଶିଶୁକନ୍ୟାକୁ ଠାବ କରିବା ସହ ବିଶାଲକୁ ଗିରଫ କରିଛି।

ସୂଚନାନୁଯାୟୀ, ଗତ ୨୧ ତାରିଖ ଦିନ କନ୍ଧମାଳ ଜିଲ୍ଲା ବ୍ରାହ୍ମଣୀ ଗାଁର ଶରତ ପାତ୍ର ଓ

## ବ୍ରହ୍ମପୁରରୁ ଅପହୃତ, ପଶ୍ଚିମବଙ୍ଗରୁ ଉଦ୍ଧାର

ପତ୍ନୀ ହିମାନି ମନ୍ତ୍ରୀ ନିଜ ଦୁଇବର୍ଷର ଶିଶୁକନ୍ୟା ଅନିଫା ପାତ୍ରଙ୍କ ସହ ବ୍ରହ୍ମପୁର ଏମକେସିଜି ମେଡିକାଲକୁ ଆସିଥିଲେ। ହିମାନିଙ୍କ ସହ ତାଙ୍କ ଭଉଣୀ ଦିବାନୀ ଓ ତାଙ୍କ ସ୍ୱାମୀ ବିଶାଲ ବାବନ ମୋହିତେ ମଧ୍ୟ ବ୍ରହ୍ମପୁର ଆସିଥିଲେ। ସମସ୍ତେ ହସ୍ପିଟାଲ ପାଖ ଏକ ଲଜ୍‌ରେ ରହୁଥିଲେ। ତେବେ କୌଣସି କାରଣରୁ ସେମାନଙ୍କ ମଧ୍ୟରେ ଝଗଡ଼ା ହେବାରୁ ଅନିଫାଙ୍କୁ ଅପହରଣ କରିନେଇଥିଲା ବିଶାଲ। ପରେ ସେ ହିମାନିଙ୍କୁ ଫୋନ୍ କରି ଅନିଫାଙ୍କ ମୁକ୍ତି ପାଇଁ ୧.୫ ଲକ୍ଷ ଟଙ୍କା ଦାବି କରିଥିଲା। ତେବେ ୨୩ ତାରିଖ ରାତିରେ ହିମାନି ଏ ସଂପର୍କରେ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା।

ଏସ୍‌ଆଇ ପ୍ରିୟଙ୍କା ସାହୁ, ଏଏସଆଇ ଅନନ୍ତ ନାରାୟଣ ନାୟକ, ହାବିଲଦାର ନାରାୟଣ ମହାପାତ୍ର, ହୋମଗାର୍ଡ ଅନୀଲ ସାହୁ ଓ ମନୋଜ କୁମାର ସାମନ୍ତରାଙ୍କୁ ନେଇ ପୁଲିସ ୫ଜଣିଆ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଥିଲା। ମୋବାଇଲ ଟ୍ରାକିଂରୁ ପୁଲିସ ଜାଣିବାକୁ



ପାଇଥିଲା ଯେ ଅନିଫାକୁ ଧରି ବିଶାଲ ଘୂରି ବୁଲୁଛି। ପୁରୀ, ଭୁବନେଶ୍ୱର ପରେ ସେ ପଶ୍ଚିମବଙ୍ଗ ଚାଲିଯାଇଥିବା ଜଣାପଡ଼ିଥିଲା। ତେବେ ବିଶାଲ ପୂର୍ବ ମେଦିନିପୁର ଇଲାକାରେ ଲୁଚିଥିବା ଜଣାପଡ଼ିବା ପରେ ସ୍ଥାନୀୟ ଏସପି ସୌମ୍ୟଦୀପ ଭଟ୍ଟାଚାର୍ଯ୍ୟ ଓ ଅତିରିକ୍ତ ଏସପି ନିଖିଲ ଅଗ୍ରୱାଲଙ୍କ ସହାୟତାରେ ବ୍ରହ୍ମପୁର ପୁଲିସ ଟିମ ତାକୁ ସେଠାରୁ ଗିରଫ କରିଥିଲା। ଏହାସହ ତା’ କବଳରୁ ଅପହୃତା ଅନିଫାଙ୍କୁ ସୁରକ୍ଷିତ ଉଦ୍ଧାର କରିଥିଲା।

# ମୁଖ୍ୟମନ୍ତ୍ରୀଙ୍କ ମୁମ୍ବାଇ ଗସ୍ତ

## ଇଣ୍ଡିଆ ମେରିଟାଇମ୍ ସପ୍ତାହ ୨୦୨୫ରେ କରିବେ ଅଂଶଗ୍ରହଣ

ଭୁବନେଶ୍ୱର,୨୬।୧୦(ସମିସ): ଆସନ୍ତାକାଲି ଅର୍ଥାତ୍ ୨୭ ତାରିଖରୁ ୩୧ ତାରିଖ ଯାଏଁ ମୁମ୍ବାଇରେ ଇଣ୍ଡିଆ ମେରିଟାଇମ୍ ସପ୍ତାହ ୨୦୨୫ ଅନୁଷ୍ଠିତ ହେବ। ଏହାର ଉଦ୍‌ଘାଟନୀ ଅଧିବେଶନରେ ସମ୍ମାନିତ ଅତିଥି ଭାବେ ଯୋଗଦେବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ମୁମ୍ବାଇ ଗସ୍ତ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଅଧିବେଶନ ସମାପ୍ତ ପରେ ମୁଖ୍ୟମନ୍ତ୍ରୀ ଅପରାହ୍ନରେ ରାଜ୍ୟର ବନ୍ଦର ଆଧାରିତ ବିନିଯୋଗ ସୁଯୋଗ ଏବଂ ସାମୁଦ୍ରିକ ବନ୍ଦର ମାଧ୍ୟମରେ ରପ୍ତାନୀ ସମ୍ଭାବନା ଉପରେ ଆୟୋଜିତ ଏକ ସ୍ୱତନ୍ତ୍ର ଅଧିବେଶନରେ ଅଂଶଗ୍ରହଣ କରିବେ। ମେରିଟାଇମ୍ ସପ୍ତାହ କାର୍ଯ୍ୟକ୍ରମରେ ଯୋଗଦେବାକୁ ଓଡ଼ିଶା ସରକାରଙ୍କ ଏକ ପ୍ରତିନିଧି ଦଳ ମୁମ୍ବାଇ ପହଞ୍ଚି ସାରିଛନ୍ତି।

ଇଣ୍ଡିଆ ମେରିଟାଇମ୍ ସପ୍ତାହ ହେଉଛି ଏକ ପ୍ରମୁଖ ଜାତୀୟ ଏବଂ ଆନ୍ତର୍ଜାତୀୟ ଉତ୍ସବ, ଯେଉଁଥିରେ ଶିଳ୍ପ ବିଶେଷଜ୍ଞ ଏବଂ ନିବେଶକ ଏକତ୍ରିତ ହୋଇ ସାମୁଦ୍ରିକ ଭିତ୍ତିଭୂମି, ବନ୍ଦର ବିକାଶ ଏବଂ ନୀଳ ଅର୍ଥନୀତିରେ ଅଗ୍ରଗତି ଓ ସୁଯୋଗ ଉପରେ ଆଲୋଚନା କରିଥା’ନ୍ତି। ଏହି ସମ୍ମିଳନୀ ଭାରତର ସାମୁଦ୍ରିକ କ୍ଷେତ୍ରରେ ସହଯୋଗ ଏବଂ ନୂତନତ୍ୱକୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟ ରଖିଛି।

# ମହଙ୍ଗା ପଡ଼ିଲା ଥାନାରେ ଯୁବକଙ୍କୁ ଥାର୍ଡ ଡିଗ୍ରୀ

ଭୁବନେଶ୍ୱର,୨୬।୧୦(ସମିସ): ଥାନା ଭିତରେ ଜଣେ ଯୁବକଙ୍କୁ ‘ଥାର୍ଡ ଡିଗ୍ରୀ’ ଦେବା କଟକ ଜିଲ୍ଲା ଟାଙ୍ଗୀ ଥାନା ଆଇଆଇସିଙ୍କ ପାଇଁ ମହଙ୍ଗା ପଡ଼ିଛି। ପୁଲିସ ମହାନିର୍ଦ୍ଦେଶକ ୱାଇ ବି ଖୁରାନିଆ ଥାନା ଅଧିକାରୀ ଦେବୀପ୍ରସାଦ ଭଦ୍ରାଙ୍କୁ ନିଲମ୍ବନ କରିଛନ୍ତି।

## ଟାଙ୍ଗୀ ଥାନା ଆଇଆଇସି ନିଲମ୍ବିତ

ପ୍ରକାଶଯୋଗ୍ୟ, ଟାଙ୍ଗୀ ଥାନା ଅନ୍ତର୍ଗତ ଶାଳଗାଁ ପଞ୍ଚାୟତ ନେଳିଆସ୍ଥିତ ନାଣ୍ଡୁଆ ଗ୍ରାମର ସଂପୃକ୍ତ ଯୁବକ ଅନ୍ୟ ଦୁଇ ଜଣଙ୍କ ସହିତ ମିଶି ଜମି କିଣାବିକା କରୁଥିଲେ। ଜମି କିଣାବିକା ଟଙ୍କା ବଣ୍ଟାକୁ ନେଇ ସେମାନଙ୍କ ମଧ୍ୟରେ ବିବାଦ ହେବା ପରେ ଟାଙ୍ଗୀ ଥାନା ପୁଲିସ ସଂପୃକ୍ତ ଯୁବକଙ୍କୁ ଗତ୨୨ ତାରିଖ ସକାଳେ ଥାନାକୁ ଉଠାଇ ଆଣିଥିଲା। ପରିବାର ଲୋକଙ୍କ ଅଭିଯୋଗ ମୁତାବକ ଥାନା କର୍ମଚାରୀ ପୀଡ଼ିତଙ୍କ ଘରକୁ ଆସି ଅପରାଧୀ ଭଳି ସେମାନଙ୍କୁ ବ୍ୟବହାର କରିଥିଲେ। ତାଙ୍କ ବେକ ଧରି ଟାଣି ଟାଣି ନେବାକୁ ଉଦ୍ୟମ କରିଥିଲେ। ଗାଁ ଲୋକ ବିରୋଧ କରିବାରୁ ସେମାନଙ୍କୁ ବାଇକରେ ଥାନାକୁ ଆସିବା ପାଇଁ ସାଦା ପୋଷାକରେ ଆସିଥିବା ପୁଲିସ ବାବୁ କହିଥିଲେ। ଥାନାରେ ପହଞ୍ଚିବା ପରେ ସେଠାରେ ତାଙ୍କୁ ଗାଳିଗୁଲଜ କରାଯାଇଥିଲା। ଅନ୍ୟ ଦୁଇ ଜମି ଦଲାଲଙ୍କ କଥା ଅନୁଯାୟୀ ଜମି ବିକ୍ରି କରି ଦେବାକୁ ଚାପ ପକାଯାଇଥିଲା। ତାଙ୍କୁ ଗୋଟିଏ ଜାଗାରେ ନେଇ ବିନା ଫ୍ୟାନରେ ବସାଇ ଦିଆଯାଇଥିଲା। ପରେ ଜଣେ ସ୍ଥାନୀୟ ଲୋକ ପ୍ରତିନିଧି ଓ ତାଙ୍କର କିଛି ସମର୍ଥକ ଥାନାରେ ପହଞ୍ଚି ତାଙ୍କୁ ପୁଲିସ ଉପସ୍ଥିତିରେ ହତ୍ୟା ଧମକ ଦେଇଥିଲେ। ଏଭଳି ମାନସିକ ନିର୍ଯାତନାରେ ଥାନାରେ ଅଟକ ଥିବା ବ୍ୟକ୍ତି ଗତକାଲି ସନ୍ଧ୍ୟାରେ ମସ୍ତିଷ୍କାଘାତର ଶିକାର ହୋଇଥିଲେ। ତାଙ୍କ ମୁହଁ ବଙ୍କା ହୋଇଯାଇଥିଲା। ଏଭଳି ସ୍ଥିତି ଦେଖି ପୁଲିସ ପରିବାର ଲୋକଙ୍କୁ ଡକାଇବା ସହିତ ପ୍ରଥମେ ଟାଙ୍ଗୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ମେଡିକାଲରେ ଭର୍ତ୍ତି କରିଥିଲା। ତେବେ ଜମି ଦଲାଲଙ୍କ କଥାରେ ପଡ଼ି ପୁଲିସ ଥାନା ଭିତରେ ଯୁବକଙ୍କୁ ଥାଡର୍ ଡିଗ୍ରୀ ଦେଇଥିବା ଅଭିଯୋଗ ହେବା ପରେ ଆଇଆଇସିଙ୍କ ବିରୋଧରେ ବିଭାଗ ପକ୍ଷରୁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି।

# ଅସ୍ତ୍ରଶସ୍ତ୍ର ସହ ୨୧ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି, ୨୬।୧୦ (ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର କାଙ୍କେର୍‌ଠାରେ ଆଜି ଅସ୍ତ୍ରଶସ୍ତ୍ର ସହ ୨୧ଜଣ ମାଓବାଦୀ ଆତ୍ମସମର୍ପଣ



କରିଛନ୍ତି। ସେମାନଙ୍କ ମଧ୍ୟରେ ୧୩ ମହିଳା ଓ ୮ ପୁରୁଷ ରହିଛନ୍ତି। ଡିଭିଜନ୍ କମିଟି ସଚିବ ମୁକେଶଙ୍କ ସମେତ ଆଠ ଜଣ ଦଳୀୟ ସଦସ୍ୟ ରହିଛନ୍ତି। ସେହିପରି ୪ ଜଣ ଡିଭିସିଏମ୍ କ୍ୟାଡର୍ ମାଓ ସଦସ୍ୟ ରହିଥିବା ବେଳେ ୯ଜଣ ଏରିଆ କମିଟି ସଦସ୍ୟ ରହିଛନ୍ତି। ଏମାନେ କେଶକାଲ ଡିଭିଜନ ସହିତ ଜଡ଼ିତ ଥିଲେ। ଏହି ଆତ୍ମସମର୍ପଣ ପଛରେ ମହିଳା କ୍ୟାଡର୍ ମାଓବାଦୀଙ୍କ ପ୍ରମୁଖ ଭୂମିକା ରହିଥିବା କୁହାଯାଉଛି। ସେମାନଙ୍କଠାରୁ ଜବତ ଅସ୍ତ୍ରଶସ୍ତ୍ର ମଧ୍ୟରେ ୩ଟି ଏ.କେ-

## ଏ.କେ-୪୭ ସମେତ ମାରାତ୍ମକ ଅସ୍ତ୍ରଶସ୍ତ୍ର ଜବତ

୪୭ ରାଇଫଲ୍, ୪ଟି ଏସଏଲଆର୍ ରାଇଫଲ, ୨ଟି ଇନସାସ୍ ରାଇଫଲ୍, ୬ଟି ୩୦୩ ରାଇଫଲ୍ସ, ଗୋଟିଏ ସିଙ୍ଗଲ୍ ରାଇଫଲ୍, ଗୋଟିଏ ବିଜିଏଲ୍ ଲଞ୍ଚର୍ ରହିଛି। ମାଓ ପ୍ରଭାବିତ ଅଞ୍ଚଳରେ ଶାନ୍ତି ଏବଂ ପୁନର୍ବାସ ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ବୋଲି କୁହାଯାଉଛି।

# ନୂଆପଡ଼ା ପାଇଁ ଡବଲ ଇଞ୍ଜିନ କିଛି କରିନାହିଁ: କଂଗ୍ରେସ

ଭୁବନେଶ୍ୱର,୨୬।୧୦(ସମିସ): ନୂଆପଡ଼ା ଉପନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀ ସବୁଠୁ ଯୋଗ୍ୟ। ସେ ଜଣେ ଉଚ୍ଚ ଶିକ୍ଷିତ, ଆଇନଜୀବୀ ଓ ଆଦିବାସୀ ଶ୍ରେଣୀରୁ ଆସି ଲୋକଙ୍କ ପାଇଁ ସଂଗ୍ରାମ କରି ବିଗତ ଚାରିଥର ନିର୍ବାଚନ ଲଢ଼ିଛନ୍ତି। ପ୍ରତ୍ୟେକ ନିର୍ବାଚନରେ ତାଙ୍କ ଭୋଟ ସଂଖ୍ୟା ବୃଦ୍ଧି

## ଘାସିରାମ ଯୋଗ୍ୟତମ ପ୍ରାର୍ଥୀ, ବଢ଼ୁଛି କଂଗ୍ରେସ ଭୋଟ

ପାଇଛି ଓ ଗତ ନିର୍ବାଚନରେ ସ୍ୱାଧୀନ ଭାବରେ ଲଢେଇ କରି ସେ ୫୧ହଜାର ଭୋଟ ପାଇ ଦ୍ୱିତୀୟସ୍ଥାନ ଅଧିକାର କରିଥିଲେ। ଏଥିରୁ ତାଙ୍କ ଲୋକପ୍ରିୟତା ଅନୁମାନ କରାଯାଇ ପାରେ ବୋଲି ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି।

ରବିବାର କଂଗ୍ରେସ ଭବନରେ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ନୂଆପଡ଼ାରେ କଂଗ୍ରେସ ଭୋଟ ବଢିଚାଲିଛି। ନୂଆପଡାବାସୀ ନିଜ ଚେତନା ଅନୁଯାଇ ଯୋଗ୍ୟ ପ୍ରାର୍ଥୀଙ୍କୁ ଭୋଟ ଦେବେ। ସେଠାରେ ଯାହା କାମ ହୋଇଛି କଂଗ୍ରେସ ସମୟରେ ହିଁ ହୋଇଛି, ପତୋରା, ତିଖାଲି ଡ୍ୟାମଠାରୁ ଆରମ୍ଭ କରି ଶିକ୍ଷା, ସ୍ୱାସ୍ଥ୍ୟ, ବିଦ୍ୟୁତ୍‌କରଣ, ରାସ୍ତାଘାଟ ଏବଂ ଆଦିବାସୀଙ୍କ ଉନ୍ନତି



ନିମନ୍ତେ କାର୍ଯ୍ୟ କଂଗ୍ରେସ କରିଛି। ବିଜେପି ସରକାରକୁ ଆସିଲା ପରେ ଲୋକଙ୍କ ଆଶା ଥିଲା କିଛି ଉନ୍ନତି ହେବ ବୋଲି। କିନ୍ତୁ ଏଇ ସରକାର କେବଳ ପ୍ରତିଶୃତି ବାଣ୍ଟି ଚାଲିଛି।

ମନରେଗା କାର୍ଯ୍ୟକ୍ରମ ବଜେଟ ସରକାର ଅହେତୁକ କମାଇ ଦେଇଛନ୍ତି ଏବଂ ଯାହା ବି ଟଙ୍କା ଆସୁଛି ତାକୁ ମଧ୍ୟ ଖର୍ଚ୍ଚ କରିବାକୁ ସମର୍ଥ ନୁହନ୍ତି। ମନରେଗା କାମ ମିଳୁ ନ ଥିବାରୁ ଲୋକେ ଦାଦନ ଯିବାକୁ ବାଧ୍ୟ ହେଉଛନ୍ତି। ନୂଆପଡାବାସୀ ଯଦି ଡବଲ ଇଞ୍ଜନ ହେଉ କିମ୍ବା ୨୪ ବର୍ଷର ଶାସନ ଏବଂ କଂଗ୍ରେସ ସହିତ ତୁଳନା କରିବେ ତେବେ ନିଶ୍ଚୟ କଂଗ୍ରେସକୁ ଭୋଟ ଦେବେ ବୋଲି ଶ୍ରୀ ପଟ୍ଟନାୟକ ଆଶାବ୍ୟକ୍ତ କରିଛନ୍ତି। ବିଜେପି ବିଗତ ୧୬ ମାସ ହେଲା କିଛି ଭିତ୍ତି ପ୍ରସ୍ତର ସ୍ଥାପନ କରି କେବଳ ପ୍ରତିଶୃତି ଦେଇ ଚାଲିଛନ୍ତି। ମୁଖ୍ୟମନ୍ତ୍ରୀ ନିର୍ବାଚନ ଆଚରଣ ବିଧି ଘୋଷଣାର ୧ଘଣ୍ଟା ପୂର୍ବରୁ ଖରିଆର ରୋଡ୍‌କୁ ପୌର ପରିଷଦ ଘୋଷଣା ତାହାର ଉଦାହରଣ। ସୁଭଦ୍ରା ଶକ୍ତି ସମାବେଶ କରି ପୁଣି ଏକ ମିଥ୍ୟା ପ୍ରତିଶୃତି ଆୟୋଜନ ବିଜେପି କରୁଛି। ପୁଣି ସରକାରୀ ସମାବେଶ ବି ହେଉଛି। ସରକାରୀ କାର୍ଯ୍ୟକ୍ରମରେ ପଦ୍ମଫୁଲ ଚିହ୍ନ ବ୍ୟବହାର କରିବା ଅର୍ଥ ହେଉଛି ନିର୍ବାଚନ ଆଚରଣ ବିଧିକୁ ଖୋଲାଖୋଲି ଉଲଂଘନ କରିବା। ଡବଲ ଇଞ୍ଜିନ ସରକାର ଅଛି କିନ୍ତୁ ଆଶ୍ଚର୍ଯ୍ୟର କଥା ଜିଲ୍ଲା ମୁଖ୍ୟାଳୟ ନୂଆପଡା ହୋଇଥିବାବେଳେ ଜିଲ୍ଲା ସଦର ମହକୁମାରେ ଦୂରଗାମୀ ଟ୍ରେନ ରହେ ନାହିଁ।

## ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲା

# କର୍ପୋରେଟର୍ ଦୁର୍ଗାଙ୍କୁ ପୁଣି ପୁଲିସର ପଚରାଉଚରା

ବ୍ରହ୍ମପୁର, ୨୬।୧୦ (ସମିସ): ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାର ମାଷ୍ଟରମାଇଣ୍ଡ ଉମା ବିଶୋୟୀ ଓ ସୁଟର୍ କୁରୁପତି ଭୂୟାଁ ଏଯାଏ ପୁଲିସର ଅପହଞ୍ଚ ହୋଇ ରହିଛନ୍ତି। ରାଜ୍ୟ ଓ ରାଜ୍ୟ ବାହାରେ ପୁଲିସ ତନାଘନା ଜାରି ରଖିଥିଲେ ହେଁ ସେମାନଙ୍କ ସନ୍ଧାନ ପାଉନାହିଁ।

- ହତ୍ୟାକାରୀଙ୍କୁ ପୋଷାକ ଯୋଗାଇଥିବା ଯୁବକଙ୍କ ସମେତ ଅନ୍ୟ ଦୁଇଜଣଙ୍କୁ ଜେରା
- ମାଷ୍ଟରମାଇଣ୍ଡ ଉମା ଓ ସୁଟର୍ କୁରୁର ପତ୍ତା ପାଉନି ପୁଲିସ

ଚୋର-ପୁଲିସ ଖେଳ ଭଳି ଉଭୟଙ୍କ ନିକଟରେ ପୁଲିସ ପହଞ୍ଚିବା ପୂର୍ବରୁ ସେମାନେ ଫେରାର ହୋଇଯାଉଥିବା ଜଣାପଡ଼ିଛି। ସେପଟେ, ବ୍ରହ୍ମପୁର ପୁଲିସ ପକ୍ଷରୁ ସହରରେ ମଧ୍ୟ ନିୟମିତ ଭାବେ କିଛି ବ୍ୟକ୍ତିବିଶେଷଙ୍କୁ ଥାନାକୁ ଡାକି ପଚରାଉଚରା କରାଯାଉଥିବା ଜଣାପଡ଼ିଛି। ରବିବାର ୧୭ ନମ୍ବର ୱାର୍ଡ କର୍ପୋରେଟର୍ ଦୁର୍ଗା ଲାୟକଙ୍କ ସମେତ ମୋଟ ୪ଜଣଙ୍କୁ ଥାନାକୁ ଡାକି ପଚରାଉଚରା କରାଯାଇଥିବା ସୂଚନା ଦେଇଛନ୍ତି ଏସପି ଡା. ସର୍ବଣା ବିବେକ ଏମ। ଘଟଣା ଦିନ ଏବଂ ତାହାପରେ ସେମାନଙ୍କର ଅବସ୍ଥିତି ସମ୍ପର୍କରେ ପୁଲିସ ପଚାରି ତଥ୍ୟ ହାସଲ କରିବାକୁ ଚେଷ୍ଟା କରିଛି।

ସେହିପରି ପୀତବାସଙ୍କ ହତ୍ୟାକାରୀଙ୍କୁ ପୋଷାକ ଯୋଗାଇଥିବା ଯୁବକଙ୍କ ସମ୍ପର୍କରେ ପୁଲିସକୁ ତଥ୍ୟ ମିଳିବା ପରେ ଗତ ରାତିରେ ବନ୍ଧପଲ୍ଲୀରୁ ସମ୍ପୃକ୍ତ ଯୁବକଙ୍କୁ ଉଠାଇ ଆଣି ଥାନାରେ ଜେରା କରାଯାଉଥିବା ସୂଚନା ମିଳିଛି। ଫେରାର୍ ଉମା ବିଶୋୟୀ ଓ ଗିରଫ ଯୋଗେନ୍ଦ୍ର ରାଉତଙ୍କ କହିବାନୁସାରେ ସେ ‘ଭି-୨’ ମଲରୁ ସେ ପୋଷାକ କ୍ରୟ କରିଥିବା ଜେରା ସମୟରେ ଜଣାପଡିଛି। ଏହାପରେ ଅତିରିକ୍ତ ଏସପି ଆଲୋକ କୁମାର ଜେନା, ତଦନ୍ତକାରୀ ଅଧିକାରୀ ଟାଉନ ଏସଡିପିଓ ପ୍ରୀତିରଂଜନ ଛୋଟରାୟ, ଥାନା ଅଧିକାରୀ ସୁଚିତ୍ରା ପରିଡା ଓ ଅନ୍ୟ ପୁଲିସ କର୍ମଚାରୀମାନେ ‘ଭି-୨’ ମଲରେ ପହଞ୍ଚି ଉକ୍ତ ଦିନର ସିସିଟିଭି ଫୁଟେଜ ଯାଞ୍ଚ କରିଛନ୍ତି। ତେବେ ସମ୍ପୃକ୍ତ ଯୁବକ ଜଣକ କାହା ପାଇଁ ପୋଷାକ କିଣିଥିଲେ ସେ ନିଜେ ଜାଣିଥିଲେ କି ନାହିଁ ତାହା ଜେରା ପରେ ସ୍ପଷ୍ଟ ହେବ। ସେହିଭଳି ଜେରାର ସମ୍ମୁଖୀନ ହୋଇଥିବା ଅନ୍ୟ ୨ଜଣଙ୍କ ମଧ୍ୟରେ ହତ୍ୟାକାଣ୍ଡ ପରେ ଉଭୟ ଆତତାୟୀ ସମ୍ପୃକ୍ତ ଅଞ୍ଚଳରେ ଏକ ବେଟୁଲାର ରୁମରେ ରାତି ବିତାଇଥିବା ପୁଲିସକୁ ସୂଚନା ମିଳିଛି। ଉକ୍ତ ସୂଚନା ଆଧାରରେ ପୁଲିସ ବେଟୁଲାର ରୁମର ଜଣେ ଶେରଗଡ଼ ଓ ଅନ୍ୟଜଣେ କବିସୂର୍ଯ୍ୟନଗର ଅଞ୍ଚଳର ଯୁବକଙ୍କୁ ଥାନାକୁ ଆଣି ପଚରାଉଚରା କରୁଥିବା ଜଣାପଡ଼ିଛି।

# ବୁଦାମୂଳରୁ ନବଜାତକ ଉଦ୍ଧାର



ବ୍ରହ୍ମପୁର, ୨୬।୧୦(ସମିସ): ବ୍ରହ୍ମପୁର-ଗୋପାଳପୁର ରାସ୍ତାର ରାମଚନ୍ଦ୍ରପୁର ପେଟ୍ରୋଲ ପମ୍ପ ସମ୍ମୁଖ ଜଗନ୍ନାଥ ବିହାରର ଏକ ବୁଦାମୂଳରୁ ଏକ ନବଜାତ ଶିଶୁପୁତ୍ର ଉଦ୍ଧାର ହୋଇଛି। ଗତକାଲି ଅପରାହ୍‌ଣରେ ବୁଦା ନିକଟରେ ଶିଶୁଟିର କାନ୍ଦ ଶୁଣି ସ୍ଥାନୀୟ କିଛି ଲୋକ ତାକୁ ଏକ ଜରିବ୍ୟାଗରୁ ଠାବ କରିଥିଲେ। ସେମାନେ

## ବ୍ରହ୍ମପୁର ମେଡିକାଲରେ ଭର୍ତ୍ତି

ନବଜାତକକୁ ମେଡିକାଲକୁ ନେବା ବେଳେ ଡୁରା ଗ୍ରାମର ଜଣେ ବ୍ୟକ୍ତି ଶିଶୁଟିକୁ ପାଳିବା ପାଇଁ ସାଥିରେ ନେଇଯାଇଥିଲା। ଖବର ପାଇ ଚାଇଲଡ୍ ଲାଇନ୍‌ର ସଂଯୋଜକ ଶୋଭିତ ଷଡ଼ଙ୍ଗୀ ଗୋପାଳପୁର ପୁଲିସ ସହାୟତାରେ ଶିଶୁଟିକୁ ଉଦ୍ଧାର କରାଇଥିଲେ। ତେବେ ପିଲାଟିର ଓଜନ ଦୁଇ କିଲୋଗ୍ରାମ ଥିବାରୁ ତାକୁ ବ୍ରହ୍ମପୁର ବଡ଼ ମେଡିକାଲର ସ୍ୱତନ୍ତ୍ର ନବଜାତ ଶିଶୁ ଯତ୍ନ ୟୁନିଟ୍‌ରେ ରଖି ଚିକିତ୍ସା କରାଯାଉଛି। ତେବେ ଶିଶୁଟିକୁ ଏଭଳି କିଏ ଏବଂ କେଉଁ ପରିସ୍ଥିତିରେ ଛାଡ଼ି ଚାଲିଯାଇଛି, ସେନେଇ ତଦନ୍ତ ଜାରି ରହିଛି। ସେପଟେ ଅବାଞ୍ଛିତ ମାତୃତ୍ୱ ଲାଭ ପରେ କେହି ଏଭଳି ନିର୍ଦ୍ଦୟ କାମ କରିଥିବା ନେଇ ସାଧାରଣରେ ଆଲୋଚନା ହେଉଛି।

## ସ୍ୱାଭିମାନ ଅଞ୍ଚଳ ଛାତ୍ରୀଙ୍କ ସଫଳତା

# ଜାତୀୟ ବିଜ୍ଞାନ ପ୍ରଦର୍ଶନୀରେ ‘ଟାଇଟନିକ୍-୨ ସେଫ୍‌ଟି ବୋଟ୍’

ମାଲକାନଗିରି, ୨୬।୧୦ (ସମିସ): ନିରାପଦ ବୋଟ୍ ବା ‘ସେଫଟି ବୋଟ୍’ ପ୍ରୋଜେକ୍ଟ ପାଇଁ ଜାତୀୟସ୍ତରର ବିଜ୍ଞାନ ପ୍ରଦର୍ଶନୀକୁ ମନୋନୀତ ହୋଇ ମାଲକାନଗିରି ସ୍ୱାଭିମାନ ଅଞ୍ଚଳର ଝିଅ ଲଳିତା ଖିଲ ରାଜ୍ୟ ପାଇଁ ଗର୍ବ ଆଣିଛନ୍ତି। ସାଧାରଣତଃ ଡଙ୍ଗାର ଭିତର ଅଂଶଟି ଫାଙ୍କା ଥାଏ। କିନ୍ତୁ ବୈଜ୍ଞାନିକ ପାସ୍କାଲଙ୍କ ନିୟମ ଅନୁସରଣ କରି ଲଳିତା ଏପରି ଏକ ଡଙ୍ଗା ତିଆରି କରିଛନ୍ତି ଯେ ଡଙ୍ଗାରେ ଚାପ ଗୋଟିଏ ପଟରେ ନପଡ଼ି ସବୁ ଦିଗରେ ପଡ଼ିବ। ଏଥିପାଇଁ ଲଳିତା ନିଜ ଡଙ୍ଗାର କ୍ଷେତ୍ରଫଳକୁ ବଢ଼ାଇ ଦେଇଛନ୍ତି। ଏହାଦ୍ୱାରା ଡଙ୍ଗାଟି ଓଲଟିବ ନାହିଁ। ସେହିପରି, ଡଙ୍ଗାରେ କ୍ଷମତାଠାରୁ ଅଧିକ ଲୋକ ହୋଇଗଲେ, ଏହା ସାଇରନ୍ ଦେଇ ସୂଚେଇଦେବ। ତଥାପି ସାଇରନ୍ ନ ମାନି ଲୋକେ ଡାଙ୍ଗରେ ବସିଲେ, ଏହା ଚାପ ପାଇ ତଳକୁ ଯିବ। ତଳେ ଥିବା ବାୟୁପୂର୍ଣ୍ଣ ଥଳିର ବାୟୁ ଉପରେ ଥିବା ଟ୍ୟୁବ୍‌କୁ ଆସି ଡଙ୍ଗାକୁ ସମ୍ପୂର୍ଣ୍ଣ ବୁଡ଼ିବାକୁ ଦେବ ନାହିଁ। ସେ ଏହି ଡଙ୍ଗାର ନାମ ‘ଟାଇଟନିକ୍-୨ ସେଫଟି ବୋଟ୍’ ଦେଇଛନ୍ତି।




ଆସନ୍ତା ନଭେମ୍ବର ୧୮ ତାରିଖରେ ଭୋପାଳଠାରେ ହେବାକୁ ଥିବା ଜାତୀୟ ବିଜ୍ଞାନ ପ୍ରଦର୍ଶନୀରେ ତାଙ୍କର ଏହି ପ୍ରକଳ୍ପ ସ୍ଥାନ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛି।

ଲଳିତାଙ୍କ ଘର ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ଦୋରାଗୁଡ଼ା ପଞ୍ଚାୟତ ଅନ୍ତର୍ଗତ ବୁରଡିପୁଟ ଗ୍ରାମରେ। ସେ ଏବେ ଆରଏସ୍‌ସି ୬ ସରକାରୀ ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ। ଲଳିତା କହିଛନ୍ତି, ମାଲକାନଗିରି ଜିଲ୍ଲାରେ ପ୍ରତିବର୍ଷ ଡଙ୍ଗା ବୁଡ଼ି ଅନେକଙ୍କ ମୃତ୍ୟୁ ହୋଇଥାଏ। ଏହି ଖବର ତାଙ୍କୁ ବିଚଳିତ କରେ। ତେଣୁ ଲୋକଙ୍କ ନିରାପଦ ଜଳଯାତ୍ରା ପାଇଁ ସେ ଏପରି ଏକ ନିରାପଦ ଡଙ୍ଗା ତିଆରି କରିବାକୁ ମନସ୍ଥ କରିଥିଲେ। ଏହି ପ୍ରକଳ୍ପରେ ତାଙ୍କୁ ସହଯୋଗ କରିଥିଲେ ଗାଇଡ୍ ଶିକ୍ଷକ ଦେବବ୍ରତ ଦାଶ। ପ୍ରଧାନ ଶିକ୍ଷକ ଡମ୍ବରୁଧର ଗୋଲରୀ ମଧ୍ୟ ଏଥିପାଇଁ ତାଙ୍କୁ ପ୍ରୋତ୍ସାହିତ କରିଥିଲେ ବୋଲି ସେ କହିଛନ୍ତି। ଅପରପକ୍ଷେ, ଏହି ସଫଳତା ପାଇଁ ମା’ ଦମୟନ୍ତୀ ଖିଲ ଓ ବାପା ପର୍ଶୁ ଖିଲ ଏବଂ ଗ୍ରାମବାସୀ ଲଳିତାଙ୍କୁ ପ୍ରଶଂସା କରିଛନ୍ତି।

## ■ ଅଧା ରହିଗଲା ଡାକ୍ତର ସ୍ୱପ୍ନ

# କୋଟାରେ ଓଡ଼ିଆ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ

ପାତ୍ରପୁର,୨୬।୧୦(ସମିସ): ଗଞ୍ଜାମ ଜିଲ୍ଲା ସୀମାନ୍ତ ପାତ୍ରପୁର ବ୍ଲକ ଅଭୟପୁର ଗ୍ରାମର ଜଣେ ୨୫ ବର୍ଷୀୟ ଯୁବକଙ୍କ ରାଜସ୍ଥାନର କୋଟାରେ

- ଶବ ଆଣିବାକୁ ଗଲେ ପରିବାର, ଦିନକ ପରେ ଗାଁରେ ପହଞ୍ଚିବ
- ବ୍ୟବଚ୍ଛେଦ ରିପୋର୍ଟରେ ଜଣାପଡ଼ିବ ପ୍ରକୃତ ତଥ୍ୟ



ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ମୃତକ ହେଲେ, ଉକ୍ତ ଗ୍ରାମର ବି. ରାଧାଶ୍ୟାମ ପାତ୍ରଙ୍କ ଏକମାତ୍ର ପୁଅ ବି. ରୋଶନ ପାତ୍ର। ରୋଶନ ୪ମାସ ହେବ କୋଟାରେ ନିଟ୍ ପାଇଁ ପ୍ରସ୍ତୁତ ହେଉଥିଲେ। ସେଠାରେ ଜଣେ ସମ୍ପର୍କୀୟ ଭାଇଙ୍କ ଏକ ହଷ୍ଟେଲରେ ରହି ଆକାଶ ଇନ୍‌ଷ୍ଟିଚ୍ୟୁଟ୍‌ରେ ନିଟ୍ ପ୍ରସ୍ତୁତି କରୁଥିଲେ। ସବୁଦିନ ଭଳି ଶୁକ୍ରବାର ରାତିରେ ଖାଇସାରି ପାଠ ପଢ଼ି ରାତି ପ୍ରାୟ ୧୧ଟାରେ ଶୋଇବାକୁ ଯାଇଥିଲେ। ତା’ ପରଦିନ ମଧ୍ୟାହ୍ନ ଯାଏଁ ସେ ଆଉ ରୁମ୍‌ରୁ ନ ବାହାରିବାରୁ ଅନ୍ୟମାନଙ୍କ ସନ୍ଦେହ ଘନୀଭୂତ ହୋଇଥିଲା। ସ୍ଥାନୀୟ ଲୋକଙ୍କ ସହଯୋଗରେ ଅନ୍ୟମାନେ କବାଟ ଖୋଲି ଭିତରକୁ ଯିବାରୁ ରୋଶନ ମୁହଁ ମାଡ଼ି ପଡ଼ିଥିବା ବେଳେ ତାଙ୍କ କାନ ଓ ନାକରୁ ରକ୍ତ ବାହାରୁଥିବା ଦେଖିବାକୁ ମିଳିଥିଲା।

ରୋଶନଙ୍କ ମୃତ୍ୟୁ ଖବର ପାଇ ତାଙ୍କ ଘର ଲୋକ ଭାଙ୍ଗି ପଡ଼ିଛନ୍ତି। ତାଙ୍କ ବାପା ଓ ଦାଦା କୋଟା ଅଭିମୁଖେ ଯାତ୍ରା କରିଛନ୍ତି। ସେଠାରେ ପହଞ୍ଚିବା ପରେ ଶବ ବ୍ୟବଚ୍ଛେଦ କରାଯାଇଛି। ରିପୋର୍ଟ ଆସିଲେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି କୁହାଯାଇଛି। ସେହିଭଳି ସୋମବାର ରାତି କିମ୍ବା ମଙ୍ଗଳବାର ଅଭୟପୁର ଗ୍ରାମକୁ ଶବ ଆସିବ ବୋଲି ସୂଚନା ମିଳିଛି। ଅନ୍ୟପକ୍ଷରେ, ରୋଶନଙ୍କ ଆକସ୍ମାତ ବିୟୋଗ ନେଇ ଚାରିଆଡ଼େ ଶୋକର ଛାୟା ଖେଳିଯାଇଛି। ଏଭଳି ଦୁଃଖଦ ଖବର ଜଣାପଡ଼ିବା ପରେ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରା ମୁଖ୍ୟମନ୍ତ୍ରୀଙ୍କୁ ଘଟଣା ସମ୍ପର୍କରେ ଅବଗତ କରାଇଛନ୍ତି। ସେହିଭଳି ଗଭୀର ଶୋକ ପ୍ରକାଶ କରିବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

**ନୂଆପଡ଼ା ଉପନିର୍ବାଚନ**

# ଯାଦବ, ଆଦିବାସୀ, ସାହୁ ସମାଜ ଉପରେ ନଜର



ନୂଆପଡ଼ା,୨୬ ।୧୦(ସମିସ): ଉପନିର୍ବାଚନ ନିମନ୍ତେ ସାରା ରାଜ୍ୟର ନଜର ନୂଆପଡ଼ା ଉପରେ ନିବଦ୍ଧ ହୋଇଛି । କଂଗ୍ରେସ ଏହି ଉପନିର୍ବାଚନରେ ବିଜୟୀ ହେବା ପାଇଁ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ବିଜେଡି ଆସନକୁ ଦଖଲରେ ରଖି ନିଜ ପତିଆରା ଜାହିର କରିବା ସହ ସରକାରଙ୍କୁ କଡ଼ା ବାର୍ତ୍ତା ଦେବ, ବିଜେପି ବିଜୟୀ ହେଲେ ଶାସକ ଦଳ ନିଜର ପ୍ରଭାବ ପ୍ରମାଣିତ କରିବ ଓ କଂଗ୍ରେସ ବିଜୟୀ ହେଲେ ସାରା ଦେଶକୁ ଓଡ଼ିଶାରୁ ଭିନ୍ନ ବାର୍ତ୍ତା ଯିବ । ଏହି ପରିପ୍ରେକ୍ଷୀରେ ରାଜ୍ୟର ତିନି ପ୍ରମୁଖ ରାଜନୈତିକ ଦଳ ପାଇଁ ନୂଆପଡ଼ା ଏବେ ସମ୍ମାନର ପ୍ରଶ୍ନ ହୋଇଛି। ମତଦାନ ଦିନ ଯେତିକି ଯେତିକି ପାଖେଇ ଆସୁଛି ତାତି ସେତେ ବଢ଼ି ଚାଲିଛି। ନିର୍ବାଚନରେ କିଏ ଜିତିବ, କିଏ ହାରିବ ନୂଆପଡ଼ା ନିର୍ବାଚନ ମଣ୍ଡଳୀର କାହା ଭୋଟ୍ କୁଆଡେ ଯାଉଛି ତାରି ଗତିବିଧି ଉପରେ ସମସ୍ତ ବିଶେଷଜ୍ଞ, ରାଜନୈତିକ ସମୀକ୍ଷକଙ୍କ ଦୃଷ୍ଟି ଲାଗି ରହିଛି।

ଇତିହାସ ଦେଖିଲେ ଜାତି ରାଜନୀତି ହିଁ ନୂଆପଡ଼ା ରାଜନୀତିକୁ ସବୁବେଳେ ନିୟନ୍ତ୍ରଣ କରି ଆସିଛି। କୌଣସି ଜାତି ସମାଜ ଏକତ୍ରିତ ହେଲେ ନିର୍ବାଚନ ଫଳାଫଳ ଓଲଟାଇବାକୁ ସମର୍ଥ ହୋଇପାରନ୍ତି । ନୂଆପଡ଼ାରେ ୨ଲକ୍ଷ ୪୮ ହଜାର ମତଦାତା ରହିଛନ୍ତି। ଏମାନଙ୍କ ମଧ୍ୟରୁ ପ୍ରାୟ ୪୦% ହେଉଛନ୍ତି ବିଭିନ୍ନ ସମ୍ପ୍ରଦାୟର ଆଦିବାସୀ। ସାଧାରଣ ଭାବରେ ଦେଖିଲେ ଏହି ବର୍ଗର ଭୋଟରଙ୍କ ସଂଖ୍ୟା ପ୍ରାୟ ୯୦ହଜାର । ସେହିପରି ୨୦ ପ୍ରତିଶତ ଯାଦବ ଭୋଟର (ପ୍ରାୟ ୪୦ହଜାରରୁ ଊର୍ଦ୍ଧ୍ୱ) ଥିବାବେଳେ କୁଲତା ଭୋଟରଙ୍କ ସଂଖ୍ୟା ପ୍ରାୟ ୧୦ ହଜାର। ୨୦୦୦ ମସିହା ପୂର୍ବରୁ ଆଦିବାସୀ ସମ୍ପ୍ରଦାୟର ଭୋଟରେ ଜନତା ଦଳର ସ୍ୱର୍ଗତଃ ଘାସିରାମ ମାଝୀ ଏବଂ କଂଗ୍ରେସର ଓଁକାର ସିଂ ମାଝୀ ଦୀର୍ଘ ୨୫ବର୍ଷ ଧରି ଶାସନକୁ ଅକ୍ତିଆର କରି ରଖିଥିଲେ। ପରବର୍ତ୍ତୀ ସମୟରେ ଏହି ଭୋଟବ୍ୟାଙ୍କ ତିନି ଭାଗରେ ବିଭକ୍ତ ହୋଇଗଲା। ଖାମସିଂ ମାଝୀଙ୍କ ନେତୃତ୍ୱରେ ବିଜେପିକୁ କିଛି ଭୋଟ ଯାଇଥିବାବେଳେ ଘାସିରାମ ମାଝୀଙ୍କ ନେତୃତ୍ୱରେ କଂଗ୍ରେସ ପାଖରେ କିଛି ଭୋଟ ରହିଥିଲା ଓ ଅନ୍ୟଏକ ଅଂଶ ଭାନୁପ୍ରତାପ ମାଝୀଙ୍କ ନେତୃତ୍ୱରେ ବିଜେଡିକୁ ଯାଇଥିଲା। ୨୦୦୦ ମସିହା ପରବର୍ତ୍ତୀ ସମୟରେ ବିଜେପିର ବସନ୍ତ ପଣ୍ଡା ଏବଂ ସ୍ୱର୍ଗତଃ ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ କବ୍‌ଜାରେ ରହିଥିଲା। ହେଲେ ୨୦୨୪ ନିର୍ବାଚନରେ କୌଣସି ଆଦିବାସୀ ନେତାଙ୍କୁ ଟିକଟ ନ ମିଳିବା କାରଣରୁ ଆଦିବାସୀ ଭୋଟର ଧ୍ରୁବୀକରଣ ହୋଇଥିଲା ଓ ଏହା ଜରିଆରେ ସ୍ୱାଧୀନ ପ୍ରାର୍ଥୀ ଘାସିରାମ ମାଝୀ ଦ୍ୱିତୀୟସ୍ଥାନକୁ ଉନ୍ନୀତ ହୋଇଥିଲେ। ହେଲେ ବର୍ତ୍ତମାନର ଉପ-ନିର୍ବାଚନରେ ଆଦିବାସୀ ନେତାମାନେ ପୁଣିଥରେ ନିଜ ନିଜର ଦଳ ପାଇଁ କାର୍ଯ୍ୟ କରୁଥିବାରୁ ସ୍ଥିତି କ’ଣ ହେବ ତାହା ଏବେଠାରୁ ଆକଳନ କରାଯାଇ ପାରୁନାହିଁ।

ଅନ୍ୟପକ୍ଷରେ ଯାଦବ ସମାଜର ମଧ୍ୟ ଜିଲ୍ଲାରେ ବେଶ ପ୍ରଭାବ ରହିଥିଲେ ହେଁ ଏହି ବର୍ଗର କୌଣସି ପ୍ରାର୍ଥୀ ନିର୍ବାଚନରେ ଅବତୀର୍ଣ୍ଣ ହୋଇ ନାହାନ୍ତି। ମାତ୍ର ପୂର୍ବରୁ ରାଜ୍ୟ ସରକାର ନୂଆପଡ଼ା ଜିଲ୍ଲାରେ ଯେପରି ବିକାଶମୂଳକ କାର୍ଯ୍ୟକୁ ଗୁରୁତ୍ୱ ଦେଉଥିଲେ, ଗତ ଦେଢ଼ ବର୍ଷ ମଧ୍ୟରେ ସେପରି କିଛି ଉନ୍ନୟନମୂଳକ କାର୍ଯ୍ୟ ହୋଇଥିବା ଦେଖାଯାଉ ନାହିଁ। ଅନ୍ୟପକ୍ଷରେ ବିଏସ୍‌କେୱାଇରେ ଉପକୃତ ହୋଇଥିବା ଲୋକମାନେ ଏବେ ଆୟୁଷ୍ମାନ ସେବାରେ ଖୁସି ନ ଥିବା ସ୍ପଷ୍ଟ ପରିଲକ୍ଷିତ ହେଉଛି। ଏହି ପରିପ୍ରେକ୍ଷୀରେ ଖଡ଼ିଆଳର ପୂର୍ବତନ ବିଧାୟକ ହିତେଶ କୁମାର ବଗର୍ତ୍ତି, ଉତ୍କଳ ଯାଦବ ସମାଜର ପୂର୍ବତନ ମହାସଚିବ ଲମ୍ବୋଦର ନିଆଲ ନିଜ ଦଳ ପାଇଁ କେତେ ଯାଦବ ଭୋଟ ଟାଣି ପାରିବେ ତାହାର ପୂର୍ବ ଆକଳନ ସମ୍ପୂର୍ଣ୍ଣ ଅସ୍ପଷ୍ଟ। ସେହିପରି ଯାଦବ ସମାଜ ଜିଲ୍ଲା ସଭାପତି ଭରତ ଲାଲ ରାଉତ କଂଗ୍ରେସର ପ୍ରଚାରରେ ସାମିଲ ହୋଇଛନ୍ତି। ପୁନଶ୍ଚ କୁଲତା ସମାଜ ଏବଂ ସାହୁ ସମାଜ ମଧ୍ୟ ନୂଆପଡ଼ା ନିର୍ବାଚନ ମଣ୍ଡଳୀରେ ବେଶ ପତିଆରା ରଖିଥାନ୍ତି। ମାତ୍ର ଚଳିତ ନିର୍ବାଚନରେ ସେମାନେ କେଉଁ ଆଡ଼କୁ ଢ଼ଳିବେ ତାହା ଏବେ ବି ଅସ୍ପଷ୍ଟ। ଏଭଳି ସ୍ଥିତିରେ ଜାତି ରାଜନୀତି ନିର୍ବାଚନ ସମୀକରଣକୁ କେତେ ପ୍ରଭାବିତ କରିବ ତାହା ପୂର୍ବାନୁମାନ କରିବା କଷ୍ଟ ମନେ ହେଉଛି।

**ବିଜେପି ବିରୋଧରେ ଆଚରଣ ବିଧି ଉଲ୍ଲଙ୍ଘନ ଅଭିଯୋଗ**

# ସରକାରୀ ଯୋଜନା ଆଳରେ ଦଳୀୟ ପ୍ରଚାର: ବିଜେଡି

ଭୁବନେଶ୍ୱର,୨୬।୧୦(ସମିସ): ନୂଆପଡ଼ା ଉପନିର୍ବାଚନରେ ସରକାରୀ ସମ୍ପତ୍ତିର ଦୂରୁପଯୋଗ ନେଇ ଶାସକ ବିଜେପି ବିରୋଧରେ ପୁଣିଥରେ ଅଭିଯୋଗ ଆଣିଛି ବିଜେଡି। ରବିବାର ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ ନିକଟରେ ବିଜେଡି ନେତୃବୃନ୍ଦ ବିଜେପି ପ୍ରାର୍ଥୀ ଜୟ ଢୋଲକିଆ ଏବଂ ବିଜେପି ବିରୋଧରେ ଫେରାଦ୍ ହୋଇ ଆଦର୍ଶ ଆଚରଣ ବିଧି ଉଲ୍ଲଙ୍ଘନ ଭଳି ସଙ୍ଗୀନ ଅଭିଯୋଗ କରିଛନ୍ତି।



ସିଇଓଙ୍କ ନିକଟରେ ଅଭିଯୋଗ କଲେ ବିଜେଡି ପ୍ରତିନିଧି

ବିଜେଡିର ଅଭିଯୋଗ ଅନୁଯାୟୀ ଚଳିତ ମାସ ୨୫ରେ ନୂଆପଡ଼ାରେ ବିଜେପି ପକ୍ଷରୁ ସୁଭଦ୍ରା ଶକ୍ତି ସମାବେଶ ନାମରେ ଏକ ସଭା ଆୟୋଜନ କରାଯାଇଥିଲା। ଏହାକୁ ସରକାରୀ ଯୋଜନାର ହିତାଧିକାରୀମାନଙ୍କ ସଭା ବୋଲି ଦର୍ଶାଯାଇଥିଲା। ଏହି ସଭାରେ ରାଜ୍ୟର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ବିଜେପି ପ୍ରାର୍ଥୀ ଜୟ ଢୋଲକିଆ ଓ ଅନ୍ୟାନ୍ୟ ବିଜେପି ନେତାମାନେ ଉପସ୍ଥିତ ଥିଲେ। ବିଜେଡି ଅଭିଯୋଗ କରିଛି ଯେ ସରକାରୀ ଯୋଜନାର ନାମ ଓ ହିତାଧିକାରୀଙ୍କୁ ଦଳୀୟ ପ୍ରଚାର ପାଇଁ ବ୍ୟବହାର କରାଯାଇଛି, ଯାହା ନିର୍ବାଚନ ଆଚରଣବିଧିର ସ୍ପଷ୍ଟ ଉଲଂଘନ ଓ ସରକାରୀ ଯୋଜନାର ଦୂରୁପଯୋଗ । ତେଣୁ ଏହି ଘଟଣା ଉପରେ ତତ୍କାଳ ନିରପେକ୍ଷ ତଦନ୍ତ ଆରମ୍ଭ କରିବା ସହ ନିର୍ବାଚନ ଆଚରଣବିଧି ଓ ଜନପ୍ରତିନିଧି ଆଇନ ୧୯୫୧ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ବିଜେଡି ଦାବି କରିଛି।

ବିଜେଡି କହିଛି ଯେ ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତା ଓ ସ୍ୱାଧୀନତା ରକ୍ଷା ହେବା ନିତ୍ୟାନ୍ତ ଆବଶ୍ୟକ। ସରକାରୀ ଯୋଜନାକୁ ଦଳୀୟ ସ୍ୱାର୍ଥ ପାଇଁ ବ୍ୟବହାର କରିବା ଲୋକତନ୍ତ୍ର ପ୍ରତି ବଡ଼ ବିପଦ। ତେଣୁ ଆମ ଅଭିଯୋଗ ଉପରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବା ଜରୁରୀ। ବିଜେଡିର ଏହି ପ୍ରତିନିଧି ଦଳରେ ଡ.ଲେନିନ ମହାନ୍ତି, ସୁମିତ୍ରା ଜେନା, ମିହିର ରାୟ, ନାରାୟଣ ଜେନା, ସଂଗ୍ରାମ ମହାପାତ୍ର, ଗୀତାଞ୍ଜଳି ପ୍ରଧାନ, ସୋଫିଆ ଆଲମ, ଜ୍ୟୋତ୍ସ୍ନାମୟୀ ପରିଡା, ଅଂଶୁ ତ୍ରିପାଠୀ, ଇଲା ସ୍ୱାଇଁ ଓ ପ୍ରଦୀପ ପଣ୍ଡା ସାମିଲ ଥିଲେ।

# ଆନ୍ଦୋଳନକୁ ଓହ୍ଲାଇବେ ପ୍ରାଥମିକ ଶିକ୍ଷକ


ଭୁବନେଶ୍ୱର, ୨୬।୧୦(ସମିସ): ଶିକ୍ଷକଙ୍କ ଦାବି ଶୁଣୁ ନାହାଁନ୍ତି ସରକାର; ଦେଇଥିବା ପ୍ରତିଶ୍ରୁତିକୁ ମଧ୍ୟ ପାଳନ କରୁ ନାହାନ୍ତି। ବିଦ୍ୟାଳୟରେ ଶିକ୍ଷକଙ୍କୁ ଶିକ୍ଷାଦାନ କରିବାକୁ ଉପଯୁକ୍ତ ବାତାବରଣ ନଦେଇ ଅଣଶିକ୍ଷା କାର୍ଯ୍ୟରେ ନିୟୋଜିତ କରୁଛନ୍ତି। ପିଲାଙ୍କ ଅନୁପାତରେ ଶିକ୍ଷକ ନ ଥିଲେ ମଧ୍ୟ ଖାଲି ଥିବା ପଦ ପୂରଣ କରୁ ନାହାଁନ୍ତି। ତେଣୁ ପୁଣି ଥରେ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ଚେତାବନୀ ଦେଇଛି।

ରବିବାର ଅନୁଷ୍ଠିତ କାର୍ଯ୍ୟକାରିଣୀ ବୈଠକରେ ସଂଘ ପକ୍ଷରୁ କୁହାଯାଇଛି ଯେ ଗତ ସେପ୍ଟେମ୍ବର ୨୦ ତାରିଖରେ ସ୍କିମାଟିକ ଉଚ୍ଛେଦ, ୬ ବର୍ଷର ଚୁକ୍ତିଭିତ୍ତିକ କାର୍ଯ୍ୟକାଳକୁ ୬ଟି ଇନକ୍ରିମେଣ୍ଟ ସହ ମୂଳ ଚାକିରିରେ ଗଣନା କରିବା, କ୍ୟାଡର ସଂଶୋଧନ, କେନ୍ଦ୍ରୀୟ ହାରରେ ଦରମା, ପୁରୁଣା ପେନସନ ପ୍ରଦାନ ଆଦି ବିଭିନ୍ନ ଦାବିରେ ଆନ୍ଦୋଳନ କରାଯାଇଥିଲା। ବିଭାଗୀୟ ସଚିବ ଶିକ୍ଷକଙ୍କ ସହ ଆଲୋଚନା କରି ଏକମାସ ମଧ୍ୟରେ ଦାବି ପୂରଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଅପରପକ୍ଷେ ସ୍କିମାଟିକ ଉଚ୍ଛେଦ କରିବା ପାଇଁ ଖୋଦ୍ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ମଧ୍ୟ ତାହାକୁ ଏଯାଏଁ କାର୍ଯ୍ୟକାରୀ କରାଯାଉନାହିଁ। ହେଲେ ଏଯାଏଁ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ପୁଣି ଥରେ ଆନ୍ଦୋଳନ ପାଇଁ ନିଷ୍ପତ୍ତି ନେଇଥିବା ସଂଘର ସଭାପତି ବ୍ରହ୍ମାନନ୍ଦ ମହାରଣା କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସାଧାରଣ ସମ୍ପାଦକ ବିଭୂ ପ୍ରସାଦ ସାହୁ, କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ବେହେରା, ସୁଧାଂଶୁ ମଣ୍ଡଳ, କୋଷାଧ୍ୟକ୍ଷ ଗୋପାଳ ସେନ, ଯୁଗ୍ମ ସାଧାରଣ ସମ୍ପାଦକ ଅଗାଧୁ ସେଠୀ, ସନ୍ତୋଷ ଦୁବେ, ଦାମୋଦର ପଣ୍ଡା, ଦେବକାନ୍ତ ମେହେର, ଶରତ ସେଠୀ ଓ ସରୋଜ ବେହେରା ପ୍ରମୁଖ ଉପସ୍ଥିତ ରହି ତୁରନ୍ତ ସମସ୍ତ ପ୍ରତିଶ୍ରୁତି ପୂରଣ କରିବାକୁ ଦାବି କରିଛନ୍ତି।

**ନିୟତିର ନିଷ୍ଠୁର ଖେଳ**

# ଆଗପଛ ହୋଇ ଚାଲିଗଲେ ମା’-ପୁଅ





■ ହସ୍ପିଟାଲ ଶଯ୍ୟାରେ ରୋଗାକ୍ରାନ୍ତ ମା’ଙ୍କ ମୃତ୍ୟୁ
■ ମା’ କଷ୍ଟ ସହି ନପାରି ଶନିବାର ପୁଅ ଆତ୍ମହତ୍ୟା କରିଥିଲେ

ସମ୍ବଲପୁର/ବଲାଙ୍ଗିର,୨୬।୧୦(ସମିସ): ଆଗପଛ ହୋଇ ଚାଲିଗଲେ ମା’-ପୁଅ। ହସ୍ପିଟାଲ ଶଯ୍ୟାରେ କଲବଲ ମା’ଙ୍କ ଅବସ୍ଥା ଦେଖିନପାରି ଗତ ଶନିବାର ପୁଅ ଆତ୍ମହତ୍ୟା କରିଥିଲେ। ବୁର୍ଲା ପାୱାର୍ ଚ୍ୟାନେଲକୁ ଡେଇଁ ପଡ଼ିଥିଲେ। ଆଜି ହସ୍ପିଟାଲରେ ଚିକିତ୍ସାଧୀନ ମା’ଙ୍କ ମୃତ୍ୟୁ ହୋଇଯାଇଛି। ବଲାଙ୍ଗୀର ଜିଲ୍ଲା ମହାଲକ୍ଷ୍ମୀନଗର ପଡ଼ାର ଚାରୁପମା ମିଶ୍ରଙ୍କ ପରିବାର ସହ ନିୟତି ଏମିତି ନିଷ୍ଠୁର ଖେଳ ଖେଳିଛି। ଚାରୁପମା ଆଜି ବୁର୍ଲା ଭୀମସାରରେ ଚିକିତ୍ସାଧୀନ ଅବସ୍ଥାରେ ଆଖି ବୁଜିଛନ୍ତି। ଗତକାଲି ଚିପିଲିମା ପାୱାର୍ କେନାଲରୁ ତାଙ୍କ ପୁଅ ସୌରଭ ସମ୍ବିତଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ଏହି ହୃଦୟବିଦାରକ ଘଟଣାକୁ ନେଇ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି।

ସୂଚନାନୁଯାୟୀ, ଚାରୁପମା କିଡ୍‌ନୀ ଜନିତ ରୋଗରେ ପୀଡ଼ିତ ଥିଲେ। କିଛି ଦିନ ତଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ପରିବାରଲୋକ ତାଙ୍କୁ ବୁର୍ଲା ଭୀମସାର୍‌ରେ ଭର୍ତ୍ତି କରାଇଥିଲେ। ସେଠାରେ ପୁଅ ସୌରଭ ସମ୍ବିତ ତାଙ୍କ ଦେଖାଶୁଣା କରୁଥିଲେ। କିନ୍ତୁ ଚାରୁପମାଙ୍କ ଅବସ୍ଥା ଦିନକୁ ଦିନ ସଂକଟାପନ୍ନ ହେବା ସହ ତାଙ୍କ କଷ୍ଟ ବଢ଼ିବାରେ ଲାଗିଥିଲା। ପାଖାପାଖି ୧୦ ଦିନ ମା’ଙ୍କ ପାଖେ ରହିଥିବା ସୌରଭ ନିଜ ଆଖି ଆଗରେ ମା’ଙ୍କ ଏ ଅବସ୍ଥା ଆଉ ଦେଖିପାରୁ ନଥିଲେ। ଭିତରୁ ଭିତରୁ ସେ ପୂରା ଭାଙ୍ଗି ପଡ଼ିଥିଲେ। ତେବେ ଗତ ୨୨ ତାରିଖରେ ସେ ହଠାତ୍ ମେଡିକାଲରୁ ଗାୟବ୍ ହୋଇଯାଇଥିଲେ। ପରେ ମା’ଙ୍କ ନିକଟକୁ ସୌରଭ ଏକ ଭାବବିହ୍ୱଳ ମେସେଜ୍ ପଠାଇ ବୁର୍ଲା ପାୱାର୍ ଚ୍ୟାନେଲକୁ ଡେଇଁ ଆତ୍ମହତ୍ୟା କରିଥିଲେ। ଗତକାଲି ପୁଲିସ ଖୋଜାଖୋଜି କରି ସୌରଭଙ୍କ ମୃତ ଶରୀର ଚିପଲିମା କେନାଲରୁ ଉଦ୍ଧାର କରିଥିଲା। ଏହାର ଦିନକ ପରେ, ଆଜି ମା’ ଚାରୁପମା ହସପିଟାଲ ବେଡ୍‌ରେ ଶେଷ ନିଃଶ୍ୱାସ ନେଇଛନ୍ତି।

■ ‘ମନ୍ କି ବାତ୍’ର ୧୨୭ତମ ସଂସ୍କରଣ

# କୋରାପୁଟ୍ କଫିକୁ ପ୍ରଶଂସା କଲେ ପ୍ରଧାନମନ୍ତ୍ରୀ



କୋରାପୁଟ,୨୬ ।୧୦(ସମିସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରସିଦ୍ଧ ରେଡିଓ ଶୋ ‘ମନ କି ବାତ’ର ୧୨୭ତମ ପ୍ରସାରଣ ହୋଇଛି। ରବିବାର ହୋଇଥିବା ପ୍ରସାରଣରେ ସେ ଛଟ୍ ପୂଜା ପାଇଁ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଅଭିନନ୍ଦନ ଜଣାଇଥିଲେ। ଏହି ଉତ୍ସବ ତଥା ପର୍ବ ପାଳନରେ ସାମିଲ ହେବାକୁ ସେ ଦେଶବାସୀଙ୍କୁ ଅପିଲ କରିଥିଲେ। ସେ ଜିଏସ୍‌ଟି ସଂରକ୍ଷଣ ଉତ୍ସବ, ସର୍ଦ୍ଦାର ପଟେଲଙ୍କ ୧୫୦ତମ ଜୟନ୍ତୀ, ରନ୍ ଫର ୟୁନିଟି ଭଳି ଇଭେଣ୍ଟ ଆୟୋଜନ ନେଇ ମନ୍ତବ୍ୟ ଦେଇଥିଲେ। ସେହିପରି ସେ ଓଡ଼ିଶାର କୋରାପୁଟ ଜିଲ୍ଲାର ଉତ୍ପାଦନ ହେଉଥିବା କଫିକୁ ପ୍ରଶଂସା କରିଥିଲେ। ନିଆରା ସ୍ୱାଦ ଓ ବାସ୍ନା କାରଣରୁ କୋରାପୁଟ କଫି ଜାତୀୟ ତଥା ଅନ୍ତର୍ଜାତୀୟସ୍ତରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ବୋଲି ସେ କହିଥିଲେ। କର୍ପୋରେଟ ଚାକିରି କରୁଥିବା ପେସାଦାର ଲୋକ ଏବେ ଏହି କଫି ଚାଷ କରିବାକୁ ଆଗଭର ହୋଇଛନ୍ତି ଓ ଏହି କଫି ଚାଷ ଦ୍ୱାରା ବହୁତ ଲାଭ ହେଉଥିବା କଥା ସେ କହିଛନ୍ତି। ଏଥର ବିଭିନ୍ନ ପର୍ବ ପର୍ବାଣୀ ପାଳନ ଅବସରରେ ଲୋକଙ୍କ ମଧ୍ୟରେ ଜିଏସ୍‌ଟି ସଂରକ୍ଷଣ ଉତ୍ସବକୁ ନେଇ ବେଶ୍ ଉତ୍ସାହ ପରିଲକ୍ଷିତ ହୋଇଛି ଓ ବଜାରରେ ସ୍ୱଦେଶୀ ଜିନିଷ କ୍ରୟରେ ଜବରଦସ୍ତ ବୃଦ୍ଧି ଘଟିଛି ବୋଲି ସେ କହିଥିଲେ। ନଭେମ୍ବର ୭ରେ ‘ବନ୍ଦେ ମାତରମ’ର ୧୫୦ତମ ବର୍ଷ ପୂରଣ ହେବ ଓ ଏହାକୁ ସ୍ମରଣୀୟ କରିବାକୁ ସେ ଅପିଲ କରିଥିଲେ। ସେହିପରି ୬ଟି ପୋଖରୀ ଓ ୪୦ଟି କୂଅ ସଫା କରିଥିବା ବେଙ୍ଗାଲୁରୁର ଇଞ୍ଜିନିୟର କପିଲ ଶର୍ମାଙ୍କୁ ମଧ୍ୟ ସେ ପ୍ରଶଂସା କରିଥିଲେ।

# ପୁଣି ମୁଣ୍ଡ ନେଲା କୋଏଲ

ରାଉରକେଲା, ୨୬।୧୦ (ସମିସ): ହମିରପୁରସ୍ଥିତ କୋଏଲ ନଦୀରେ ଗାଧୋଇବା ବେଳେ ଜଣେ ଯୁବକ ବୁଡ଼ି ପ୍ରାଣ ହରାଇଛନ୍ତି। ମୃତ ଯୁବକ ହେଲେ, ହମିରପୁର କୁମ୍ଭାର ବସ୍ତିର ସୁନୀଲ ସିଂ(୩୫)। ଆଜି ସକାଳେ ସୁନୀଲ ଗାଧୋଇବା ପାଇଁ କୋଏଲ ନଦୀକୁ ଯାଇଥିଲେ। ଗାଧୋଇବା ବେଳେ ଗୋଡ଼ ଖସିଯିବାରୁ ସେ ଗଭୀର ଜଳକୁ ଭାସି ଯାଇ ବୁଡ଼ି ଯାଇଥିଲେ। ସେଠାରେ ଗାଧୋଉଥିବା ଅନ୍ୟ ପିଲା ଏହା ଦେଖି ସେକ୍ଟର୍-୧୯ ଥାନାକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ସହାୟତାରେ ପୁଲିସ ତାଙ୍କୁ ଉଦ୍ଧାର କରି ଆଇଜିଏଚ୍‌ରେ ଭର୍ତ୍ତି କରାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ସୁନୀଲ ସେକ୍ଟର-୧୯ ଥାନା ଅନ୍ତର୍ଗତ ହମିରପୁର କୁମ୍ଭାରବସ୍ତିରେ ରହୁଥିଲେ। ତାଙ୍କ ମୃତଶରୀରକୁ ଆଇଜିଏଚ୍ ମର୍ଗରେ ରଖାଯାଇଛି। ବ୍ୟବଚ୍ଛେଦ ପରେ ପରିବାରକୁ ଶବ ହସ୍ତାନ୍ତର କରାଯିବ ବୋଲି ପୁଲିସ କହିଛି।

# ହୀରାକୁଦ ଜଳସ୍ତର ୬୨୯.୩୧ ଫୁଟ୍

ସମ୍ବଲପୁର, ୨୬।୧୦ (ସମିସ): ହୀରାକୁଦ ନଦୀବନ୍ଧର କର୍ଭରୁଲ୍ ଅନୁଯାୟୀ, ବର୍ତ୍ତମାନ ଜଳଭଣ୍ଡାରର ଜଳସ୍ତର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍ ବଜାୟ ରଖାଯାଉଛି। ଜଳଭଣ୍ଡାରର ଉପର ଓ ତଳମୁଣ୍ଡରେ ବର୍ଷା ବନ୍ଦ ହୋଇଯାଇଛି। ଜଳଭଣ୍ଡାରକୁ ପ୍ରବେଶ ଜଳ ପରିମାଣ ହ୍ରାସ ପାଇଛି। ରବିବାର ସନ୍ଧ୍ୟା ୬ଟାରେ ଜଳଭଣ୍ଡାରର ଜଳସ୍ତର ୬୨୯.୩୧ ଫୁଟ୍ ରହିଛି। ନଦୀବନ୍ଧର ସମସ୍ତ ଗେଟ୍ ବନ୍ଦ ରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୧୧,୬୨୧ ଘନଫୁଟ୍ ଜଳ ପ୍ରବେଶ କରୁଥିବା ବେଳେ ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୩୭,୦୩୫ ଘନଫୁଟ୍ ଜଳ ନିଷ୍କାସିତ ହେଉଛି। ପାୱାର ଚ୍ୟାନେଲରେ ୩୧,୮୪୨ ଘନଫୁଟ୍, ଶିଳ୍ପାନୁଷ୍ଠାନ ସକାଶେ ୨୩୬ ଘନଫୁଟ୍, କେନାଲ ପାଇଁ ୪,୧୯୬ ଘନଫୁଟ୍ ଜଳ ନିଷ୍କାସିତ ହେଉଛି। ଗତବର୍ଷ ଆଜିର ଦିନରେ ହୀରାକୁଦର ଜଳସ୍ତର ୬୨୬.୫୨ଫୁଟ୍ ରହିଥିଲା ବୋଲି ନଦୀବନ୍ଧ ସୂତ୍ରରୁ ପ୍ରକାଶ।

# ୪ ଲକ୍ଷର ନକଲି ନୋଟ୍ ଜବତ, ୩ ଗିରଫ

ବିନିକା, ୨୬ ।୧୦(ସମିସ): ବେଧଡ଼କ ଚାଲିଛି ଜାଲ୍ ନୋଟ୍ କାରବାର। ସୁବର୍ଣ୍ଣପୁର ଜିଲ୍ଲାରୁ ଆଜି ୪ ଲକ୍ଷ ୧୫ଶହ ଟଙ୍କାର ନକଲି ନୋଟ୍ ଜବତ ହୋଇଛି। ଏହି ଘଟଣାରେ ବିନିକା ପୁଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ, ବିନିକା ଥାନା ଫୁଲମୁଠି ଗ୍ରାମର ଅଭିଷେକ ହୋତା (୨୩), ବିନିକା ବେଡେରାପଡ଼ାର ଅଶୋକ ନାଏକ (୨୮) ଏବଂ ଲଛିପୁର ଥାନା ରେଙ୍ଗାଲି ଗ୍ରାମର ଜୟନାରାୟଣ ବସ୍ତିଆ (୨୭)। ବିନିକା ଥାନାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ନାରାୟଣ ନାୟକ ଏହି ସୂଚନା ଦେଇଛନ୍ତି। ତାଙ୍କ ସୂଚନାନୁସାରେ, ଜବତ ନକଲି ନୋଟ୍ ମଧ୍ୟରେ ୮୦୩ଟି ୫୦୦ ଟଙ୍କିଆ ରହିଛି। ଅଭିଷେକ ଓ ଅନିଲ ଏହି ନକଲି ଟଙ୍କା ଅନ୍ୟ କାହାକୁ ଦେବା ପାଇଁ ଫୁଲମୁଠି ଗ୍ରାମ ନିକଟରେ ଅପେକ୍ଷା କରିଥିଲେ। ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୁଲିସ ସେଠାରେ ଚଢ଼ଉ କରି ସେମାନଙ୍କୁ କାବୁ କରିବା ସହ ଜାଲ୍ ନୋଟ୍ ଜବତ କରିଥିଲା। ଅଭିଯୁକ୍ତମାନଙ୍କଠାରୁ ୩ଟି ମୋବାଇଲ ମଧ୍ୟ ଜବତ କରାଯାଇଛି। ତେବେ ଏହି ଜାଲ୍ ନୋଟ୍ କାରବାରର ଚେର ପଡ଼ୋଶୀ ବରଗଡ଼ ଜିଲ୍ଲାକୁ ମଧ୍ୟ ଲମ୍ବିଥିବା ବେଳେ ଏହା ପଛରେ ଏକ ବଡ଼ ରାକେଟ୍ କାମ କରୁଥିବା ସନ୍ଦେହ କରାଯାଉଛି। ତେଣୁ, ରାକେଟ୍‌ର ଅନ୍ୟ ସଦସ୍ୟମାନଙ୍କୁ ଧରିବା ପାଇଁ ପୁଲିସ ଅଧିକ ତଦନ୍ତ ଚଳାଇଛି। ଖୁବ୍‌ଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ପୁଲିସ କହିଛି। ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ବିନିକା ଥାନା ଅଧିକାରୀ ସତ୍ୟ ନାରାୟଣ ପ୍ରଧାନ ଉପସ୍ଥିତ ଥିଲେ।



# ବାଘଛାଲ ଜବତ, ଦୁଇ ଗିରଫ



ମନମୁଣ୍ଡା, ୨୬ ।୧୦(ସମିସ): କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଆଜି ବୌଦ୍ଧ ଜିଲ୍ଲା ମନମୁଣ୍ଡା ଅଞ୍ଚଳରୁ ଏକ କଲରାପତରିଆ ବାଘଛାଲ ଜବତ କରିବା ସହ ୨ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ, ମନମୁଣ୍ଡା ଥାନା ଟୁନିଖମାର ଗ୍ରାମର ପ୍ରକାଶ କହଁର (୨୪) ଓ ବୁଢ଼ୀଖମାର ଗ୍ରାମର ରଞ୍ଜିତ ଭୋକ୍ତା (୩୭)। ଅଭିଯୁକ୍ତଦ୍ୱୟ ମନମୁଣ୍ଡା-ବରପାଲି ରାସ୍ତା ଭାୟା ସୋନପୁର ଦେଇ ଏହି ବାଘଛାଲକୁ ଚାଲାଣ କରୁଥିବା ବେଳେ ଅର୍ଜୁନପୁର ଜଙ୍ଗଲ ନିକଟରେ ଏସଟିଏଫ୍ ସେମାନଙ୍କୁ ମାଡ଼ି ବସିଥିଲା। ଏକ ବ୍ୟାଗ୍‌ରେ ସେମାନେ ବାଘଛାଲ ନେଉଥିଲେ। ଏନେଇ ଏସ୍‌ଟିଏଫ୍ ଏକ ମାମଲା ରୁଜୁ କରି ଦୁହିଁଙ୍କୁ କୋର୍ଟଚାଲାଣ କରିଛି। ସେମାନେ କେଉଁ ଜଙ୍ଗଲରୁ ଏହି ବାଘଟିକୁ ଶିକାର କରିଛନ୍ତି ନା ଅନ୍ୟ କେଉଁ ଶିକାରୀଠାରୁ ଏହାକୁ ଆଣିଛନ୍ତି, ସେନେଇ ଏସ୍‌ଟିଏଫ୍ ସେମାନଙ୍କୁ ପଚରାଉଚରା କରୁଛି।

■ ମରାମତି ଆଳରେ ଲୁଟ୍

# ମୁଖ୍ୟ ଅଭିଯୁକ୍ତ ଗିରଫ, ୪ ସ୍କୁଟି ଜବତ



ରାଉରକେଲା, ୨୬।୧୦(ସମିସ): ମରାମତି ଆଳରେ ଇଭି ସ୍କୁଟର୍ ଲୁଟ୍ କରିବା ଅଭିଯୋଗରେ ସେକ୍ଟର୍-୩ ଥାନା ପୁଲିସ ଜଣେ ଧୂର୍ତ୍ତକୁ ଗିରଫ କରିଛି। ସେ ହେଲା, ସେକ୍ଟର୍-୫ କବି ସମ୍ରାଟପାଲି ବସ୍ତିର ମୁଖ୍ୟ ଅଭିଯୁକ୍ତ ଅମନ ଅଧିକାରୀ (୨୩)। ପୁଲିସ ତାକୁ ଆଜି କୋର୍ଟଚାଲାଣ କରିଛି। ତା’ଠାରୁ ୪ଟି ସ୍କୁଟର୍ ଜବତ କରାଯାଇଛି। ତେବେ ଜବତ ୪ଟି ସ୍କୁଟର୍‌କୁ କ୍ରୟ କରିଥିବା ୪ଜଣ କ୍ରେତାଙ୍କୁ ମଧ୍ୟ ପଚରାଉଚରା ଜାରି ରହିଛି।

ସୂଚନା ମୁତାବକ, ଏନ୍‌ଆଇଟିର ଜଣେ ଛାତ୍ର ଋଷିକେଶ ରାଜେଶ ଦାଣ୍ଡେ ଗତ ୨୦୨୩ ଜୁଲାଇ ୭ ତାରିଖରେ ଏକ କମ୍ପାନୀରୁ ସ୍କୁଟର କିଣିଥିଲେ। ସେଠାରେ ମିସ୍ତ୍ରି ଭାବେ କାମ କରୁଥିବା ଅମନ୍ ସହ ତାଙ୍କର ପରିଚୟ ହୋଇଥିଲା। ଉକ୍ତ ସ୍କୁଟର୍ ମରାମତି ପାଇଁ ଚଳିତ ସେପ୍ଟେମ୍ବର ୨୦ରେ ଅମନ ସହ ଯୋଗାଯୋଗ କରି ଅନ୍‌ଲାଇନ୍ ଯୋଗେ ଅଗ୍ରୀମ ୫୦୦ଟଙ୍କା ପୈଠ କରିଥିଲେ। ହେଲେ ଅମନ ବିଭିନ୍ନ କଥା କହି ସ୍କୁଟର ମରାମତି କରି ଆଉ ଦେଉନଥିଲେ। ଏନେଇ ଅଭିଯୋଗକାରୀ ଅକ୍ଟୋବର ୧୨ତାରିଖରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ଅଭିଯୁକ୍ତ ଅମନ ମରାମତି ନାଁରେ ପ୍ରଥମେ ଅଗ୍ରୀମ ଟଙ୍କା ଗ୍ରାହକଙ୍କଠାରୁ ନେଇ ପରେ ଆଉ ଧରାଛୁଆଁ ଦେଉନଥିଲା। ଏହାରି ମଧ୍ୟରେ ସ୍କୁଟରଗୁଡ଼ିକୁ ରାଉରକେଲା ସହରରେ ୩୦ରୁ ୪୦ହଜାର ଟଙ୍କାରେ ବିକ୍ରି କରି ଦେଉଥିଲା ବୋଲି ପୁଲିସ ତଦନ୍ତରୁ ଜଣାପଡ଼ିଛି। ତା’ଠାରୁ ୪ଟି ସ୍କୁଟର୍ ଜବତ କରାଯିବା ସହ ଜବତ ୪ଟି ସ୍କୁଟରକୁ କ୍ରୟ କରିଥିବା ୪ ଜଣ କ୍ରେତାଙ୍କୁ ପୁଲିସ ଅଟକ ରଖି ପଚରାଉଚରା କରୁଥିବା ଜଣାପଡ଼ିଛି।

# ରାତି ୧୨ରେ ବାଇଶିପାହାଚରେ ଅସମ୍ଭାଳ ସ୍ଥିତି




ପୁରୀ, ୨୬।୧୦(ସମିସ): ଶନିବାର ରାତି ପ୍ରାୟ ୧୨ଟା। ଶ୍ରୀମନ୍ଦିର ବାଇଶିପାହାଚରେ ଦେଖିବାକୁ ମିଳିଥିଲା ସଙ୍ଗିନ ସ୍ଥିତି। ଅଣାୟତ୍ତ ହୋଇଥିଲା ଭିଡ଼। ସୁରକ୍ଷାକର୍ମୀମାନେ କେବଳ ଦେଖଣାହାରୀ ସାଜିଥିଲେ। ଭିଡ଼ ଏମିତି ହୋଇଥିଲା ଯେ କିଛି ଭକ୍ତ ଅଣନିଃଶ୍ୱାସୀ ହୋଇପଡ଼ିଥିଲେ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ସିଂହଦ୍ୱାରରେ ଭକ୍ତ ମନ୍ଦିରକୁ ପ୍ରବେଶ କରୁଥିବା ବେଳେ ଦର୍ଶନ ସାରି ଶ୍ରଦ୍ଧାଳୁ ମଧ୍ୟ ସିଂହଦ୍ୱାରରେ ବାହାରୁଥିଲେ। ଯେଉଁଥିପାଇଁ ବାଇଶିପାହାଚରେ ସ୍ଥିତି ଅସମ୍ଭାଳ ହୋଇପଡ଼ିଥିଲା। ଗହଳିରୁ ବାହାରିବା ପାଇଁ ଭକ୍ତଙ୍କ ମଧ୍ୟରେ ଠେଲାପେଲା ହୋଇଥିଲା। ମହାପ୍ରଭୁଙ୍କ କୃପାରୁ ଯଦିଓ ସେମିତି କିଛି ଅଘଟଣ ଘଟିନାହିଁ ତେବେ କାହିଁକି ଏଭଳି ଏକ ସ୍ଥିତି ଉପୁଜିଲା। ଏଠି ପ୍ରଶ୍ନଉଠୁଛି ଯଦି କିଛି ଅଘଟଣ ଘଟିଥାନ୍ତା, ତେବେ ଏଥିପାଇଁ କାହାକୁ ଦାୟୀ କରାଯାଇଥାନ୍ତା?

ଏବେ ଚାଲିଛି କାର୍ତ୍ତିକ ମାସ। ଶ୍ରୀମନ୍ଦିରରେ ଭକ୍ତଙ୍କ ଭିଡ଼ ରହୁଛି। ତେବେ ୨୫ ତାରିଖ ଚତୁର୍ଥ ଶନିବାର ଯୋଗୁଁ ଲଗାତର ଦୁଇଦିନିଆ ଛୁଟି ଥିଲା। ତେଣୁ ଶନିବାର ପୁରୀକୁ ଭକ୍ତ, ପର୍ଯ୍ୟଟକଙ୍କ ସୁଅ ଛୁଟିଥିଲା। ଦିନତମାମ୍ ମନ୍ଦିରରେ ଭିଡ଼ ଥିବାବେଳେ ରାତିରେ ଗହଳି ଆହୁରି ବଢିଥିଲା। ଅନେକ ଦିନରେ ଭିଡ଼ ଯୋଗୁ ନ ଆସି ରାତି ୧୦ଟା ପରେ ଦର୍ଶନ ପାଇଁ ଆସିବାକୁ ଯୋଜନା କରିଥିଲେ। ଏଥିସହ ପୁରୀବାସୀ ବି ପ୍ରତିଦିନ ଭଳି ରାତିରେ ଦର୍ଶନ କରିବାକୁ ଆସିଥିଲେ। ଏଥିପାଇଁ ମନ୍ଦିରରେ ରାତିରେ ଗହଳି ଅସମ୍ଭାଳକ ହୋଇଥିଲା। ଏହାରି ଭିତରେ ଏକ ଖାମଖିଆଲି ଦୃଶ୍ୟ ଦେଖିବାକୁ ମିଳିଥିଲା। ରାତି ୧୨ଟା ସମୟରେ ବାଇଶିପାହାଚରେ ଖୁଦ ପକାଇବା ପାଇଁ ଜାଗା ନ ଥିଲା। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଭକ୍ତ ସିଂହଦ୍ୱାର ଦେଇ ଦର୍ଶନ ପାଇଁ ଯାଉଥିବା ବେଳେ ମନ୍ଦିରରୁ ଶ୍ରଦ୍ଧାଳୁମାନେ ସିଂହଦ୍ୱାର ଦେଇ ବାହାରକୁ ଆସୁଥିଲେ। ଫଳରେ ବାଇଶିପାହାଚରେ ପ୍ରତିପକ୍ଷ ଭକ୍ତଙ୍କ ଭିଡ଼ ଏମିତି ହୋଇଥିଲା ଯେ, ଅନେକ ଅଣନିଶ୍ୱାସୀ ହୋଇପଡିଥିଲେ। ଗହଳିରୁ ମୁକ୍ତି ପାଇବା ପାଇଁ ଠେଲାପେଲା ବି ହୋଇଥିଲା। ସୌଭାଗ୍ୟବଶତଃ ସେମିତି କିଛି ବଡ ଅଘଟଣ ଘଟି ନାହିଁ। କିନ୍ତୁ ଏଭଳି ଏକ ସ୍ଥିତିକୁ ଏଡାଇ ଦିଆଯାଇପାରିଥାନ୍ତା। ଦର୍ଶନ ସାରିଥିବା ଭକ୍ତଙ୍କୁ ଅନ୍ୟ ତିନିଦ୍ୱାରରେ ବାହାରକୁ ଛଡା ଯାଇଥିଲେ ଏମିତି ଅଣାୟତ୍ତ ସ୍ଥିତି ଉପୁଜି ନ ଥାନ୍ତା। ତେବେ ଏଠାରେ ପ୍ରଶ୍ନଉଠୁଛି ସୁରକ୍ଷା କର୍ମୀମାନେ କରୁଥିଲେ କ’ଣ? ସେମାନେ କାହିଁକି ସିଂହଦ୍ୱାର ଦେଇ ଭକ୍ତଙ୍କୁ ବାହାରକୁ ଛାଡୁଥିଲେ ତାହା ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟପକ୍ଷରେ ଆଗକୁ ପଞ୍ଚୁକ। ଶ୍ରୀମନ୍ଦିରରେ ଆହୁରି ଭିଡ଼ ଲାଗିବ। ବ୍ୟବସ୍ଥିତ ଢଙ୍ଗରେ ଭିଡ଼ ନିୟନ୍ତ୍ରଣ ନ କଲେ କୌଣସି ସମୟରେ ଅଘଟଣ ଘଟିପାରେ। ଏଥିପାଇଁ ପ୍ରଶାସନ ସଜାଗ ହେବା ଦରକାର ବୋଲି କହିଛନ୍ତି ପୁରୀର ବୁଦ୍ଧିଜୀବୀ ସ୍ୱାଧୀନ କୁମାର ପଣ୍ଡା।

■ ଠେଲାପେଲାରେ ଅଣନିଃଶ୍ୱାସୀ ଭକ୍ତ
■ ଅଘଟଣ ଘଟିଥିଲେ ଦାୟୀ ହୋଇଥା’ନ୍ତା କିଏ?

### ଓଏସ୍‌ଡବ୍ଲୁସି ଚାଉଳ ଗ୍ରହଣ କେନ୍ଦ୍ରରେ ଅବ୍ୟବସ୍ଥା ଘଟଣା

# ଖାମଖିଆଲ ଭାବେ ତଦନ୍ତ କରୁଛନ୍ତି ଅଧିକାରୀ

ଜୟପୁର,୨୬ ।୧୦(ସମିସ): ଜୟପୁର ନିକଟସ୍ଥ ଗାଗନାପୁର ସ୍ଥିତ ଓଏସଡବ୍ଲୁ କେନ୍ଦ୍ରରେ ବିନା ପ୍ରକ୍ୟୁରମେଣ୍ଟ ନିରୀକ୍ଷକ (ପି.ଆଇ)ଙ୍କ ଅନୁପସ୍ଥିତିରେ ସରକାରୀ ଚାଉଳ ଗୋଦାମରୁ ଚାଉଳ ଟ୍ରକ୍ ଏବଂ ମିନିଟ୍ରକ ମାଧ୍ୟମରେ ଲୋଡିଂ କରାଯାଇ ବିଭିନ୍ନ କେନ୍ଦ୍ରକୁ ପଠାଯାଉଥିବା ନେଇ ଏକ ବିସ୍ତୃତ ଖବର 'ସକାଳ' ଖବରକାଗଜରେ ଗତ ଅଗଷ୍ଟ ୩୦ ତାରିଖରେ ପ୍ରକାଶ ପାଇଥିଲା। ଏଥିନେଇ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ କୋରାପୁଟ ଜିଲ୍ଲାପାଳ ମୁଖ୍ୟ ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲା ଯୋଗାଣ ଅଧିକାରୀ ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀ ଶଙ୍କର୍ଷଣ ଭୁଏ ଏବଂ ସଦର ସହକାରୀ ଯୋଗାଣ ଅଧିକାରୀ ଏ.ଲକ୍ଷ୍ମଣ ରାଓଙ୍କୁ ଏହାର ତଦନ୍ତ ଦାୟିତ୍ୱ ପ୍ରଦାନ କରିଥିଲେ। ଏହି ଦୁଇ ଅଧିକାରୀ ତଦନ୍ତ କରିଥିଲେ ସୁଦ୍ଧା ପ୍ରକୃତ ଘଟଣା ବିଷୟରେ ତଦନ୍ତ ବଦଳରେ ଉକ୍ତ ଚାଉଳ ଗ୍ରହଣ କେନ୍ଦ୍ରର ପିଆଇ ଦାୟିତ୍ୱ ରହିଥିବା ନିର୍ମଳ କୁମାର ମଣ୍ଡଳ ଏବଂ ଉକ୍ତ ଦିନ ସେଠାରେ ଅନୁପସ୍ଥିତ ରହିଥିବା ଏସଏ ତଥା ଗୋଦାମ ସହକାରୀ (ଜିଏ)ଙ୍କ ଠାରୁ ଲିଖିତ ଭାବେ ଷ୍ଟେଟମେଣ୍ଟ ନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶର ଖାମଖିଆଲି ଭାବେ ତଦନ୍ତ ରିପୋର୍ଟ ପ୍ରସ୍ତୁତ କରି ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ରିପୋର୍ଟ ପ୍ରଦାନ କରିଛନ୍ତି। କିନ୍ତୁ ଉକ୍ତ ଦିନ ପିଆଇ ଶ୍ରୀ ମଣ୍ଡଳ ଗୋଦାମରେ ଅନୁପସ୍ଥିତ ରହିଥିବା ବେଳେ ତାଙ୍କ ଶରୀର ଅସୁସ୍ଥ ରହିଥିବା ଯୋଗୁଁ ଚାଉଳ ଗ୍ରହଣ କେନ୍ଦ୍ରରୁ ଚାଲିଯାଇଥିଲେ ଏବଂ ପୁଣି ଅପରାହ୍ନରେ ନିଜ କାର୍ଯ୍ୟକୁ ଫେରିଥିବା ନେଇ ଲିଖିତ ଷ୍ଟେଟମେଣ୍ଟରେ ଉଲ୍ଲେଖ କରିଛନ୍ତି। କିନ୍ତୁ କେତେ ସମୟ ପାଇଁ ସେ କେନ୍ଦ୍ର ଛାଡି ଯାଇଥିଲେ ଏବଂ କେତେ ବେଳେ ପୁଣି ଗୋଦାମକୁ ଫେରିଲେ କୌଣସି ଉଲ୍ଲେଖ ନାହିଁ। ଏହିପରି କେଉଁ ଉଚ୍ଚ ଅଧିକାରୀଙ୍କ ଅନୁମତି ନେଇ ପିଆଇ ସରକାରୀ ଦାୟିତ୍ୱରେ ରହିଥିବା ଏହି କେନ୍ଦ୍ର ଜଣେ କର୍ମଚାରୀଙ୍କୁ ଦାୟିତ୍ୱ ପ୍ରଦାନ କରି ଯାଇଥିଲେ । ତାଙ୍କ ଅସୁସ୍ଥତା ନେଇ ଡାକ୍ତରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ରିପୋର୍ଟ ପ୍ରଦାନ କରାଯାଇନାହିଁ। କେନ୍ଦ୍ରରେ ସିସି କ୍ୟାମେରା ନଥିବା ଯୋଗୁଁ କୌଣସି ଉପଯୁକ୍ତ ତଥ୍ୟ ମଧ୍ୟ ସଂଗ୍ରହ କରାଯାଇନାହିଁ। ମିଲ ମାଲିକ ମାନଙ୍କ ଠାରୁ ଚାଉଳ ଗ୍ରହଣ କେନ୍ଦ୍ର ଗୁଡିକରେ ଲାଞ୍ଚ ଟଙ୍କା ନେଇ ଚାଉଳ ଗ୍ରହଣ କରାଯାଉଥିବା ଅଭିଯୋଗ ହୋଇଥିଲା। ଏନେଇ ଅଗଷ୍ଟ ମାସ ୩୦ ତାରିଖରେ ଖବର ପ୍ରକାଶ ପାଇଥିବା ବେଳେ ତଦନ୍ତକାରୀ ଅଧିକାରୀ ମାନେ ଗତ ମେ ମାସ ୨୩ ତାରିଖରେ ସଂଘ ପକ୍ଷରୁ ପତ୍ରକୁ ଦେଖାଇ ମିଲ ମାଲିକ ସଂଘର କୌଣସି ଅଭିଯୋଗ ନାହିଁ ବୋଲି ଉକ୍ତ ପତ୍ରକୁ ସଂଲଗ୍ନ କରିବା ସହ ପ୍ରଶାସନକୁ ଖାମଖିଆଲି ଭାବେ ପ୍ରଦାନ କରାଯାଥିବା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେଣୁ ଏହିପରି ସରକାର ଏବଂ ପ୍ରଶାସନିକ ଅଧିକାରୀଙ୍କ ନିର୍ଦ୍ଦେଶକୁ ତଦନ୍ତ ଦାୟିତ୍ୱରେ ରହିଥିବା ଅଧିକାରୀ ମାନେ ଭୁଲ ତଥ୍ୟ ପ୍ରଦାନ କରିବା ସହ ରିପୋର୍ଟ ପ୍ରସ୍ତୁତ କରୁଥିବା, ଉକ୍ତ ତଦନ୍ତକାରୀ ଅଧିକାରୀ ମାନଙ୍କ ବିରୋଧରେ ଫଳପ୍ରଦ ତଥା ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲେ ଦୁର୍ନୀତିକୁ ରୋକାଯାଇପାରିବ ବୋଲି ବୁଦ୍ଧିଜୀବି ମହଲରେ ଆଲୋଚନା ହେଉଛି । ଏପରି ସମ୍ବେଦନଶୀଳ ଘଟଣା ଭିଜିଲାନ୍ସ କିମ୍ବା ଅନ୍ୟକୌଣସି ନିରପେକ୍ଷ ବିଭାଗ ଦ୍ୱାରା ତଦନ୍ତ କରାଗଲେ ପ୍ରକୃତ ସତ୍ୟାସତ୍ୟ ଘଟଣାର ପର୍ଦ୍ଦାଫାଶ ହେବ। ଦୁର୍ନୀତୀ କେବଳ ତଳ ସ୍ତରୀୟ କର୍ମଚାରୀ କିମ୍ବା ଅଧିକାରୀ ନୁହଁନ୍ତି, ଏଥିରେ ବଡ଼ବଡ଼ ଅଧିକାରୀ ଏବଂ ଦଲାଲ ସାମିଲ ରହି ଏକ ର୍ୟାକେଟ ମାଧ୍ୟମରେ ପରିଚାଳିତ ହେଉଥିବା ଚର୍ଚ୍ଚା ହେଉଛି। ଏଥିନେଇ ତଦନ୍ତକାରୀ ଅଧିକାରୀ ଦାୟିତ୍ୱରେ ରହିଥିବା ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀ ଭୁଏ କହିଛନ୍ତି ଯେ, ତଦନ୍ତ କରିବାକୁ ନେଇ ଯେଉଁ ନିର୍ଦ୍ଦେଶନାମା ଆସିଥିଲା, ଏହାର ତଦନ୍ତ କରାଯାଇ ରିପୋର୍ଟ ପ୍ରଦାନ କରାଯାଇଛି। ଏକ ସମ୍ବେଦନଶୀଳ ଅଞ୍ଚଳରେ ରହିଥିବା ଏହି ଚାଉଳ ଗ୍ରହଣ କେନ୍ଦ୍ରରେ ସିସି କ୍ୟାମେରା ନଥିବାର ପ୍ରକୃତ ସତ୍ୟାସତ୍ୟ, କେଉଁ ବିଭାଗୀୟ କର୍ମଚାରୀ ମାନେ ଗୋଦାମରେ ଉପସ୍ଥିତ ରହୁଛନ୍ତି ଏବଂ କେତେ ସମୟ ରହୁଛନ୍ତି ଏହାର ସତ୍ୟାସତ୍ୟ ଉନ୍ମୋଚନ ପାଇଁ ଦାବି ହେଉଛି। ଏହି ଘଟଣାର ସମସ୍ତ ତଦନ୍ତ ରିପୋର୍ଟ ଗତ ଅକ୍ଟୋବର ୧୭ ତାରିଖରେ ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। କିନ୍ତୁ ଉକ୍ତ ରିପୋର୍ଟକୁ ନିରପେକ୍ଷ ଭାବେ ଯାଞ୍ଚ କରି କେଉଁ ବିଷୟ ଗୁଡିକ ଜାଣିଶୁଣି ଉଲ୍ଲେଖ କରାଯାଇନାହିଁ ତାହାର ପର୍ଦ୍ଦାଫାଶ କଲେ ଯାଞ୍ଚ ଅଧିକାରୀଙ୍କ ଅସଲ ଗୁମର ପଦାକୁ ଆସିବ ବୋଲି ମତ ପ୍ରକାଶ ପାଉଛି।

## ସ୍ୱତନ୍ତ୍ର ଟ୍ରେଜେରୀର ପିଅନ ଜେଲ୍ ଗଲେ

ଜୟପୁର, ୨୬ ।୧୦ (ସମିସ) : ଜୟପୁର ଭିଜିଲାନ୍ସ ବିଭାଗ ପକ୍ଷରୁ ସ୍ଥାନୀୟ ସ୍ୱତନ୍ତ୍ର ଟ୍ରେଜେରୀ କାର୍ଯ୍ୟାଳୟର ଚତୁର୍ଥ ଶ୍ରେଣୀ କର୍ମଚାରୀ ୪୭ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଗତକାଲି ଧରାପଡି ଗିରଫ ହୋଇଥିଲେ। ଆଜି ଭିଜିଲାନ୍ସ ବିଭାଗ ପକ୍ଷରୁ ଗିରଫ ଅଭିଯୁକ୍ତ ପିଅନ ହରିଶ୍ଚନ୍ଦ୍ର ମହାପାତ୍ରଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହିପରି ଅଭିଯୁକ୍ତଙ୍କ ଓକିଲ ପକ୍ଷରୁ ଜାମିନ ଆବେଦନ କରାଯାଇଥିଲା, କିନ୍ତୁ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଦାୟୀତ୍ୱରେ ରହିଥିବା ଜଜ୍ ଡ. ସଂଘମିତ୍ରା ଦାସ ଜାମିନ ଶୁଣାଣି ଆସନ୍ତା ମାସ ୭ ତାରିଖ ଶୁଣାଣି ପାଇଁ ଧାର୍ଯ୍ୟ କରିଛନ୍ତି। କୋର୍ଟରେ ନିର୍ଦ୍ଦେଶ କ୍ରମେ ଅଭିଯୁକ୍ତଙ୍କ ବିଚାରବିଭାଗିୟ ହାଜତ (ଜେଲ)କୁ ପଠାଯାଇଛି। ପ୍ରକାଶ ଯେ, ଗତକାଲି ଭୂବନ୍ଦୋବସ୍ତ ବିଭାଗର ମୃତ କର୍ମଚାରୀଙ୍କ ପତ୍ନୀଙ୍କ ପେନସନ ବାବଦକୁ ବକୟା ରହିଥିବା ୩ଲକ୍ଷ ୪୮ ହଜାର ଟଙ୍କାର ବିଲ୍ ପ୍ରସ୍ତୁତ କରାଯାଇ ଉକ୍ତ ଟଙ୍କା ପ୍ରଦାନ ନେଇ ଅଭିଯୁକ୍ତ ପିଅନ ମହାପାତ୍ର ୮୭ ହଜାର ଟଙ୍କା ଲାଞ୍ଚ ଦେବାକୁ ଦାବି କରିଥିଲେ। ଏହିପରି ଗତ ସପ୍ତାହରେ ମୃତ ଚାକିରିଆଙ୍କ ଝ୍ୱାଇଁ ଭରତ ନାୟକଙ୍କ ଠାରୁ ୪୦ ହଜାର ଟଙ୍କା ନେଇଥିବା ବେଳେ ବକୟା ୪୭ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ପୂର୍ବରୁ ସୂଚନା ଅନୁଯାୟୀ ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢଉ କରାଯାଇ ଅଭିଯୁକ୍ତଙ୍କୁ ସ୍ଥାନୀୟ ସ୍ୱତନ୍ତ୍ର ଟ୍ରେଜେରୀ କାର୍ଯ୍ୟାଳୟ ଠାରେ ଟଙ୍କା ସହିତ ଧରାପଡିଥିଲେ। ଏହିପରି ଅଭିଯୁକ୍ତ ପିଅନ ମହାପାତ୍ରଙ୍କ ପାରାବେଢା ଏଲ.ଆଇ.ସି କୋଲନୀ ଅଞ୍ଚଳରେ ୨ ମହଲା ଭବନ ରହିଥିବା ବେଳେ ଅନ୍ୟାନ୍ୟ ସ୍ଥାବର ଓ ଅସ୍ଥାବର ସମ୍ପତି ଏବଂ ଏହି ମାମଲାରେ ବିଭାଗର ଅଧିକାରୀ ଏବଂ କିଛି ତୃତୀୟ ଶ୍ରେଣୀ କର୍ମଚାରୀ ସଂଶ୍ଳିଷ୍ଟ ରହିଥିବା ଅଭିଯୋଗ ନେଇ ଭିଜିଲାନ୍ସ ବିଭାଗ ପକ୍ଷରୁ ପ୍ରକୃତ ସତ୍ୟାସତ୍ୟକୁ ନେଇ ତଦନ୍ତ ଜାରୀ ରହିଛି ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଗତକାଲି ଭିଜିଲାନ୍ସ ଏସ.ପି ରବିନ୍ଦ୍ର କୁମାର ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ଡିଏସପି ସଦାନନ୍ଦ ପାଣିଙ୍କ ନେତୃତ୍ୱରେ ଇନସପେକ୍ଟର ସଞ୍ଜୟ ପ୍ରଧାନ, ସାବିତ୍ରୀ ପ୍ରଧାନ, ସୂର୍ଯ୍ୟ ପ୍ରକାଶ ନାୟକ ଏବଂ ଅନ୍ୟାନ୍ୟ କର୍ମଚାରୀ ଚଢ଼ଉରେ ଯୋଗ ଦେଇଥିଲେ।

## ଡିସେମ୍ବର ୧୪ରେ ରାୟଗଡ଼ା ସାହିତ୍ୟ ମହୋତ୍ସବ



ରାୟଗଡ଼ା,୨୬।୧୦(ସମିସ): ଆଗାମୀ ଡିସେମ୍ବର ୧୪ ତାରିଖରେ ଆୟୋଜିତ ହେବ ରାୟଗଡ଼ା ସାହିତ୍ୟ ମହୋତ୍ସବ। ଏଥିସହ ମହୋତ୍ସବର ମୁଖପତ୍ର 'ଶବ୍ଦରାଗ' ମଧ୍ୟ ପ୍ରକାଶିତ ହେବ।. ସ୍ଥାନୀୟ ନ୍ୟୁ କଲୋନୀ ପୂଜା କମିଟି ସମ୍ମିଳନୀ କକ୍ଷରେ ମହୋତ୍ସବ କମିଟିର ଅଧ୍ୟକ୍ଷ ଡ. ଦୁଷ୍ମନ୍ତ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆଜି ଆୟୋଜିତ ପ୍ରସ୍ତୁତି ବୈଠକରେ ଏହି ନିଷ୍ପତି ଗ୍ରହଣ କରାଯାଇଛି। କମିଟିର ସମ୍ପାଦକ କବି ସୁଶାନ୍ତ କୁମାର ନାୟକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ନିକଟରେ ପରଲୋକ ଗମନ କରିଥିବା କବି ଡ. ରାଜେନ୍ଦ୍ର କିଶୋର ପଣ୍ଡାଙ୍କ ଆତ୍ମାର ସଦ୍‌ଗତି କାମନା ଉଦ୍ଦେଶ୍ୟରେ ଦୁଇ ମିନିଟ ନିରବ ପ୍ରାର୍ଥନା ସହ ତାଙ୍କର ସ୍ମୃତି ଚାରଣ କରାଯାଇଥିଲା। ପରେ ଡ଼ ମହାନ୍ତି ଆଗାମୀ ସାହିତ୍ୟ ମହୋତ୍ସବକୁ ସଫଳ କରିବା ଲାଗି ଉପସ୍ଥିତ ସମସ୍ତ ସାହିତ୍ୟିକ ବନ୍ଧୁଗଣଙ୍କୁ ଆହ୍ୱାନ କରିଥିଲେ। ରାୟଗଡ଼ ସାହିତ୍ୟ ମହୋତ୍ସବର ଅନ୍ୟତମ ଉପଦେଷ୍ଟା କୀର୍ତ୍ତିଚନ୍ଦ୍ର ସାହୁ ପୂର୍ବବର୍ଷ ଭଳି ଚଳିତ ବର୍ଷ ବି ମହାଆଡମ୍ବର ସହ ସାହିତ୍ୟ ମହୋତ୍ସବ ପାଳନ କରିବା ସହ ରାୟଗଡ଼ା ମାଟିର ସାହିତ୍ୟ ସୁଗନ୍ଧକୁ ରାଜ୍ୟବ୍ୟାପୀ କରିବାକୁ ମତବ୍ୟକ୍ତ କରିଥିଲେ। ସାହିତ୍ୟିକ ବିମଳ ଚାନ୍ଦ ପଟ୍ଟନାୟକ ଓ ଶ୍ରୀଧର ପଟ୍ଟନାୟକଙ୍କୁ 'ଶବ୍ଦରାଗ' ମାଗାଜିନ ପ୍ରସ୍ତୁତିର ସମସ୍ତ ଦାୟିତ୍ୱ ଅର୍ପଣ କରାଯାଇଥିଲା। ଆଗାମୀ ନଭେମ୍ବର ୧୫ ସୁଦ୍ଧା ଶବ୍ଦରାଗ ଲାଗି ଲେଖା ସଂଗ୍ରହ ଲାଗି ନିଷ୍ପତି ହୋଇଥିଲା। ଏଥିରେ ଲାବଣ୍ୟ ମୋହନ ପଟ୍ଟନାୟକ, ଅରୁଣ କୁମାର ଲେଙ୍କା, ପ୍ରଶାନ୍ତ ପଟ୍ଟନାୟକ, ଅରୁଣ ପାଣିଗ୍ରାହୀ, ଉଦୟ ଚନ୍ଦ୍ର ପଣ୍ଡା, ପ୍ରଶାନ୍ତି ସାହୁ, ସସ୍ମିତା ଆଚାର୍ଯ୍ୟ, ସସ୍ମିତା ମିଶ୍ର, ଲୋକନାଥ ପଣ୍ଡା, ମଞ୍ଜୁଶ୍ରୀ ମୁଖାର୍ଜୀ, ଜଗଦିଶ ଚନ୍ଦ୍ର ଦୋରା, ଶିବ ପ୍ରସାଦ ମିଶ୍ର, ରବି ନାରାୟଣ ଶତପଥି, ସୁବାସ ଚନ୍ଦ୍ର ବେହେରା, ରଘୁନାଥ ଭୁଏ, ମନୋରଞ୍ଜନ ମିଶ୍ର, ଇଂ ଗୌରୀ ଶଙ୍କର ରାଓ, ଦ୍ୱିତୀଚନ୍ଦ୍ର ସାହୁଙ୍କ ସମେତ ରାୟଗଡ଼ାର ସାହିତ୍ୟିକ ତଥା ସାହିତ୍ୟ ଅନୁରାଗୀମାନେ ଯୋଗଦେଇ ସଫଳତାର ସହ ରାୟଗଡ଼ା ସାହିତ୍ୟ ମହୋତ୍ସବ ୨୦୨୫ ଆୟୋଜନ ଲାଗି ମତ ପ୍ରଦାନ କରିଥିଲେ। ଶେଷରେ ଉପ ସଭାପତି ନୀଳମଣୀ ପାଟଯୋଶୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଅଲ୍ ଓଡିଶା ଅଙ୍ଗନବାଡ଼ି ଲେଡିସ ୱାର୍କର୍ସ ଆସୋସିଏସନ୍‌ର ବୈଠକ



କୋରାପୁଟ,୨୬।୧୦(ସମିସ): ସ୍ଥାନୀୟ ସଂସ୍କୃତି ପରିଷଦ ଠାରେ ଭାରତୀୟ ମଜଦୂର ସଂଘ ସଂଲଗ୍ନ ଅଲ୍ ଓଡିଶା ଅଙ୍ଗନବାଡ଼ି ଲେଡିସ ୱାର୍କର୍ସ ଆସୋସିଏସନ୍ କୋରାପୁଟ ଜିଲ୍ଲା ତରଫରୁ ଅବିଭକ୍ତ କୋରାପୁଟ ଜିଲ୍ଲା ଜୋନାଲ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଭାରତୀୟ ମଜଦୂର ସଂଘ, କୋରାପୁଟ ଜିଲ୍ଲାର ଅଧ୍ୟକ୍ଷ ବିରଞ୍ଚି ନାରାୟଣ ଷଡ଼ଙ୍ଗୀ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ରୂପେ ଭାରତୀୟ ମଜଦୂର ସଂଘର ରାଷ୍ଟ୍ରୀୟ ସମ୍ପାଦିକା ତଥା ଅଙ୍ଗନବାଡି ମହାସଂଘର ସଂଗଠନ ମନ୍ତ୍ରୀ ଅଞ୍ଜଳି ପଟେଲ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ରୂପେ ରାଜ୍ୟ ବିଏମଏସ ଉପସଭାପତି ଆଲୋକ ରଥ, ଅଙ୍ଗନବାଡି ୟୁନିଅନର ରାଜ୍ୟ ସଭାନେତ୍ରୀ ସୁମିତା ମହାପାତ୍ର, ଜିଲ୍ଲା ବିଏମଏସ ଉପଦେଷ୍ଟା ସୁଧାଂଶୁ କୁମାର ପାଢ଼ୀ, ରାଜ୍ୟ ଅଙ୍ଗନବାଡି ୟୁନିଅନ କାର୍ଯ୍ୟକାରିଣୀ ସଦସ୍ୟ ସ୍ୱର୍ଣ୍ଣଲତା ପଣ୍ଡା ଓ ସବିତା ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଅବିଭକ୍ତ କୋରାପୁଟ ଜିଲ୍ଲାର ଅଙ୍ଗନବାଡି କର୍ମୀ ସମସ୍ୟା ଗୁଡିକ ବିଷୟରେ ଆଲୋକପାତ କରାଯାଇ ତାହାର ସମାଧାନ ପାଇଁ ରାଜ୍ୟ ସରକାରଙ୍କ ନିକଟରେ ଉପସ୍ଥାପନା କରାଯିବ ବୋଲି ବୈଠକରେ ନିଷ୍ପତି ନିଆଯାଇଛି। ଯଦି ସମସ୍ୟାର ସମାଧାନ ଶୀଘ୍ର ନ ହୁଏ ଆଗାମୀ ଦିନରେ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ହାତକୁ ନିଆଯିବ। ବୈଠକରେ କୋରାପୁଟ ଜିଲ୍ଲାର ପ୍ରତ୍ୟେକ ବ୍ଲକର ସଭାପତି, ସମ୍ପାଦକ ଓ କୋଷାଧ୍ୟକ୍ଷଙ୍କ ସହ ବହୁତ କର୍ମୀ ଉପସ୍ଥିତ ଥିଲେ।

## ଭାଲୁ ଆକ୍ରମଣରେ ଯୁବକ ଆହତ

ମାଥିଲି, ୨୬ ।୧୦(ସମିସ): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଅନ୍ତର୍ଗତ ଡାଇଗୁଡାରେ ଭାଲୁ କାମୁଡ଼ାରେ ଜଣେ ଆହତ ହୋଇଛି। ଜଙ୍ଗଲରୁ ଛେଳି ଚରାଇ ଫେରିବାବେଳେ ସନ୍ଧ୍ୟାରେ ଭାଲୁ ଆକ୍ରମଣ କରିଥିଲା। ସୂଚନା ଅନୁଯାୟୀ ଡାଇଗୁଡା ଗାଁର ଲଇଖନ କମାର ନୀତିଦିନ ପରି ଛେଳି ଚରାଇବାକୁ ନିକଟସ୍ଥ ଜଙ୍ଗଲକୁ ଯାଇଥିବା ବେଳେ ଜଙ୍ଗଲରୁ ସନ୍ଧ୍ୟାରେ ଫେରୁଥିଲେ। ଏହି ସମୟରେ ହଠାତ୍ ଏକ ଭାଲୁ ତାଙ୍କ ଉପରକୁ ଆକ୍ରମଣ କରିଥିବା ବେଳେ ସେ ଚିତ୍କାର କରିବାକୁ ଲାଗିଥିଲେ। ତାଙ୍କ ଚିତ୍କାର ଶୁଣି ଗାଁ ଲୋକେ ସେଠାରେ ପହଞ୍ଚି ଭାଲୁ କବଳରୁ ଲଇଖନକୁ ଉଦ୍ଧାର କରିଥିଲେ। ସେଠାରୁ ତାଙ୍କୁ ଗ୍ରାମବାସୀ ଆହତ ଅବସ୍ଥାରେ ମାଥିଲି ସବ୍ ଡିଭିଜନ ମେଡିକାଲରେ ଭର୍ତ୍ତି କରିଛନ୍ତି। ସେଠାରେ ତାଙ୍କର ଚିକିତ୍ସା ଜାରି ରହିଛି।

## ଆରମ୍ଭ ହେଲା ମେଡ଼ିକାଲରେ ହେଲ୍ପ ଡେସ୍କ



ବୈପାରିଗୁଡ଼ା, ୨୬।୧୦(ସମିସ): ବୈପାରୀଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆରମ୍ଭ ହେଲା ହେଲ୍ପ ଡେସ୍କ। ଆଉ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଲୋକଙ୍କୁ ହଇରାଣ ହେବାକୁ ପଡିବ ନାହିଁ। ରୋଗୀଙ୍କ ଅସୁବିଧାକୁ ଦୃଷ୍ଟିରେ ରଖି ହେଲ୍ପ ଡେସ୍କର ବ୍ୟବସ୍ଥା ଆରମ୍ଭ କରାଯାଇଛି। ବୈପାରିଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ୨ ବର୍ଷ ପୂର୍ବେ ୨୦୨୪ ମସିହାରେ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଭର୍ଚୁଆଲ ମାଧ୍ୟମରେ ଉଦ୍‌ଘାଟିତ ହୋଇଥିଲା। ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ବ୍ଲକର ୨୦ଟି ପଞ୍ଚାୟତ ସହ ଆଖପାଖ ବ୍ଲକର ରୋଗୀ ମଧ୍ୟ ଚିକିତ୍ସା ପାଇଁ ନିର୍ଭର କରିଥାନ୍ତି। ତିନି ମହଲା ବିଶିଷ୍ଟ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀଙ୍କ ସୁବିଧା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି। ଗୁରୁତର ଏବଂ ବିକଳାଙ୍ଗ ରୋଗୀଙ୍କୁ ଉପର ମହଲାକୁ ନେବା ଆଣିବା ପାଇଁ ଲିଫ୍ଟର ବ୍ୟବସ୍ଥା ମଧ୍ୟ କରାଯାଇଥିଲା। କିନ୍ତୁ କାର୍ଯ୍ୟକାରୀ ହେଉନଥିଲା । ଗତ ମାସରେ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀଙ୍କ ଦ୍ୱାରା ଲିଫ୍ଟ ଉଦ୍‌ଘାଟନ କରାଯାଇଥିଲା। ସେହିପରି ହେଲେ ହେଲ୍ପ ଡେସ୍କ ବ୍ୟବସ୍ଥା ରହିଥିଲେ ସୁଦ୍ଧା କାର୍ଯ୍ୟକାରୀ ହୋଇପାରୁନଥିଲା। କିନ୍ତୁ ବୈପାରୀଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ନୂତନ ବିପିଏମ୍ ଭାବେ ହେମରାଜ ପାଣିଗ୍ରାହୀ ଯୋଗ ଦେବା ପରେ ହେଲ୍ପଡେସ୍କର ବ୍ୟବସ୍ଥା ଆରମ୍ଭ କରାଇଛନ୍ତି। ହେଲ୍ପ ଡେସ୍କ ଖୋଲିବା ପରେ ସମସ୍ତ ରୋଗୀ ସୁବିଧାରେ ହେଲ୍ପ ଡେସ୍କ ସହ ଯୋଗାଯୋଗ କରି ଚିକିତ୍ସିତ ହୋଇ ପାରୁଛନ୍ତି।

## ଟ୍ରକ୍-ବାଇକ୍ ଧକ୍କା, ଜଣେ ଆହତ

ନନ୍ଦପୁର, ୨୬।୧୦ (ସମିସ): ନନ୍ଦପୁର ବ୍ଲକ ମହକୁମା ହାଟପଦା ଛକରେ ଆଜି ରାତି ୮ ଘଟିକା ସମୟରେ କାଠ ବୋଝେଇ ଟ୍ରକ୍ ସହ ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିବା ବେଳେ ଚାଳକ ଗୁରୁତର ହୋଇଛନ୍ତି। ଏହି କାଠ ବୋଝେଇ ଟ୍ରକ ନମ୍ବର ଓଡି ୦୨ ସିଟି ୩୧୪୭ଟି ଲାମତାପୁଟ ବ୍ଲକ ପାଲିବା ଅଞ୍ଚଳରୁ ସେମିଳିଗୁଡା ଅଭିମୁଖେ ଯାଉଥିବା ବେଳେ ହାଟପଦା ଛକରେ ସେମିଳିଗୁଡା ପଟୁ ଆସୁଥିବା ହିରୋ ବାଇକ୍ ନମ୍ବର ଓଡ଼ି ୧୦ ଡି ୯୨୬୯ ସହ ଧକ୍କା ହୋଇଥିଲା। ଏଥିରେ ବାଇକ୍ ଚାଳକ କାର୍ତ୍ତିକ ଖିଲ (୨୫) ଆହତ ହୋଇଥିଲେ। ତାକୁ ସ୍ଥାନୀୟ ଲୋକେ ଉଦ୍ଧାର କରି ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ବାଇକ୍ ଚାଳକଙ୍କ ଅବସ୍ଥା ଗୁରୁତର ଥିବାରୁ ତାକୁ ଡାକ୍ତର କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ସ୍ଥାନାନ୍ତର କରିଛି। ବାଇକ ଚାଳକର ଘର ପଟାଙ୍ଗୀ ଥାନା ଅଧୀନ ବଡ଼ଟେମା ଗାଁର ବୋଲି ଜଣାପଡ଼ିଛି। ସେ ନିଜ ସମ୍ପର୍କୀୟ ଘର ଲମତାପୁଟ ବ୍ଲକ ବାଡିଗଡ ଗାଁକୁ ଯାଉଥିବା ବେଳେ ଏହି ଘଟଣା ଘଟିଛି। ଖବରପାଇ ନନ୍ଦପୁର ପୁଲିସ ପହଞ୍ଚି ବାଇକ୍ ଏବଂ ଟ୍ରକକୁ ନିଜ ହେପାଜତକୁ ନେଇଛି।

## ଜୟପୁରର ଦୁଇ ସାହିତ୍ୟିକ ସମ୍ମାନିତ




ଜୟପୁର, ୨୫ ।୧୦ (ସମିସ) : ପୁରୀ ଠାରେ ଆୟୋଜିତ ସୁଲେଖା ସାହିତ୍ୟ ସଂସ୍କୃତି ପରିଷଦର ୪୫ତମ ବାର୍ଷିକ ଉତ୍ସବର କବିତା ପାଠ ଓ ସମ୍ମାନ ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଥିଲା। ଏଥିରେ ଜୟପୁର ସହରର ଦୁଇ ସାହିତ୍ୟିକ ଅବିନାଶ ସାନ୍ତ୍ରାପାତ୍ର ଏବଂ ପ୍ରମୋଦ ରାଉଳଙ୍କୁ ସମ୍ମାନିତ କରାଯାଇଥିଲା। ଏଥିନେଇ ସହରର ସମସ୍ତ ସାହିତ୍ୟିକଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜ କିଶୋର ତ୍ରିପାଠୀ ଏଙ୍ଗ ମୁଖ୍ୟବକ୍ତା ଭାବେ ପୁରୀ ସାଂସଦ ସମ୍ବିତ ପାତ୍ର ଯୋଗଦେଇଥିଲେ।

## ମା' ପେଣ୍ଡ୍ରାଣୀ ଅଟୋ ସଂଘର କର୍ମକର୍ତ୍ତା ନିର୍ବାଚନ



ଉମରକୋଟ,୨୬।୧୦(ସମିସ): ଉମରକୋଟ ଠାରେ ଆଜି ମା' ପେଣ୍ଡ୍ରାଣୀ ଅଟୋ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ନୂଆ ବସଷ୍ଟାଣ୍ଡ ସଂଘ କାର୍ଯ୍ୟାଳୟ ଠାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଅଟୋ ସଂଘ ସ୍ଥାପନ ହେବା ଠାରୁ ଦୀର୍ଘ ୬ ବର୍ଷ ହେଲା ସଭାପତି ଭାବେ ମନୋନୀତ ହୋଇ ଆସୁଥିବା ବରିଷ୍ଠ ଆଇନଜୀବି ତଥା ଉମରକୋଟ ଓକିଲ ସଂଘର ସମ୍ପାଦକ ଶାନ୍ତନୁ କୁମାର ବାହିନୀପତିଙ୍କୁ ପୁନର୍ବାର ସଭାପତି ଭାବେ ମନୋନୀତ କରାଯାଇଛି। ଉପ ସଭାପତି ଭାବେ କୃଷ୍ଣ ନାୟକ, ସମ୍ପାଦକ ଭାବେ ଦୀପକ ପଟନାୟକ, ଯୁଗ୍ମ ସମ୍ପାଦକ ଭାବରେ ପିତାମ୍ବର ବାଘ ଓ କୋଷାଧ୍ୟକ୍ଷ ଭାବେ ହେମନ୍ତ ହରିଜନ ମୋନାନୀତ ହେଇଛନ୍ତି। କାର୍ଯ୍ୟକାରୀ ସଭ୍ୟ ଭାବେ ସୀମାଞ୍ଚଳ ବାଘ, ସୁବାସନ ନାଗ, ପିଙ୍କୁ ନାୟକ, ଗୁଡୁ ଭାଇ ଓ ମନ ହିଆଲ ମନୋନୀତ ହୋଇଛନ୍ତି। ଆଗାମୀ ବୈଠକରେ ଅଟୋ ଚାଳକମାନଙ୍କ ୟୁନିଫର୍ମ ପିନ୍ଧିବା ନେଇ ଆଲୋଚନା କରାଯିବ ବୋଲି ସଭାପତି ଶାନ୍ତନୁ କୁମାର ବାହିନୀପତି ସୂଚନା ଦେଇଛନ୍ତି। ଏହି ସଂଘ ୨ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ କରିବ।

## ବାତ୍ୟାରେ ଲୋକଙ୍କୁ ସହଯୋଗ କରିବ ବଜରଙ୍ଗ ସଂଗଠନ



ପଦ୍ମଗିରି,୨୬ ।୧୦(ସମିସ): ସମ୍ଭାବ ବାତ୍ୟାକୁ ଦୃଷ୍ଟିରେ ରଖି ମାଲକାନଗିରି ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଥିବା ବେଳେ ସଦର ବ୍ଲକ ଅନ୍ତର୍ଗତ ପଦ୍ମଗିରି ପଞ୍ଚାୟତବାସୀଙ୍କ ସୁରକ୍ଷା ପାଇଁ ଅଣ୍ଟାଭିଡ଼ିଛନ୍ତି ସ୍ଥାନୀୟ ବଜରଙ୍ଗ ପରିବାର। ପଦ୍ମଗିରି ପଞ୍ଚାୟତ ସ୍ତରରେ ଜରୁରୀକାଳୀନ ସେବା ଯୋଗାଇ ଦେବା ପାଇଁ ସ୍ଥାନୀୟ ବଜରଙ୍ଗ ପରିବାର ପ୍ରସ୍ତୁତ ଥିବାର ସମାଜସେବୀ ଶ୍ରୀ ରଘୁନାଥ ନାୟକ ସୂଚନା ଦେଇଛନ୍ତି।

### ● ଛତିଶଗଡ ଅଞ୍ଚଳରେ ଚୋରି

## ଚନ୍ଦାହାଣ୍ଡିର ୫ ଚୋର ଗିରଫ, ୯୬ ମୋବାଇଲ ଜବତ



ଚନ୍ଦାହାଣ୍ଡି,୨୬।୧୦(ସମିସ): ପଡୋଶୀ ଛତିଶଗଡ ପୋଲିସକୁ ବଡ଼ ସଫଳତା ମିଳିଛି। ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକର ପାଞ୍ଚ ଜଣ ଏବଂ ଛତିଶଗଡର ଜଣେ ଚୋରଙ୍କୁ ଛତିଶଗଡ ରାଜ୍ୟ ଅମଲିପଦର ଓ ଦେଓଭୋଗ ଅଞ୍ଚଳରୁ ମୋବାଇଲ ଦୋକାନ ଓ ସୁନା ଚୋରି ମାମଲାରେ ଗରିଆବନ୍ଧ ଜିଲା ପୋଲିସ ଗିରଫ ସହ ଅଦାଲତ ଚାଲାଣ କରିଛି। ତାଙ୍କ ଠାରୁ ୯୬ ଗୋଟି ମୋବାଇଲ ସହ ବହୁ ମୂଲ୍ୟର ସୁନା, ରୁପା ସହିତ ଟଙ୍କା ଜବତ ହୋଇଛି। ସୂଚନାନୁଯାୟୀ ଚନ୍ଦାହାଣ୍ଡି ସୀମାନ୍ତ ଅମଲିପଦର ଗ୍ରାମର ଏକ ମୋବାଇଲ ଦୋକାନରୁ ଗତ ସପ୍ତାହରେ ଚୋରି ହେବା ସହ ଉର୍ମାଲ ଗ୍ରାମର ଏକ ସୁନା ଦୋକାନରୁ ଚୋରି ହୋଇଥିଲା। ଚୋରଙ୍କୁ ଧରିବାକୁ ପୁଲିସ ଜାଲ ବିଛାଇ ଏହି ମାମଲାରେ ଚନ୍ଦାହାଣ୍ଡି ଥାନା ଅଧିନସ୍ଥ ବୋରିଗୁଡା ଗ୍ରାମର ବାପା ପୁଅ ଭୁବନେଶ୍ୱର ବାରିକ ଓ ସୁରଜ ବାରିକ, ଭୂପେନ୍ଦ୍ର ନେତାମ ଓ ଲିଙ୍ଗରାଜ ନେତାମଙ୍କୁ ଧରିବା ସହିତ ଚୋରି ମୋବାଇଲ କିଣିବା ଅଭିଯୋଗରେ ଦେଓବନ୍ଦ ଗ୍ରାମର ଦେବାଶିଷ ରାଉତଙ୍କୁ ଗିରଫ କରିଥିଲା। ଏମାନଙ୍କ ନିକଟରୁ ୯୬ ଗୋଟି ମୋବାଇଲ ଫୋନ, ୪୩.୦୪ ଗ୍ରାମ ରୁପା, ୨.୧୦୯ ଗ୍ରାମର ସୁନା ଗହଣା, ୫୭ ହଜାର ନଗଦ ଟଙ୍କା ଏବଂ ଚୋରି କାର୍ଯ୍ୟରେ ବ୍ୟବହୃତ ଏକ ବ୍ରିଜା କାର ପୋଲିସ ଜବତ କରିଛି। ଛତିଶଗଡ ପୁଲିସ ଜବତ କରିଥିବା ଚୋରି ଜିନିଷର ମୂଲ୍ୟ ପ୍ରାୟ ୨୭ ଲକ୍ଷ ହେବ ବୋଲି ଗରିଆବନ୍ଧ ଏସ୍‌ପି ନିଖିଳ ରଖେଚା ପ୍ରକାଶ କରିଛନ୍ତି। ଚନ୍ଦାହାଣ୍ଡି ଅଞ୍ଚଳରେ ଦିନକୁ ଦିନ ଚୋରି ହେଉଥିଲେ ହେଁ ସ୍ଥାନୀୟ ପୋଲିସ ଚୋରକୁ ଧରିପାରୁନି। ଏ ନେଇ ପୋଲିସର କାର୍ଯ୍ୟ ଦକ୍ଷତା ଉପରେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି

C-1314

**OFFICE OF THE MUNICIPAL COUNCIL, ANANDAPUR**
email:-executiveofficer_andp@rediffmail.com
Phone No:- 06731-24088

**E-PROCUREMENT NOTICE**
Notice No- 3817, Dt- 17.10.2025
Bid Reference No:- AM-ANDP-03/2025-26

**INVITATION FOR BID**

Executive Officer, Anandapur Municipality on behalf of the Anandapur Municipality has invited on-line e-tender **Percentage Rate Bids** in **Single bid system (General & Technical)** from the intending and eligible class/category of bidders in conformity with the Detailed Tender Call Notice for execution of the works mentioned in the DTCN.

1. Total No. of works for which Tenders invited: **92** Nos
2. Place of Execution: Anandapur Municipality
3. Estimated Cost of Individual Work: **Rs. 3,02,567.06 to Rs. 16,94,802.00**
4. Eligible Class of Contractors: Registered Contractors of **Class- 'D', 'C'** work mentioned in the tender call notice.
5. Intending bidders have to participate through **"On-Line"** bidding only. The website for online bidding is www.tendersodisha.gov.in.
6. The bid documents will be available in the above website from **12.00 P.M on 30.10.2025 to 5.00 P.M on 13.11.2025** for online bidding.
7. Bids received online will be opened at **11.00 A .M on 14.11.2025**
8. The bidder must possess valid and compatible **Digital Signature Certificate** (DSC).
9. The DTCN for **92** Nos. of work shall be available in the e-procurement portal www.tendersodisha.gov.in for on-line bidding.

OIPR-13049/11/0018/2526

Executive Officer,
Anandapur Municipality

### ସରକାରୀ ଯୋଜନା ବାଟବଣା

# ବାପା ମା' ଛେଉଣ୍ଡ ଭିନ୍ନକ୍ଷମଙ୍କୁ ମିଳୁନି ସହାୟତା



କୁନ୍ଦୁରା, ୨୬।୧୦ (ସମିସ): ଖେଳକୁଦ ବୟସରେ ଆରମ୍ଭ ହେଲା ଜୀବନ ସଂଗ୍ରାମ। କୁନି ଝିଅ ଅଜଣା ରୋଗରେ ପଡିତ ହୋଇ ହେଉଛି ଛଟପଟ। ନା କହିପାରୁଛି ନା ଚାଲିପାରୁଛି। ବୋଝ ଉପରେ ନଳିତା ବିଡ଼ା ସଦୃଶ ବାପା ମାଆ ଛେଉଣ୍ଡ ଝିଅକୁ ନେଇ ଚିନ୍ତାରେ ସାନ ଭାଇ। ଆର୍ଥିକ ଦୁର୍ଗତି ଭିତରେ ଥିବା ପରିବାର ଝିଅ ମୁହଁରେ ଫୁଟାଇ ପାରୁନାହାନ୍ତି ହସ। ଦଇବ ଦେଲା ଦୁଃଖ। ଆଧାର କାର୍ଡ ଅପଡେଟ ହୋଇପାରୁନାହିଁ । ଏଣୁ ସରକାରୀ ସହାୟତା ଭତ୍ତା, ଚାଉଳ, ଆବାସ ଯୋଜନାରୁ ବଞ୍ଚିତ ହୋଇ ହେଉଛନ୍ତି ହନ୍ତସନ୍ତ। ଏଭଳି ଘଟଣା କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକ ଅନ୍ତର୍ଗତ ବଣ୍ଡୁଆଗୁଡା ପଞ୍ଚାୟତର ନାରାଗାଁର ପୂର୍ଣ୍ଣି ଗୌଡ଼ (୧୫)ଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି । ନାରାଗାଁର ରାମଚନ୍ଦ୍ର ଗୌଡ଼ ଓ ସ୍ତ୍ରୀ ପ୍ରତିମାଙ୍କ ଚାରି ପୁଅ ଏବଂ ଝିଅ ପୂର୍ଣ୍ଣି ସହ ହସଖୁସିରେ ଜୀବନ ବିତାଉଥିଲେ। ହେଲେ ଦଇବ ଦେଲା ଦୁଃଖ। ଆଗ ପଛ ହୋଇ ସ୍ୱାମୀ ସ୍ତ୍ରୀ ଆରପାରିକି ଚାଲିଗଲେ। ବାପା ମାଆଙ୍କୁ ହରାଇ ଅସହାୟ ହୋଇଗଲେ ଭଉଣୀ ସହ ଚାରି ଭାଇ। ହେଲେ ପୂର୍ଣ୍ଣି ଜନ୍ମରୁ ଭଲ ଥିଲେ। ଦେଢ଼ ବର୍ଷ ବୟସରେ ଚଲାବୁଲା ସବୁ ଠିକ୍ ଥିଲା। ଦିନେ ହଠାତ୍ ଦେହ ଅସୁସ୍ଥ ହେଲା ଏବଂ ହାତ ଗୋଡ଼ ହୋଇଗଲା ଅଚଳ। ୧୫ ବର୍ଷ ବୟସ ହେଇଥିଲେ ବି ଶରୀର ଉନ୍ନତି ହେଉନାହିଁ। ଗୋଡ଼ ହାତ ଅକାମୀ ସାଙ୍ଗକୁ କିଛି କଥା କହି ପାରୁନି। ଯେଉଁଠି ଟେକି ନେଇ ବସାଇଲେ ସେଇଠି ବସୁଛି । ତାଙ୍କ ନିତ୍ୟକର୍ମ ଝାଡ଼ା, ପରିସ୍ରା ନେବା ଆଣିବା ପାଇଁ ଜଣେ ଲୋକର ସାହାରା ଆବଶ୍ୟକ ପଡୁଛି । ଏଥିପାଇଁ ସବୁବେଳେ କେହି ନା କେହି ତାଙ୍କ ପାଖରେ ରହିବାକୁ ପଡୁଛି। ଦିନ ମଜୁରିଆ ପରିବାରକୁ ଏହା ବହୁ ଦୁଃଖ ଦେଉଛି । ଅସହାୟ ଦିବ୍ୟାଙ୍ଗ ପୂର୍ଣ୍ଣିଙ୍କ ନିକଟରେ ସମସ୍ତ ପ୍ରମାଣ ପତ୍ର ଥାଇ ମଧ୍ୟ ସରକାରୀ ସହାୟତାରୁ ସେ ବଞ୍ଚିତ । ସୁବିଧା ଦୃଷ୍ଟିରୁ ଭତ୍ତା, ଶୌଚାଳୟ ଓ ଆବାସ ଘର ଖଣ୍ଡେ ଯୋଗାଇ ଦେବାକୁ ପ୍ରଶାସନ ନିକଟରେ ନିବେଦନ କରିଛନ୍ତି ପୂର୍ଣ୍ଣିଙ୍କ ଭାଇ କର୍ଣ୍ଣଙ୍କ ସହ ଗାଁ ର କୃଷ୍ଣ ପେଣ୍ଟିଆ, ଜଗତ ନାୟକ, ମଙ୍ଗଳୁ ପେଣ୍ଟିଆ, ପୂର୍ଣ୍ଣ ବାରିକ, ଜଗନ୍ନାଥ ପେଣ୍ଟିଆ,ଧନ ନାୟକ,ଅଭି ବାରିକ, ସଦା ପେଣ୍ଟିଆ,ଗୁରୁ ନାୟକ, ଚିଟି ବାରିକ ଓ ଗୁରୁ ନାୟକ।

## ବିଷମ କଟକରେ ହାତୀ ଉପଦ୍ରବ

# କୁକୁଡା ଫାର୍ମ, ମାଛ ୟୁନିଟ୍ ଭାଙ୍ଗିଦେଲେ



ବିଷମ କଟକ, ୨୬।୧୦(ସମିସ): ରାୟଗଡା ଜିଲ୍ଲା ବିଷମ କଟକ ବ୍ଲକରେ ପୁଣି ଜଙ୍ଗଲି ହାତୀ ଗାଁ ମୁହାଁ ହୋଇଛନ୍ତି। ପୋଡୁ ଚାଷ ପାଇଁ ଜଙ୍ଗଲ ପାହାଡ଼ରେ ଥିବା ଗଛପତ୍ର ଧ୍ୱଂସ ହୋଇ ଯାଇଥିବାରୁ ଖାଦ୍ୟ ଅଭାବରୁ ହାତୀ ମାନେ ଆଉ ଜଙ୍ଗଲକୁ ଫେରିବାର ନାଁ ନେଉ ନାହାନ୍ତି। ଶନିବାର ରାତିରେ ବିଷମ କଟକ ବ୍ଲକ ଅନ୍ତର୍ଗତ ହଜାରିଡାଙ୍ଗ ଗ୍ରାମପଞ୍ଚାୟତର ଲେଲିବାଡି ଗ୍ରାମରେ ୩ଟି ହାତୀ ଆସି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ କରିଛନ୍ତି। ଏହି ଗ୍ରାମର କଦଳି ଗଛ ବାଡି ବଗିଚା ସବୁ ନଷ୍ଟ କରିବା ସହ ଗାଁ ମୁଣ୍ଡରେ ମାଁ ରାଇଧୁପୁଣି ସ୍ୱୟଂସହାୟକ ଗୋଷ୍ଠୀ ଦ୍ୱାରା ପରିଚାଳିତ ଏକ କୁକୁଡା ଫାର୍ମ ଘରର କାନ୍ଥ ଭାଙ୍ଗିବା ସହ ସେଥିରେ ରହିଥିବା ସମସ୍ତ ଆସବାବପତ୍ର ନଷ୍ଟ କରିଦେଇଛନ୍ତି। ଏଥି ସହିତ ସେହି ସଂଘ ଦ୍ୱାରା ବାୟୋଫ୍ଲକ୍ ମାଛ ଚାଷ ନିମନ୍ତେ ନିର୍ମିତ ମାଛ କୁଣ୍ଡ ସବୁକୁ ଭାଙ୍ଗି ଚୁରମାର କରିଦେଇଛନ୍ତି । ଯାହାଫଳରେ କୁଣ୍ଡରେ ରହିଥିବା ସମସ୍ତ ମାଛ ମରିଯାଇଥିବା ବେଳେ ପ୍ରକଳ୍ପଟି ସଂପୂର୍ଣ୍ଣ ନଷ୍ଟ ହୋଇଯାଇଛି। ପାଞ୍ଚଲକ୍ଷ ଟଙ୍କା ବ୍ୟୟରେ ଏହି ପ୍ରକଳ୍ପଟି ନିର୍ମାଣ ହୋଇଥିବା ବେଳେ କୁକୁଡା ଫାର୍ମଟି ୭ଲକ୍ଷ ୨୦ହଜାର ଟଙ୍କାରେ ନିର୍ମିତ ହୋଇଥିଲା। ଏହି ଦୁଇ ପ୍ରକଳ୍ପ ସରକାରୀ ସହାୟତରେ ନିର୍ମାଣ ହୋଇଥିବା ବେଳେ ହାତୀ ଏହି ଦୁଇ ପ୍ରକଳ୍ପକୁ ଭାଙ୍ଗି ଚୁରମାର କରିଦେଇଛି। ଏହି ଦୁଇ ପ୍ରକଳ୍ପ ଦ୍ୱାରା ସ୍ୱୟଂସହାୟକ ଗୋଷ୍ଠୀର ମହିଳା ମାନେ ଅର୍ଥ ଉପାର୍ଜନ କରୁଥିଲେ। ବର୍ତମାନ ପ୍ରକଳ୍ପ ଗୁଡିକ ନଷ୍ଟ ହୋଇଯାଇଥିବାରୁ ସଂଘ ମହିଳା ମାନେ ମୁଣ୍ଡରେ ହାତଦେଇ ବସିଛନ୍ତି। ଏ ନେଇ ବିଷମ କଟକ ବନପାଳ ହେମ ବେହେରାଙ୍କ ସହ ଯୋଗାଯୋଗ କରାଯିବାରେ ହାତୀ ଦ୍ୱାରା ହୋଇଥିବା କ୍ଷୟକ୍ଷତିର ଆକଳନ କରି ସରକାରଙ୍କୁ କ୍ଷତିପୂରଣ ନିମନ୍ତେ ସୁପାରସ କରାଯିବ ବୋଲି କହିଛନ୍ତି।

## ଅବକାରୀ ବିଭାଗର ଚଢ଼ଉ; ୨ ଗିରଫ

ନବରଙ୍ଗପୁର,୨୬।୧୦(ସମିସ): ନବରଙ୍ଗପୁର ଜିଲ୍ଲାପାଳ ମହେଶ୍ୱର ସ୍ୱାଇଁ ଏବଂ ଅବକାରୀ ଅଧୀକ୍ଷକ ପ୍ରତାପ କୁମାର ଦାସଙ୍କ ନିର୍ଦ୍ଦେଶ କ୍ରମେ ନବରଙ୍ଗପୁର ଅବକାରୀ ନିରୀକ୍ଷକ ଦିଲ୍ଲୀପ କୁମାର ରଥଙ୍କ ନେତୃତ୍ୱରେ ବିଭାଗୀୟ କର୍ମଚାରୀ ମାନଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇ ନବରଙ୍ଗପୁର ଥାନା ଅନ୍ତର୍ଗତ ବି.ମାଳିଗୁଡା ଗ୍ରାମରେ ମଦ ଚଢ଼ଉ କରି ଡମ୍ବୁରୁ ବିଶୋୟୀଙ୍କ ନିକଟରୁ ୧୨ ଲିଟର ଚୋରା ଦେଶୀ ହାତ ରନ୍ଧା ମଦ ଓ ୧୫୦ ଲିଟର ମଦ ପୋଚ ମଦ ଜବତ କରାଯାଇଛି। ପରବର୍ତ୍ତୀ ସମୟରେ ମହୁଲ ପୋଚକୁ ନଷ୍ଟ କରି ଦିଆଯାଇଥିବା ବେଳେ ଡମ୍ବୁରୁଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେହିପରି ଖାତିଗୁଡା ଥାନା ଅନ୍ତର୍ଗତ ଲଙ୍ଗଳ ଅଟାଳ ଗ୍ରାମରେ ଚଢ଼ଉ କରି ଜଣେ ମହିଳାଙ୍କ ଠାରୁ ଗୋଟିଏ ପ୍ଲାଷ୍ଟିକ ଡ୍ରମ୍‌ରେ ଥିବା ୨୫ ଲିଟର ସଲପ ମଦ ଜବତ କରାଯାଇଛି। ସମ୍ପୃକ୍ତ ମହିଳାଙ୍କୁ ବ୍ୟକ୍ତିଗତ ମୁଚାଲିକାରେ ଛଡ଼ା ଯାଇଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି। ଅନ୍ୟପଟେ ଖାତିଗୁଡା ଥାନା ଅନ୍ତର୍ଗତ ବିରିଗୁଡା ଗ୍ରାମରେ ଚଢ଼ଉ କର ଧବଳ ହରିଜନ ନିକଟରୁ ୧୪ ଲିଟର ଚୋରା ଦେଶୀ ହାତ ରନ୍ଧା ମଦ ଜବତ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ଉ ସମୟରେ ରିସମା କୁମାରୀ ସୁନା, ସୁଧାଂଶୁ ଶେଖର ବଘ୍ ଓ ଆକ୍ରମ ଖାନ ପ୍ରମୁଖ ଅବକାରୀ କର୍ମଚାରୀ ଉପସ୍ଥିତ ଥିଲେ ବୋଲି ନବରଙ୍ଗପୁର ଅବକାରୀ ନିରୀକ୍ଷକ ଦିଲୀପ କୁମାର ରଥ ସୂଚନା ଦେଇଛନ୍ତି।

## ଶିକ୍ଷକ ପ୍ରଶିକ୍ଷଣ ଶିବିର



ସେମିଳିଗୁଡ଼ା,୨୬।୧୦ (ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡ଼ା ସ୍ଥିତ ଦେଓମାଳୀ ପବ୍ଲିକ ସ୍କୁଲରେ ଶିକ୍ଷକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ବିଷୟ ବସ୍ତୁ ଥିଲା 'ନୈତିକଶିକ୍ଷାର ମାନ'। କାର୍ଯ୍ୟକ୍ରମର ପ୍ରବର୍ତ୍ତକ ଭାବେ ସନ୍ତୋଷ କୁମାର ଶତପଥୀ, ଏକଲବ୍ୟ ବିଦ୍ୟାଳୟ ପୁଙ୍ଗାର ଏବଂ କିଶୋରଚନ୍ଦ୍ର ଦାସ, ପ୍ରଭାବତୀ ଇଂଲିସ ସ୍କୁଲ, ଟିଟିଲାଗଡ଼ରୁ ଯୋଗଦାନ କରି ନୈତିକ ଶିକ୍ଷାର ପ୍ରୟୋଗ ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରବର୍ତ୍ତକ ମାନଙ୍କ ସହ କାର୍ଯ୍ୟକ୍ରମ ନିର୍ଦ୍ଦେଶକ ତଥା ବିଦ୍ୟାଳୟର ଅଧ୍ୟକ୍ଷ କେ. କରାମତ ଅଲ୍ଲୀ ଦୀପ ପ୍ରଜ୍ୱଳନ କରି ଆରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ କୋରାପୁଟ ଜିଲ୍ଲାର ବିଭିନ୍ନ ସିବିଏସଇ ସ୍କୁଲର ଶିକ୍ଷକ ଓ ଶିକ୍ଷୟିତ୍ରୀ ବହୁ ସଂଖ୍ୟାରେ ଯୋଗ ଦେଇ ନୈତିକ ଶିକ୍ଷାର ମାନ ବିଷୟରେ ଜ୍ଞାନ ଆହରଣ କରିବା ସହ ଶ୍ରେଣୀ କକ୍ଷରେ ପ୍ରୟୋଗର କୌଶଳ ଶିକ୍ଷା କରିଥିଲେ। ବିଭିନ୍ନ ପ୍ରକାରର ପ୍ରକଳ୍ପ ନୃତ୍ୟ ଗୀତ ଦ୍ୱାରା ଶିକ୍ଷା ଆହରଣ କରି ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଆନନ୍ଦ ଅନୁଭବ କରିବା ସହ ଦେଓମାଳୀ ପବ୍ଲିକ ସ୍କୁଲର ଆତିଥ୍ୟକୁ ପ୍ରଶଂସା କରିଥିଲେ। ବିଦ୍ୟାଳୟର ନୋଡାଲ ସଂଯୋଜିକା ରେଣୁବାଳା ହୋତା ସ୍ୱାଗତ ଭାଷଣ ଦେବା ସହ ମଞ୍ଚ ପରିଚାଳନା କରିଥିବା ବେଳେ ତପୋମୟ ସାମଲ ଏବଂ ଲକ୍ଷ୍ମୀକାନ୍ତ ପୃଷ୍ଟି ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

## ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ଜୟନ୍ତୀ ପାଳିତ



ଚନ୍ଦ୍ରପୁର,୨୬।୧୦(ସମିସ): ରାୟଗଡ଼ା ଜିଲ୍ଲାର ଚନ୍ଦ୍ରପୁର ବ୍ଲକ ଅନ୍ତର୍ଗତ ଡାଙ୍ଗସୋରଡା ସରକାରୀ ଏସ୍‌ଏସ୍‌ଡି ଉଚ୍ଚ ବିଦ୍ୟାଳୟ ପରିସରରେ ଆଧୁନିକ ପଞ୍ଚସଖାଙ୍କ ମଧ୍ୟରୁ ଅନ୍ୟତମ ପଦ୍ମବିଭୂଷଣ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ୧୩୯ତମ ଜନ୍ମତିଥି ମହାଆଡମ୍ବରରେ ପାଳିତ ହୋଇଯାଇଛି। ଓଡ଼ିଆ ଭାଷା ସାହିତ୍ୟ କଳା ସଂସ୍କୃତିର ଉତ୍ତରଣ ସହ ପୂଜ୍ୟପୂଜା ପାଇଁ ଅଙ୍ଗୀକୃତ ନିୟମଗିରି ସାଂସ୍କୃତିକ ପରିଷଦ ଆୟୋଜନ ଏବଂ ଉନ୍ନୟନମୂଳକ ବିଭାଗ ଦ୍ୱାରା ପରିଚାଳିତ ଡାଙ୍ଗସୋରଡା ହାଇସ୍କୁଲ ସୌଜନ୍ୟରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ମୃତ୍ୟୁଞ୍ଜୟ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ଅବସରପ୍ରାପ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଅକ୍ଷୟ କୁମାର ମଲ୍ଲିକ, ମୁନିଗୁଡା ସ୍ନାତକ ମହାବିଦ୍ୟାଳୟ ଅଧ୍ୟକ୍ଷ ହୃଷିକେଶ ଜାଲି, ସେବା ନିବୃତ ବ୍ୟାଙ୍କ୍ ଅଧିକାରୀ ଶଙ୍କର ପ୍ରସାଦ ଦାସ୍, ଶିକ୍ଷକ ହେମନ୍ତ କୁମାର ମଲ୍ଲିକ ଓ ସାମାଜିକ କର୍ମୀ ଡଃ ଗୌରାଙ୍ଗ ଚରଣ ରାଉତ ପ୍ରମୁଖ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟ ପରିସରରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଗୋଦାବରୀଶଙ୍କ "ତୁଙ୍ଗ ଶିଖରୀ " ଗୀତକୁ ପ୍ରାରମ୍ଭିକ ସଙ୍ଗୀତ ରୂପେ ଗାନ କରାଯାଇ ଥିଲା। ମହାପୁରୁଷଙ୍କ ଜୀବନୀ ଗାଥା ଓ "କାଳିଜାଇ' କବିତାକୁ ଛାତ୍ରଛାତ୍ରୀ , ଶିକ୍ଷକ ଶିକ୍ଷୟିତ୍ରୀ ଓ ଅତିଥି ମାନଙ୍କ ଦ୍ୱାରା ଆଲୋଚନା କରାଯାଇଥିଲା। ଶେଷରେ ଅତିଥି ମାନଙ୍କ ଦ୍ୱାରା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷକ ସୁରତ କୁଶୁଲିଆ, ରବିନ୍ଦ୍ର କୁମାର ବିହାରୀ, ପ୍ରାଣକୃଷ୍ଣ ପ୍ରଧାନ, ସଲୀଳ ପ୍ରଧାନ , ସୋନାଲି ଦୋରା ଓ ସେବାୟତ ଦୁର୍ଯୋଧନ ତୋଇକା, ନରେନ୍ଦ୍ର ଦିବାକା, ବିଦ୍ୟାଧର ସାରକା ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ବିଦ୍ୟାଳୟର କ୍ରୀଡା ଶିକ୍ଷକ ଦୁର୍ଗାପ୍ରସାଦ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଗୋଷ୍ଠୀଗତ ମୌଳିକ ସମସ୍ୟା ସମାଧାନ ପାଇଁ ସାମାଜିକ ବୈଠକ

# 'ବିକାଶ ବିପରୀତ ଦିଗରେ ଗତି କରୁଛି'




ରାୟଗଡ଼ା,୨୬।୧୦(ସମିସ): ରାୟଗଡ଼ା ଜିଲ୍ଲା ସଦର ବ୍ଲକ୍ "ଖ'ଜୋନ ଅଧୀନସ୍ଥ ୧୩ଟି ପଞ୍ଚାୟତବାସୀ ଆଜି ମଧ୍ୟ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟ ଜଳ, ବ୍ୟାଙ୍କ, ନେଟୱାର୍କ ସେବା, ଗୁଣିଗାରେଡି ଭଳି ଅନ୍ଧବିଶ୍ୱାସ, ଅସାମାଜିକ ଅପରାଧ ବୃଦ୍ଧି ଭଳି ଅନେକ ମୌଳିକ ସମସ୍ୟାରେ ଜର୍ଜରିତ ହୋଇ ରହିଛନ୍ତି। ଏମାନଙ୍କ ସମସ୍ୟାର ସମାଧାନ ପାଇଁ ସ୍ଥାନୀୟ ପ୍ରଶାସନ କିମ୍ବା ସରକାର କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ଆଜି ଡାଙ୍ଗଲୋଡି ଗ୍ରାମପଞ୍ଚାୟତ ଅନ୍ତର୍ଗତ କନ୍ଧକୁଣ୍ଡମ ହାଟପଦାଠାରେ ଦଳବଳ ନିର୍ବିଶେଷରେ ସମାଜ ଓ ଅଞ୍ଚଳର ଉନ୍ନତି ପାଇଁ ରାୟଗଡ଼ା ଜିଲ୍ଲା ଆଦିବାସୀ ମହାସଂଘ ପକ୍ଷରୁ ଆଞ୍ଚଳିକ ଗୋଷ୍ଠୀଗତ ବିଭିନ୍ନ ମୌଳିକ ସମସ୍ୟାର ସମାଧାନ ପାଇଁ ଆଜି କେରଡା, ଶେଷଖାଲ, ଜେମାଦେଇପେଣ୍ଠ, ବୈରାଗୀ ହାଲୁଆ, ଡାଙ୍ଗଲୋଡି, ପିପିଲଗୁଡା, କାରୁବାଇ, ବାଇସିଂ, ବଡ଼ଆଲୁବାଡି ୧୩ଟି ପଞ୍ଚାୟତର ଆଦିବାସୀ ଜନ ପ୍ରତିନିଧି, ଗ୍ରାମର ଜାନି, ସାଉନ୍ତା,ବୁଦ୍ଧିଜୀବୀ, ଶିକ୍ଷିତ ଯୁବ ଗୋଷ୍ଠୀଙ୍କ ଉପସ୍ଥିତିରେ ସାମାଜିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଶେଷ କରି ପେନିକଣାଠାରେ ଥିବା ହାଇସ୍କୁଲକୁ ଯୁକ୍ତ ଦୁଇ କଲେଜକୁ ବୃଦ୍ଧି କରିବା,ପିଏଚସି ଜାଙ୍ଗଲି ସ୍ୱାସ୍ଥ୍ୟ କେନ୍ଦ୍ରକୁ ସିଏଚସିରେ ପରିବର୍ତନ କରି ସେଠାରେ ଆବଶ୍ୟକତା ମୁତାବକ ଡାକ୍ତର ଓ ଷ୍ଟାଫ୍ ନିୟୋଜିତ କରିବା, ଅଞ୍ଚଳରେ ଦିନକୁ ଦିନ ବୃଦ୍ଧି ପାଉଥିବା ଚୋରି ଡକାୟତି ଭଳି ଅସାମାଜିକ କାର୍ଯ୍ୟକଳାପକୁ ରୋକିବା ପାଇଁ ପିପଲଗୁଡା ଠାରେ ଏକ ପୋଲିସ ଫାଣ୍ଡି ସ୍ଥାପନା କରିବା, ବ୍ୟାଙ୍କ ଭଳି ଅତି ଗୁରୁତ୍ୱପୂର୍ଣ୍ଣ ସେବା ଯୋଗାଇବା ପାଇଁ ପିପଲଗୁଡାରେ ଏକ ମିନିବ୍ୟାଙ୍କ କାର୍ଯ୍ୟକାରୀ କରିବା, ଅଞ୍ଚଳର ଗମନାଗମନର ସମସ୍ୟାର ସମାଧାନ କରିବା, ଅଞ୍ଚଳରେ ଗୁଣିଗାରେଡି ଭଳି ଅନ୍ଧବିଶ୍ୱାସକୁ ସଂପୂର୍ଣ୍ଣ ରୋକିବା ପାଇଁ ସମସ୍ତଙ୍କ ମିଳିତରେ ଲୋକଙ୍କୁ ସଚେତନ କରିବା, ମଦମୁକ୍ତ "ଖ'ଜୋନ ପାଇଁ ପଦକ୍ଷେପ ଗ୍ରହଣ କରିବା, ବାହାଘରର କିଛି ରୀତିନୀତି ଢାଞ୍ଚା ପରିବର୍ତ୍ତନ କରିବା, ଅଞ୍ଚଳବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ଉପଲବ୍ଧ କରାଇବା ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟରେ ବୈଠକରେ ଆଲୋଚନା କରାଯାଇଥିଲା। ଏ ଦିଗରେ ସ୍ଥାନୀୟ ପ୍ରଶାସନ ତଥା ସରକାରଙ୍କ ଦୃଷ୍ଟି ଆର୍କଷଣ କରିବା ପାଇଁ ସଂଘ ପକ୍ଷରୁ ନିଷ୍ପତି ଗ୍ରହଣ କରାଯାଇଥିବା ଏବଂ ସମାଧାନ ଦିଗରେ ବିଳମ୍ବ ହେଲେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବାକୁ ନେଇ ମଧ୍ୟ ଆଲୋଚନା ହୋଇଥିବା ଜଣାପଡିଛି। ଯେହେତୁ ଏହି ଘାଟି ଅଞ୍ଚଳକୁ ଜିଲ୍ଲାର ପଦାଧିକାରୀ ଓ ରାଜନେତାମାନେ ନିଜର ଫାଇଦା ପାଇଁ ବ୍ୟବହାର କରୁଛନ୍ତି। ଆଜି ଏହି ଅଞ୍ଚଳର ବିକାଶ ବିପରୀତରେ ଗତି କରୁଛି ବୋଲି ସମାଜସେବୀ ସତ୍ୟବାନ୍ ମାଣ୍ଡାଙ୍ଗି ନିଜର ପ୍ରତିକ୍ରିୟା ରଖିଛନ୍ତି। ଏହି ବୈଠକରେ ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଗଙ୍ଗାଧର ପୁଆଲା, ବ୍ଲକ ଉପାଧ୍ୟକ୍ଷ ହରପ୍ରସାଦ ହେପୃକା, ଜିଲ୍ଲା ପରିଷଦ ସଭ୍ୟା ପଦ୍ମାବତୀ ମାଣ୍ଡାଙ୍ଗି, ପୂର୍ବତନ ଡିସିସ ସଭାପତି ଶଙ୍କର ଜିଲାକାରା, ମୀରାବାଲି ସରପଞ୍ଚ ଅଶୋକ ପୁଆଲା, ସମାଜସେବୀ ତଥା ଯୁବନେତା ସତ୍ୟବାନ ମାଣ୍ଡାଙ୍ଗି, କ୍ରିଷ୍ଣା ତାଡିଙ୍ଗି, ଚନ୍ଦ୍ରଶେଖର ପୁଆଲା, ୱାଲା ବିଡିକା, ଫେଟା ତୋଇକା, ଲାଚାନା ମାଣ୍ଡାଙ୍ଗି, ନିରଞ୍ଜନ ସିରିକା, ସୁରି ମାଣ୍ଡାଙ୍ଗି, ତ୍ରିପତି କିଲାକା, ମୋହନ ସାରକା, ପଟି ମାଣ୍ଡାଙ୍ଗି, ପଟି ଉଲାକା, ଅଜିତ ମାଣ୍ଡାଙ୍ଗିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି ନିଜର ବକ୍ତବ୍ୟ ଓ ମତାମତ ଦେଇ ବୈଠକ ପରିଚାଳନା କରିଥିଲେ।


**Format C-2**

(For political party to publish in website, newspapers, TV)

**Declaration about criminal antecedents of candidates set up by the Party**

*(As per the judgement dated 25th September, 2018 of Hon'ble Supreme Court in WP (Civil) No. 536 of 2011 (Public interest Foundation & Ors. Vs. Union of India & Anr.)*

Name of the Political Party : **BIJU JANATA DAL**

*Name of Election : **BYE-ELECTION TO THE STATE LAGISLATIVE ASSEMBLY OF ODISHA -2025**

Name of State : **ODISHA**

| 1 | 2 | 3 | 4 | | 5 | | |
|---|---|---|---|---|---|---|---|
| Sl. No | Name of Constituency | Name of Candidate | **(A)** Pending criminal cases | | **(B)** Details about cases of conviction for criminal offence(s) | | |
| | | | Name of court, Case No. & status of the case(s) | Section of the Acts concerned & brief description of offence(s) | Name of Court & date(s) of order(s) | Description of offence(s) & Punishment imposed | **Maximum Punishment Imposed.** |
| 1 | **71- NUAPADA** ASSEMBLY CONSTITUENCY | **SMT. SNEHANGINI CHHURIA** | I. **S.D.J.M, Bargarh; CT No- 83/ 2025; Bargarh Town PS Case No-36/2025; Awaiting for Final Form**<br>II. **S.D.J.M., Bargarh, CT No-84/2025; Bargarh Town PS Case No- 37/2025; Awaiting for Final Form**<br>III. **S.D.J.M., Bargarh, CT No-86/2025; Bargarh Rural PS Case No- 11/2025; Awaiting for Final Form**<br>IV. **S.D.J.M., Bargarh, CT No-89/2025; Bargarh Town PS Case No- 38/2025; Awaiting for Final Form** | I. U/s 126(2) 189(2) 190, 285, 61(2) B.N.S; Wrongfully restraining any person; Being member of an unlawful assembly; Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards.<br>II. U/s 126(2) 189(2) 190, 285, 61(2) B.N.S r/w U/s 4 PDPP Act.; Wrongfully restraining any person; Being member of an unlawful assembly, Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards; r/w u/s 4 mischief causing damage to public property by fire or explosive substance PDPP Act.<br>III. U/s 126(2) 189(2) 190, 285, 61(2) B.N.S r/w U/s 4 PDPP Act.; Wrongfully restraining any person, Being member of an unlawful assembly; Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards; r/w u/s 4 mischief causing damage to public property by fire or explosive substance PDPP Act.<br>IV. U/s 126(2) 189(2) 190, 285, 61(2) B.N.S r/w U/s 4 PDPP Act.; Wrongfully restraining any person; Being member of an unlawful assembly; Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards; r/w u/s 4 mischief causing damage to public property by fire or explosive substance PDPP Act. | **NA** | **NA** | **NA** |

*In the case of election of Council of States or election to legislative Council by MLAs, mention the election concerned in place of constituency.

**Sd/-**
**(Bhrugu Baxipatra)**
**Senior General Secretary,**
**Biju Janata Dal, Odisha**

N. B. -The above information may be given by the candidate for the necessary action at the end of Party.

ସକାଳ
THE SAKALA

# ସମ୍ପାଦକୀୟ



ମୋ ବ୍ୟକ୍ତିଗତ ଉନ୍ନତି ଦେଶର କର୍ତ୍ତବ୍ୟ ନୁହେଁ, କିନ୍ତୁ ମୋ ଦେଶର ଉନ୍ନତି ମୋର କର୍ତ୍ତବ୍ୟ।
-ମେଜର ଧ୍ୟାନଚାନ୍ଦ

## ପାପୁଲିର ଫଳ

ଆମ ଦେଶରେ ବିଳମ୍ବିତ ବିଚାର ପ୍ରକ୍ରିୟା ନ୍ୟାୟିକ କ୍ଷେତ୍ରରେ ଏକ ବିଡ଼ମ୍ବନା ବୋଲି ଅଭିଯୋଗ ହୋଇଆସୁଛି। ଏପରିକି ବିଳମ୍ବିତ ନ୍ୟାୟ ପ୍ରକୃତ ନ୍ୟାୟ ନୁହେଁ ବୋଲି କୁହାଯାଉଥିଲେ ମଧ୍ୟ ବହୁବିଧ କାରଣରୁ ସେ ଦିଗରେ ଈପ୍‌ସିତ ସୁଧାର ଆସିପାରୁନାହିଁ। କୌଣସି ମାମଲାର ତୃଣମୂଳସ୍ତରରୁ ଆରମ୍ଭ କରି ଅଦାଲତର କାଠଗଡ଼ା ପର୍ଯ୍ୟନ୍ତ ପ୍ରକ୍ରିୟା ଏତେ ଜଟିଳ ଓ କୁଟିଳ ଯେ ବିଚରା ଆବେଦନକାରୀ ହିଁ ଆର୍ଥିକ, ଶାରୀରିକ ଓ ମାନସିକ ଭାବେ ନିର୍ଯାତିତ ହେବା ସାର ହେଉଛି। ଏପରିକି କେତେକ କ୍ଷେତ୍ରରେ ଆବେଦନକାରୀକୁ ତା' ଜୀବନକାଳ ମଧ୍ୟରେ ନ୍ୟାୟ ମିଳିପାରୁନାହିଁ। ଆଉ କେତେକ କ୍ଷେତ୍ରରେ ପକ୍ଷଭୁକ୍ତମାନେ ମାନସିକ ଭାରସାମ୍ୟ ହରାଉଛନ୍ତି। ଏପରିକି ବାଦୀ/ପ୍ରତିବାଦୀମାନେ ଜମିବାଡ଼ି ବିକି ସର୍ବସ୍ୱ ହରାଇବା ପରେ ଆପେ ଆପେ କୋର୍ଟକଚେରି ଦୌଡ଼ରୁ ଓହରି ଆସି ଭାଗ୍ୟକୁ ଆଦରି ଜୀବନ କାଟୁଛନ୍ତି। ବିଳମ୍ବିତ ବିଚାର ପ୍ରକ୍ରିୟା ଯୋଗୁଁ ଏଭଳି ପରିସ୍ଥିତି ମଧ୍ୟ ସୃଷ୍ଟି ହେଉଛି ଯେ ବିଚରା ବିଚାରାଧୀନ କଏଦୀଟିଏ ଭୁଲି ଯାଉଛି ତା'ର ଅପରାଧ କ'ଣ ଏବଂ କର୍ତ୍ତୃପକ୍ଷ ମଧ୍ୟ ତା' ବିରୋଧରେ ଆସିଥିବା ଅଭିଯୋଗର ପ୍ରମାଣ ଆଧାରିତ କାଗଜପତ୍ର ଖୋଜି ପାଉ ନାହାନ୍ତି। କିନ୍ତୁ ଆହୁରି ଆଶ୍ଚର୍ଯ୍ୟର ବିଷୟ ଯେ କେବଳ ବିଚାର ବ୍ୟବସ୍ଥା ନୁହେଁ, ରାୟ ବା ଅଦାଲତ ନିଷ୍ପତ୍ତିର କାର୍ଯ୍ୟାନ୍ୱୟନ ପ୍ରକ୍ରିୟା ମଧ୍ୟ ଏତେ ବିଳମ୍ବିତ ଓ ମନ୍ଥର ଯେ ହାତରେ ଫଳଟିକୁ ଧରି ମଧ୍ୟ ନଖାଇପାରିବା ପରି ପରିସ୍ଥିତି ସୃଷ୍ଟି ହେଉଛି।

ଆଇନ କାନୁନ, ଅଦାଲତୀ ପ୍ରକ୍ରିୟା ବିଷୟରେ ସମ୍ପୂର୍ଣ୍ଣ ଧାରଣା ନଥିବା ଆମ ଭିତରୁ ଅନେକେ ହୁଏତ ଜାଣି ନଥିବେ ଯେ ବିଚରପତିଙ୍କ ଚୂଡ଼ାନ୍ତ ରାୟ ବାଦୀ କିମ୍ବା ପ୍ରତିବାଦୀ ବା ପକ୍ଷଭୁକ୍ତ ବ୍ୟକ୍ତିଙ୍କ ପାଇଁ ଚୂଡ଼ାନ୍ତ ଆଶ୍ୱସ୍ତି ନୁହେଁ। ବିଚାରପତିଙ୍କ ରାୟ ଆସିବା ପରେ ତାହାକୁ କାର୍ଯ୍ୟକାରୀ କରିବା ପାଇଁ ଆଉ ଏକ ପ୍ରକ୍ରିୟା ଦେଇ ଗତି କରିବାକୁ ପଡ଼େ, ଯାହାକୁ ଆଇନ ଭାଷାରେ 'ଏକ୍‌ଜିକ୍ୟୁସନ୍ ପିଟିସନ୍' ବା 'କାର୍ଯ୍ୟାନ୍ୱୟନ ଆବେଦନ' କୁହାଯାଏ। ଏକ୍‌ଜିକ୍ୟୁସନ୍ ପିଟିସନ୍ କାର୍ଯ୍ୟକାରୀ ନ ହେବା ପର୍ଯ୍ୟନ୍ତ ଅଦାଲତୀ ରାୟ ଅର୍ଥହୀନ ଓ ଗୁରୁତ୍ୱବିହୀନ। ବିଡ଼ମ୍ବନାର ବିଷୟ ଯେ ବିଚାରାଧୀନ ମାମଲା ପରି ନ୍ୟାୟିକ ପ୍ରକ୍ରିୟାର ଏହି ଚୂଡ଼ାନ୍ତ ସୋପାନଟି ମଧ୍ୟ ମାମଲା ବୋଝରେ ଭାରାକ୍ରାନ୍ତ। ଅପରପକ୍ଷରେ ଜିତା ପଟରେ ଥାଇ ମଧ୍ୟ ପକ୍ଷବାଦୀମାନେ ହକ୍ ପାଇବାରୁ ଦୀର୍ଘବର୍ଷ ଧରି ବଞ୍ଚିତ ହେଉଛନ୍ତି ଏବଂ କୋର୍ଟକଚେରି ଦୌଡ଼ି ଦୌଡ଼ି ନୟାନ୍ତ ଓ ଖର୍ଚ୍ଚାନ୍ତ ହେଉଛନ୍ତି।

ବିଶେଷକରି ଅଧସ୍ତନ ଅଦାଲତମାନଙ୍କରେ ବଢ଼ିଚାଲିଥିବା ଏଭଳି କାର୍ଯ୍ୟାନ୍ୱୟନ ଆବେଦନ ବୋଝକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ସର୍ବୋଚ୍ଚ ନ୍ୟାୟାଳୟ। ଗତ ସପ୍ତାହରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦୁଇଜଣିଆ ଖଣ୍ଡପୀଠ ଅଦାଲତ ଆଦେଶ କାର୍ଯ୍ୟକାରୀ କରିବାରେ ଏଭଳି ମନ୍ଥରତାର ସମୀକ୍ଷା କରିବା ଅବସରରେ ଦେଶର ସାମଗ୍ରିକ ଭାବେ ତଳକୋର୍ଟମାନଙ୍କରେ ୮ ଲକ୍ଷ ୮୨ ହଜାରରୁ ଊର୍ଦ୍ଧ୍ୱ କାର୍ଯ୍ୟାନ୍ୱୟନ ଆବେଦନ ପଡ଼ିରହିଥିବା ଜାଣି ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଚୂଡ଼ାନ୍ତ ରାୟ ପ୍ରକାଶ ପାଇସାରିବା ପରେ ମଧ୍ୟ ତାହା ଯଦି ବାସ୍ତବ କ୍ଷେତ୍ରରେ କାର୍ଯ୍ୟକାରୀ ହୋଇପାରୁନାହିଁ ତେବେ ସେ ରାୟ ଓ ବିଚାର ଏକ ପ୍ରହସନ ବୋଲି ଖଣ୍ଡପୀଠ କ୍ଷୋଭ ପ୍ରକାଶ କରି କହିଛନ୍ତି। 'ନ୍ୟାଶନାଲ୍ ଜୁଡିସିଆଲ୍ ଡାଟା ଗ୍ରୀଡ୍' ପକ୍ଷରୁ ଜାରି ସୂଚନା ଅନୁଯାୟୀ ଗୋଟିଏ ଦେୱାନି ମାମଲାର ଫଇସଲା ହେବା ପାଇଁ ହାରାହାରି ୪.୯୧ ବର୍ଷ ଲାଗୁଥିବା ବେଳେ ଏକ୍‌ଜିକ୍ୟୁସନ୍ ପିଟିସନ୍‌ର କାର୍ଯ୍ୟକାରୀ ହେବା ପାଇଁ ହାରାହାରି ୩.୯୭ ବର୍ଷ ଲାଗୁଛି। ଏଭଳି ବିଳମ୍ବର କାରଣ ମଧ୍ୟରେ ପେସାଦାର ସହାୟକଙ୍କ ଅଭାବ, କୋର୍ଟ ଆଦେଶ ଉପରେ ଆଉ ଏକ କୋର୍ଟର ରହିତାଦେଶ, ମାମଲା ହାରି ଯାଇଥିବା ପକ୍ଷଙ୍କୁ ପୁନଃଆବେଦନର ସୁଯୋଗ ବ୍ୟବସ୍ଥା, ଆବଶ୍ୟକ ନଥିପତ୍ରର ଅନୁପସ୍ଥିତି ଆଦି ରହିଛି। ବିଶେଷକରି ଜମିବାଡ଼ି, ଅର୍ଥ, ସମ୍ପତ୍ତି ମାମଲାରେ ଏଭଳି ବିଳମ୍ବିତ ପ୍ରକ୍ରିୟାର ଉଦାହରଣ ଅଧିକ।

୨୦୨୧ରେ ପ୍ରଧାନ ବିଚାରପତି ଏସ୍ ଏ ବୋବ୍‌ଡେଙ୍କ ଅଧ୍ୟକ୍ଷତାରେ ଗଠିତ ସର୍ବୋଚ୍ଚ ନ୍ୟାୟାଳୟଙ୍କ ତିନିଜଣିଆ ଖଣ୍ଡପୀଠ ଏକ୍‌ଜିକ୍ୟୁସନ୍ ପିଟିସନ୍‌ଗୁଡ଼ିକର ତୁରନ୍ତ ଫଇସଲ କରିବା ପାଇଁ ୧୪ଟି ବାଧ୍ୟତାମୂଳକ ମାର୍ଗଦର୍ଶିକା ଜାରି କରିବା ସହିତ ମାମଲା ଦାଖଲ ହେବାର ଛଅ ମାସ ମଧ୍ୟରେ ଫଇସଲା କରିବା ପାଇଁ ତଳକୋର୍ଟମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାସତ୍ତ୍ୱେ ଆଶାନୁରୂପ ସଫଳତା ମିଳିପାରିନାହିଁ। ସର୍ବୋଚ୍ଚ ନ୍ୟାୟାଳୟର ସଦ୍ୟତମ ଦୁଇଜଣିଆ ଖଣ୍ଡପୀଠ ଏହି ସମସ୍ୟା ଉଚ୍ଚ ନ୍ୟାୟାଳୟମାନଙ୍କର ତତ୍ତ୍ୱାବଧାନରେ ସମାଧାନ ପାଇଁ ଆଉ ଛଅମାସ ସମୟ ଦେଇଥିବା ବେଳେ ଆସନ୍ତା ବର୍ଷ ପୁନଃସମୀକ୍ଷା କରିବେ ବୋଲି କହିଛନ୍ତି।

ଆମ ମତରେ ଦେଶର ସବୁସ୍ତରୀୟ ଅଦାଲତରେ ପର୍ଯ୍ୟାପ୍ତ ବିଚାରପତି ନିଯୁକ୍ତି ନ ହେବା ପର୍ଯ୍ୟନ୍ତ ସମସ୍ୟାର ସମ୍ପୂର୍ଣ୍ଣ ସମାଧାନ ହେବା ଏକପ୍ରକାର ଦୁରୁହ ବ୍ୟାପାର। ଏହାଛଡ଼ା ନ୍ୟାୟିକ ପ୍ରକ୍ରିୟା ଆହୁରି ସରଳ ଏବଂ ଏହାର ଭାଷା ସାଧାରଣ ଲୋକଟିଏ ବୁଝିପାରୁଥିବା ଭଳି ସାବଲୀଳ ହେବା ଆବଶ୍ୟକ। ଏକ ଅପ୍ରିୟ ସତ୍ୟ ଯେ ଅଦାଲତୀ ପ୍ରକ୍ରିୟାରେ ରାୟ ବା ନିଷ୍ପତ୍ତି କାର୍ଯ୍ୟାନ୍ୱୟନରେ ଅମଲାତନ୍ତ୍ରର ଏକ ବଡ଼ ଭୂମିକା ରହିଛି। ତେଣୁ ମାମଲା ବୋଝ କେତେଶୀଘ୍ର ହ୍ରାସ ପାଇବ ତାହା ସେମାନଙ୍କ କର୍ତ୍ତବ୍ୟନିଷ୍ଠା, ସମୟାନୁବର୍ତ୍ତିତା, ଶୃଙ୍ଖଳା, ସାଧୁତା ଓ ସଚ୍ଚୋଟତା ଉପରେ ନିର୍ଭର କରୁଛି। ଆହୁରି ଏକ ବିଡ଼ମ୍ବନା ଯେ ଏଭଳି ବିଳମ୍ବିତ ଓ ବିଡ଼ମ୍ବିତ ନ୍ୟାୟିକ ପ୍ରକ୍ରିୟାରେ ଗରିବ ଜନତା ହିଁ ସବୁଠାରୁ ଅଧିକ ପ୍ରଭାବିତ ଓ କ୍ଷତିଗ୍ରସ୍ତ ହେଉଛନ୍ତି। ସ୍ୱାଧୀନତାର ଅମୃତକାଳ ଯାତ୍ରାରେ ଯଦି ଦେଶର ଗରିବ ବର୍ଗର ଲୋକଟିଏ ଉଚିତ ସମୟରେ ନ୍ୟାୟ ନ ପାଇପାରିଲା ଏବଂ ନ୍ୟାୟ ପାଇ ମଧ୍ୟ ତାହା ଉପଭୋଗ ନ କରିପାରିଲା ତେବେ ସ୍ୱାଧୀନତା ଓ ଗଣତନ୍ତ୍ର ମୂଲ୍ୟହୀନ ହୋଇପଡ଼ିବ। ଏଭଳି ବ୍ୟବସ୍ଥାରେ ସମ୍ବିଧାନର ମୌଳିକ ମୂଲ୍ୟବୋଧର ସୁରକ୍ଷା ହୋଇପାରିବ ନାହିଁ। ସର୍ବୋଚ୍ଚ ଅଦାଲତଙ୍କ ମାର୍ମିକ ଅଭିବ୍ୟକ୍ତି ଅନୁଯାୟୀ ହାତ ପାପୁଲିରେ ଥିବା ଫଳଟିକୁ ସଢ଼ିଯିବା ପୂର୍ବରୁ ଉପଯୋଗ କରାଯାଇପାରିଲେ ହିଁ ଫଳର ସ୍ୱାଦ ଓ ମୂଲ୍ୟ ଅର୍ଥପୂର୍ଣ୍ଣ ହୋଇପାରିବ। ଏବେ ସମୟ ଆସିଛି ଗଣତନ୍ତ୍ରର ସବୁସ୍ତମ୍ଭ ନିଜ ନିଜ ମଧ୍ୟରେ ସମନ୍ୱୟ ରକ୍ଷା କରି ଏ ଦିଗରେ ସକାରାତ୍ମକ ଉଦ୍ୟମ ଆରମ୍ଭ କରିବାର।

# ନୋବେଲ୍ ପୁରସ୍କାର: ବିବାଦ ଓ ବିଡ଼ମ୍ବନା

**ଡ. ପ୍ରଦୀପ କୁମାର ନାୟକ**

ଚଳିତବର୍ଷ ପାଇଁ ସମସ୍ତ କ୍ଷେତ୍ରରେ ନୋବେଲ୍ ପୁରସ୍କାର ଘୋଷଣା ସରିଛି। ଏଥର ସମସ୍ତଙ୍କ ଦୃଷ୍ଟି ଶାନ୍ତି ନୋବେଲ୍ ପୁରସ୍କାର ଉପରେ ରହିଥିଲା। ତେବେ ପ୍ରବଳ ଚାପ ଓ ପ୍ରଭାବ ସତ୍ତ୍ୱେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିରାଶ ହୋଇଛନ୍ତି, ଯାହା ବିଶ୍ୱବାସୀଙ୍କୁ ଆଶ୍ୱସ୍ତ କରିଛି। ଯଦି ଟ୍ରମ୍ପ ଏହି ପୁରସ୍କାର ପାଇଥା'ନ୍ତେ ତେବେ ନୋବେଲ୍ ପୁରସ୍କାରର ବିଡ଼ମ୍ବନା ତାଲିକାରେ ଆଉ ଏକ ଅଧ୍ୟାୟ ଲେଖି ହୋଇଯାଇଥା'ନ୍ତା। ନୋବେଲ୍ ପୁରସ୍କାର ଇତିହାସରେ ଏଭଳି ଅନେକ ଘଟଣା ରହିଛି, ଯାହା ବିବାଦ ସୃଷ୍ଟି କରିଛି; କିନ୍ତୁ ଅନିଚ୍ଛା ସତ୍ତ୍ୱେ ବିଶ୍ୱବାସୀ ମାନି ନେବାକୁ ବାଧ୍ୟ ହୋଇଛନ୍ତି।

ସ୍ୱିଡେନର ରସାୟନବିଜ୍ଞାନୀ ଆଲଫ୍ରେଡ ନୋବେଲ ୧୮୬୭ ସାଲରେ ଡିନାମାଇଟ ଉଦ୍ଭାବନ କରିବା ପରେ ଯେଉଁ ବିପୁଳ ପରିମାଣର ଅର୍ଥ ଓ ସମ୍ପତ୍ତି ଅର୍ଜନ କରିଥିଲେ ସେଥିରୁ ନୋବେଲ ପୁରସ୍କାର ଦେବା ପାଇଁ ଏକ ପାଣ୍ଠି ଗଠନ ହୋଇଥିଲା ୧୮୯୫ ମସିହାରେ ତାଙ୍କର ଲିଖିତ ଇଚ୍ଛାପତ୍ର ଅନୁଯାୟୀ। ୧୮୯୬ ମସିହାରେ ତାଙ୍କର ଦେହାନ୍ତ ପରେ ସେହି ପାଣ୍ଠିର ପରିଚାଳନା ନୋବେଲ ଫାଉଣ୍ଡେସନ କରିଆସୁଛି ଏବଂ ୧୯୦୧ ମସିହାରୁ ନୋବେଲ ପୁରସ୍କାର ପ୍ରଦାନ ପ୍ରକ୍ରିୟା ଆରମ୍ଭ ହୋଇଛି। ଆଲଫ୍ରେଡ ନୋବେଲଙ୍କ ଇଚ୍ଛାପତ୍ର ଅନୁଯାୟୀ ପ୍ରଥମେ ୫ ଟି ବିଷୟରେ -ଯଥା: ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଶରୀର ବିଜ୍ଞାନ ବା ଚିକିତ୍ସା ବିଜ୍ଞାନ, ସାହିତ୍ୟ ଓ ଶାନ୍ତି କ୍ଷେତ୍ରରେ ନୋବେଲ ପୁରସ୍କାର ପ୍ରଦାନ କରାଯାଉଥିଲା। ୧୯୬୮ ମସିହାରେ ଅର୍ଥନୀତିକୁ ଏଥିରେ ସାମିଲ୍ କରାଗଲା। ପ୍ରତିବର୍ଷ ଅକ୍ଟୋବର ମାସରେ ଏହି ସମ୍ମାନଜନକ ପୁରସ୍କାର ପାଇବା ପାଇଁ ମନୋନୀତ ହୋଇଥିବା ବ୍ୟକ୍ତିମାନଙ୍କ ନାମ ଘୋଷଣା କରାଯାଏ। ୨୦୨୫ ମସିହାରେ ପ୍ରତି ନୋବେଲ ପୁରସ୍କାର ବିଜେତା ଭାରତୀୟ ମୁଦ୍ରାରେ ପ୍ରାୟ ୮ କୋଟି ୯୦ ଲକ୍ଷ ଟଙ୍କା ଲେଖାଏଁ ପାଇବେ।

ପ୍ରତ୍ୟେକ ବିଭାଗରେ ଚୟନକର୍ତ୍ତାଙ୍କ ଏକ ପାଞ୍ଚଜଣିଆ କମିଟି ରହିଛି, ଯେଉଁମାନେ କି କୌଣସି ବିଷୟରେ ନୋବେଲ ପୁରସ୍କାର ପାଇବାକୁ ଥିବା ବ୍ୟକ୍ତିର ଯୋଗ୍ୟତାକୁ ଗୁଣବତ୍ତାର ମାନଦଣ୍ଡରେ ମୂଲ୍ୟାଙ୍କନ କରି ତାଙ୍କ ନାମଟି ଚୟନ କରିଥା'ନ୍ତି। ଏହି ପୁରସ୍କାର ପୃଥିବୀର ସର୍ବଶ୍ରେଷ୍ଠ ଓ ସବୁଠାରୁ ସମ୍ମାନନୀୟ ପୁରସ୍କାର। ୧୯୦୧ ରୁ ୨୦୨୫ମସିହା ମଧ୍ୟରେ ସମୁଦାୟ ୧୦୨୨ (୯୮୬ ବ୍ୟକ୍ତି ଓ ୨୮ ଅନୁଷ୍ଠାନ) ଥର ନୋବେଲ ପୁରସ୍କାର ପ୍ରଦାନ କରାଯାଇଛି। ଏହି ପୁରସ୍କାର ପାଇଥିବା ବ୍ୟକ୍ତିମାନେ ପୃଥିବୀ ପ୍ରସିଦ୍ଧ ହୋଇଯା'ନ୍ତି ଏବଂ ନିଜ ନିଜ ଦେଶ ପାଇଁ ଗୌରବ ଆଣିଥା'ନ୍ତି। ସେଥିପାଇଁ ପୃଥିବୀର କୋଣ ଅନୁକୋଣରେ ଥିବା ଖ୍ୟାତନାମା ବ୍ୟକ୍ତିମାନେ ଏହି ପୁରସ୍କାର ପାଇବା ପାଇଁ ଆଶାୟୀ ଥା'ନ୍ତି। କିନ୍ତୁ ଅନେକ ସମୟରେ ନୋବେଲ ପୁରସ୍କାର ଚୟନ କମିଟିର ନିଷ୍ପତ୍ତି ବିବାଦୀୟ ହୋଇଥାଏ। ବୁଦ୍ଧିଜୀବୀମାନଙ୍କ ମନରେ ସେହିପରି ନିଷ୍ପତ୍ତି ପ୍ରଶ୍ନବାଚୀ ସୃଷ୍ଟି କରିଥାଏ।

୧୯୧୮ ମସିହାରେ ଜର୍ମାନୀର ରସାୟନବିତ ଫ୍ରିଜ ହାବେର ଏମୋନିଆର ସଂଶ୍ଳେଷଣ ପଦ୍ଧତି ଉଦ୍ଭାବନ କରି ସାର ଉତ୍ପାଦନ କ୍ଷେତ୍ରରେ ପରିବର୍ତ୍ତନ ଆଣିଥିବାରୁ ରସାୟନ ବିଜ୍ଞାନରେ ନୋବେଲ ପୁରସ୍କାର ପାଇଥିଲେ। କିନ୍ତୁ ଏହା ଏକ ବଡ଼ ବିବାଦ ସୃଷ୍ଟି କରିଥିଲା। କାରଣ ଏହି ବୈଜ୍ଞାନିକ ହିଁ ମାନବ ବିଧ୍ୱଂସୀ ରାସାୟନିକ ଅସ୍ତ୍ର ଓ ବୋମା ଉଦ୍ଭାବନ କରିଥିଲେ। ସେଥିପାଇଁ ତାଙ୍କୁ ପୁରସ୍କାର ଦେବା ନିଷ୍ପତ୍ତି ଠିକ ନଥିଲା ବୋଲି ବୁଦ୍ଧିଜୀବୀମାନଙ୍କ ମତ ଥିଲା। ୧୯୪୯ ମସିହାରେ ପର୍ତ୍ତୁଗାଲର ଆଣ୍ଟୋନିଓ ଇଗାସ ମୋନିଜ ଶରୀର ଓ ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ମସ୍ତିଷ୍କ ଆଂଶିକ ଛେଦନ(ଲୋବୋଟୋମି) ଉଦ୍ଭାବନ କରି ନୋବେଲ ପୁରସ୍କାର ପାଇଥିଲେ। କିନ୍ତୁ ଏହି ପଦ୍ଧତି ଅତ୍ୟନ୍ତ ବିପଜ୍ଜନକ ଥିଲା। ତେଣୁ ସେ ଏହି ପୁରସ୍କାର ପାଇଁ ମନୋନୀତ ହେବା କଥା ନଥିଲା ବୋଲି ମତ ପ୍ରକାଶ ପାଇଥିଲା।

ପ୍ରସିଦ୍ଧ କୂଟନୀତିଜ୍ଞ ତଥା ଆମେରିକାର ତତ୍କାଳୀନ ଜାତୀୟ ନିରାପତ୍ତା ପରାମର୍ଶଦାତା(୧୯୬୯ ଠାରୁ ୧୯୭୫) ହେନେରି କିସିଞ୍ଜର ଓ ଭିଏତନାମର କୂଟନୀତିଜ୍ଞ ଲେ ଦୂକ ଥୋ ଙ୍କୁ ୧୯୭୩ ମସିହାରେ ଶାନ୍ତି ପାଇଁ ନୋବେଲ ପୁରସ୍କାର ଦିଆ ଯାଇଥିଲା, ଯାହା କି ସାରା ବିଶ୍ୱରେ ଅସନ୍ତୋଷ ଓ ବିବାଦ ସୃଷ୍ଟି କରିଥିଲା। ସମାଲୋଚକଙ୍କ ମତରେ ହେନେରି କିସିଞ୍ଜର ଜଣେ ଯୁଦ୍ଧଖୋର ବ୍ୟକ୍ତି ଥିଲେ, ଯାହାଙ୍କର ଯୁଦ୍ଧମୁହାଁ ନୀତି ଯୋଗୁଁ ଆମେରିକା ଓ ଭିଏତନାମ ଯୁଦ୍ଧ ଦୀର୍ଘବର୍ଷ ଧରି ଚାଲିଥିଲା। ଏହାଛଡ଼ା ୧୯୬୫ ମସିହାଠାରୁ ୧୯୭୩ ମସିହା ପର୍ଯ୍ୟନ୍ତ କାମ୍ବୋଡ଼ିଆରେ ଯେଉଁ ଭୟଙ୍କର ବୋମା ବର୍ଷଣ ହୋଇଥିଲା ତାହା ମଧ୍ୟ କିସିଞ୍ଜରଙ୍କ ପରାମର୍ଶରେ ହୋଇଥିଲା ବୋଲି ବୁଦ୍ଧିଜୀବୀମାନେ ବିଶ୍ୱାସ କରନ୍ତି। ଏପରିକି ୧୯୭୧ ଭାରତ ପାକିସ୍ତାନ ଯୁଦ୍ଧ ସମୟରେ ତତ୍କାଳୀନ ଆମେରିକା ରାଷ୍ଟ୍ରପତି ରିଚାର୍ଡ ନିକ୍ସନଙ୍କୁ କିସିଞ୍ଜର ଉପଦେଶ ଦେଇଥିଲେ ପାକିସ୍ତାନ ସପକ୍ଷରେ ଯିବା ପାଇଁ ଏବଂ ବଙ୍ଗୋପସାଗରରେ ଭାରତକୁ ଭୟଭୀତ କରିବା ପାଇଁ ଇଉ.ଏସ .ଏସ ଏଣ୍ଟରପ୍ରାଇଜ ନାମକ ଏକ ପରମାଣୁ କ୍ଷମତାସମ୍ପନ୍ନ ଯୁଦ୍ଧଜାହାଜ ପଠେଇ ଥିଲେ। ତେଣୁ ଏହିପରି ବ୍ୟକ୍ତିଙ୍କୁ ଚୟନକର୍ତ୍ତା ନୋବେଲ ଶାନ୍ତି ପୁରସ୍କାର ପାଇଁ ମନୋନୀତ କରିବା ଠିକ ନଥିଲା। ଅପରପକ୍ଷରେ ଭିଏତନାମର କୂଟନୀତିଜ୍ଞ ଲେ ଦୂକ ଥୋ ନିଜେ ନୋବେଲ ଶାନ୍ତି ପୁରସ୍କାରକୁ ଭିଏତନାମରେ ଯୁଦ୍ଧ ବନ୍ଦ ହୋଇନଥିବା କାରଣ ଦର୍ଶାଇ ପ୍ରତ୍ୟାଖାନ କରି ଦେଇଥିଲେ।

ସବୁଠାରୁ ବିଚିତ୍ର ନିଷ୍ପତ୍ତି ଥିଲା ପାଲେଷ୍ଟାଇନ ମୁକ୍ତି ସଂଗଠନର ଅଧ୍ୟକ୍ଷ ଓ ଜାତୀୟବାଦୀ ନେତା ୟାସେର ଆରାଫାତଙ୍କୁ ୧୯୯୪ ରେ ଶାନ୍ତି ପାଇଁ ନୋବେଲ ପୁରସ୍କାର ପ୍ରଦାନ କରିବା। ହିଂସା, ଆତଙ୍କବାଦ ଓ ରକ୍ତପାତରେ ବିଶ୍ୱାସ କରୁଥିବା ଜଣେ ବ୍ୟକ୍ତି ଏହି ମହାନ ସମ୍ମାନରେ ଭୂଷିତ ହେବା ପାଇଁ କିପରି ଯୋଗ୍ୟ ହେଲେ ତାହା ସମସ୍ତଙ୍କୁ ବିସ୍ମିତ କରିଥିଲା। ଆମେରିକାର ୪୪ ତମ ରାଷ୍ଟ୍ରପତି ବାରାକ ଓବାମା ୨୦୦୯ ମସିହାରେ ରାଷ୍ଟ୍ରପତି ଆସନ ଅଳଙ୍କୃତ କରିବାର କିଛିମାସ ପରେ ସେହିବର୍ଷ ଶାନ୍ତି ପାଇଁ ନୋବେଲ ପୁରସ୍କାର ପାଇଥିଲେ, ଯାହାକି ବିଶ୍ୱବାସୀଙ୍କୁ ଚକିତ କରିଥିଲା। ପ୍ରଖ୍ୟାତ ଆମେରିକୀୟ ଗାୟକ ଓ ଗୀତିକାର ବବ ଡିଲାନଙ୍କୁ ୨୦୧୬ ମସିହାରେ ସାହିତ୍ୟ କ୍ଷେତ୍ରରେ ଅବଦାନ ପାଇଁ ନୋବେଲ ପୁରସ୍କାର ଦେବା ନିଷ୍ପତ୍ତି ବିଶ୍ୱ ବୁଦ୍ଧିଜୀବୀ ମହଲ ସହଜରେ ଗ୍ରହଣ କରିପାରି ନଥିଲେ।

ନୋବେଲ ପୁରସ୍କାର ପ୍ରଦାନ କରିବା ପାଇଁ ଯେଉଁ ମାନଦଣ୍ଡ ରଖାଯାଇଛି ତାହାର ସମ୍ଭବତଃ ଉଲ୍ଲଙ୍ଘନ କରାଯାଇ କିଛିବ୍ୟକ୍ତିଙ୍କୁ ପୁରସ୍କାର ପ୍ରଦାନ କରାଯିବା ନିଷ୍ପତ୍ତି ସଦାସର୍ବଦା ବିବାଦୀୟ ହୋଇଛି। ବିଡ଼ମ୍ବନାର କଥା ହେଲା କେତେକ ଯୋଗ୍ୟ ବ୍ୟକ୍ତିଙ୍କୁ ଏହି ପୁରସ୍କାରରୁ ବଞ୍ଚିତ କରିବା ବା ଉପେକ୍ଷା କରିବା। ଭାରତର ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ନାମ ନୋବେଲ ପୁରସ୍କାର ଚୟନ କମିଟି ନିକଟକୁ ମନୋନୀତ କରିବା ପାଇଁ ୧୯୩୭, ୧୯୩୮, ୧୯୩୯, ୧୯୪୭ ଓ ୧୯୪୮ ମସିହାରେ ସୁପାରିସ କରାଯାଇଥିଲା। କିନ୍ତୁ ଦୁର୍ଭାଗ୍ୟର ବିଷୟ ତାଙ୍କୁ ଅଣଦେଖା କରାଯାଇଥିଲା। ସେହିପରି ରୁଷ ଲେଖକ ଲିଓ ଟଲଷ୍ଟୟ, ଆଇରିଶ ଲେଖକ ଯେମସ ଜୋଏସ, ଫ୍ରେଞ୍ଚ ଔପନ୍ୟାସିକ ମାରସେଲ ପ୍ରାଉଷ୍ଟ, ଆମେରିକାନ ଲେଖକ ମାର୍କ ଟ୍ୱାଇନ, ଆର୍ଜେଣ୍ଟିନା ଲେଖକ ଜର୍ଜ ଲୁଇ ବୋର୍ଜେସ, ନରୱେର ନାଟ୍ୟକାର ହେନେରି ଇବସେନ, ପୋଲାଣ୍ଡ- ବ୍ରିଟିଶ ଲେଖକ ଯୋସେଫ କନରାଡ଼, ରୁଷ ଲେଖକ ଭ୍ଲାଦିମିର ନବକଭ, ବ୍ରିଟିଶ ଲେଖିକା ଭରଜିନିଆ ଉଲଫ ଓ ଗ୍ରହାମ ଗ୍ରୀନ, ଭାରତୀୟ ବଂଶୋଦ୍ଭବ ଔପନ୍ୟାସିକ ସଲମାନ ରସଦି ପରି ଖ୍ୟାତନାମା ଲେଖକଗଣ, ଯେଉଁମାନେ ସେମାନଙ୍କ ଲେଖା ଦ୍ୱାରା ପାଠକ/ପାଠିକାମାନଙ୍କୁ ସମ୍ମୋହିତ କରି ଆସିଛନ୍ତି, ସେଭଳି ଯୋଗ୍ୟ ବ୍ୟକ୍ତିମାନେ ନୋବେଲ୍ କମିଟି ଦ୍ୱାରା ଉପେକ୍ଷିତ ହୋଇଛନ୍ତି।

(ଅବସରପ୍ରାପ୍ତ ଅଧ୍ୟକ୍ଷ)
ଭୁବନେଶ୍ୱର, ମୋ: ୯୪୩୭୬୪୪୩୪୧

# ଅପମିଶ୍ରିତ କଫ୍‌ସିରପ୍ ଓ ଶିଶୁମୃତ୍ୟୁ

**ପ୍ରଫେସର ରମେଶ ଚନ୍ଦ୍ର ପରିଡ଼ା**

ଏକ ଜନକଲ୍ୟାଣକାରୀ ଶାସନ ବ୍ୟବସ୍ଥାର ଅନ୍ୟତମ ପ୍ରଧାନ କର୍ତ୍ତବ୍ୟ ହେଲା ଜନସାଧାରଣଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସୁରକ୍ଷା ନିଶ୍ଚିତ କରିବା। ଅନ୍ୟପକ୍ଷରେ, ଏହି କାର୍ଯ୍ୟକ୍ରମ ସହିତ ଜଡ଼ିତ ଡାକ୍ତର, ଔଷଧ ନିୟନ୍ତ୍ରକ ପ୍ରମୁଖ ବିଭିନ୍ନ ସ୍ୱାସ୍ଥ୍ୟ ଅଧିକାରୀମାନଙ୍କର ମଧ୍ୟ ଏହା ହେଉଛି ପ୍ରଥମ ନୈତିକ ଦାୟିତ୍ୱ, କିନ୍ତୁ ସେମାନେ ବେଳେ ବେଳେ ଅପମିଶ୍ରଣକାରୀ ଲାଭଖୋର ଅସାଧୁ ଔଷଧ କମ୍ପାନୀମାନଙ୍କର ଅମାନୁଷିକ ଷଡ଼ଯନ୍ତ୍ରର ଅଂଶୀଦାର ପାଲଟି ଯିବାର ଦେଖାଯାଏ। ଏହାର ଭୟାନକ ପରିଣାମ କିପରି ନିରୀହ ଜନସାଧାରଣ ଭୋଗିଥା'ନ୍ତି ତାହାର ଭୁରିଭୁରି ଦୃଷ୍ଟାନ୍ତ ମଧ୍ୟରୁ ଅନ୍ୟତମ ରୂପେ ଏବେ ଉଭା ହୋଇଛି ତାମିଲନାଡୁର କାଞ୍ଚିପୁରମ୍ ସ୍ଥିତ ଶ୍ରେଷାନ ଫାର୍ମାସ୍ୟୁଟିକାଲ ଦ୍ୱାରା ପ୍ରସ୍ତୁତ 'କୋଲ୍‌ଡରିଫ୍' ନାମକ କଫସିରପ୍(କାଶ ନିବାରକ ଔଷଧ) ସେବନ ଫଳରେ ବିଗତ କିଛିଦିନ ମଧ୍ୟରେ ମୃତ୍ୟୁବରଣ କରିଥିବା ମଧ୍ୟପ୍ରଦେଶର ପ୍ରାୟ ୩୦ ଜଣ, ରାଜସ୍ଥାନର ୮/୧୦ ଜଣ ଏବଂ ଅନ୍ୟକେତେକ ରାଜ୍ୟର କିଛି ଶିଶୁ।

ଇତିମଧ୍ୟରେ କରାଯାଇଥିବା ଅଧ୍ୟୟନରୁ ଏହାର ନମୁନାମାନଙ୍କରେ ଏକ ବିଷାକ୍ତ ପଦାର୍ଥ 'ଡାଇ-ଇଥିଲିନି ଗ୍ଲାଇକଲ' ବା ଡିଇଜି ପ୍ରାୟ ୪୮.୬ ଶତାଂଶ ପର୍ଯ୍ୟନ୍ତ ଥିବାର ଜଣାପଡ଼ିଛି। ତହିଁରେ ଅପମିଶ୍ରିତ କରାଯାଇଥିବା ଏହି ପଦାର୍ଥଟି କେବଳ ବିଭିନ୍ନ ଶିଳ୍ପରେ ହିମବିରୋଧୀ (ତରଳ ପଦାର୍ଥକୁ ଜମାଟ ବାନ୍ଧିବାକୁ ନଦେବା), ବ୍ରେକ୍‌କୁ ଚିକ୍କଣ ରଖିବା ତରଳ, ଦ୍ରାବକ ଆଦି ରୂପେ ଏବଂ ରଂଗ, ରେଜିନ ଆଦିର ପ୍ରସ୍ତୁତିରେ ବ୍ୟବହାର କରିବା ଲାଗି ଉଦ୍ଦିଷ୍ଟ। ଏହାର ବିଷାକ୍ତ ପ୍ରଭାବ ମୁଖ୍ୟତଃ ବୃକ୍‌କକୁ ଅକାମୀ କରିଦିଏ। ବିଶେଷକରି, ଶିଶୁମାନଙ୍କଠାରେ ଏହା ଅଧିକ ହୋଇଥାଏ। ସେଥିପାଇଁ ଏହି ଦୁଇରାଜ୍ୟ ସମେତ ଏହା ଉତ୍ପାଦନ ହେଉଥିବା ତାମିଲନାଡୁ ଏବଂ ଅନ୍ୟ କେତେକ ଅଞ୍ଚଳରେ ଏହାକୁ ନିଷେଧ କରାଗଲାଣି।

ସାଧାରଣତଃ ତରଳ ଔଷଧକୁ ବହଳିଆ କରିବା ପାଇଁ ତହିଁରେ ମିଶାଯାଏ ଗ୍ଲିସେରିନ୍ ବା ପଲିପ୍ରୋପିଲିନ ଗ୍ଲାଇକଲ୍। ଏହା ଏକ ରଙ୍ଗହୀନ, ଗନ୍ଧହୀନ, ମଧୁର ସ୍ୱାଦଯୁକ୍ତ ପଦାର୍ଥ। ପୁନଶ୍ଚ ଏହାର ଆକାର ଘନ ବା ସିରାପି। ବିଷାକ୍ତ ଡିଇଜିର ଏ ସମସ୍ତଗୁଣ ଅଛି। ଅନ୍ୟପକ୍ଷରେ ଏହା ଖୁବ୍ ଶସ୍ତା। ସେଥିପାଇଁ ଅସାଧୁ ଔଷଧ କମ୍ପାନୀମାନେ ଉତ୍ପାଦରେ ତାହାକୁ ଅପମିଶ୍ରଣ କରିଥା'ନ୍ତି। ବିଭିନ୍ନ ପ୍ରକାର କଫ୍‌ସିରପ୍‌ରେ ଥିବା ଉପାଦାନଗୁଡ଼ିକ ଥଣ୍ଡା କାଶ, ଶୁଖିଲାକାଶ ଏବଂ ଆଲର୍ଜିଜନିତ କାଶ ଲାଗି କିଛିମାତ୍ରାରେ ଭିନ୍ନ ଭିନ୍ନ ହୋଇଥାଏ। ଉଦାହରଣସ୍ୱରୂପ, ଥଣ୍ଡାକାଶରେ କଫକୁ ତରଳ କରି ଶ୍ୱାସକ୍ରିୟାକୁ ସହଜ କରିବାକୁ କେତେକ ଏକ୍ସପେକ୍ଟୋରାଣ୍ଟ ଏବଂ କାଶ ନିବାରକ ତତ୍ତ୍ୱମାନ ବ୍ୟବହାର କରାଯାଉଥିବା ବେଳେ ଶୁଖିଲା କାଶରେ ଭିନ୍ନପ୍ରକାର କାଶ ନିବାରକ ବ୍ୟବହୃତ ହୁଏ। ସେହିପରି ଆଲର୍ଜି ଯୋଗୁଁ ହେଉଥିବା କାଶ ପାଇଁ ଆଣ୍ଟିହିଷ୍ଟାମିନସର ଆବଶ୍ୟକ ପଡ଼େ। ଅନ୍ୟପକ୍ଷରେ ଏଥିରେ ଥିବା ଅନ୍ୟାନ୍ୟ ଉପାଦାନ ମଧ୍ୟରେ ଥାଏ ଗ୍ଲିସେରିନ ଭଳି ଦ୍ରାବକ ସୁକ୍ରୋଜ(ଚିନି), ସର୍ବିଟଲ ଆଦି ମିଷ୍ଟକାରୀ, ସୁରାସାର ଭଳି ଦୀର୍ଘକାଳ ସଞ୍ଚୟ ସହାୟକ ଏବଂ ବିବିଧ ସ୍ୱାଦ ଓ ରଙ୍ଗ ସୃଷ୍ଟିକାରୀ ପଦାର୍ଥ।

ନିର୍ଦ୍ଦିଷ୍ଟଭାବେ ବର୍ତ୍ତମାନର ଖଳନାୟକ କୋଲଡରିଫ୍‌ର ମୁଖ୍ୟ ସକ୍ରିୟ ଉପାଦାନଗୁଡ଼ିକ ହେଲା (୧) ଏସିଟାମିନୋଫେନ୍ ନାମକ ଜ୍ୱର ଓ ଯନ୍ତ୍ରଣା ଦୂରକାରୀ ଏକ ପାରାସିଟାମୋଲ (୨) ନାଶରନ୍ଧ୍ରକୁ ରୁଦ୍ଧାବସ୍ଥାରୁ ମୁକ୍ତ କରୁଥିବା ଫିନାଇଲ ଫ୍ରିନ୍ ହାଇଡ୍ରୋକ୍ଲୋରାଇଡ ଏବଂ (୩) ଆଲର୍ଜି ଦୂର କରୁଥିବା ଆଣ୍ଟିହିଷ୍ଟାମିନ୍। ପୁନଶ୍ଚ ଏଥିରେ ବ୍ୟବହୃତ ଦ୍ରବଣଟି ହେଲା ଗ୍ଲିସେରିନ୍। ତେବେ ଏହାର ଦାମ ବେଶି ହେଉଥିବାରୁ ଅସାଧୁ କମ୍ପାନୀ ଏଥିରେ ତା' ବଦଳରେ ମିଶାଉଛନ୍ତି ଡାଇ-ଇଥିଲିନି ଗ୍ଲାଇକଲ(ଡିଇଜି)।

ଏପରି ଡିଇଜିଯୁକ୍ତ କଫସିରପ୍‌ର ବ୍ୟବହାର ଏବଂ ତା'ର ଘାତକ ପ୍ରଭାବର ଇତିହାସ ନୂଆ ନୁହେଁ। ଆମେରିକାରେ ତାହା ପ୍ରଥମେ ଚିହ୍ନଟ ହୋଇଥିଲା ୧୯୩୭ ମସିହାରେ। ଏଣୁ ସେଠାରେ କର୍ତ୍ତୃପକ୍ଷ 'ଫେଡେରାଲ ଫୁଡ, ଡ୍ରଗ୍ ଆଣ୍ଡ କସ୍ମେଟିକସ୍ ଆକ୍ଟ' ପ୍ରୟୋଗ କରି ଏଥିରେ ପ୍ରତିବନ୍ଧକ ଲଗାଇବା ସହିତ ଔଷଧ କମ୍ପାନୀମାନଙ୍କୁ ସେମାନଙ୍କ ଉତ୍ପାଦରେ ଏହା ମିଶାଯାଇ ନଥିବାର ପ୍ରମାଣ ଉପସ୍ଥାପନ କରିବାକୁ ବାଧ୍ୟତାମୂଳକ କରିଥିଲେ। ଫଳରେ ସେଠରେ ଏ ସମସ୍ୟା ଆଉ ଦେଖାଯାଉ ନାହିଁ। କିନ୍ତୁ ଆମ ଦେଶରେ ଏହା ବାରମ୍ବାର ଘଟୁଥିଲେ ହେଁ ଏହାର ପ୍ରତିକାର ଲାଗି କୌଣସି ଉଲ୍ଲେଖନୀୟ ପଦକ୍ଷେପ ନିଆଯାଇ ନଥିଲା। ଉଦାହରଣ ସ୍ୱରୂପ, ୧୯୮୬ ମସିହାରେ ମୁମ୍ବାଇରେ ୧୪ ଜଣ ଶିଶୁଙ୍କର ଡିଇଜି ଯୁକ୍ତ କଫସିରପ ସେବନ ହେତୁ ମୃତ୍ୟୁ ଘଟିଥିବାର ଜଣାପଡ଼ିଥିଲା ବେଳେ ୧୯୯୮ ମସିହାରେ ଏହା ଯୋଗୁଁ ପୀଡ଼ିତ ହୋଇଥିଲେ ଦିଲ୍ଲୀର ପ୍ରାୟ ୧୫୦ ଶିଶୁ ଏବଂ ସେମାନଙ୍କ ମଧ୍ୟରୁ କିଛି ମୃତ୍ୟୁବରଣ କରିଥିଲେ। ଏହି କଫସିରପ ଗୁରୁଗାଓଁ ଠାରେ ଥିବା ଏକ କାରଖାନାରେ ପ୍ରସ୍ତୁତ ହୋଇଥିବାର କୁହାଯାଏ। ତେବେ ଆମର କର୍ତ୍ତୃପକ୍ଷ ବିରାଚରିତ ଭାବେ ଏଥିରେ ଆବଶ୍ୟକ ଗୁରୁତ୍ୱ ଆରୋପ କରିନଥିଲେ। ଫଳରେ ୨୦୨୦ ମସିହାରେ ଜାମ୍ମୁ-କାଶ୍ମୀରରେ ୬ଟି ଶିଶୁ ମୃତ୍ୟୁର ଏହା କାରଣ ହେଲା।

ସେହିଭଳି ୨୦୨୨ ମସିହା ଅଗଷ୍ଟ ମାସରେ ଉଜ୍‌ବେକ୍‌ରେ ୬୫ ଜଣ ଶିଶୁମୃତ୍ୟୁ ସହିତ ସେଠାକୁ ଭାରତରୁ ଆମଦାନୀ ହୋଇଥିବା କଫ୍‌ସିରପ୍‌ର ସଂପର୍କ ଥିବାର ଜଣାପଡ଼ିଥିଲା। ଏହାର ୪ ମାସ ପରେ ସମାନ ଘଟଣା ଘଟିଲା ଗାମ୍ବିଆରେ। ବିଶ୍ୱସ୍ୱାସ୍ଥ୍ୟ ସଂସ୍ଥା ଏଥିପାଇଁ ଦାୟୀ କରିଥିଲା ଭାରତରୁ ପ୍ରେରିତ ଡିଇଜି ମିଶ୍ରିତ କଫ୍‌ସିରପକୁ। ଏଣୁ ବିଶ୍ୱ ଦରବାରରେ ଆମ ଦେଶରେ ପ୍ରସ୍ତୁତ ଔଷଧଗୁଡ଼ିକର ମାନକୁ ନେଇ ସନ୍ଦେହ ସୃଷ୍ଟି ହୋଇଥିଲା। ଅତଏବ ଅନେକ ଦେଶ ଭାରତରୁ କଫ୍‌ସିରପ ଏବଂ ଅନ୍ୟ କେତେକ ଔଷଧ ଆମଦାନୀ ଉପରେ କଟକଣା ଲଗାଇଥିଲେ। କିନ୍ତୁ ଆମ ଡାକ୍ତରମାନେ ମୁକ୍ତ ଭାବେ ତାହା ବ୍ୟବହାର କରିବାକୁ ଦେଲେ। ଇତିମଧ୍ୟରେ ଡିଇଜି ସହିତ ଶିଶୁ ମୃତ୍ୟୁମାନ ଦେଖିବାକୁ ମିଳିଲା ଚୀନ, ବାଂଲାଦେଶ, ହାଇଥି, ଆର୍ଜେଣ୍ଟିନା, ନାଇଜେରିଆ ଆଦି ଦେଶରେ। ତେବେ ସେସବୁ ସ୍ଥାନରେ ସରକାର ଏହାର ପ୍ରତିକାର ଲାଗି ଯାଥସମୟରେ ଦୃଢ଼ ପଦକ୍ଷେପ ନେବାରୁ ତାହାର ପୁନରାବୃତ୍ତି ଘଟିଲାନାହିଁ। ଦୁର୍ଭାଗ୍ୟର ବିଷୟ ଯେ ସେଭଳି ଅଘଟଣ କ୍ରମାଗତଭାବେ ଘଟିଚାଲିଛି ଆମ ଦେଶରେ।

ଭାରତୀୟ କର୍ତ୍ତୃପକ୍ଷଙ୍କର ଏଥିପ୍ରତି ହୁଗୁଳା ମନୋଭାବର ଏକ ସଦ୍ୟତମ ଦୃଷ୍ଟାନ୍ତ ହେଲା ଯେ ବର୍ତ୍ତମାନ ଘଟିଥିବା ଘଟଣାଗୁଡ଼ିକ ପରେ ମଧ୍ୟ ସନ୍ଦେହଘେରରେ ଥିବା ୧୯ଟି ନମୁନା କଫସିରଫ ମଧ୍ୟରୁ ମାତ୍ର ୯ଟିକୁ ପରୀକ୍ଷା କଲା ପରେ ଏବଂ ସବୁଠାରୁ ବିପଦଜନକ ମନେ ହେଉଥିବା ଦୁଇଟିକୁ ଆଦୌ ପରୀକ୍ଷା ନ କରି ସବୁଗୁଡ଼ିକୁ ଅଭିଯୋଗମୁକ୍ତ ଘୋଷଣା କରିବା। କେବଳ ସମସ୍ୟା ଅଧିକ ଜଟିଳ ହେଲା ପରେ, ବିଶେଷକରି ତାମିଲନାଡୁରେ ଏହାକୁ ନେଇ ତନାଘନା ହେବାରୁ, କେନ୍ଦ୍ରସରକାରଙ୍କ ସମେତ ଅନେକ ରାଜ୍ୟ ସରକାର ଏ କଫସିରପର ଉତ୍ପାଦନ, ବିତରଣ ଏବଂ ବ୍ୟବହାର ଉପରେ କଟକଣା ଲଗାଇଛନ୍ତି। କିଛି ଡାକ୍ତର ଏବଂ ସହକାରୀ ଔଷଧ ନିୟନ୍ତ୍ରକଙ୍କୁ ଏଥିପାଇଁ ପୁଲିସ ହେପାଜତକୁ ନେଇଛି। କୋଲଡରିଫ୍ ବ୍ୟତୀତ ଅନ୍ୟକିଛି କଫ୍‌ସିରପ୍‌ର ମଧ୍ୟ ପରୀକ୍ଷା କରାଯାଉଛି।

ଆମ ରାଜ୍ୟରେ ମଧ୍ୟ ଏ ଦିଗରେ ପଦକ୍ଷେପ ଆରମ୍ଭ ହୋଇଛି। ତେବେ ଏହା ସାମଗ୍ରିକ ଭାବେ ସମସ୍ୟାଟିର ସମାଧାନ ନୁହେଁ। କାରଣ ଆଗରୁ ଅନେକଥର ଘଟିଲା ଭଳି କିଛିଦିନ ପରେ ଏ ଘଟଣାଟି ହୁଏତ ଥଣ୍ଡା ପଡ଼ିଯିବ। ତା'ପରେ ସବୁଚାଲିବ ଚିରାଚରିତ ଢଙ୍ଗରେ। ଏକ ଆକଳନ (୨୦୧୬-୨୦୧୮) ଅନୁସାରେ ଭାରତରେ ଅନେକ ଔଷଧରେ (ପ୍ରାୟ ୩%) କିଛି ନା କିଛି ଅପମିଶ୍ରଣ ବା ତ୍ରୁଟି ରହିଛି। ତେବେ ସଂବେଦନହୀନ ପ୍ରଶାସନ, ଡାକ୍ତର ଓ ଲାଭଖୋର କମ୍ପାନୀମାନଙ୍କର ଅସାଧୁ ମେଣ୍ଟ ହେତୁ ଏହାକୁ ସୁଧାରିବା ସମ୍ଭବ ହୋଇ ପାରୁନାହିଁ। ଅତଏବ ଦେଶର ହଜାର ହଜାର ନିରୀହ ଲୋକ ଉନ୍ମୁକ୍ତ ରହୁଛନ୍ତି ବିବିଧ ରୋଗଜନିତ ଅକ୍ଷମତା ଏବଂ ଅକାଳମୃତ୍ୟୁକୁ।

ଭୁବନେଶ୍ୱର, ମୋ : ୯୯୩୭୩୦୧୪୬୦

# ଆମ ବୃକ୍ଷଲତା ଆମ ଜୀବନ

**ସୌଭାଗ୍ୟସୁନ୍ଦର**

## ଗୁଳୁଚିଲତା

### ପ୍ରକୃତି-ପରିବେଶ

ଗୁଳୁଚିଲତା, ଗୁଳୁଚି କିମ୍ବା ଗିଲୋଇ ଦକ୍ଷିଣ ଏବଂ ଦକ୍ଷିଣ ପୂର୍ବ ଏସିଆର ଏକ ମୂଳଜାତ ଉଦ୍ଭିଦ। ଭାରତ, ବାଂଲାଦେଶ, ଶ୍ରୀଲଙ୍କା, ମିଆଁମାର, ଚୀନ୍, ଥାଇଲ୍ୟାଣ୍ଡ, ଫିଲିପାଇନ୍ସ, ଇଣ୍ଡୋନେସିଆ, ମାଲେସିଆ, ବୋର୍ଣ୍ଣିଓ, ଭିଏତନାମ ଏବଂ ଉତ୍ତର ଓ ଦକ୍ଷିଣ ଆଫ୍ରିକା ଇତ୍ୟାଦି ଦେଶମାନଙ୍କରେ ଏହା ସାଧାରଣତଃ ଦେଖାଯାଏ। ଏହା ସମୁଦ୍ର ପତ୍ତନଠାରୁ ପ୍ରାୟ ୬୦୦ ମିଟର ଉଚ୍ଚତା ଯାଏଁ ଉଷ୍ଣମଣ୍ଡଳୀୟ ଏବଂ ଉପଉଷ୍ଣମଣ୍ଡଳୀୟ ଅଞ୍ଚଳରେ ବଢ଼ିଥାଏ। ଏହା ଏକ ଉପକାରୀ ଆୟୁର୍ବେଦ ଓଉଷଧି ଲତା।

ଗୁଳୁଚିର କାଣ୍ଡ ଓ ଶାଖାଗୁଡ଼ିକର ଗଣ୍ଠିରୁ ଅନେକ ତାର ଭଳି ଚେର ଓହଳି ରହେ। କାଣ୍ଡ ଗଠନ ତନ୍ତୁମୟ, ରସାଳ। ଏହାର ଛାଲ ଧଳାରୁ ଧୂସର ରଙ୍ଗର। ପତ୍ରଗୁଡ଼ିକ ଆକାରରେ ବଡ଼, ହୃଦୟ ଆକୃତିର, ଗୋଲାକାର, ସରଳ, ବିକଳ୍ପ ଏବଂ ୧୫ ସେମି ଲମ୍ବା। ପତ୍ର ଅକ୍ଷରେ ପୁଷ୍ପଦଗମ ଧାରଣ କରିଥିବା ଫୁଲଗୁଡ଼ିକ ଏକ ଲିଙ୍ଗ ବିଶିଷ୍ଟ, ପୃଥକ ଗଛରେ ସନ୍ନିବିଷ୍ଟ ଥାଏ। ଫଳଗୁଡ଼ିକ ଗୋଟିଏରୁ ତିନୋଟି ଗୁଚ୍ଛ, ଲାଲ କିମ୍ବା କମଳା ରଙ୍ଗର କ୍ଲଷ୍ଟରରେ ଏକତ୍ରିତ ଥାଏ। ଏହାର ଫୁଲ ଗ୍ରୀଷ୍ମ ଋତୁରେ ଫୁଟେ ଏବଂ ଶୀତଋତୁରେ ଫଳ ଉତ୍ପାଦନ ହୁଏ।

ଗୁଳୁଚି ଏକ ଗୁରୁତ୍ୱପୂର୍ଣ୍ଣ ଔଷଧୀୟ ଲତା, ଅନେକ ଆୟୁର୍ବେଦିକ ଔଷଧର ଉପାଦେୟ ଉପାଦାନ। ଆୟୁର୍ବେଦରେ ଏହାକୁ ରସାୟନ କୁହାଯାଏ। ଏହା ଶରୀରର ସାଧାରଣ ପ୍ରତିରୋଧ ଶକ୍ତିକୁ ବୃଦ୍ଧି କରେ, ଦୀର୍ଘଜୀବନ ନିଶ୍ଚିତ କରେ ଏବଂ ଚାପମୁକ୍ତ କରେ। ଏହା ପ୍ରଦାହ-ପ୍ରତିରୋଧୀ, ଇମ୍ୟୁନୋ-ମୋଡୁଲେଟୋରୀ, ଆଣ୍ଟି-ପାଇରେଟିକ୍, ଆଣ୍ଟିଅକ୍ସିଡାଣ୍ଟ, ଆଣ୍ଟି-ଡାଇବେଟିକ୍, ଆଣ୍ଟି-ଆଲରଜିକ୍ ଏବଂ ଆର୍ଥରାଇଟିକ୍-ପ୍ରତିରୋଧୀ। ଗୁଳୁଚି ଜ୍ୱର, ଦୀର୍ଘକାଳୀନ ଜ୍ୱର, ସଂକ୍ରମଣ, କର୍କଟ, ଶ୍ୱାସ, ଗଣ୍ଠି ବାତ, ରିମାଟ୍ୟୁଟେଡ୍ ଆର୍ଥ୍ରାଇଟିସ୍, ପୁନରାବୃତ୍ତି ସଂକ୍ରମଣ, ପୁନରାବୃତ୍ତି ସାଧାରଣ ଥଣ୍ଡା, ଦୀର୍ଘକାଳୀନ ଥକ୍କାପଣ, ଉଚ୍ଚ କୋଲେଷ୍ଟ୍ରଲ୍ ସ୍ତର, ଏଥେରୋସ୍କେଲରୋସିସ୍, ଗାଉଟ୍, ହୃଦୟ ଦୁର୍ବଳତା, ଏସିଡିଟି, କ୍ରନିକ୍ ଗ୍ୟାଷ୍ଟ୍ରିକ୍, କୋଷ୍ଠକାଠିନ୍ୟ, ଗ୍ରହଣୀ ଘା', ହାର୍ଟବର୍ଣ୍ଣ, ପେପ୍ଟିକ୍ ଘା', ମୁଖ ଘା', ଘା', ହେପାଟାଇଟିସ୍, ପିତ୍ତକୋଷର ପ୍ରଦାହ, ଭୋକ ହ୍ରାସ, ବଦହଜମୀ, ଗ୍ୟାସ୍ କିମ୍ବା ପେଟ ଫୁଲିବା, ଯକୃତ ରୋଗ, ଅଗ୍ନାଶୟ କ୍ଷତି, ବୃକକ୍ ଓ ମୂତ୍ରାଶୟ ରୋଗ, ପରିସ୍ରାରେ ଜଳାପୋଡ଼ା, ଡେଙ୍ଗୁ, ସ୍ୱାଇନ୍ ଫ୍ଲୁ, ବାର୍ଡ ଫ୍ଲୁ, ଅଜ୍ଞାତ ଉତ୍ପତ୍ତି ଜ୍ୱର, ଗଳା ସଂକ୍ରମଣ, ଛିଙ୍କ, କାଶ, ଶରୀର ଯନ୍ତ୍ରଣା ଇତ୍ୟାଦି ରୋଗର ଉପଶମ ପାଇଁ ଚିକିତ୍ସା କରାଯାଏ।

ଏହା ଏକ ମୃଦୁ ଆନାଲ୍ଜେସିକ୍, ଆଣ୍ଟାସିଡ୍, ଫେବ୍ରିଫିଜ୍, ଗାଉଟ୍-ନିରୋଧୀ, ମ୍ୟୁଟାଜେନିକ୍, ପ୍ରୁରିଟିକ୍ସ, ହେମାଟୋଜେନିକ୍ (ଲୋହିତ ରକ୍ତ କଣିକା ଗଠନରେ ସାହାଯ୍ୟ କରେ), ଡିଟକ୍ସିଫାୟର୍, ଡିମଲସେଣ୍ଟ, କାର୍ମିନେଟିଭ୍, ପାଚନ ପ୍ରେରକ, ହାଇପୋ-ଗ୍ଲାଇସେମିକ୍, ଡାଇୟୁରେଟିକ୍ ଭାବରେ ଏକ ଗୁରୁତ୍ୱପୂର୍ଣ୍ଣ ଆୟୁର୍ବେଦିକ ଔଷଧ। ଏହାର ପାକସ୍ଥଳୀ ସୁରକ୍ଷା ପ୍ରଭାବ ମଧ୍ୟ ଅଛି। କାଣ୍ଡ ତିକ୍ତ, ଏକ ମୁଖ୍ୟ ଔଷଧୀୟ ଅଂଶ। ଗୁଳୁଚି ପାଉଡର, ରସ କିମ୍ବା କ୍ୟାପସୁଲ୍ ଆକାରରେ ନିଆଯାଇପାରେ। ଗୁଳୁଚିରେ ଷ୍ଟେରଏଡ୍, ବିଭିନ୍ନ ଫାଇଟୋକେମିକାଲ୍ସ, ଯେପରିକି ଆଲକାଲଏଡ୍ସ, ଫାଇଟୋଷ୍ଟେରୋଲ୍ସ, ଗ୍ଲାଇକୋସାଇଡ୍ସ, ଟାଇନୋସ୍ପୋରାଇଡ୍ସ ଅନ୍ତର୍ଭୁକ୍ତ। ମୁଖ୍ୟ ଆଲକାଲଏଡ୍ ଏବଂ ଦ୍ୱିତୀୟ ମେଟାବୋଲାଇଟ୍ସ ହେଉଛି ଟାଇନୋସ୍ପୋରିନ୍, ଟାଇନୋସ୍ପୋରାଇଡ୍, ଟାଇନୋସ୍ପୋରାସାଇଡ୍, କର୍ଡିଫୋଲାଇଡ୍, କର୍ଡିଫୋଲ, ହେପ୍ଟାକୋସାନୋଲ୍ ଓ ଟାଇନୋସ୍ପୋରାଇଡିନ୍। ଭାରତରେ ୨୦୨୦-୨୨ କୋଭିଡ-୧୯ ପ୍ରକୋପ ସମୟରେ ଆୟୁଷ ମନ୍ତ୍ରଣାଳୟ ରୋଗ ପ୍ରତିରକ୍ଷା ସମର୍ଥନ ପାଇଁ ଗୁଳୁଚିକୁ ଘରୋଇ ଉପଚାର ଭାବରେ ବ୍ୟବହାର କରିବାକୁ ସୁପାରିସ କରିଥିଲା। କିନ୍ତୁ ପରେ ଏହା ହେପାଟାଇଟିସ୍ ସହିତ ଜଡ଼ିତ ଥିବା ଦେଖାଯାଇଥିଲା।

ମେ-ଜୁଲାଇ ମାସରେ ପୁରୁଣା କାଣ୍ଡରୁ ପ୍ରାପ୍ତ ତାଜା କଟା କାଣ୍ଡ ଦ୍ୱାରା ଏହି ଗଛ ଚାଷ କରାଯାଏ। ବଂଶବିସ୍ତାର ପାଇଁ ବିହନ ମଧ୍ୟ ବ୍ୟବହାର କରାଯାଏ। ଗୁଳୁଚି ଡାଳ ମାଳିବା ପାଇଁ ସାଧାରଣତଃ ନିକଟସ୍ଥ ନିମ୍ବ ଏବଂ ଆମ୍ବ ଗଛର ସହାୟତା ଆବଶ୍ୟକ ହୁଏ। ଏହା ପ୍ରାୟ ଯେକୌଣସି ପ୍ରକାରର ମାଟିରେ ଭଲ ବଢ଼ିପାରେ, ତଥାପି ଭଲ ଜଳ ନିଷ୍କାସନ ସହିତ ଜୈବିକ ପଦାର୍ଥରେ ଭରପୂର ହାଲୁକା ବାଲିଆ ଦୋରସା ମାଟି ଏହି ଫସଲ ପାଇଁ ଉପଯୁକ୍ତ।

ଭୁବନେଶ୍ୱର, ମୋ: ୯୪୩୭୨୧୯୦୪୨୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମାଡ଼ିଆସୁଛି ମୋନ୍ଥା...

କିମି ହୋଇପାରେ। ଯଦି ମାଲକାନଗିରି ହୋଇ ବାତ୍ୟା ଯାଏ, ତେବେ ଅବିଭକ୍ତ କୋରାପୁଟ, ଗଞ୍ଜାମ, ଗଜପତି, ଓ ନୂଆପଡ଼ା ସହିତ କଳାହାଣ୍ଡିରେ ପବନର ବେଗ ୬୦ କିମି ପର୍ଯ୍ୟନ୍ତ ହୋଇପାରେ। ମାତ୍ର ରାଜ୍ୟର ଅନ୍ୟ ଜିଲ୍ଲାଗୁଡ଼ିକରେ ପବନର ବେଗ ୩୦ କିମି ପର୍ଯ୍ୟନ୍ତ ହୋଇପାରେ। ଏହି ବାତ୍ୟା ଯୋଗୁଁ ରାଜ୍ୟର ଦକ୍ଷିଣ ଉପକୂଳରେ ପ୍ରବଳ ବର୍ଷା ହେବ। ୨୭ ତାରିଖ ଅପରାହ୍ନରୁ ଗଜପତି, ରାୟଗଡ଼ା, ଗଞ୍ଜାମ, ଖୋର୍ଦ୍ଧାରେ ମଧ୍ୟମରୁ ପ୍ରବଳ ବର୍ଷା ହେବା ସହ ନୟାଗଡ଼, ଢେଙ୍କାନାଳ, ଯାଜପୁର, କେନ୍ଦୁଝର ଓ ମୟୂରଭଞ୍ଜରେ ମଧ୍ୟ ମଧ୍ୟମ ଧରଣର ବର୍ଷା ହୋଇପାରେ। ୨୯ ସନ୍ଧ୍ୟା ଓ ୩୦ରେ ସମ୍ବଲପୁର, ଦେବଗଡ଼, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ରେ ମଧ୍ୟମ ବର୍ଷା ହୋଇପାରେ। ଗଜପତି, ଗଞ୍ଜାମ, ଖୋର୍ଦ୍ଧା ଜିଲ୍ଲାରେ ୧୫୦ ମିମି, ଜଗତସିଂହପୁର, ଭଦ୍ରକ, ବାଲେଶ୍ୱର ଉପକୂଳ ଅଞ୍ଚଳରେ ୧୦୦-୧୨୦ମିମି ପର୍ଯ୍ୟନ୍ତ ବର୍ଷା ହୋଇପାରେ। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ୨୭ରେ ଦକ୍ଷିଣ ଓଡ଼ିଶା ବିଶେଷ କରି ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ରାୟଗଡ଼ା, ଗଜପତି, ଗଞ୍ଜାମ ଓ କନ୍ଧମାଳ ଜିଲ୍ଲାରେ ବର୍ଷା ଅଧିକ ରହିପାରେ। ଏଥିପାଇଁ ବିଭିନ୍ନ ଜିଲ୍ଲାକୁ ରେଡ଼ ଆଲର୍ଟ ଜାରି କରାଯାଇଛି। କଳାହାଣ୍ଡି, କନ୍ଧମାଳ, ନୟାଗଡ଼, ଖୋର୍ଦ୍ଧା, ପୁରୀ ଆଦି ଜିଲ୍ଲାକୁ ଅରେଞ୍ଜ ଆଲର୍ଟ ଜାରି ହୋଇଛି। ଅନ୍ୟପଟେ ମୋନ୍ଥାର ବାହ୍ୟ ବଳରେ ରହିଥିବା କିଛି କିଛି ମେଘ ଖଣ୍ଡ ଏବେ ଦକ୍ଷିଣ ଓଡ଼ିଶାରେ ପହଞ୍ଚିଛି ଓ କିଛି ଅଞ୍ଚଳରେ ସାମାନ୍ୟ ବର୍ଷା ଆରମ୍ଭ ହୋଇଛି। ୨୭ରୁ ବର୍ଷାର ପ୍ରଭାବ ବଢ଼ିବା ସହ ୨୮ ଓ ୨୯ ତାରିଖରେ ରାଜ୍ୟର ଅନେକ ସ୍ଥାନରେ ବର୍ଷା ହେବା ନେଇ ପୂର୍ବାନୁମାନ କରିଛି ପାଣିପାଗ ବିଭାଗ। ଆନ୍ଧ୍ର ଓ ଓଡ଼ିଶା ସୀମାନ୍ତରେ ରହିଥିବା ପୂର୍ବଘାଟ ପର୍ବତମାଳା ଯୋଗୁଁ ଓଡ଼ିଶାରେ ବାତ୍ୟାର ପ୍ରଭାବ କମ୍ ରହିବ। ମାତ୍ର ଏହାର ପାଶ୍ୱର୍ ପ୍ରଭାବରେ ରାଜ୍ୟର ଦକ୍ଷିଣାଞ୍ଚଳରେ ପ୍ରବଳ ବର୍ଷା ସହ ଭୂସ୍ଖଳନ ଆଶଙ୍କା ରହିଛି ବୋଲି କୁହାଯାଉଛି। ପୂର୍ବରୁ ୨୦୧୮ ରେ 'ତିତ୍‌ଲି' ମଧ୍ୟ ସମାନ ଢାଞ୍ଚାରେ ଆନ୍ଧ୍ରରେ ସ୍ଥଳଭାଗ ଅତିକ୍ରମ କରି ଓଡ଼ିଶା ମୁହାଁ ହୋଇଥିଲା ଓ ଏହା ପ୍ରଭାବରେ ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ସାଙ୍ଗକୁ ଭୂସ୍ଖଳନ ଯୋଗୁଁ ଗଜପତିରେ ୫୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଯାଇଥିଲା। ତେଣୁ ଏହାପ୍ରତି ସତର୍କ ରହିବାକୁ ମଧ୍ୟ ପରାମର୍ଶ ଦିଆଯାଇଛି।

### ୮ ଜିଲ୍ଲାକୁ ଗଲେ...

ଶ୍ରୀ ପୂଜାରୀ ଏସ୍‌ଆର୍‌ସି ଡିକେ ସିଂହଙ୍କ ଉପସ୍ଥିତିରେ ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କ ସହ ଭିଡିଓ କନ୍‌ଫରେନ୍ସି ମାଧ୍ୟମରେ ଆଲୋଚନା କରି ବାତ୍ୟାର ମୁକାବିଲା ପାଇଁ ପୂର୍ବ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ଏହାପରେ ରାଜୀବ ଭବନଠାରେ ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ କହିଛନ୍ତି ଯେ ଗଜପତି ଜିଲ୍ଲାରେ ସମ୍ଭାବ୍ୟ ଭୂସ୍ଖଳନର ଆଶଙ୍କା ଥିବାରୁ ସେଠାରେ ଓଡ୍ରାଫ୍, ଏନ୍‌ଡିଆର୍‌ଏଫ୍ ଓ ଅଗ୍ନିଶମ ବାହିନୀଙ୍କୁ ଆଗୁଆ ମୁତୟନ କରାଯାଇଛି। ବର୍ତ୍ତମାନ ସୁଦ୍ଧା ୧୨୮ଟି ଓଡ୍ରାଫ୍, ଏନ୍‌ଡିଆର୍‌ଏଫ୍ ଓ ଅଗ୍ନିଶମ ବାହିନୀ ଦଳଙ୍କୁ ୮ଟି ଜିଲ୍ଲାରେ ମୁତୟନ କରାଯାଇଛି। ଜିଲ୍ଲାପାଳମାନଙ୍କୁ ସୋମବାର ସନ୍ଧ୍ୟା ୫ଟା ସୁଦ୍ଧା ବିପଦ ଆଶଙ୍କା ଥିବା ସ୍ଥାନମାନଙ୍କରୁ ଜନସାଧାରଣଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ ଅତ୍ୟାବଶ୍ୟକ ସାମଗ୍ରୀର କଳାବଜାରୀ କ୍ଷେତ୍ରରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। ବାତ୍ୟା ପ୍ରଭାବିତ ହେବାକୁ ଥିବା ଜିଲ୍ଲାର ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ କରିବା ସହ ସମସ୍ତ ସ୍କୁଲ ବନ୍ଦ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବାତ୍ୟା/ବନ୍ୟା ଆଶ୍ରୟସ୍ଥଳୀ ସହ ସ୍କୁଲ ଘର ଓ ଗୋଷ୍ଠୀ କେନ୍ଦ୍ରଗୁଡ଼ିକୁ ଲୋକମାନଙ୍କୁ ସ୍ଥାନାନ୍ତର କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

ଏହାସହିତ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ପାଇଁ ଶକ୍ତି ବିଭାଗ ସହ ଆଲୋଚନା ହୋଇଛି। ଡାକ୍ତରଖାନା, ଜରୁରୀ ସେବା, ପାନୀୟ ଜଳ ଯୋଗାଇଦେବା ପାଇଁ ବିକଳ୍ପ ଶକ୍ତିର ବ୍ୟବସ୍ଥା କରାଯାଇଛି। ବୟସ୍କ, ଶିଶୁମାନଙ୍କୁ ଆଗୁଆ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରିବା ସହ ଆସନ୍ନ ପ୍ରସବାମାନଙ୍କୁ ସ୍ଥାନୀୟ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକରେ ରଖାଯିବାର ବ୍ୟବସ୍ଥା କରାଯାଇଛି। ଗଜପତି ଜିଲ୍ଲାର ମହେନ୍ଦ୍ରଗିରି ଭଳି ଉଚ୍ଚସ୍ଥାନରେ ଥିବା ଲୋକମାନଙ୍କୁ ସମତଳ ସ୍ଥାନକୁ ସ୍ଥାନାନ୍ତର କରିବା ପାଇଁ ବ୍ୟବସ୍ଥା କରାଯାଇଛି। ସେହିଭଳି ସମୁଦ୍ର କୂଳରେ ରହୁଥିବା ପର୍ଯ୍ୟଟକମାନେ ମଧ୍ୟ ସମୁଦ୍ରତଟକୁ ନ ଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

### ଆନ୍ଧ୍ରକୁ ଗଲେ...

ଅନ୍ୟାନ ସାମଗ୍ରୀ ପ୍ରସ୍ତୁତି କରି ରଖିବାକୁ କୁହାଯାଇଛି। ବର୍ଷା ହେବାକୁ ଥିବା ଜିଲ୍ଲାରେ ୨ଶହ ଟିମ୍‌କୁ ସଜାଗ ରଖାଯାଇଛି। ବାତ୍ୟାର ଗତିପଥ ଏବଂ ସରକାରଙ୍କ ନିର୍ଦ୍ଦେଶନାମା ଅନୁସାରେ କ୍ଷତିଗ୍ରସ୍ତ ହେବାକୁ ଥିବା ଜିଲ୍ଲାରେ ଅଧିକ ଟିମ୍ ମୁତୟନ କରାଯିବ ବୋଲି ଶ୍ରୀ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି।

### ୫ ଶିଶୁ ଏଚ୍‌ଆଇଭି...

ମାତ୍ରେ ହିଁ ଯାଞ୍ଚ୍ ପାଇଁ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା ଦିନେଶ କୁମାରଙ୍କ ନେତୃତ୍ୱରେ ଏକ ୫ ଜଣିଆ ଟିମ୍‌କୁ ଚାଇବସା ହସ୍ପିଟାଲକୁ ପଠାଇ ଦିଆଯାଇଛି।ଶନିବାର ଏହି ଟିମ ଯାଞ୍ଚ କରିବା ପରେ ଆଉ ୪ ଜଣ ଥାଲାସେମିଆ ପୀଡିତ ଶିଶୁ ଏଚ୍‌ଆଇଭି ପଜିଟିଭ୍ ବୋଲି ଜଣାପଡିଥିଲା। ଫଳରେ ଏହି ମାମଲା ଆହୁରି ଗମ୍ଭୀର ହୋଇଥିଲା। ସବୁ ୫ ଶିଶୁଙ୍କୁ ନିୟମିତ ଭାବେ ଏହି ହସ୍ପିଟାଲ୍‌ରେ ରକ୍ତ ଦିଆଯାଉଥିଲା। ଯାଞ୍ଚ ଅବସରରେ ବ୍ଲଡ ବ୍ୟାଙ୍କରେ କିଛି ଅନିୟମିତତା ଦେଖିବାକୁ ମିଳିଥିଲା ଓ ଏହାକୁ ଦୂର କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବର୍ତ୍ତମାନ ପାଇଁ ଏହି ବ୍ଲଡବ୍ୟାଙ୍କକୁ ଜରୁରୀକାଳିନ ସ୍ଥିତିରେ ରଖାଯାଇଛି। ଅତି ଗମ୍ଭୀର ମାମଲା ନ ହେଲେ ସେବା ପ୍ରଦାନ କରାଯିବ ନାହିଁ ବୋଲି କୁହାଯାଇଛି। ମେଡିକାଲ ଟିମ୍ ବ୍ଲଡ ବ୍ୟାଙ୍କର ପେଡିଆଟ୍ରିକ୍ ଇଣ୍ଟେନସିଭ କେୟାର ୟୁନିଟ୍ (ପିଆଇସିୟୁ)ର ନୀରିକ୍ଷଣ କରିଛନ୍ତି ଓ ପ୍ରଭାବିତ ପିଲାଙ୍କ ପରିବାର ସହ କଥା ହୋଇଛନ୍ତି। ବ୍ଲଡ ବ୍ୟାଙ୍କରେ ଏକାଧିକ ଅନିୟମିତତା ହୋଇଥିବା ପ୍ରାରମ୍ଭିକ ଯାଞ୍ଚରୁ ଜଣାପଡିଛି। ବ୍ଲଡ ସାମ୍ପୁଲ ଟେଷ୍ଟିଂ, ରେକର୍ଡ ରକ୍ଷଣାବେକ୍ଷଣ ଓ ସୁରକ୍ଷା ପ୍ରୋଟୋକଲ୍‌ରେ ଗମ୍ଭୀର ଭାବେ ଅବହେଳା ହୋଇଥିବା ଯାଞ୍ଚରୁ ଜଣାପଡିଛି। ଏ ନେଇ ସବିଶେଷ ରିପୋର୍ଟ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗକୁ ପ୍ରଦାନ କରାଯାଇଛି। ତେବେ ସଂକ୍ରମଣ କିପରି ବ୍ୟାପିଲା ସେ ନେଇ ଯାଞ୍ଚ ଚାଲୁ ରହିଛି ବୋଲି ଜିଲ୍ଲା ସିଭିଲ ସର୍ଜନ ଡା ସୁଶାନ୍ତ କୁମାର ମାଝି କହିଛନ୍ତି। ତେବେ କେବଳ ରକ୍ତ ନେବା କାରଣରୁ ପିଲାମାନେ ଏଚ୍‌ଆଇଭି ପଜିଟିଭ ହୋଇଛନ୍ତି ବୋଲି ନିଷ୍କର୍ଷରେ ପହଞ୍ଚିବା ଠିକ୍ ହେବନାହିଁ ଓ ଅନ୍ୟ କାରଣ ପାଇଁ ମଧ୍ୟ ଏପରି ହୋଇଥାଇପାରେ ବୋଲି ସେ କହିଛନ୍ତି। ପ୍ରଥମେ ସଂକ୍ରମିତ ହୋଇଥିବା ପିଲାର ପରିବାର ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କଠାରେ ଅଭିଯୋଗ କରି ନ୍ୟାୟ ମାଗିଛନ୍ତି। ଏବେ ଏହି ମାମଲା ଝାଡଖଣ୍ଡ ହାଇକୋର୍ଟରେ ପହଞ୍ଚିଛି।

### ସ୍କୁଲ ଯିବା ବେଳେ...

କୋର୍ଟଚାଲାଣ କରିଛି। ଜମନକିରା ପୁଲିସ ଏନେଇ ନଂ ୧୯୪ /୨୫ରେ ଏକ ମାମଲା ରୁଜୁ କରିଛି। ଅଭିଯୁକ୍ତ ବିରୋଧରେ ବିଏନଏସ୍ ଦଫା ୬୪(୨)(ଆଇ), ୬୫(୧) ବିଏନ୍‌ଏସ୍, ଆର୍‌ଡବ୍ଲୁ ସେକ୍ସନ୍ ୬ ଅଫ୍ ପୋକ୍ସୋ ଆକ୍ଟ ୨୦୧୨ ଅନୁଯାୟୀ ମାମଲା ରୁଜୁ କରାଯାଇଛି।


**AFFIDAVIT**

By virtue of an affidavit sworn before the Executive Magistrate, Jajpur on dtd.22.10.2025, I, Sri Abhiram Khandai, resident of Village-Kalaspur, Po- Hasinpur, Ps-Jajpur Sadar, Dist- Jajpur, do hereby declare that my correct name is Abhiram Khandai but in some records mentioned as Abhiram Panda i.e., myself. Henceforth, I shall be known as **Abhiram Khandai** for all purposes.

**AFFIDAVIT**

By virtue of an affidavit sworn before Executive Magistrate, Bolagarh, dated 21.04.2025 I, Priti Ranjan Swain, Address: At/Po: Manikagoda, Ps: Bolagarh, Dist: Khordha, Odisha, Pin: 752066, declare that I have changed my name from Priti Ranjan Swain (old name) to Pritiranjan Swain (new name). Henceforth, I shall be known as Pritiranjan Swain for all purposes.

**Pritiranjan Swain**

**PUJA OFFER SALE**

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.

**9437015112**

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. ST-OT-EI-NORTH SEC-KUR-508, ତା.21.10.2025ରିଖ

**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ଉପଯୋଗିତା ସ୍ଥାନାନ୍ତରଣ (Utility Shifting) ସହିତ ଏନ୍‌ଏଚ୍(NH)-200 (ନୂଆ ଏନ୍‌ଏଚ୍ (NH)-53)ରେ କି.ମି. 370/25-27 ଏବଂ ଲେଭେଲ କ୍ରସିଙ୍ଗ୍ (LC)-182, JB-7, CP-09 ଠାରେ ରୋଡ଼ ଓଭର ବ୍ରିଜ୍ (ROB) ର ନିର୍ମାଣ ସମ୍ବନ୍ଧୀୟ ସଂକେତ ଏବଂ ଦୂରସଂଚାର କାର୍ଯ୍ୟ।

**ଟେଣ୍ଡର ମୂଲ୍ୟ(₹):** 1,73,33,201.83, EMD (₹): 2,36,700.00।

ବିଡ୍ ଆରମ୍ଭ ହେବା ତାରିଖ : ତା.29.10.2025ରିଖ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.12.11.2025 ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ କରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ(Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ତଥ୍ୟପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଛେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ଼

PR-723/Q/25-26

**WALK-IN-INTERVIEW**

For B.Sc.-Nursing, GNM, ANM, Diploma (Mechanical, Electrical, Civil, C.S.E, Mining), PGDM (HR, Marketing, Finance), BBA, BCA, B.Sc-Biotech

**Teaching Staff:** Nursing tutor (B.SC /M.SC), MCA, M.Sc. (Math, Chemistry, Physics, Statistics), & M.A-English, B.Tech./M.tech (Relevant Trades), Ph.D. (Completed/Pursuing), Principal, Associate Professor, Assistant Professor, Teaching Assistant, NCC (MALE & FEMALE). Lab Assistant

**Non-Teaching:** Admission/Marketing Officer, Placement Officer, Office Assistant, Front Desk/Tele caller (Female),Hostel Superintendent/Warden(Female/Male), Driver (Bus/Car), Security Guard, Librarian, Hardware Operator (Desktop/CCTV Camera), Accounts Assistant, Cook for Canteen, Peon.

Walk-in Interview on 28TH OCT 2025 at 10.30 A.M. to 4.30 P.M. in the Campus with copies of All Educational Documents. The applicants may attach CV & required testimonials within 3 days from the date of first advertisement:**akwect.new@gmail.com**

**Contact No: 8249045044/9861031372.**

**ASHAA KIRANN GROUP OF INSTITUTIONS,**
**Plot No-622, At/Po- Palasapur, Chhatabar, Dist- Khordha-752054**



**Format C-1**

(For candidate to publish in Newspapers, TV)

**Declaration about criminal cases**

***(as per the judgment dated 25th September, 2018 of Hon'ble Supreme Court in WP(Civil) No-536 of 2011 (Public Interest Foundation & Ors. Vs. Union of India & Anr.)***

**Name and address of candidate: Smt Snehangini Chhuria,**
**W/o-Durga Prasad Chhuria, At/Po-Dekulba,**
**Ps/Tah-Bheden, Dist-Bargarh**

**Name of Political Party: - BIJU JANATA DAL**

**(Independent candidate should write "Independent" here)**

**Name of Election: - BYE-ELECTION TO THE STATE LEGISLATIVE ASSEMBLY OF ODISHA-2025,**

**Name of Constituency: - 71-Nuapada Legislative Assembly**

I, **Smt Snehangini Chhuria** (name of candidate), a candidate for the above mentioned election, declared for public information the following details about my criminal antecedents:

**(A) Pending criminal cases**

| SL No | Name of Court | Case No. and dated | Status of case(s) | Section(s) of Acts concerned and brief description of offence(s) |
|---|---|---|---|---|
| 1 | **S.D.J.M, Bargarh** | **C.T No-83 of 2025 arising out of Bargarh Town PS Case No-36 dt 21/01/2025** | Awaiting for Final Form | U/s 126(2) 189(2) 190, 285, 61(2) B.N.S; Wrongfully restraining any person; Being member of an unlawful assembly; Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards. |
| 2 | **S.D.J.M, Bargarh** | **C.T No-84 of 2025 arising out of Bargarh Town PS Case No-37 dt 21/01/2025** | Awaiting for Final Form | U/s 126(2) 189(2) 190, 285, 61(2) B.N.S r/w U/s 4 PDPP Act.; Wrongfully restraining any person; Being member of an unlawful assembly, Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards; r/w u/s 4 mischief causing damage to public property by fire or explosive substance PDPP Act. |
| 3 | **S.D.J.M, Bargarh** | **C.T No-86 of 2025 arising out of Rural PS Case No-11 dt 21/01/2025** | Awaiting for Final Form | U/s 126(2) 189(2) 190, 285, 61(2) B.N.S r/w U/s 4 PDPP Act.; Wrongfully restraining any person, Being member of an unlawful assembly; Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards; r/w u/s 4 mischief causing damage to public property by fire or explosive substance PDPP Act. |
| 4 | **S.D.J.M, Bargarh** | **CT No- 89 of 2025 arising out of Bargarh Town PS Case No-38 dt 22/01/2025** | Awaiting for Final Form | U/s 126(2) 189(2) 190, 285, 61(2) B.N.S r/w U/s 4 PDPP Act.; Wrongfully restraining any person; Being member of an unlawful assembly; Every member of unlawful assembly guilty of offence committed in prosecution of common object; causing danger or obstruction in public way or line of navigation; Criminal conspiracy to commit an offence punishable with death imprisonment for life or rigorous imprisonment for a term of 2 years or upwards; r/w u/s 4 mischief causing damage to public property by fire or explosive substance PDPP Act. |

**(B) Details about cases of conviction for criminal offences**

| SL No | Name of Court & date(s) of order(s) | Description of offence(s) & punishment imposed | Maximum punishment imposed |
|---|---|---|---|
| | NIL | NIL | NIL |
| | NIL | NIL | NIL |

***In the case of election to Council of State or election to Legislative Council by MLAs, mention the election concerned in place of name of constituency.**

**Sd/- Smt Snehangini Chhuria**



OFFICE OF THE PRINCIPAL
**GETESWAR SANSKRIT COLLEGE, MATIGADA, OUPADA, BALASORE**

**ଅତିଥି ଅଧ୍ୟାପକ ଆବଶ୍ୟକ**

ଏତଦ ଦ୍ୱାରା ଉଚ୍ଚଶିକ୍ଷା ବିଭାଗ ଓଡିଶା ସରକାରଙ୍କ ପତ୍ର ସଂଖ୍ୟା- ୫୭୧୯୮, ତା-୨୩/୧୦/୨୦୨୫ ରିଖ ନିର୍ଦ୍ଦେଶ ଅନୁସାରେ ଗେଟେଶ୍ୱର ସଂସ୍କୃତ ମହାବିଦ୍ୟାଳୟ, ମାଟିଗଡା, ଔପଦା, ବାଲେଶ୍ୱର ରେ ଖାଲି ଥିବା ନିମ୍ନ ବିଷୟ ମାନଙ୍କ ରେ ଅତିଥି ଅଧ୍ୟାପକ ନିଯୁକ୍ତି କରାଯିବ।

(୧) ଇତିହାସ-୧ ଇଂରାଜୀ-୧

(୨) ଯୋଗ୍ୟତା: ଅବସରପ୍ରାପ୍ତ ଅଧ୍ୟାପକ (୪୮୮,୬୬୨) ଏବଂ ସଂସ୍କୃତ ବର୍ଗ ର)

(୩) ବୟସ ସୀମା: ୬୧ ରୁ ୬୯ ବୟସ ମଧ୍ୟରେ

(୪) ଆବେଦନ ଉପଯୁକ୍ତ ପ୍ରାର୍ଥୀ କେବଳ HIMS ପୋଟାଲ ମାଧ୍ୟମରେ ବିଜ୍ଞାପନ ର ୭ ଦିନ ମଧ୍ୟରେ ଆବେଦନ କରିପାରିବେ।

**Sd/- Principal Cum Secratary**
**Contact - 9937348089**

**THE ORISSA MINERALS DEVELOPMENT COMPANY LTD.**
CIN: L65993OR1927GOI034842
Registered office: Plot No. 271, Ground Floor, Bidyut Marg, Shastri Nagar, Unit-IV, Bhubaneswar, Odisha-751001
Tel. No. 0674-2391595, website: **www.birdgroup.co.in**
Email: **omdc.sec.dept@gmail.com**

**CONVENING OF 107TH ANNUAL GENERAL MEETING THROUGH VC/OAVM**

**NOTICE** is hereby given that the 107th Annual General Meeting (AGM) of the members of The Orissa Minerals Development Company Limited will be held on Tuesday, 18th November, 2025 at 11.00 A.M. (IST) through Video Conferencing ("VC")/Other Audio Visual Means ("OAVM") without physical presence of members at a common venue, in compliance with applicable provisions of the Companies Act, 2013, 'Rules made thereunder and SEBI (Listing Obligations & Disclosure Requirements) Regulations, 2015 read with all applicable circulars issued by Ministry of Corporate Affairs (MCA) and SEBI, from time to time, to transact the businesses set out in the Notice of the said AGM.

Members may note that in compliance with the aforementioned circulars, the Notice of 107th AGM and Annual Report for the financial year 2024-25 will be sent only by email to all the members of the Company whose email addresses are registered with the Company's Registrar and Transfer Agent ("RTA')/Depository Participant(s). Further, the said documents will also be made available on the Company's website i.e. **www.birdgroup.co.in** and website of the Stock Exchanges i.e. **www.nseindia.com** and **www.bseindia.com**

The detailed instructions for attending the AGM, remote e-voting for shareholders holding shares in dematerialized mode, physical mode and for those whose email IDs are not registered, will be provided in the Notice of AGM in due course. Shareholders will have an opportunity to join and participate in the 107th AGM through VC/OAVM facility only and cast their vote on the items of business as set forth in the Notice of AGM through remote e-voting prior to AGM and through electronic voting system during the AGM.

Members holding shares in physical mode and who have not registered/updated their e-mail IDs/mobile number are requested to update the same by sending an email at **omdc.sec.dept@gmail.com** with a signed letter mentioning folio no., name of shareholder(s), address, mobile no., bank details, scanned copy of share certificate (front and back), self-attested copy of PAN and address proof etc.

Further, Members who are holding shares in demat mode and have not registered/updated their e-Mail ID/mobile numbers/bank details are requested to update the same with their respective Depository Participant.

Notice is also given pursuant to Section 91 of the Companies Act, 2013 and Regulation 42 of SEBI (LODR) Regulations, 2015 that the Company has fixed Monday, 10th November, 2025 as the 'Record Date'.

By the Order of the Board
Sd/-
**Pintu Kumar Biswal**
Company Secretary & Compliance Officer

**Place:** Bhubaneswar
**Date:** 25.10.2025

**EASTERN INVESTMENTS LIMITED**
CIN: L65993OR1927GOI034842
Registered office: House No: 255, Pristine Green, Pokhariput, Bhubaneswar, Odisha-751020
Tel. No. 0674-2391595, website: **www.birdgroup.co.in**

**CONVENING OF 98TH ANNUAL GENERAL MEETING THROUGH VC/OAVM**

**NOTICE** is hereby given that the 98th Annual General Meeting (AGM) of the members of Eastern Investments Limited will be held on Tuesday, 18th November, 2025 at 12.30 P.M. (IST) through Video Conferencing ("VC")/Other Audio Visual Means ("OAVM") without physical presence of members at a common venue, in compliance with applicable provisions of the Companies Act, 2013, 'Rules made thereunder and SEBI (Listing Obligations & Disclosure Requirements) Regulations, 2015 read with all applicable circulars issued by Ministry of Corporate Affairs (MCA) and SEBI, from time to time, to transact the businesses set out in the Notice of the said AGM.

Members may note that in compliance with the aforementioned circulars, the Notice of 98th AGM and Annual Report for the financial year 2024-25 will be sent only by email to all the members of the Company whose email addresses are registered with the Company's Registrar and Transfer Agent ("RTA')/ Depository Participant(s). Further, the said documents will also be made available on the Company's website i.e. **www.birdgroup.co.in** and website of the Stock Exchanges i.e. **www.nseindia.com** and **www.bseindia.com**

The detailed instructions for attending the AGM, remote e-voting for shareholders holding shares in dematerialized mode, physical mode and for those whose email IDs are not registered, will be provided in the Notice of AGM in due course. Shareholders will have an opportunity to join and participate in the 98th AGM through VC/OAVM facility only and cast their vote on the items of business as set forth in the Notice of AGM through remote e-voting prior to AGM and through electronic voting system during the AGM.

Members holding shares in physical mode and who have not registered/updated their e-mail IDs/mobile number are requested to update the same by sending an email at **omdc.sec.dept@gmail.com** with a signed letter mentioning folio no., name of shareholder(s), address, mobile no., bank details, scanned copy of share certificate (front and back), self-attested copy of PAN and address proof etc.

Further, Members who are holding shares in demat mode and have not registered/updated their e-Mail ID/mobile numbers/bank details are requested to update the same with their respective Depository Participant.

Notice is also given pursuant to Section 91 of the Companies Act, 2013 and Regulation 42 of SEBI (LODR) Regulations, 2015 that the Company has fixed Monday, 10th November, 2025 as the 'Record Date'

By the Order of the Board
Sd/-
**S Raja Babu**
Company Secretary & Compliance Officer

**Place:** Vishakhapatnam
**Date:** 25.10.2025

**THE BISRA STONE LIME COMPANY LIMITED**
CIN: L14100OR1910GO1033904
Registered office: House No: 255, Pristine Green, Pokhariput, Bhubaneswar, Odisha-751020
Tel. No. 0674-2391595, website:www.birdgroup.co.in
Email: **omdc.sec.dept@gmail.com**

**CONVENING OF 114TH ANNUAL GENERAL MEETING THROUGH VC/OAVM**

**NOTICE** is hereby given that the 114th Annual General Meeting (AGM) of the members of The Bisra Stone Lime Company Limited will be held on Tuesday, 18th November, 2025 at 12.00 P.M. (IST) through Video Conferencing ("VC")/Other Audio Visual Means ("OAVM") without physical presence of members at a common venue, in compliance with applicable provisions of the Companies Act, 2013, 'Rules made thereunder and SEBI (Listing Obligations & Disclosure Requirements) Regulations, 2015 read with all applicable circulars issued by Ministry of Corporate Affairs (MCA) and SEBI, from time to time, to transact the businesses set out in the Notice of the said AGM.

Members may note that in compliance with the aforementioned circulars, the Notice of 114th AGM and Annual Report for the financial year 2024-25 will be sent only by email to all the members of the Company whose email addresses are registered with the Company's Registrar and Transfer Agent ("RTA')/Depository Participant(s). Further, the said documents will also be made available on the Company's website i.e. **www.birdgroup.co.in** and website of the Stock Exchanges i.e. **www.nseindia.com** and **www.bseindia.com**.

The detailed instructions for attending the AGM, remote e-voting for shareholders holding shares in dematerialized mode, physical mode and for those whose email IDs are not registered, will be provided in the Notice of AGM in due course. Shareholders will have an opportunity to join and participate in the 114th AGM through VC/OAVM facility only and cast their vote on the items of business as set forth in the Notice of AGM through remote e-voting prior to AGM and through electronic voting system during the AGM.

Members holding shares in physical mode and who have not registered/updated their e-mail IDs/mobile number are requested to update the same by sending an email at **omdc.sec.dept@gmail.com** with a signed letter mentioning folio no., name of shareholder(s), address, mobile no., bank details, scanned copy of share certificate (front and back), self-attested copy of PAN and address proof etc.

Further, Members who are holding shares in demat mode and have not registered/updated their e-Mail ID/mobile numbers/bank details are requested to update the same with their respective Depository Participant.

Notice is also given pursuant to Section 91 of the Companies Act, 2013 and Regulation 42 of SEBI (LODR) Regulations, 2015 that the Company has fixed Monday, 10th November, 2025 as the 'Record Date'.

By the Order of the Board
Sd/-
**S Raja Babu**
Company Secretary & Compliance Officer

**Place:** Vishakhapatnam
**Date:** 25.10.2025

# ତରୁଣ ପ୍ରଜ୍ଞା ଭାରତୀର ପ୍ରତିଯୋଗିତା



ଜୟପୁର,୨୬ ।୧୦(ସମିସ): ତରୁଣ ପ୍ରଜ୍ଞା ଭାରତୀ ଅନୁଷ୍ଠାନ ପକ୍ଷରୁ ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ହିନ୍ଦୁ ପୁରାଣ ଓ ଇତିହାସ ପ୍ରବନ୍ଧ, ସାଂସ୍କୃତିକ ଜ୍ଞାନ ଓ ଚିତ୍ରାଙ୍କନ ପ୍ରତିଯୋଗିତା ସ୍ଥାନୀୟ ଏନ୍‌କେଟି ରୋଡ୍ ସ୍ଥିତ ନାରାୟଣୀ ଇଂରାଜୀ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା । ଏଥିରେ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ । ଆସନ୍ତା ରବିବାର ବିଦ୍ୟାଳୟ ପରିସରରେ ଦଉଡି ଡିଆଁ, ଧୀର ଚକ୍ରିକା, ପୁଚି ଓ ଶିଶୁଗୀତ ପ୍ରତିଯୋଗିତା ପର୍ଯ୍ୟାୟ କ୍ରମେ ଅନୁଷ୍ଠିତ ହେବ । ସମସ୍ତ ପ୍ରତିଯୋଗିତାରେ ଯେଉଁ ବିଦ୍ୟାଳୟର ଅଧିକା ପ୍ରତିଯୋଗୀ ସାମୂହିକ ଭାବେ ବିଜେତା ହୋଇଥିବେ ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ଅନୁଷ୍ଠାନର ବାର୍ଷିକ ଉତ୍ସବରେ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯିବ ବୋଲି ସଭାପତି ତପନ କିରଣ ତ୍ରିପାଠୀ ପ୍ରକାଶ କରିଛନ୍ତି । ଅନୁଷ୍ଠାନର ସଭାପତି ଶ୍ରୀ ତ୍ରିପାଠୀ, ଉପସଭାପତି ରାମ ଶଙ୍କର ଷଡଙ୍ଗୀ, ସମ୍ପାଦକ ଅଜୟ କୁମାର ମଲ୍ଲିକ, କୋଷାଧ୍ୟକ୍ଷ ରବୀନ୍ଦ୍ର ମହାରଣା, ଜାନକୀ ପାଣିଗ୍ରାହୀ, ସବିତା ତ୍ରିପାଠୀ, ଲିପିକା ଦଳାଇ ଏବଂ ଜଗନ୍ନାଥ ପାଣିଗ୍ରାହୀ ପ୍ରମୁଖ ସଦସ୍ୟଙ୍କ ଉପସ୍ଥିତିରେ କ୍ଷୀରୋଦ ଦାସ ଓ କ୍ଷେତ୍ରମୋହନ ନାୟକ ସମସ୍ତ ପ୍ରତିଯୋଗିତା ପରିଚାଳନା କରିଥିଲେ ।

# ନାଗାବଳୀ କୃଷକ ସଂଘର ବୈଠକ



କଲ୍ୟାଣସିଂହପୁର,୨୬।୧୦(ସମିସ): ରାୟଗଡ଼ା ଜିଲ୍ଲା କଲନରା ଓ କଲ୍ୟାଣସିଂହପୁର ବ୍ଲକ ସୀମାନ୍ତ କଳିଟିଗୁଡା ହାଟପଦାଠାରେ ରାୟଗଡ଼ା ଜିଲ୍ଲାରେ ଚାଷୀ ମାନେ ନାଗାବଳୀ କୃଷକ ସଂଘ ନେତୃତ୍ୱରେ ଏକଜୁଟ ହୋଇଥିଲେ । ଏଥିରେ ମୁଖ୍ୟ ଅତିଥି ଭାବରେ କଲନରା ବ୍ଲକ୍ ପୂର୍ବତନ ଅଧ୍ୟକ୍ଷ ଲକ୍ଷ୍ମଣ ପେଦେଣ୍ଟି, ଚାଷୀ କ୍ରିଷ୍ଣାମା ଅଟକା, ଗୋପୀନାଥ ମୁସିକା, କ୍ରିଷ୍ଣାମା ହିମିରିକା, ଏ ରବି, ଗୋପୀନାଥ ମିଣିଆକା ମଞ୍ଚାସୀନ ଥିବାବେଳେ ନାଗାବଳୀ କୃଷକ ସଂଘର କାର୍ଯ୍ୟକାରିଣୀ ସଭାପତି ନବୀନ ଅଡଙ୍ଗକାଙ୍କ ନେତୃତ୍ୱରେ କଲନରା ବ୍ଲକର ଦୁଇଟି ପଞ୍ଚାୟତ ଯଥା ଗାଡିଶେଷଖାଲ ଓ ଦୁଦିଲି ପଞ୍ଚାୟତର ପ୍ରାୟ ୫ ଶହରୁ ଅଧିକ ଚାଷୀ ଏକତ୍ରିତ ହୋଇ ଆଗାମୀ ଦିନ ଚାଷୀମାନେ ଦଲାଲଙ୍କ କବ୍‌ଜାରୁ କିଭଳି ଦୂରେଇ ରହିବେ ଏବଂ ଠକାମୀ ହେବେ ନାହିଁ ସେ ସମ୍ପର୍କରେ ଉପସ୍ଥିତ ଦୁଇଟି ପଞ୍ଚାୟତର ଚାଷୀଙ୍କୁ ସଚେତନ କରିଥିଲେ । ଆଗକୁ ବିଭିନ୍ନ ପ୍ରକାର ଫସଲ ଅମଳ ହେବାକୁ ଯାଉଛି । ତେଣୁ ପୂର୍ବରୁ ସବୁ ଚାଷୀଙ୍କୁ ସତର୍କ ହେବା ପାଇଁ ଚାଷୀଙ୍କୁ ବାର୍ତ୍ତା ପ୍ରଦାନ କରିଥିଲେ । ମଞ୍ଚାସୀନ ଅତିଥ ଚାଷୀମାନେ ଠକାମୀରୁ କିପରି ବଞ୍ଚିତ ରହିବେ ସେ ସମ୍ପର୍କରେ କହିଥିଲେ । ଏହି ନାଗାବଳୀ କୃଷକ ସଂଘ ଆଗକୁ କିପରି ମଜଭୁତ କରାଯିବ ସେ ସମ୍ପର୍କରେ ମଧ ନିଷ୍ପତ୍ତି ନେଇଛନ୍ତି । ବୈଠକକୁ ସଂଘର ସମ୍ପାଦକ କୁମୁଟି ଶାରାକା ପରିଚାଳନା କରିଥିଲେ । ଆଗାମୀ ଦିନରେ ଏହି ସଂଘକୁ ମଜବୁତ କରି ଜିଲ୍ଲାର ପ୍ରତ୍ୟେକ ବ୍ଲକ୍‌ରେ ସଂଘଟିତ ହୋଇ ଦଲାଲ ମାନଙ୍କୁ ଖେଦିବା ପାଇଁ ନିଷ୍ପତି ନିଆଯାଇଛି ।

# ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଆକଳନ



ନବରଙ୍ଗପୁର,୨୬।୧୦(ସମିସ): ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକର ସମସ୍ତ ସ୍କୁଲରେ ନବଭାରତ ସାକ୍ଷାରତା କାର୍ଯ୍ୟକ୍ରମ 'ଉଲ୍ଲାସ'ର ପ୍ରଥମ ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ଆକଳନ ୨୦୨୫ ଅନୁଷ୍ଠିତ ହୋଇଯାଇଛି । ନନ୍ଦାହାଣ୍ଡି ବ୍ଲକର ସର୍ବମୋଟ ୭୩ଟି ପରୀକ୍ଷା କେନ୍ଦ୍ରରେ ୧୨୯୭ ଜଣ ଶିକ୍ଷାର୍ଥୀ ପରୀକ୍ଷା ଦେଇଥିଲେ । ନନ୍ଦାହାଣ୍ଡି ବ୍ଲକର ବି ମାଲିଗୁଡା କ୍ଲଷ୍ଟରରେ ୧୫୮, ଦହଣା କ୍ଲଷ୍ଟରରେ ୧୨୧, ଗେଲାଗାଦବାଗୁଡା କ୍ଲଷ୍ଟରରେ ୨୪୯, ଜଗନ୍ନାଥପୁର କ୍ଲଷ୍ଟରରେ ୮୩, ଝାଡ଼ବାନ୍ଧଗୁଡା କ୍ଲଷ୍ଟରରେ ୭୭, ମେଣ୍ଟ୍ରି କ୍ଲଷ୍ଟରରେ ୩୩୨, ସରୁଗୁଡା କ୍ଲଷ୍ଟରରେ ୧୪୭, ସିନ୍ଧିଗୁଡା କ୍ଲଷ୍ଟରରେ ୧୫୪ ଅଣ ଶିକ୍ଷିତ ଶିକ୍ଷାର୍ଥୀ ପରିକ୍ଷାରେ ଉପସ୍ଥିତ ରହିଥିଲେ । ଏହି ଅବସରରେ ନନ୍ଦହାଣ୍ଡି ବ୍ଲକର ବରିଷ୍ଠ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ଜାନି, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀମତୀ ଉତ୍ତମା ହରିଜନ, ଧନୁର୍ଯ୍ୟାୟ ମାଝୀ ଏବଂ ନନ୍ଦାହାଣ୍ଡି ବ୍ଲକର ସମସ୍ତ ସିଆରସିସି ବିଭିନ୍ନ ପରୀକ୍ଷା କେନ୍ଦ ପରିଦର୍ଶନ କରି ପରୀକ୍ଷା ପରିଚାଳନାର ସର୍ବେକ୍ଷଣ କରିଥିଲେ ।

## ସରକାରୀ ଅବହେଳା

# ଅଧାରେ ଅଟକିଛି ବିଜୁ ଏକ୍ସପ୍ରେସ୍-ୱେ କାମ

ବୋରିଗୁମ୍ମା,୨୬।୧୦ (ସମିସ): ସୀମାରେ ଅଟକିଛି ବିଜୁ ଏକ୍ସପ୍ରେସ୍ ୱେ । କଳାହାଣ୍ଡି ସୀମାନ୍ତ ଆମ୍ବପାଣି ଘାଟିରେ ଆଣ୍ଠେଇଛି କାମ । ଉତ୍ତର ଓ ଦକ୍ଷିଣ ଓଡ଼ିଶା ମଧ୍ୟରେ ଗମନାଗମନରେ ଉନ୍ନତି ଏବଂ ଅର୍ଥନୀତିକୁ ସୁଦୃଢ଼ କରିବା ଲକ୍ଷ୍ୟରେ ବିଜୁ ଏକ୍ସପ୍ରେସ ୱେର ପରିକଳ୍ପନା । ହେଲେ ଏହି ଅର୍ଥନୈତିକ କରିଡରର ଭାଗ୍ୟ ଏବେ ଅନ୍ଧାରରେ । ଆଗକୁ ବଢ଼ିପାରୁନି ପ୍ରକଳ୍ପ । କଳାହାଣ୍ଡି ସୀମାନ୍ତ ଆମ୍ବପାଣି ଘାଟିରେ ଅଟକିଛି କାମ । ଯାହାକୁ ନେଇ ପରସ୍ପର ମଧ୍ୟରେ କାଦୁଅ ଫୋପାଡିବାରେ ବ୍ୟସ୍ତ ଶାସକ ଓ ବିରୋଧୀ । ଅନ୍ୟପଟେ ତୁରନ୍ତ କାମ ଆରମ୍ଭ ନକରିଲେ ଆନ୍ଦୋଳନର ଚେତାବନୀ ଦେଉଛନ୍ତି ସ୍ଥାନୀୟ ବାସିନ୍ଦା । ଉତ୍ତର ଓ ଦକ୍ଷିଣ ଓଡ଼ିଶା ମଧ୍ୟରେ ଗମନାଗମନର ଉନ୍ନତି ହେବ । ଅର୍ଥନୈତିକ କ୍ଷେତ୍ରରେ ମଧ ବିକାଶ ହେବ । ଏହି ଲକ୍ଷ୍ୟ ନେଇ ୨୦୧୪ ଅଗଷ୍ଟରେ ପୂର୍ବ ସରକାର ବିଜୁ ଏକ୍ସପ୍ରେସ ୱେ ନିର୍ମାଣ ପରିକଳ୍ପନା କରିଥିଲେ । ପଶ୍ଚିମ ଓଡ଼ିଶା ଦେଇ ୬୫୦ କିଲୋମିଟର ରାସ୍ତା ପାଇଁ ୩ ହଜାର ୬୩୦ କୋଟି ଟଙ୍କା ବ୍ୟୟ ଅଟକଳ ହୋଇଥିଲା । ସୁନ୍ଦରଗଡ଼ ଜିଲ୍ଲାର ରାଉରକେଲାଠୁ ଆରମ୍ଭ ହୋଇଥିବା ରାସ୍ତା କଳାହାଣ୍ଡି ଓ ନବରଙ୍ଗପୁର ଜିଲ୍ଲା ଦେଇ କୋରାପୁଟର ବୋରିଗୁମ୍ମା ସହର ଦେଇ ସୀମାନ୍ତ ଚାନ୍ଦିଲି ଯାଏଁ ଲମ୍ବିବ । ଉତ୍ତର ଓଡ଼ିଶାରୁ ରାସ୍ତା କାମ ସରିଲା ପରେ କଳାହାଣ୍ଡି ସୀମାନ୍ତ ଆମ୍ବପାଣି ଠାରେ କାମ ଅଟକିଯାଇଛି । ପ୍ରାୟ ୧୦ ବର୍ଷ ହେଲାଣି ପଡୋଶୀ ନବରଙ୍ଗପୁର ଜିଲ୍ଲା ସୀମାରେ ଅଟକିଛି କାମ । ରାସ୍ତାକୁ ନେଇ ରାଜନୀତି ବି ବେଶ୍ ସରଗରମ ହୋଇଛି । ବିଜେପି ସରକାରରେ ରାସ୍ତା କାମ ଶିଥିଳ ପଡ଼ିଥିବା ଆଲୋଚନା ହେଉଛି । ବିଜୁ ଏକ୍ସପ୍ରେସ ୱେ କାମ ଉପରେ ଧ୍ୟାନ ନ ଦେଲେ ଆଗାମୀ ଦିନରେ ଆନ୍ଦୋଳନ ଜୋରଦାର ହେବ ବୋଲି ଚେତାବନୀ ଦେଇଛି କଂଗ୍ରେସ । ସମସ୍ତ ଦ୍ୱନ୍ଦ୍ୱ ଦୂର କରି ବିଜୁ ଏକ୍ସପ୍ରେସ ୱେ କାର୍ଯ୍ୟ ଯଥାଶୀଘ୍ର ଶେଷ କରିବା ଉଚିତ । ନହେଲେ ବୋରିଗୁମ୍ମା ଭଳି ଉପାନ୍ତ ଅଞ୍ଚଳ ପାଇଁ ଉଦ୍ଦିଷ୍ଟ ଏହି ଆର୍ଥିକ କରିଡରର ସୁନେଲି ସ୍ୱପ୍ନ ଏକ ପ୍ରତାରଣା ପାଲଟିଯିବ । ବର୍ତ୍ତମାନ ବୋରିଗୁମ୍ମାକୁ ବିଜେପି ସରକାର ଏନ୍‌ଏସିର ମାନ୍ୟତା ଦେଇଛନ୍ତି । ଅପରପକ୍ଷେ ବୋରିଗୁମ୍ମାରୁ ଚତୁର୍ଦ୍ଦିଗର ରାସ୍ତା ଅନେକ ବଡ଼ ବଡ଼ ସହର ସହ ଯୋଡି ହୋଇରହିଛି । ବିଜୁ ଏକ୍ସପ୍ରେସ ୱେ ହେଲେ ପରିବହନ ବ୍ୟବସ୍ଥା ଆହୁରି ସୁଦୃଢ଼ ହେବ ବୋଲି ବୋରିଗୁମ୍ମା ଓକିଲ ସଂଘ ସଭାପତି ଶ୍ରୀ ନାଗରାଜ ଦୋରା କହିଛନ୍ତି ।

# ଉତ୍କଳ ସାଂସ୍କୃତିକ ପରିଷଦର ବିଦାୟ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ



ସୁନାବେଡ଼ା,୨୬।୧୦(ସମିସ): ସୁନାବେଡା ମିଗ୍ ନଗରୀ ସ୍ଥିତ ଉତ୍କଳ ସାଂସ୍କୃତିକ ପରିଷଦ ପକ୍ଷରୁ ପରିଷଦର ଦୁଇ ଜଣ ବରିଷ୍ଠ ସଦସ୍ୟ ପ୍ରବୀଣ କୁମାର ଖମାରି ଏବଂ ଜିୟୋନ ସମୀର ନନ୍ଦ ଭଦ୍ରାଙ୍କୁ 'ହାଲ' କମ୍ପାନୀର ଚାକିରିରୁ ଅବସର ଗ୍ରହଣ କରିବା ପରିପ୍ରେକ୍ଷୀରେ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ପରିଷଦର ଉପ ସଭାପତି ମନୋଜ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଉପଦେଷ୍ଟା ମଣ୍ଡଳୀର ସଦସ୍ୟ ଶେଖ ଇବ୍ରାହିମ ଏବଂ କମଳା କାନ୍ତ ବିଶୋଇ ପ୍ରମୁଖ ଯୋଗ ଦେଇ ବରିଷ୍ଠ ସଦସ୍ୟ ମାନେ କିଭଳି ନିଜେ ସୁସ୍ଥ ଓ ଆନନ୍ଦିତ ରହିବା ସହ ବିଭିନ୍ନ ଆଧ୍ୟାତ୍ମିକ ତଥା ସାମାଜିକ କାର୍ଯ୍ୟକଳାପରେ ନିର୍ଲିପ୍ତ ରହି ସମୟର ସଦୁପଯୋଗ କରିବେ ସେ ସମ୍ପର୍କରେ ସୁଚିନ୍ତିତ ପରାମର୍ଶ ଦେଇଥିଲେ । ପରିଷଦର କର୍ମକର୍ତ୍ତା ସମ୍ବିତ କୁମାର ସ୍ୱାଇଁ, ରମାକାନ୍ତ କଲିଆ, ବରିଷ୍ଠ ସଦସ୍ୟ ମାନେ ସର୍ବଦା ସତ୍‌ଚିନ୍ତା, ନିୟମିତ ବ୍ୟାୟାମ କରି ଚାପମୁକ୍ତ ଜୀବନଯାପନ କରିବା ପାଇଁ ପରାମର୍ଶ ଦେଇଥିଲେ । ବରିଷ୍ଠ ସଦସ୍ୟ ମାନେ ସୁନାବେଡା ହାଲ କମ୍ପାନୀ ଏବଂ ଉତ୍କଳ ସାଂସ୍କୃତିକ ପରିଷଦ ସହିତ ସେମାନଙ୍କ ଦୀର୍ଘ ଦିନର ଅନୁଭୂତି ସମ୍ପର୍କରେ ବର୍ଣ୍ଣନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପରିଷଦର ଉପଦେଷ୍ଟା ମଣ୍ଡଳୀର ସଦସ୍ୟ ମାନସ କୁମାର ଦାସ, ଆନନ୍ଦ ମୌଳି ପଟ୍ଟନାୟକ, କର୍ମକର୍ତ୍ତା ସୋମନାଥ ମାର୍ଥା, ଶ୍ରୀକୁମାର ବେହେରା, ସରୋଜ କୁମାର ଦାସ, ସୂର୍ଯ୍ୟକାନ୍ତ ଦଳାଇ, ସୁଧାଂଶୁ ଶେଖର ରାୟ, ପ୍ରକାଶ ଚନ୍ଦ୍ର ହୋତା, ମନୋରଞ୍ଜନ ସାହୁ, ପ୍ରଭାକର ବେହେରା, ଇ.ପ୍ରକାଶ ଦୋରା ପ୍ରମୁଖ ଉପସ୍ଥିତ ରହି ବରିଷ୍ଠ ସଦସ୍ୟମାନଙ୍କୁ ଶୁଭ କାମନା ଜଣାଇଥିଲେ । ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ମିଶ୍ର କାର୍ଯ୍ୟକ୍ରମ ସଞ୍ଚାଳନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

# ୨୩ ବର୍ଷରେ ଅଷ୍ଟପ୍ରହରୀ ନାମଯଜ୍ଞ

ନବରଙ୍ଗପୁର,୨୬।୧୦(ସମିସ): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ସଦର ମହକୁମା ସ୍ଥିତ ତ୍ରିନାଥ ମନ୍ଦିର ଠାରେ ୨୩ ବର୍ଷ ଧରି ଅନୁଷ୍ଠିତ ହେଉଥିବା ଅଷ୍ଟପ୍ରହରୀ ଚଳିତ ବର୍ଷ ଧୁମ୍‌ଧାମ୍‌ରେ ପାଳନ ପାଇଁ ପ୍ରସ୍ତୁତି ଚାଲିଛି । ଚଳିତ ବର୍ଷ ନଭେମ୍ବର ୩ ତାରିଖ ଠାରୁ ପୂଜା ବିଧି ଆରମ୍ଭ ହେବ । ପଞ୍ଚୁକ ନିମନ୍ତେ ସନ୍ଧ୍ୟାରେ କମିଟି ପକ୍ଷରୁ ଦୀପ ପ୍ରଜ୍ୱଳନ ହେବ । ୩ ତାରିଖରେ ଅଧିବାସ, କଳସ ଯାତ୍ରା, ୪ ତାରିଖ ସକାଳ ୬ଟା ଠାରୁ ୫ତାରିଖ ସକାଳ ୬ଟା ପର୍ଯ୍ୟନ୍ତ ନାମ ସଂକୀର୍ତ୍ତନ କାର୍ଯ୍ୟକ୍ରମ ରହିଛ । ୪ ତାରିଖ ମଙ୍ଗଳବାର ଦିନ ୧୨ଟାରୁ ରାତ୍ରୀ ପର୍ଯ୍ୟନ୍ତ ପ୍ରସାଦ ସେବନର ବ୍ୟବସ୍ଥା ଓ ୫ତାରିଖ ବୁଧବାର ଦିନ ୯ଟା ସମୟରେ ନଗର ସଂକୀର୍ତ୍ତନ ହେବ । ଅଷ୍ଟପ୍ରହରୀ ନାମଯଜ୍ଞ ନିମନ୍ତେ ଚଳିତ ବର୍ଷ ୧୦ରୁ ଅଧିକ କୀର୍ତନ ଦଳ ସାମିଲ୍ ହେଉଥିବା ବେଳେ ସ୍ୱତନ୍ତ୍ର କୀର୍ତ୍ତନ ଦଳ ସାମିଲ ହେବେ । ଚଳିତ ବର୍ଷ ମହାଆଡମ୍ବରରେ ଅଷ୍ଟପ୍ରହରୀ ଅନୁଷ୍ଠିତ ହେବାକୁ ଥିବା ବେଳେ କମିଟିର ସମସ୍ତ ସଦସ୍ୟ ଏକତ୍ରିତ ହୋଇ ସହଯୋଗ ଆରମ୍ଭ କରିଛନ୍ତି । ଚଳିତ ବର୍ଷ ଆଲୋକମାଳା ସଜ୍ଜାରେ ଆଲୋକିତ ହେବା ସହ ରାଇଘର ମୁଖ୍ୟ ବଜାରରେ ହରେକୃଷ୍ଣ ନାମରେ ପ୍ରଚାରିତ ହେବ ବୋଲି ପ୍ରସ୍ତୁତି ଜୋରଦାର ହୋଇଛି । ଏ ନେଇ ସ୍ୱତନ୍ତ୍ର କମିଟି ଗଠନ କରାଯାଇଛି । ସର୍ବସମ୍ମତି କ୍ରମେ ସଭାପତି ଭାବେ ପ୍ରଫୁଲ୍ଲ କୁମାର ଭୂୟାଁ, ଉପ ସଭାପତି ଗଗନ ବିହାରୀ ବାହିନୀପତି , ସମ୍ପାଦକ ଭବାନୀ ନାୟକ, ସହ ସମ୍ପାଦକ ଅନନ୍ତ ବାରିକ, କୋଷାଧ୍ୟକ ବିଜୟ ମହାରଣା, ଉପଦେଷ୍ଟା ମଣ୍ଡଳୀରେ ଅକ୍ଷୟ ଦାସ, ପୂର୍ଣ୍ଣାନନ୍ଦ ବାରିକ, ଅଜୟ ଦାସ, ନେପାଳ ଦେ, ରଞ୍ଜିତ ପାଣିଗ୍ରାହୀ, ଲକ୍ଷ୍ମୀଧର ମହାନ୍ତି, ରତ୍ନାକର ସିଂକୈଳାଶ ମହାରଣା ପ୍ରମୁଖ ରହିଥିବା ବେଳେ କମିଟିର ସଦସ୍ୟ ଶ୍ରୀହର୍ଷ ମହାପାତ୍ର, କିରଣ ପଟ୍ଟନାୟକ, ଅମିୟ ମହାପାତ୍ର, ବିଜୟ ପାଢ଼ୀ, ଲଳିତ ମୋହନ ନାୟକ, ନିରାକାର ରାଉତ, ସଞ୍ଜୟ ବାରିକ, ସୁକେଶ ମିଶ୍ରା, ମନୋଜ ରାଜପୁତ୍, ସଞ୍ଜୟ ନାୟକ, ରାଜେଶ ସିଂ, ରବି ବାହିନୀପତି, ପିଣ୍ଟୁ ମହାରଣା, ବବ୍ଲୁ ମିଶ୍ରା, ରାମ ସିଂହା, ବାପି କାଞ୍ଜିଲାଲ ପ୍ରମୁଖ ଶହେରୁ ଅଧିକ ସଦସ୍ୟ ଉପସ୍ଥିତ ଥିଲେ । ନାମଯଜ୍ଞ କାର୍ଯ୍ୟକ୍ରମ ସହ କାର୍ତ୍ତିକ ମାସର ଶେଷ ପଞ୍ଚୁକ ନିମନ୍ତେ କମିଟି ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବା ନେଇ ଆଲୋଚନା ହୋଇଥିଲା ।

# ଗୋରୁ ମାଂସ ଜବତ, ଜଣେ ଗିରଫ

ଜୟପୁର,୨୬ ।୧୦(ସମିସ): କୋରାପୁଟ ଜିଲ୍ଲା ଜୟପୁର ସଦରଥାନା ପୁଲିସ ପକ୍ଷରୁ ବେଆଇନ ଭାବେ ଗୋରୁ ମାଂସ ଚାଲାଣ ହେଉଥିବା ବେଳେ ୫୯ କିଲୋ ୧୮୦ ଗ୍ରାମ ଜବତ କରାଯାଇଛି । ଏହାକୁ ଚାଲଣ କରୁଥିବା ଅଭିଯୋଗରେ ବୋରିଗୁମ୍ମା ଥାନା କେବିଡି ଗ୍ରାମର ବୃଦ୍ଧ ସବସାନ କୁଲଦିପ(୭୦)ଙ୍କୁ ଗିରଫ କରାଯାଇଛି କୋର୍ଟ ଚାଲାଣ କରାଯାଇଛି । ତାଙ୍କ ନିକଟରୁ ଦୁଇଟି ପୋଲିଥିନ ବ୍ୟାଗରେ ୫୯ଟି ପ୍ୟାକେଟ ଗୋରୁ ମାଂସ ଏବଂ ଚାଲଣ ହେଉଥିବା ବାଇକ (ଓଆର ୧୦ ଏଫ ୮୬୯୮) ଜବତ କରାଯାଇଛି । ଆଜି ପୂର୍ବାହ୍ନରେ ସଦରଥାନା ଅଧିନସ୍ତ ହାଡିଆ ଗ୍ରାମପଞ୍ଚାୟତର ପୁଟ୍ରା ଗ୍ରାମ ନିକଟସ୍ଥ ପଣ୍ଡାକିଗୁଡା ଗ୍ରାମ ଛକ ଠାରେ ଏକ ବାଇକ ଯୋଗେ ଗୋରୁମାସଂ ଚାଲାଣ ବେଳେ ସ୍ଥାନୀୟ ଅଞ୍ଚଳର ୫ ଜଣ ଗ୍ରାମବାସୀ ଉକ୍ତ ବାଇକ୍‌କୁ ଅଟକ ରଖିଥିବା ନେଇ ପୁଲିସକୁ ସୂଚନା ଦେଇଥିଲେ । ଖବରପାଇ ସଦରଥାନା ପୁଲିସ ପାଟ୍ରୋଲିଂ ଗାଡି ଏସ୍‌ଆଇ ଅମିୟ ରଞ୍ଜନ ଶଗରିଆଙ୍କ ନେତୃତ୍ୱରେ ଘଟଣାସ୍ଥଳରେ ପହଞ୍ଚିଥିଲେ ଏବଂ ଯାଞ୍ଚ ବେଳେ ଗୋରୁମାଂସ ଜବତ କରିବା ସହ ଚାଲାଣକାରୀ ଅଭିଯୁକ୍ତଙ୍କୁ ଥାନାକୁ ଆଣି ପଚରାଉଚରା ପରେ ଗିରଫ କରିଥିଲେ । ଅଭିଯୁକ୍ତ ଗୋରୁମାଂସ ଆଣି ପ୍ରତ୍ୟେକ ୧ କିଲୋ ପ୍ୟାକେଟ୍ କରିବା ସହ ବିକ୍ରି କରୁଥିବା ନେଇ ସ୍ୱୀକାର କରିଥିବା ସଦରଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ କହିଛନ୍ତି । ଗୋରୁହତ୍ୟା ଏବଂ ଅନ୍ୟାନ୍ୟ ଦଫାରେ ମାମଲା ରୁଜୁ କରାଯାଇଥିବା ନେଇ ସଦରଥାନା ଅଧିକାରୀ କହିଛନ୍ତି ।

# ବାତ୍ୟା 'ମୋନ୍ଥା' ପାଇଁ ନନ୍ଦପୁର ବ୍ଲକ୍‌ର ପ୍ରସ୍ତୁତି



ନନ୍ଦପୁର,୨୬।୧୦ (ସମିସ): ସମ୍ଭାବ୍ୟ ବାତ୍ୟା "ମୋନ୍ଥା" ପାଇଁ ନନ୍ଦପୁର ବ୍ଲକ ପ୍ରଶାସନ ପକ୍ଷର ପ୍ରାକ୍-ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ବ୍ଲକ ଉନ୍ନୟନ ଅଧିକାରୀଙ୍କ ଅଧ୍ୟକ୍ଷତାରେ ତହସିଲ, ସ୍ୱାସ୍ଥ୍ୟ, ପୋଲିସ, ଅଗ୍ନିଶମ, ବିଦ୍ୟୁତ ଏବଂ ପଞ୍ଚାୟତ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ । ବୈଠକରେ ବିଡିଓ ଦୁର୍ଗା ପ୍ରସାଦ ଦୋରା ପଞ୍ଚାୟତ ସ୍ତରରେ ସତର୍କତା ଓ ପ୍ରସ୍ତୁତି ସୁନିଶ୍ଚିତ କରିବା, କଣ୍ଟ୍ରୋଲ ରୁମ୍ ଗଠନ ଏବଂ ରେସ୍କ୍ୟୁ ଟିମ୍ ଓ ଆବଶ୍ୟକ ସାମଗ୍ରୀ ପ୍ରସ୍ତୁତ ରଖିବା ଉପରେ ଜୋର ଦେଇଥିଲେ । ସ୍ୱାସ୍ଥ୍ୟ ବିଭାଗ ଆବଶ୍ୟକ ଔଷଧ ଓ ପ୍ରାଥମିକ ଚିକିତ୍ସା ସାମଗ୍ରୀ ମହଜୁଦ୍ ରଖିବା ଲାଗି ପରାମର୍ଶ ଦିଆଯାଇଛି । ସେହିପରି ବିଦ୍ୟୁତ ବିଭାଗକୁ ଜରାଜୀର୍ଣ୍ଣ ତାର ଓ ଖମ୍ବ ଇତ୍ୟାଦି ଉପରେ ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହା ସହିତ ଆଶା ଓ ଆଙ୍ଗନବାଡ଼ି କର୍ମୀମାନେ ଗ୍ରାମସ୍ତରରେ ସଚେତନତା ସୃଷ୍ଟି ଅଭିଯାନ ଚାଲାଇବେ ବୋଲି ଆଲୋଚନା ହୋଇଛି । ପ୍ରଶାସନ ପକ୍ଷରୁ ସୁରକ୍ଷିତ ଶିବିର ଚିହ୍ନଟ, ଖାଦ୍ୟ, ପାନୀୟ ଓ ଚିକିତ୍ସା ସୁବିଧା ବ୍ୟବସ୍ଥା ମଧ କରାଯାଇଛି । ସମସ୍ତ ସରକାରୀ କର୍ମଚାରୀଙ୍କ ଛୁଟି ଆସନ୍ତା ୨୭, ୨୮ ଓ ୨୯ ପର୍ଯ୍ୟନ୍ତ ବାତିଲ କରାଯାଇଛି । ଏହାସହ ପଞ୍ଚାୟତସ୍ତରରୁ ବ୍ଲକ ପର୍ଯ୍ୟନ୍ତ ସମସ୍ତ କର୍ମଚାରୀଙ୍କୁ ହେଡ୍‌କ୍ୱାର୍ଟର ନ ଛାଡ଼ିବାକୁ ଏବଂ ଯେକୋଣସି ଜରୁରୀ ପରିସ୍ଥିତିରେ ପ୍ରସ୍ତୁତ ରହିବା ଲାଗି ନିର୍ଦ୍ଦେଶନାମା ଜାରି କରାଯାଇଛି ବୋଲି ସୂଚନା ଦେଇଛନ୍ତି ବିଡିଓ ଶ୍ରୀ ଦୋରା । ସମ୍ଭାବ୍ୟ ପ୍ରଭାବିତ ଅଞ୍ଚଳବାସୀଙ୍କ ଲାଗି କୌଣସି ପରିସ୍ଥିତିରେ ବା ଆବଶ୍ୟକସ୍ଥଳେ ଟୋଲଫ୍ରୀ ନଂ ୮୩୨୮୮୫୧୪୫୪, ୮୮୯୫୭୯୮୪୮୬ , ୮୨୪୯୯୩୭୪୨୯କୁ ଯୋଗାଯୋଗ କରିବା ଲାଗି ଜାରି କରାଯାଇଛି ।

# ବିଶ୍ୱ ମିତବ୍ୟୟିତା ଦିବସରେ ବକ୍ତୃତା ପ୍ରତିଯୋଗିତା



କୋରାପୁଟ,୨୬।୧୦(ସମିସ): ସ୍ଥାନୀୟ ବାଳିକା ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ମିତବ୍ୟୟତା ଦିବସ ଉପଲକ୍ଷେ ଜିଲ୍ଲାସ୍ତରୀୟ ଆନ୍ତଃ ବିଦ୍ୟାଳୟ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ବିଭିନ୍ନ ବ୍ଲକରୁ ୩୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଜିଲ୍ଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ତଥା ସହକାରୀ ଜିଲ୍ଲାପାଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଚମେଲି ମଜୁମଦାର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଉପଖଣ୍ଡ ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ରାହୁଲ ମହନ୍ତ, ଡ. ବିଆର ଆମ୍ବେଦକର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଲକ୍ଷ୍ମଣ ସାହୁ ଏବଂ ସ୍ଥାନୀୟ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ସଙ୍ଗୀତା ସାହୁ ଯୋଗ ଦେଇଥିଲେ । ଶିକ୍ଷକ ଧରଣୀଧର ରାଣା ଓ ଚିତ୍ତ ରଞ୍ଜନ ପାହାଡସିଂ ଏବଂ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ସାହୁ ବିଚାରକ ଭାବେ ଯୋଗଦେଇ ଥିଲେ । ନିଘାମାନିଗୁଡା ହାଇସ୍କୁଲର ନବମ ଶ୍ରେଣୀ ଛାତ୍ରୀ ଅଞ୍ଜଳୀ ମଲ୍ଲିକ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ କଟଲାପଦର ହାଇସ୍କୁଲର ଦଶମ ଶ୍ରେଣୀ ଛାତ୍ରୀ ଭାରତୀ ଗଣ୍ଡା ଦ୍ୱିତୀୟ ଏବଂ ଚାନ୍ଦିଲି ହାଇସ୍କୁଲର ଦଶମ ଶ୍ରେଣୀ ଛାତ୍ର ଗୁପ୍ତ ହରିଜନ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଅଂଶ ଗ୍ରହଣ କରିଥିବା ସମସ୍ତ ପ୍ରତିଯୋଗୀଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା । ଆସନ୍ତା ୩୦ ତାରିଖ ଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯିବ ବୋଲି ଜଣାପଡ଼ିଛି ।

## ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତି ଅବହେଳିତ

# କାହା ସ୍ୱାର୍ଥରେ ରାସ୍ତାକଡ଼ରେ କୋରାପୁଟ ବରପୁତ୍ର !



ନନ୍ଦପୁର, ୨୬।୧୦ (ସମିସ): ଦେଶ ସ୍ୱାଧୀନତା କଥାକୁ ଆଲୋଚନାକୁ ଆଣିବା ବେଳକୁ ମନେ ପଡ଼ନ୍ତି କୋରାପୁଟ ମାଟିର ବରପୁତ୍ର ସ୍ୱାଧୀନତା ସଂଗ୍ରାମୀ ସହିଦ ଲକ୍ଷ୍ମଣ ନାୟକ । ଅବିଭକ୍ତ କୋରାପୁଟ ମାଟିର ଅନେକ ସଂଗ୍ରାମୀଙ୍କ ଦେଶ ସ୍ୱାଧୀନରେ ଅବଦାନ ଓ ବଳିଦାନ ରହିଥିଲେ ମଧ ସହିଦ ଲକ୍ଷ୍ମଣ ନାୟକ ଅନ୍ୟତମ । ହେଲେ ନନ୍ଦପୁର ରାଜରାସ୍ତା ଉପରେ ଅବହେଳିତ ସହ ପରିତ୍ୟକ୍ତ ଅବସ୍ଥାରେ ତାଙ୍କ ପ୍ରତିମୂର୍ତ୍ତି ପଡ଼ିରହିଛି । ଏହା ଆମ ସମାଜ ପାଇଁ ଏକ ଲଜ୍ଜାକର ବିଷୟ । ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତି ଭଳି ନନ୍ଦପୁର ଅଞ୍ଚଳରେ ବିଭିନ୍ନ ସ୍ଥାନରେ ରହିଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତି ଏବେ ପ୍ରଶାସନର ଅନାଗ୍ରହ ଓ ସ୍ଥାନୀୟ ସମାଜର ନିଷ୍କ୍ରିୟତା ଯୋଗୁଁ ଅବହେଳିତ ଅବସ୍ଥାରେ ରହିଛି । ବ୍ଲକ ପ୍ରଶାସନ ରେକର୍ଡରେ ସାଂସ୍କୃତିକ ସମ୍ପଦ ସୁରକ୍ଷା ପାଇଁ ଯେପରି ଯୋଜନା ଓ ମିଟିଂ ହେଉଛି, ତାହା ତୃଣମୂଳ ସ୍ତରରେ ନିଜର ପଦଚିହ୍ନ ରଖିପାରୁନି । ଅଧିକାଂଶ ସ୍ଥାପିତ ପ୍ରତିମୂର୍ତ୍ତି ଗୁଡ଼ିକର ପାରିପାର୍ଶ୍ୱିକ ଅଞ୍ଚଳ ଅତ୍ୟନ୍ତ ଦୟନୀୟ । ମହାପୁରୁଷଙ୍କ ଜୟନ୍ତୀ ବେଳେ ବା କୌଣସି ବିଶିଷ୍ଟ ଅବସରରେ ପୁଷ୍ପାଞ୍ଜଳି ଓ ଫଟୋ ସେସନରେ ଯେପରି ସମ୍ମାନ ଦିଆଯାଉଛି, ତା ପରେ କାହାର ଦେଖାଦର୍ଶନ ମିଳେନାହିଁ । ପ୍ରଶାସନ ଅବିଳମ୍ବେ ଏହି ପ୍ରତିମୂର୍ତ୍ତିକୁ ସୁରକ୍ଷା, ସଫାସୁତୁରା ଓ ପୁନରୁଦ୍ଧାର ପାଇଁ ପଦକ୍ଷେପ ନେବା ପାଇଁ ଅନେକ ଥର ଦାବି ହୋଇଛି । କାହିଁକି କଣ ପାଇଁ ଏହା ହୋଇ ପାରିନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ସମୟ ଆସିଛି ସ୍ଥାନୀୟ ପ୍ରଶାସନ ଓ ଜନପ୍ରତିନିଧି ଓ ଜନତା ଏହାକୁ ଗୁରୁତର ସହ ଗ୍ରହଣ କର ପ୍ରତିମୂର୍ତ୍ତି ଗୁଡ଼ିକୁ ସମ୍ମାନ ଦେଖାଇ ସେଗୁଡ଼ିକର ସୁରକ୍ଷିତ ସ୍ଥାନରେ ଥଇଥାନ କରିବା ଆବଶ୍ୟକ ।

# ଜିଲ୍ଲାସ୍ତରୀୟ ଶିଶୁ କ୍ରୀଡ଼ା ଉତ୍ସବ 'ଉତ୍ସାହ'



ନବରଙ୍ଗପୁର,୨୬।୧୦(ସମିସ): ନବରଙ୍ଗପୁର ମହାବିଦ୍ୟାଳୟ ଖେଳ ପଡିଆରେ ଶିଶୁ ଯତ୍ନ କେନ୍ଦ୍ରର ଶିଶୁ ମାନଙ୍କ ମଧ୍ୟରେ କ୍ରୀଡ଼ା ପ୍ରତିଯୋଗିତା "ଉତ୍ସାହ "ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାରେ ୬ଟି ଶିଶୁ ଯତ୍ନ ଅନୁଷ୍ଠାନରେ ରହୁଥିବା ଅନ୍ତେବାସୀମାନଙ୍କ ପ୍ରତିଭାକୁ ପ୍ରସ୍ଫୁଟିତ କରିବା ଏ ଉତ୍ସବର ମୂଳ ଲକ୍ଷ୍ୟ । ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲାପାଳ ଡ ମହେଶ୍ୱର ସ୍ୱାଇଁ ଯୋଗଦେଇ ମଶାଲ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ କୁମାର ପଟ୍ଟନାୟକ, ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷା ଅଜନ୍ତା ଶୁଭଦର୍ଶନୀ , ସଦସ୍ୟ ସନ୍ତୋଷ ଷଡ଼ଙ୍ଗୀ, ଅନିତା ହୋତା, ରବୀନ୍ଦ୍ର ପଧାନ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଦ୍ରୌପଦୀ କହଁର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ ବେହେରା, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଭରତ ଚନ୍ଦ୍ର ସାହୁ, ମହାବିଦ୍ୟାଳୟ ଅଧ୍ୟକ୍ଷ ଡି. ଗୋବିନ୍ଦ ରାଓ, ମହାବିଦ୍ୟାଳୟ ଉପାଧ୍ୟକ୍ଷା ସଂଗୀତା ତ୍ରିପାଠୀ, ଫୁଟବଲ ପ୍ରଶିକ୍ଷକ ଅଶୋକ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଏହି ପ୍ରତିଯୋଗିତାରେ ୬ଟି ଶିଶୁ ଯତ୍ନ ଅନୁଷ୍ଠାନ ଉତ୍କଳ ବାଲାଶ୍ରମ, ସିନ୍ଧିଗୁଡ଼ା ଓ ମାଝିଗୁଡ଼ା, ଆଗପେ ଶିଶୁ ଅନୁଷ୍ଠାନ, ଖାତିଗୁଡ଼ା, ବ୍ଲେସିଁ ଅନୁଷ୍ଠାନ, ଉମରକୋଟ, ଶ୍ରୀ ରାଇରାମ ଦାସ ଅନୁଷ୍ଠାନ, ରାଇଘରର ପ୍ରାୟ ୧୨୦ ଜଣ ଅନ୍ତେବାସୀ ଖେଳ ପ୍ରତିଯୋଗିତାରେ ଭାଗ ନେଇଛନ୍ତି । ଅନ୍ତେବାସୀମାନଙ୍କ ମଧ୍ୟରେ ୧୦୦ ମିଟର ଦୌଡ, ୨୦୦ ମିଟର ଦୌଡ, ଉଚ୍ଚ ଡିଆଁ, ଲମ୍ବ ଡିଆଁ, କ୍ୟାରମ୍, ଚେସ, ଫୁଟବଲ ଇତ୍ୟାଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଫୁଟବଲ ପ୍ରତିଯୋଗିତାରେ ରାଇରାମ ଦାସ ଶିଶୁ ଯତ୍ନ ଅନୁଷ୍ଠାନ ବିଜୟୀ ହୋଇଥିଲା । କାର୍ଯ୍ୟକ୍ରମରେ ଶିଶୁ ଯତ୍ନ ଅନୁଷ୍ଠାନର କର୍ମଚାରୀ ମାନେ ସହଯୋଗ କରିଥିଲେ ।

# ବାତ୍ୟା ପାଇଁ ପ୍ରଶାସନର ପ୍ରସ୍ତୁତି

ଗୁଣୁପୁର, ୨୬।୧୦(ସମିସ): ସମ୍ଭାବ୍ୟ ବାତ୍ୟା "ମୋନ୍ଥା'ର ମୁକାବିଲା ପାଇଁ ଗୁଣୁପୁର ଉପଜିଲ୍ଲାପାଳ ଦୁଧାଲ ଅଭିଷେକ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରିଥିଲେ। ବାତ୍ୟା ପାଇଁ ଆସନ୍ତା ୨୮ ଓ ୨୯ ତାରିଖ ଦିନ ସମଗ୍ର ଦକ୍ଷିଣ ଓଡ଼ିଶାକୁ ଲାଲ୍ ସଂକେତ ଦିଆଯାଇଥିବା ବେଳେ ରାୟଗଡ଼ା ଜିଲ୍ଲାକୁ ମଧ୍ୟ ଲାଲ ସଂକେତ ଦିଆଯାଇଛି। ବାତ୍ୟା ସମୟରେ ପ୍ରାୟ ୭୦ ରୁ ୮୦ କିମି ବେଗରେ ପବନ ବହିବା ସମ୍ଭାବନା ରହିଛି। ବର୍ଷା ୨୭ ତାରିଖ ସନ୍ଧ୍ୟାରୁ ଆରମ୍ଭ ହେବ ବୋଲି ଅନୁମାନ କରାଯାଇଥିବା ବେଳେ ୨୮ ତାରିଖ ବାତ୍ୟା ଲ୍ୟାଣ୍ଡଫଲ୍ କରିବା ପରେ ଅତ୍ୟାଧିକ ପବନ ବହିବା ସହ ୭-୨୦ ସେମି ବର୍ଷା ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ ସୂଚନା ଦେଇଛି। ରାୟଗଡ଼ା ଜିଲ୍ଲାର ଦୁଇଟି ଡ୍ୟାମ୍ ତଥା ବଡ଼ନାଳ ଓ ହରଭଙ୍ଗିରେ ପାଣି ଛାଡ଼ି ୮୫ ପ୍ରତିଶତ ରଖିବା ପାଇଁ ଆଦେଶ ଦେବା ସହ ବଂଶଧାରା ନଦୀରେ ଅତ୍ୟଧିକ ପାଣି ଆସିବା ସମ୍ଭାବନା ରହୁଥିବା ଯୋଗୁଁ ଲୋକମାନେ ସତର୍କତା ଅବଲମ୍ବନ କରିବାକୁ ଅନୁରୋଧ କରାଯାଇଛି। ବାତ୍ୟା ସମୟରେ ତଳିଆ ଅଞ୍ଚଳର ଲୋକ ମାନେ ଉଚ୍ଚା ସ୍ଥାନକୁ ଚାଲିଯିବା ଓ ପ୍ରଶାସନକୁ ଜଣାଇ ବାତ୍ୟା ଆଶ୍ରୟ ସ୍ଥଳରେ ଆଶ୍ରୟ ନେବାକୁ ନିବେଦନ କରିଛନ୍ତି। ପ୍ରଶାସନ ପକ୍ଷରୁ ମଧ୍ୟ ବାତ୍ୟାର ମୁକାବିଲା ପାଇଁ ସଜାଗ ରହିଛୁ ବୋଲି ଉପଜିଲ୍ଲାପାଳ ଦୁଧାଲ ଅଭିଷେକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

## ଘୂର୍ଣ୍ଣିଝଡ଼ ପ୍ରଭାବରେ ରାୟଗଡ଼ାରେ ବର୍ଷା

# ମୁକାବିଲା ପାଇଁ ପ୍ରସ୍ତୁତ ରହିଛି ଜିଲ୍ଲା ପ୍ରଶାସନ

ରାୟଗଡ଼ା,୨୬।୧୦(ସମିସ): ରାୟଗଡ଼ା ଜିଲ୍ଲାରେ ସମ୍ଭାବ୍ୟ ବାତ୍ୟା ପ୍ରଭାବରେ ପାଣିପାଗ ମେଘୁଆ ରହିବା ସହ ବିଭିନ୍ନ ବ୍ଲକ୍‌ରେ ଝିପିଝିପି ବର୍ଷା ଆରମ୍ଭ ହୋଇଛି। ରାୟଗଡ଼ା ସହରରେ ମଧ୍ୟ ଝିପିଝିପି ବର୍ଷା ଆରମ୍ଭ ହୋଇଛି। ଦକ୍ଷିଣାଞ୍ଚଳ ଏସଆରସିଙ୍କ ପକ୍ଷରୁ ଦ୍ୱିତୀୟ ଦିନ କମଳା ରଙ୍ଗର ଚେତାବନୀ ସହ ପ୍ରଶାସନକୁ ପ୍ରସ୍ତୁତି ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ୨୭ତାରିଖ ସକାଳ ସାଢେ ୮ଟାରୁ ୨୮ ତାରିଖ ସକାଳ ସାଢେ ୮ଟା ପର୍ଯ୍ୟନ୍ତ ରାୟଗଡ଼ା ଜିଲ୍ଲାରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ୨୮ତାରିଖ ସକାଳ ସାଢେ ୮ଟାରୁ ୨୯ତାରିଖ ସାଢେ ୮ଟା ପର୍ଯ୍ୟନ୍ତ ରାୟଗଡା, ମାଲକାନଗିରି ଓ କୋରାପୁଟ ଜିଲ୍ଲାରେ ବିକ୍ଷିପ୍ତ ଭାବରେ ଅତି ପ୍ରବଳ ବର୍ଷାରୁ ଅତ୍ୟନ୍ତ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବାରୁ ଲାଲ ରଙ୍ଗ ଚେତାବନୀ ଦିଆଯାଇଛି। ସେହିପରି ଚତୁର୍ଥ ଦିନ ୨୯ତାରିଖରୁ ୩୦ତାରିଖ ଗୁରୁବାର ସକାଳ ସାଢେ ୮ଟା ପର୍ଯ୍ୟନ୍ତ ରାୟଗଡା, ମାଲକାନଗିରି, କୋରାପୁଟ, ନବରଙ୍ଗପୁର ଓ କଳାହାଣ୍ଡି ଜିଲ୍ଲାରେ ବିକ୍ଷିପ୍ତ ଭାବରେ ଅତି ପ୍ରବଳ ବର୍ଷାରୁ ଅତ୍ୟନ୍ତ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବାର ଯୋଗୁଁ ଏଥି ନିମନ୍ତେ ଲାଲ ରଙ୍ଗ ଚେତାବନୀ ଦିଆଯାଇଛି। ରାୟଗଡା ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନଙ୍କୁ ନେଇ ସମ୍ଭାବ୍ୟ ବାତ୍ୟା "ମୋନ୍ଥା'ର ମୁକାବିଲା ପାଇଁ ଜରୁରୀକାଳୀନ ବୈଠକ କରାଯାଇ ସମସ୍ତ ପ୍ରକାର ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଉଥିବା ଦେଖିବାକୁ ମିଳିଛି। ଜିଲ୍ଲାର ନାଗାବଳୀ, ବଂଶଧାରା ନଦୀର ଜଳସ୍ତର ବୃଦ୍ଧି ପାଇବାର ଆଶଙ୍କା ଥିବାରୁ ନଦୀ ତଳିଆ ଅଞ୍ଚଳର ଲୋକଙ୍କୁ ଆବଶ୍ୟକ ସ୍ଥଳେ ବାତ୍ୟା ଆଶ୍ରୟ ସ୍ଥଳୀରେ ଆଶ୍ରୟ ନେବା ପାଇଁ ବ୍ୟବସ୍ଥା କରାଯାଉଥିବା ବେଳେ ବଡ଼ନାଳ ଡ୍ୟାମରୁ ମଧ୍ୟ ୮୫ପ୍ରତିଶତ ଜଳସ୍ତରକୁ ହ୍ରାସ କରାଯାଇଥିବା ଜଣାପଡିଛି। ସେହିପରି ରାସ୍ତାଘାଟ, ପାନୀୟ ଜଳ, ବିଦ୍ୟୁତ୍ ନେଟୱାର୍କ ଭଳି ଜରୁରୀକାଳୀନ ସ୍ୱାସ୍ଥ୍ୟ ସେବା ଯେପରି ବ୍ୟାହତ ନ ହୁଏ ସେଥିପ୍ରତି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ଶ୍ରୀ କୁଲକର୍ଣ୍ଣି ନିର୍ଦ୍ଦେଶ ଦେଇଛନ୍ତି।

# ମଣ୍ଡଳସ୍ତରୀୟ 'ସୁରଭି' କାର୍ଯ୍ୟକ୍ରମ



ପଦ୍ମପୁର,୨୬।୧୦(ସମିସ): ଆଜି ରାୟଗଡ଼ା ଜିଲ୍ଲା ପଦ୍ମପୁର ବ୍ଲକ୍ ଅଧିନସ୍ଥ ସମସ୍ତ କ୍ଲଷ୍ଟରସ୍ତରୀୟ ବିଭିନ୍ନ ବିଭାଗର ପୂର୍ବରୁ ପ୍ରଥମ ସ୍ଥାନ ଅଳଙ୍କୃତ କରିଥିବା କୃତି ଛାତ୍ରଛାତ୍ରୀଙ୍କୁ ନେଇ ବିଭିନ୍ନ ବିଭାଗର ଛାତ୍ରଛାତ୍ରୀଙ୍କୁ ଚୟନ କରି ରଙ୍ଗମଞ୍ଚରେ ଉପସ୍ଥିତ ଅତିଥିମାନଙ୍କ ଜରିଆରେ ପୁରସ୍କୃତ କରାଯାଇଛି। ଏଥିସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରି ଗୋଷ୍ଠୀ ଶିକ୍ଷାଧିକାରୀ ହୃଷିକେଶ ରଥଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନଷ୍ଠିତ ହୋଇ ପୁରସ୍କୃତ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ସହ ସୁଦୁର ଗଜପତି ଜିଲ୍ଲାର ୩ଜଣ ଶିକ୍ଷାବିତ୍ ଶିକ୍ଷକ କାଳିଆ ସାହୁ, ଶିକ୍ଷକ ଓ ସଙ୍ଗୀତଜ୍ଞ ଦୁର୍ଯୋଧନ ନାୟକ, ଶିକ୍ଷାବିଦ୍ ବସନ୍ତ କୁମାର ନାୟକଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଛି। କାର୍ଯ୍ୟକ୍ରମରେ ବ୍ଲକ୍ ଅଧ୍ୟକ୍ଷା ମଣିମାଳା ଶବର ମୁଖ୍ୟ ନିମନ୍ତ୍ରିତ ଅତିଥି ଓ ସମ୍ମାନିତ ଅତିଥି ରୂପେ ବ୍ଲକ୍ ଉପାଧ୍ୟକ୍ଷ ରମେଶ ସାହୁ ଓ ପଦ୍ମପୁର ସରପଞ୍ଚ ପ୍ରକାଶ କୋଣ୍ଡାଗିରି ଉପସ୍ଥିତ ଥାଇ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଚନ୍ଦ୍ରସେନ ଲିମା ସଭାପତି ଦାୟିତ୍ୱ ନିର୍ବାହ କରିଥିବା ବେଳେ ଖମାପଦର ସିଆରସିସି ଚିତ୍ତ ରଞ୍ଜନ ସେନାପତି ଓ ସିଡବ୍ଲୁଏସ୍ଏନ୍ କୋଡ଼ିନେଟର ସୌମ୍ୟ ନାୟକ, ଅଜିତ ଚୌଧୁରୀ, ସୁମନ୍ତ ଶବର, ରାମ ବାବୁ ବାର୍ଲା ପ୍ରମୁଖ ସହଯୋଗ କରିଥିଲେ। ସୂଚନାଯୋଗ୍ୟ, ବିଭିନ୍ନ ବର୍ଗରେ ପ୍ରଥମ ସ୍ଥାନ ଅଳଙ୍କୃତ କରିଥିବା ଛାତ୍ରଛାତ୍ରୀ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ ବୋଲି ଜଣାପଡ଼ିଛି।

# କେବେ ସୁଧାରିବ ବିଏସ୍ଏନ୍ଏଲ ?



ଗୁଡାରୀ,୨୬।୧୦ (ସମିସ): ବାରମ୍ବାର ଅଭିଯୋଗ ହେବା ପରେ ମଧ୍ୟ ଚେତା ପଶୁନି ବିଏସଏନଏଲ କାର୍ଯ୍ୟାଳୟ କର୍ତ୍ତୃପକ୍ଷଙ୍କର। ଗୁଡାରୀରେ ବିଏସଏନଏଲ ସିଗନେଲ ନାହିଁ। ଯେତେବେଳେ ଗଲେ ସଂଚାର କାର୍ଯ୍ୟାଳୟରେ ତାଲା ପଡିଥିବା ଦେଖିବାକୁ ମିଳିଛି। ଏହି କାର୍ଯ୍ୟାଳୟରେ କିଏ ଦାୟିତ୍ୱରେ ଅଛି, କାହାକୁ ଜଣାନାହିଁ। ଦୀର୍ଘ ୨୦ରୁ ୩୦ ବର୍ଷ ହେଲାଣି ଏହି ଭାରତୀୟ ସଂଚାର ବିଭାଗରେ କାମ କରୁଥିବା ଜଣେ କର୍ମଚାରୀ ଆଜକୁ ପ୍ରାୟ ଦୁଇ ବର୍ଷ ହେଲାଣି ଦରମା ମିଳୁନାହିଁ ବୋଲି କହିଛନ୍ତି। ସହରରେ ବିଏସ୍ଏନ୍ଏଲ ଗ୍ରାହକ ଶତକଡ଼ା ୨୦ ପ୍ରତିଶତ। ଯେଉଁ ଗ୍ରାହକ ଏହାକୁ ବ୍ୟବହାର କରୁଛନ୍ତି ସେମାନେ କିଛି ନଥିପତ୍ର ଦ୍ୱାରା ଫୋନ୍ ନମ୍ବର ସଂଯୋଗ ଥିବା ଯୋଗୁଁ ଏହି ସିମ୍ ରଖିଛନ୍ତି। ଗ୍ରାହକ ସିମିତ ଭିତରେ ରହିବା ଫଳରେ କାର୍ଯ୍ୟରତ ଅଫିସର ହାତ ଝାଡି ବସିଛନ୍ତି ବୋଲି କୁହାଯାଉଛି। ଏହି ବିଭାଗ କେନ୍ଦ୍ର ସରକାର ଅଧୀନରେ ରହୁଛି। ଏଥିପ୍ରତି ତୁରନ୍ତ ପଦକ୍ଷେପ ନେଇ ଦୋଷୀ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

# କ୍ଲଷ୍ଟରସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ



ରାୟଗଡା, ୨୬।୧୦(ସମିସ): ରାୟଗଡ଼ା ଜିଲ୍ଲା ସଦର ବ୍ଲକ କାର୍ଲାକଣା ପଞ୍ଚାୟତ ମିନି ଷ୍ଟାଡିୟମରେ ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରାଳୟ ମେରା ଯୁବା ଭାରତ ରାୟଗଡ଼ା ଶାଖା ଦ୍ୱାରା ଆୟୋଜିତ କ୍ଲଷ୍ଟର ସ୍ତରୀୟ କ୍ରୀଡା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କାର୍ଲାକଣା ପଞ୍ଚାୟତର ସରପଞ୍ଚ ନିଳାମ୍ବର ବିଡ଼ିକା, ରାୟଗଡ଼ା ବ୍ଲକ 'ଗ'ଜୋନ ଜିଲ୍ଲା ପରିଷଦ ସଭ୍ୟା ସନ୍ଧ୍ୟାରାଣୀ ପୁଲାକା ଏବଂ ଯୁବ ସାମ୍ବାଦିକ ତଥା ସମାଜସେବୀ ସଦାନନ୍ଦ ପେଦେଣ୍ଟି ଯୋଗ ଦେଇଥିଲେ। ଏହି ପ୍ରତିଯୋଗିତାଟି ଜିଲ୍ଲା ଯୁବା ଖେଳ ପ୍ରମୁଖ ତାଟିକଣ୍ଡାର ଏ.ବି.ନରସିଂହା କୁମାରଙ୍କ ତତ୍ତ୍ୱାବଧାନରେ ଆରମ୍ଭ ହେଇଥିଲା। କ୍ରୀଡ଼ାରେ ରୁଚି ରଖିଥିବା ତଥା ବିଭିନ୍ନ ଖେଳ ବିଷୟରେ ଜାଣିଥିବା ଯୁବକ ଯୁବତୀ କିମ୍ବା ଛାତ୍ରଛାତ୍ରୀମାନେ ଅଧାରୁ ପାଠ ଛାଡିଥିବା ଡ୍ରପ୍ ଆଉଟ ପିଲାମାନେ କିପରି ଆଗ୍ରହ ସହ ଆଗକୁ ଆସିବେ ଶିକ୍ଷା ବା କ୍ରୀଡ଼ାରେ କିପରି ଆଗକୁ ଉନ୍ନତି ହେବେ ସେହି ଲକ୍ଷ୍ୟ ନେଇ ଏହି କ୍ରୀଡ଼ା ପ୍ରତିଯୋଗିତା ହୋଇଥିଲା। ତିନିଦିନ ଧରି ଏହି ପ୍ରତିଯୋଗିତା ହେଉଥିବା ବେଳେ ଆଜି ଶେଷ ହୋଇଛି। ରାୟଗଡ଼ା ବ୍ଲକର ୧୧ଟି ପଞ୍ଚାୟତର ବିଭିନ୍ନ ଯୁବକ ସଂଘର ଯୁବ ଗୋଷ୍ଠୀ ବିଭିନ୍ନ ଖେଳ ପ୍ରତିଯୋଗିତାରେ ଯୋଗ ଦେଇଥିଲେ। ଶେଷ ଦିନରେ ଭଲିବଲ ଖେଳ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ ଧରତୀ ଆବା ଯୁବକ ସଂଘ ଓ ଜୟ ସଦଗୁରୁ ଯୁବକ ସଂଘ ମଧ୍ୟ ର ମ୍ୟାଚ୍ ହେଇଥିଲା। ଶେଷରେ ଜୟ ସଦ୍‌ଗୁରୁ ଯୁବକ ସଂଘ କମ୍ ସମୟରେ ଅଧିକ ପଏଣ୍ଟ ରଖି ବାଜି ମାରିଥିଲା ଏବଂ ଚାମ୍ପିଆନ ହେଇଥିଲା। ବିଜେତା ଖେଳାଳିଙ୍କୁ ଅତିଥିମାନେ ମାନପତ୍ର ସହ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ଯୁବା ଭାରତ ରାୟଗଡ଼ା ବ୍ଲକର ସହକାରୀ ମୋହନ ମୁକ୍ତା ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

# 'ମୋନ୍ଥା'ର ମୁକାବିଲା ପାଇଁ ପ୍ରସ୍ତୁତି



ମାଲକାନଗିରି/ମାଥିଲି,୨୬।୧୦(ସମିସ): ବାତ୍ୟା 'ମୋନ୍ଥା'ର ମୁକାବିଲା ପାଇଁ ମାଲକାନଗିରି ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ତତ୍ପର ରହିଛି। ଜିଲ୍ଲାପାଳ ସୋମେଶ ଉପାଧ୍ୟାୟଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲାର ସମସ୍ତ ବ୍ଲକ ପ୍ରଶାସନ ଏଦିଗରେ ବିଭିନ୍ନ ପଦକ୍ଷେପ ନେଇଛନ୍ତି। ବିଶେଷ କରି ଜିଲ୍ଲାର ତଳି ଅଞ୍ଚଳରେ ସମସ୍ତ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କୁ ଏଦିଗରେ ଆଲର୍ଟ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ସମସ୍ତ ପରିସ୍ଥିତିକୁ ସାମ୍ନା କରିବା ପାଇଁ ଶୁଖା ଓ ରନ୍ଧା ଖାଦ୍ୟର ବ୍ୟବସ୍ଥା ଠାରୁ ଆରମ୍ଭ କରି ବାତ୍ୟା ଆଶ୍ରୟ ସ୍ଥଳୀକୁ ପ୍ରସ୍ତୁତ ରଖିବା, ଅଗ୍ନିଶମ ବାହିନୀକୁ ତତ୍ପର ରହିବା ଭଳି ବିଭିନ୍ନ ନିର୍ଦ୍ଦେଶ ଦିଆଯାଇଛି। ଏହା ସହ ଜିଲ୍ଲାରେ ଅଧିକାରୀଙ୍କ ଛୁଟି ମଧ୍ୟ ବାତିଲ ହୋଇଥିବା ଜଣାପଡିଛି। ସେହିପରି ଜିଲ୍ଲାର ମାଥିଲି ବ୍ଲକ ପ୍ରଶାସନ ମଧ୍ୟ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବା ସୂଚନା ଦେଇଛନ୍ତି ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରମୋଦ କୁମାର ବେହେରା। ଆସନ୍ତା ୨୭ ତାରିଖ ଠାରୁ ୩୦ ତାରିଖ ପର୍ଯ୍ୟନ୍ତ ବ୍ଲକ ପ୍ରଶାସନ ସଜାଗ ରହି ଥିବା ବେଳେ ସମସ୍ତ ସରକାରୀ ଓ ବେସରକାରୀ କର୍ମଚାରୀ ଛୁଟି ବାତିଲ ସହିତ ସଜାଗ ରହିଛନ୍ତି। ବାତ୍ୟା ମୋନ୍ଥା ଆସନ୍ତା ୨୮ ତାରିଖରେ ସ୍ଥଳ ଭାଗ ଛୁଇଁବ। ସେହି ସମୟରେ ପ୍ରବଳ ବର୍ଷା ସହ ୭୦ ରୁ ୮୦ କିଲୋମିଟର ବେଗରେ ପବନ ବୋହିବ ବୋଲି ପାଣିପାଗ ବିଭାଗ ଆକଳନ କରିଛି। ବାତ୍ୟା ମୁକାବିଲା ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ପ୍ରତ୍ୟକ ପଞ୍ଚାୟତର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ରାଜସ୍ୱ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀ, ପୋଲିସ କର୍ମଚାରୀ, ବନ ବିଭାଗର ଅଧିକାରୀ ଓ କର୍ମଚାରୀ, ସ୍ୱାସ୍ଥ୍ୟ ବିଭାଗର ଡାକ୍ତର ଓ କର୍ମଚାରୀ, ଅଙ୍ଗନବାଡି କର୍ମୀ, ଆଶା କର୍ମୀ, ଜିଆରଏସ ଓ ଗାଁ ସାଥି ମାନଙ୍କୁ ସଜାଗ ରଖା ଯାଇଛି ବୋଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ବେହେରା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ବିଦ୍ୟୁତ୍ ବିଭାଗ ପ୍ରସ୍ତୁତ ରହିଥିବା କହିଛନ୍ତି କନିଷ୍ଠ ଯନ୍ତ୍ରୀ ଚିତ୍ତରଞ୍ଜନ ମହାରଣା। ମାଥିଲି ଅଗ୍ନିଶମ ବହିନୀର କର୍ମଚାରୀ ମାନେ ସଜାଗ ଥିବା ମାଥିଲି ଅଗ୍ନିଶମ ବାହିନୀର ଅଧିକାରୀ ରେଣୁ ଦିଶାରୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। କଟା ଯାଇଥିବା ଧାନ ଗୁଡିକୁ ଘୋଡାଇ ରଖିବା, ନଦୀକୂଳିଆ ଲୋକେ ମାଛ ଧରିବା ପାଇଁ ନଦୀକୁ ନ ଯିବା ପାଇଁ ଗ୍ରାମ ଗୁଡିକରେ ଡ଼ାକବାଜି ଯନ୍ତ୍ର ମାଧ୍ୟମରେ ସଚେତନ କରିବା ପାଇଁ ସମସ୍ତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଯେପରି କୌଣସି ପ୍ରକାର ଜନଜୀବନ ହାନି ନହେବ, ସେଥିପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି ବୋଲି ବିଡିଓ ଶ୍ରୀ ବେହେରା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

# ମୌଳିକ ସାକ୍ଷରତା ପରୀକ୍ଷା

ମାଥିଲି,୨୬।୧୦(ସମିସ): ରାଷ୍ଟ୍ରୀୟ ମୁକ୍ତ ବିଦ୍ୟାଳୟ ସଂସ୍ଥାନ ଅଧିନରେ ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ "ଉଲ୍ଲାସ' ଅନ୍ତର୍ଗତ ମୌଳିକ ସାକ୍ଷରତା ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ମାଲକାନଗିରି ଜିଲ୍ଲା ମାଥିଲି ଗୋଷ୍ଠୀ ଶିକ୍ଷାଧିକାରୀ ସୁମିତ୍ ବିଶ୍ୱାସଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଶିକ୍ଷକ/ଶିକ୍ଷୟିତ୍ରୀ ମାନେ ଉଲ୍ଲାସ ଆପ୍ ମାଧ୍ୟମରେ ୩୨୦୦ରୁ ଅଧିକ ଅଭିଭାବକଙ୍କ ନାମ ପଞ୍ଜିକୃତ କରିଥିଲେ। ମାଥିଲି ବ୍ଲକ୍ ଅନ୍ତର୍ଗତ ୨୦ଟି ଗ୍ରାମପଞ୍ଚାୟତର ୨୦୮ଟି ବିଦ୍ୟାଳୟରେ ଅଭିଭାବକ ମାନେ ଲିଖନ, ପଠନ, ସଂଖ୍ୟା ଜ୍ଞାନ ସମ୍ବନ୍ଧରେ ୧୫୦ ମାର୍କର ପରୀକ୍ଷା ଦେଇଥିଲେ। ୧୮ ବର୍ଷରୁ ଅଧିକ ବୟସ୍କ ନିରକ୍ଷରଙ୍କୁ ଗ୍ରାମର ସେଚ୍ଛାସେବୀ ଶିକ୍ଷକଙ୍କ ଜରିଆରେ ମୌଳିକ ସାକ୍ଷରତା, ସଂଖ୍ୟାଜ୍ଞାନ ଓ ଜୀବନ କୌଶଳ ଶିକ୍ଷା ପାଇଁ ଉଲ୍ଲାସ କାର୍ଯ୍ୟକ୍ରମ ହେବ। ମାଥିଲି ବ୍ଲକ ଅନ୍ତର୍ଗତ ୨୦ଟି ଗ୍ରାମପଞ୍ଚାୟତର ୨୦୮ ବିଦ୍ୟାଳୟରେ ମୋଟ ୩୧୨୭ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଉଥିଲେ। ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀ ବିଶ୍ୱାସ ଏବଂ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଛାତିଶ ଚନ୍ଦ୍ର ନାୟକ ବିଭିନ୍ନ ବିଦ୍ୟାଳୟ ପରିଭ୍ରମଣ କରି ତଦାରଖ କରିଥିଲେ। ପ୍ରକାଶ ଥାଉକି ଏହି ପରୀକ୍ଷାରେ ଉତ୍ତୀର୍ଣ୍ଣ ପରୀକ୍ଷାର୍ଥୀ ମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରି ଉତ୍ସାହିତ କରାଯିବ ବୋଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀ ବିଶ୍ୱାସ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

# ଜିଲ୍ଲାରେ 'ଉଲ୍ଲାସ' ପରୀକ୍ଷା

ମାଲକାନଗିରି, ୨୬।୧୦(ସମିସ): ଆଜି ମାଲକାନାଗିରି ଜିଲ୍ଲାରେ ଉଲ୍ଲାସ ପରୀକ୍ଷା ଆୟୋଜନ କରାଯାଇଛି। ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ କାର୍ଯ୍ୟସୂଚୀ କ୍ରମେ ମାଲକାନଗିରି ଜିଲ୍ଲାର ୭ଟି ବ୍ଲକର ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ଏହି ପରୀକ୍ଷା ଆୟୋଜନ କରାଯାଇଛି। ୧୫ ବର୍ଷରୁ ଅଧିକ ବୟସ୍କ ନିରକ୍ଷରଙ୍କ ପାଇଁ ଆୟୋଜିତ ଏହି ପରୀକ୍ଷାରେ ସମସ୍ତ ବ୍ଲକର ଶିକ୍ଷକ ଶିକ୍ଷୟିତ୍ରୀ ମାନେ ୪୩୫ ଗୋଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଅୟୋଜନ କରିଥିଲେ। ପ୍ରାରମ୍ଭିକ ତଥ୍ୟ ଅନୁଯାୟୀ ପ୍ରାୟ ୪୫୦୦ ଜଣ ନିରକ୍ଷର ବ୍ୟକ୍ତି ଏହି ପରୀକ୍ଷା ଦେଇଥିଲେ। ସମସ୍ତ ପରୀକ୍ଷା କେନ୍ଦ୍ର ରେ ଜିଲ୍ଲା ଶିକ୍ଷା ବିଭାଗ ତରଫରୁ ପର୍ଯ୍ୟବେକ୍ଷକ ନିୟୋଜିତ କରା ଯାଇଥିଲା। ପରୀକ୍ଷାରେ ସଫଳ ବ୍ୟକ୍ତି ମାନଙ୍କୁ ଜାତୀୟ ମୁକ୍ତ ବିଦ୍ୟାଳୟ ତରଫରୁ ପ୍ରମାଣ ପତ୍ର ଗୁଡ଼ିକ ପ୍ରଦାନ କରାଯିବ। ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇ ଏହି ପରୀକ୍ଷା ସଫଳତାର ସହ ଆୟୋଜନ କରିଥିଲେ।

# ବାତ୍ୟା ମୁକାବିଲା ପାଇଁ ପ୍ରଶାସନର ପ୍ରସ୍ତୁତି



କୋରାପୁଟ,୨୬।୧୦(ସମିସ): ସମ୍ଭାବ୍ୟ ବାତ୍ୟା ମୋନ୍ଥାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ,ତହସିଲଦାର, ବିଡିଓ ଯୋଗ ଦେଇ ବାତ୍ୟା ମୁକାବିଲା ନିମନ୍ତେ ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଥିଲେ। ବିଶେଷ କରି ଉପାନ୍ତ ଅଞ୍ଚଳରେ ଆବଶ୍ୟକୀୟ ଖାଦ୍ୟ ସାମଗ୍ରୀ,ଔଷଧ, ଶୁଖିଲା ଖାଦ୍ୟ, ଅତ୍ୟାବଶ୍ୟକ ସାମଗ୍ରୀ ମହଜୁଦ ରଖିବାକୁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିବା ବେଳେ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜ ଓ ହସପିଟାଲ ଏବଂ ଜୟପୁର ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମଧ୍ୟ ଶୁଖିଲା ଖାଦ୍ୟ ଗଚ୍ଛିତ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ବ୍ୟତୀତ ଓଡ୍ରାଫ ଓ ଅଗ୍ନିଶମ ବିଭାଗ କର୍ମଚାରୀ ମାନଙ୍କୁ ବନ୍ୟା ପ୍ରଭାବିତ ଅଞ୍ଚଳରେ ମୁତୟନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟ ପକ୍ଷରେ ଭିଡିଓ କନଫରେନ୍ସ ମାଧ୍ୟମରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଜିଲ୍ଲାପାଳଙ୍କ ସହ ଆଲୋଚନା କରି ପ୍ରସ୍ତୁତି ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି। ସେହିପରି ପାଣିପାଗ ବିଭାଗର ଆଞ୍ଚଳିକ ନିର୍ଦ୍ଦେଶିକା ମନରୋମା ମହାନ୍ତି ମଧ୍ୟ ଜିଲ୍ଲାପାଳଙ୍କ ସହ ଆଲୋଚନା କରିଛନ୍ତି। ଜିରୋ କାଜୁଆଲଟି ଆମର ପ୍ରାଥମିକତା ବୋଲି ଜିଲ୍ଲାପାଳ ପ୍ରତିକ୍ରିୟା ରଖିବା ସହ ସୋମବାର ପଞ୍ଚାୟତ ପ୍ରତିନିଧି ମାନଙ୍କ ସହ ଆଲୋଚନା କରାଯିବ ବୋଲି କହିଛନ୍ତି।

# କେଚେଲା ଯାଇଥିବା ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

କୋରାପୁଟ,୨୬/୧୦/(ସମିସ): ରବିବାର ଅପରାହ୍ନରେ ପର୍ଯ୍ୟଟନ ସ୍ଥଳୀ କେଚେଲା ବୁଲିବାକୁ ଯାଇଥିବା ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ମୃତକଙ୍କ ସାଙ୍ଗର ବୟାନରେ ତାଳମେଳ ରହୁନଥିବା ନେଇ ପୁଲିସ ସାଙ୍ଗ ମାନଙ୍କ ଉପରେ ସନ୍ଦେହ କରୁଛି। ସୂଚନା ଅନୁଯାୟୀ କୋରାପୁଟ ଆଦିତ୍ୟ ନଗର ବାସିନ୍ଦା ଜେଜେ କୁମାର ଭଦ୍ରାଙ୍କ ୨୦ ବର୍ଷୀୟ ପୁଅ ଅଂଶୁମାନ ଭଦ୍ରା ଅନ୍ୟ ୩ ଜଣ ବନ୍ଧୁଙ୍କ ସହ ରବିବାର ଅପରାହ୍ନରେ ପର୍ଯ୍ୟଟନ ସ୍ଥଳୀ କେଚେଲା ବୁଲିବାକୁ ଯାଇଥିଲେ। ପ୍ରାୟ ସନ୍ଧ୍ୟା ୬ ଘଣ୍ଟା ସମୟରେ ଅଂଶୁମାନକୁ ଅଚେତ ଅବସ୍ଥାରେ ଜଣେ ସାଙ୍ଗ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜ ଓ ହସ୍‌ପିଟାଲ ଆଣିଥିଲେ। ହେଲେ ଡାକ୍ତର ଅଂଶୁମାନକୁ ମୃତ ଘୋଷଣା କରିଥିଲେ। ଘଟଣା ପ୍ରଘଟ ହେବା ପରେ ଅଂଶୁମାନର ପରିବାର ଲୋକ ଓ ଅନ୍ୟ ସାଙ୍ଗ ସାଥି ହସ୍ପିଟାଲରେ ପହଞ୍ଚି ମୃତ୍ୟୁ ସମ୍ପର୍କରେ ପଚରା ଉଚୁରା କରିଥିଲେ। କିନ୍ତୁ ସାଙ୍ଗ ଜଣକ ବାରମ୍ବାର କଥା ବଦଳାଇବାରୁ ମୃତ୍ୟୁର କାରଣକୁ ନେଇ ସନ୍ଦେହ ହୋଇଥିଲା। ଖବର ପାଇ କୋରାପୁଟ ସଦର ଥାନା ପୁଲିସ ପହଞ୍ଚି ଉକ୍ତ ସାଙ୍ଗକୁ ଥାନାରେ ଅଟକ ରଖି ପଚରାଉଚରା କରୁଛି ଓ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅଂଶୁମାନ ସହ ଯାଇଥିବା ଅନ୍ୟ ଦୁଇଜଣ ଯୁବକ କେଉଁ ଆଡ଼େ ଚାଲି ଯାଇଥିବାରୁ ଘଟଣା ଅଧିକ ଜଟିଳ ହେବାରେ ଲାଗିଛି। ଅନ୍ୟ ପକ୍ଷରେ ସୋମବାର ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଜଣାପଡ଼ିଛି।

# ଠିପିଖୋଲା ବିଦେଶୀ ମଦ ଦୋକାନକୁ ବିରୋଧ



ଗୁଣୁପୁର, ୨୬।୧୦(ସମିସ): ରାୟଗଡ଼ା ଜିଲ୍ଲା ପଦ୍ମପୁର ଥାନା ଅନ୍ତର୍ଗତ ଜାତିଲି ରାସ୍ତାରେ ଥିବା ଠିପି ଖୋଲା ବିଦେଶୀ ମଦ ଦୋକାନକୁ ବିରୋଧ କରି ଆଜି ତାଲା ପକାଇଛନ୍ତି ଗ୍ରାମର ଶତାଧିକ ମହିଳା। ଏଠାରେ ମଦ ଦୋକାନକୁ ବିରୋଧ କରି ପୁଲିସ ଓ ଅବକାରୀ ବିଭାଗକୁ ବାରମ୍ବାର ଅଭିଯୋଗ କରିବା ପରେ କୌଣସି ପଦକ୍ଷେପ ନ ନେବାରୁ ମହିଳାମାନେ ଦୋକାନ ଭିତରେ ପଶି ବିରୋଧ କରି ଦୋକାନୀକୁ ବାହାରକୁ କାଢ଼ିବା ପରେ ତାଲା ପକାଇ ଦେଇଛନ୍ତି। ଏହି ମଦ ବାରରେ ୧୫ ବର୍ଷରୁ କମ୍ ବୟସର ପିଲାଙ୍କୁ ମଦ ଦେବା ସହ ରାସ୍ତାରେ ଯାଉଥିବା ମହିଳା, ଝିଅ ମାନଙ୍କୁ ମଦ୍ୟପ ମାନେ କମେଣ୍ଟ କରୁଥିବା ଅଭିଯୋଗ ହୋଇଛି। ଫଳରେ ରାସ୍ତାରେ ମହିଳାମାନେ ଯିବା ଆସିବା କରିବା ସୁରକ୍ଷିତ ନ ଥିବାରୁ ବାଧ୍ୟ ହୋଇ ମହିଳାମାନେ ଆଗକୁ ଆସି ବିରୋଧ କରିଥିବା କହିଛନ୍ତି। ପ୍ରଶାସନ ଏଥିରେ ବିହିତ ପଦକ୍ଷେପ ନ ନେଲେ ଆଗକୁ ଜୋରଦାର ଆନ୍ଦୋଳନ କରାଯିବା ନେଇ ଚେତାବନୀ ଦେଇଛନ୍ତି ମହିଳା।

## ଜିଲ୍ଲାରେ ରନ୍ଧନ ଗ୍ୟାସ ସିଲିଣ୍ଡର ଅଭାବ

# ଉପଭୋକ୍ତା ହନ୍ତସନ୍ତ; କଳାବଜାର ଆଶଙ୍କା

ରାୟଗଡ଼ା,୨୬।୧୦(ସମିସ): ରାୟଗଡ଼ା ଜିଲ୍ଲାରେ ରନ୍ଧନ ଗ୍ୟାସ ସିଲିଣ୍ଡର ଅଭାବ ଦେଖାଦେଇଛି। ଗତ ୧୫ଦିନ ହେଲାଣ ଏହାର ଘୋର ଅଭାବ ରହିଥିବା ବେଳେ ଉପଭୋକ୍ତାମାନେ ସିଲିଣ୍ଡର ନ ପାଇ ହନ୍ତସନ୍ତ ହେଉଛନ୍ତି। ଏହାର କଳାବଜାରୀ ଯୋଗୁଁ ଚଢାଦରରେ କିଣିବାକୁ ଲୋକେ ବାଧ୍ୟ ହେଉଛନ୍ତି। ରାୟଗଡ଼ା ସହର ନିକଟସ୍ଥ ପିତାମହଲ ଶିଳ୍ପାଞ୍ଚଳରେ ରହିଛି ଏଚ୍‌ପି ଗ୍ୟାସ ଫିଲିଂ ଷ୍ଟେସନ। ହେଲେ ଗତ ୧୫ ଦିନ ଧରି ଫିଲିଂ ଷ୍ଟେସନକୁ ଗ୍ୟାସ ଟ୍ୟାଙ୍କର ଆସୁନାହିଁ। ଫଳରେ ଡିଲରମାନଙ୍କୁ ଠିକ୍ ସମୟରେ ଗ୍ୟାସ ସିଲିଣ୍ଡର ମିଳିପାରୁନି। ଯାହାଫଳରେ ଉପଭୋକ୍ତା ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉପଭୋକ୍ତା ଗ୍ୟାସ ସିଲିଣ୍ଡର ବୁକିଂ କରି ମଧ୍ୟ ସଠିକ୍ ସମୟରେ ଗ୍ୟାସ ପାଉନାହାଁନ୍ତି। ବିଶେଷ କରି ଏହାର ପ୍ରଭାବ ହୋଟେଲ ରେଷ୍ଟୁରାଣ୍ଟ, ଫାଷ୍ଟଫୁଡ ଦୋକାନୀ ଭଳି ଅନେକ ବ୍ୟବସାୟୀଙ୍କ ଉପରେ ପଡିଛି। ଏମାନଙ୍କୁ କମରସିଆଲ ଗ୍ୟାସ ସିଲିଣ୍ଡର ମିଳୁ ନ ଥିବାରୁ ଘରେଇ ସିଲିଣ୍ଡରକୁ ଚଢ଼ା ଦରରେ କିଣି ନେଉଥିବା ଯୋଗୁଁ ସମସ୍ୟା ଦେଖା ଦେଉଛି। ସୂଚନାଯୋଗ୍ୟ, ରାୟଗଡ଼ା ଫିଲିଂ ଷ୍ଟେସନରେ ଦୈନିକ ୧୨୦ମେଟ୍ରିକ ଟନ୍ ଗ୍ୟାସ ଆବଶ୍ୟକ ପଡିଥାଏ। ଯେଉଁଥିରେ କି ରାୟଗଡ଼ା, କୋରାପୁଟ, ନବରଙ୍ଗପୁର, ମାଲକାନଗିରି ସମେତ ପଶ୍ଚିମ ଓଡ଼ିଶାର ୮ଟି ଜିଲ୍ଲାକୁ ଗ୍ୟାସ ସିଲିଣ୍ଡର ଯୋଗାଣ ହେଉଛି। ରାୟଗଡ଼ା ଫିଲିଂ ଷ୍ଟେସନ ଅଧୀନରେ ପ୍ରାୟ ୬ ଲକ୍ଷ ଉପଭୋକ୍ତାଙ୍କୁ ଗ୍ୟାସ ଯୋଗାଇ ଦିଆଯାଉଛି ଡିଲରଙ୍କ ମାଧ୍ୟମରେ। ହେଲେ ବର୍ତ୍ତମାନ ଫିଲିଂ ଷ୍ଟେସନକୁ ବିଶାଖାପାଟଣାମ ଠାରୁ ନିୟମିତ ଭାବେ ଗ୍ୟାସ ଆସୁନଥିବା କାରଣରୁ ଲୋକେ ସମସ୍ୟା ଭୋଗୁଛନ୍ତି। ତେବେ ଏନେଇ ରାୟଗଡ଼ା ସ୍ଥିତ ଏଚପି ଫିଲିଂ ଷ୍ଟେସନ ପ୍ଲାଣ୍ଟ ହେଡ୍ ପ୍ରବୀଣ କୁମକାର ସିକାଙ୍କୁ ପଚାରିବାରୁ ଗତ କିଛି ଦିନ ହେଲା ଏହି ସମସ୍ୟା ସୃଷ୍ଟି ହୋଇଛି ବୋଲି କହିଛନ୍ତି। ଆବଶ୍ୟକ ପରିମାଣରେ ଗ୍ୟାସ ଆସୁନଥିବା କାରଣରୁ ଜିଲ୍ଲାରେ ଗ୍ୟାସ୍ ଅଭାବ ଦେଖାଦେଇଛି। ପୁରୁଣା ଟେଣ୍ଡର ଶେଷ ହୋଇଥିବା ବେଳେ ନୂତନ ଟେଣ୍ଡେର ପ୍ରକ୍ରିୟା ଶେଷ ହୋଇଛି। ଆସନ୍ତା ସପ୍ତାହକ ମଧ୍ୟରେ ବିଶାଖାପାଟଣାମ ଓ ରାୟପୁର ଠାରୁ ଗ୍ୟାସ ଟ୍ୟାଙ୍କର ଆସିବା ପରେ ଆଉ ସମସ୍ୟା ରହିବ ନାହିଁ ବୋଲି କହିଛନ୍ତି ଏଚପିସିଏଲ କର୍ତ୍ତୃପକ୍ଷ ପ୍ରବୀଣ।

# ବିଶ୍ୱଶାନ୍ତି କଳସ ଯାତ୍ରା, ଗାୟତ୍ରୀ ମହାଯଜ୍ଞ



ଚନ୍ଦ୍ରପୁର,୨୬।୧୦(ସମିସ): ରାୟଗଡ଼ା ଜିଲ୍ଲା ଆଦିବାସୀ ଅଧ୍ୟୁଷିତ ଚନ୍ଦ୍ରପୁର ବ୍ଲକ ଅନ୍ତର୍ଗତ ଟୁରିଗୁଡ଼ା ଗ୍ରାମ ପଞ୍ଚାୟତ ଅଧୀନ ଡେଲାପଡ଼ା ଗ୍ରାମ ଠାରେ କଳସ ଯାତ୍ରା, ନଗର କୀର୍ତ୍ତନ, ଏକ କୁଣ୍ଡିୟ ଗାୟତ୍ରୀ ମହାଯଜ୍ଞ, ୧୦୦୮ ଦୀପ ପ୍ରଜ୍ୱଳନ କରାଯିବ। ପବିତ୍ର ଶୈବ ପୀଠର ବାବା ସ୍ୱାମୀ ଯୋନକାନନ୍ଦ ଗିରିଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। କାର୍ଯ୍ୟକ୍ରମକୁ ଗ୍ରାମର ମୁଖ୍ୟ ମାଗତା ସାହୁକାରଙ୍କ ପରିଚାଳନାରେ କରାଯାଉଛି। ଚନ୍ଦ୍ରପୁର, ବିଜାପୁର ଗୁଡ଼ାରୀ ଓ ମୁନିଗୁଡା ବନବାସୀ କ୍ଷେତ୍ରରେ କାର୍ଯ୍ୟକ୍ରମ ଚାଲୁ ରହିବ ବୋଲି ସ୍ୱାମୀ ଜାନକା ନନ୍ଦ ଗିରି କହିଛନ୍ତି। କାର୍ଯ୍ୟକ୍ରମକୁ ଗ୍ରାମର ମୀନ କେତନ ସାହୁକାର, ପ୍ରିୟରଞ୍ଜନ ସାହୁକାର, ରାମଚନ୍ଦ୍ର କାଡ଼ମାକା, ଚିନ୍ତାମଣି ଗୋଗେରେଙ୍ଗା, ତରଣୀ ସାହୁ, ସୁବାସ ସାହୁକାର, ରମେଶ ସାହୁ, ପବିତ୍ର ଗୋଗେରେଙ୍ଗା, ମିଳି କାଣ୍ଡମାକା, ବନିତା ଗୋଗେରେଙ୍ଗା, ରଜତ ସାରକା ଓ ଗ୍ରାମବାସୀ ସହଯୋଗ କରିଥିଲେ।

# ଦିନରେ ଇଞ୍ଜିନିୟର; ରାତିରେ କ୍ୟାବ୍ ଡ୍ରାଇଭର



ବେଙ୍ଗାଲୁରୁ,୨୬ ।୧୦(ଏଜେନ୍ସି): ବେଙ୍ଗାଲୁରୁରେ କ୍ୟାବ୍ ଡ୍ରାଇଭରମାନେ ବେଳେବେଳେ ଲୋକଙ୍କ କଲ୍‌କୁ ଅତି ଭଦ୍ର ତଥା କର୍ପୋରେଟ ଭାଷାରେ ଉତ୍ତର ଦେଉଥିବାର ଲକ୍ଷ୍ୟ କରାଯାଉଛି । ଏହି କ୍ୟାବ୍ ଡ୍ରାଇଭରମାନଙ୍କୁ ଦେଖି ଯେ କେହି ବି ଆଶ୍ଚର୍ଯ୍ୟ ହୋଇଯାଆନ୍ତି । କାରଣ ଏମାନେ ବୃତ୍ତିଗତଙ୍କ ଭଳି କଥା ହୋଇଥାନ୍ତି । ଏଭଳି ବ୍ୟକ୍ତି ଟେକ୍‌ନିସିଆନ ବା ସଫ୍ଟୱାର ଇଞ୍ଜିନିୟର ହୋଇଥାଇପାରନ୍ତି । ବିଶ୍ୱାସ ନ ହେଲେ ବି ଏହା ସତ । ଦିନରେ ସଫ୍ଟୱାର ଇଞ୍ଜିନିୟର କରୁଥିବା ଯୁବକ ମାନେ ରାତିରେ କ୍ୟାବ୍ ଡ୍ରାଇଭର ହେବାକୁ ପଛାଉ ନାହାନ୍ତି । ଏମାନେ ରାତିରେ ଓଲା, ଉବର, ରାପିଡୋ ଓ ନମାଯାତ୍ରୀ ଭଳି ପ୍ଲାଟଫର୍ମ ପାଇଁ ରାତିରେ କ୍ୟାବ୍ ଚଳାଉଛନ୍ତି । ଅବଶ୍ୟ ଏମାନେ କିଛି ଅଧିକ ଅର୍ଥ ଉପାର୍ଜନ କରୁଛନ୍ତି । ନିଜ ପରିଚୟ ଗୋପନ

## ବେଙ୍ଗାଲୁରୁରେ ରାତିରେ ଓଲା, ଉବର ଚଳାଉଛନ୍ତି ଇଞ୍ଜିନିୟର

ଭାବେ କାର୍ଯ୍ୟ କରୁଥିବା ଏହି ଟେକ୍‌ନିସିଆନମାନେ ରାତିରେ କ୍ୟାବ ଚଳାଉଛନ୍ତି । ତେବେ କେବଳ ଟଙ୍କା ପାଇଁ ସେମାନେ ଏପରି କରୁନାହାନ୍ତି । ନିଜର ନିଃସଙ୍ଗତା ଏବଂ ଅଫିସ୍‌ରେ ସାମ୍ନା କରୁଥିବା କର୍ପୋରେଟ୍ ଚ୍ୟାଲେଞ୍ଜ ବା କଠିନତାକୁ ଦୂର କରିବାକୁ ଇଞ୍ଜିନିୟର ଏବଂ ଟେକନିସିଆନମାନେ ଏପରି ଅଭିନବ ପନ୍ଥା ଆପଣାଉଛନ୍ତି । କିନ୍ତୁ ଏହା ଏବେ ଏକ ଗମ୍ଭୀର ପ୍ରଶ୍ନ ଉତ୍ଥାପନ କରିଛି । ଏହା କର୍ପୋରେଟ ସଂସ୍କୃତିର ସମସ୍ୟାକୁ ପଦାରେ ପକାଇ ଦେଇଛି । ନିଜକୁ ବ୍ୟସ୍ତ ରଖିବା ପାଇଁ ତଥା ଚିନ୍ତାରୁ ମୁକ୍ତି ପାଇଁ ଦିନରେ ସଫ୍ଟୱାର ଇଞ୍ଜିନିୟର ଭାବେ କାର୍ଯ୍ୟ ରଖି ଏମାନେ ଅଜଣା ବ୍ୟକ୍ତିଙ୍କ ସହ କଥା ହୋଇ ନିଜକୁ ହାଲ୍‌କା କରିବାର ସୁଯୋଗକୁ ହାତଛଡ଼ା କରିବାକୁ ଚାହାନ୍ତି ନାହିଁ । ତେବେ କେବଳ ବେଙ୍ଗାଲୁରୁରେ ଏହା ଦେଖିବାକୁ ମିଳୁନାହିଁ । ଦିଲ୍ଲୀ, ମୁମ୍ବଇ ଭଳି ସହରରେ ମଧ୍ୟ ଟେକ୍‌ନିସିଆନ ମାନେ ରାତିରେ କ୍ୟାବ ଡ୍ରାଇଭ୍ କରୁଥିବାର ଦେଖିବାକୁ ମିଳିଛି । କେତେକ ଟେକ୍‌ନିସିଆନ କେବଳ ଅର୍ଥ ପାଇଁ ଏହା କରୁଥିବାର ଜଣାଯାଇଛି । କାରଣ ରାତିକୁ ଏମାନେ ୩ରୁ ସାଢ଼େ ୪ ହଜାର ଟଙ୍କା ଆୟ କରିବାରେ ସକ୍ଷମ ହେଉଛନ୍ତି । ଆଉ କେତେଜଣ କ୍ୟାବ୍ ଡ୍ରାଇଭର ହେବାର ଅଭିଜ୍ଞତା ହାସଲ କରିବାକୁ ଏପରି କରୁଛନ୍ତି ବୋଲି ଅନୁମାନ କରାଯାଉଛି ।

# ନିଶା ପାଇଁ ଦୁଇ ଲକ୍ଷରେ ପୁଅକୁ ବିକିଦେଲେ ଦମ୍ପତି



ଚଣ୍ଡିଗଡ଼,୨୬ ।୧୦(ଏଜେନ୍ସି): ପଞ୍ଜାବର ମାନସା ଜିଲ୍ଲାରେ ଏକ ନିଶାଶକ୍ତ ଦମ୍ପତି ମାତ୍ର ୧ ଲକ୍ଷ ୮୦ ହଜାର ଟଙ୍କାରେ ନିଜର ୬ ମାସର ପୁଅକୁ ବିକ୍ରି କରି ଦେଇଛନ୍ତି । ଏମାନେ ଜଣେ ସ୍କ୍ରାପ ଡିଲରଙ୍କ ପରିବାରକୁ ନିଜ ପୁଅକୁ ଦେଇ ଦେଇଥିଲେ । ଶିଶୁର ମାଉସୀ ଥାନାରେ ଏ ନେଇ ଅଭିଯୋଗ କରିବା ପରେ ଏହି ମାମଲା ସାମ୍ନାକୁ ଆସିଛି । ପୁଲିସ ଶିଶୁକୁ ଉଦ୍ଧାର କରିବା ସହ ଦୁଇ ପରିବାର ବିରୋଧରେ ଭାରତୀୟ ନ୍ୟାୟ ସଂହିତା (ବିଏନ୍ଏସ୍) ଅନୁସାରେ ମାମଲା ରୁଜୁ କରିଛି । ପୁଅକୁ ବିକ୍ରି କରିଥିବା ଏହି ଦମ୍ପତିଙ୍କୁ ପୁଲିସ ଗିରଫ କରିଛି । ଏହି ଦମ୍ପତି ଆକବରପୁର ଖୁଡାଲ ଗାଁରେ ରୁହନ୍ତି । ନିୟମିତ ନିଶା ସେବନ କରୁଥିବାରୁ ଏହି ଦମ୍ପତି ପୁଅର ଲାଳନପାଳନ କରିବାକୁ ଅକ୍ଷମ ଥିଲେ । ଫଳରେ ବୁଧଲାଡା ଟାଉନ୍‌ରେ ରହୁଥିବା ସ୍କ୍ରାପ୍ ଡିଲରଙ୍କୁ ନିଜର ପୁଅକୁ ବିକ୍ରି କରିବାକୁ ନିଷ୍ପତ୍ତି ନେଇଥିଲେ ବୋଲି ପୁଲିସ କହିଛି । ଏହି ସ୍କ୍ରାପ ଡିଲରଙ୍କର ୪ ଜଣ ଝିଅ ଅଛନ୍ତି । ପୁଅକୁ ନେବା ପାଇଁ ଡିଲରଙ୍କ ପରିବାର ଏକ ଦସ୍ତାବିଜ୍‌ରେ ଦସ୍ତଖତ ମଧ୍ୟ କରିଥିଲେ । ମିଳିଥିବା ଅର୍ଥରେ ଏହି ଦମ୍ପତି ନିଶାଦ୍ରବ୍ୟ ଓ ଅନ୍ୟ କେତେକ ଘରକରଣା ଜିନିଷ କ୍ରୟ କରିଥିଲେ ବୋଲି ସ୍ଥାନୀୟ ଲୋକ ପୁଲିସକୁ କହିଛନ୍ତି । ବିବାହ ପରେ ପିଲାର ମା' ନିଶା ସେବନ କରିବା ସହ ନିଶାସକ୍ତ ହୋଇ ଯାଇଥିଲେ । କିନ୍ତୁ ପୂର୍ବରୁ ସେ ଜଣେ କୁସ୍ତିଯୋଦ୍ଧା ଥିଲେ । ପୁଲିସ ଏବେ ଏହି ପିଲାକୁ ଶିଶୁ କଲ୍ୟାଣ କମିଟିକୁ ହସ୍ତାନ୍ତର କରିଛନ୍ତି । ଦୁଇ ପରିବାର ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଅକ୍ଟୋବର ୩୧ ସୁଦ୍ଧା ରିପୋର୍ଟ ଦେବାକୁ ବୁଧଲାଡା ଡିଏସ୍‌ପି ସିକନ୍ଦର ସିଂ ଚିମା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

# ଆଜି ଏସ୍‌ଆଇଆର୍ ତାରିଖ ଘୋଷଣା

ନୂଆଦିଲ୍ଲୀ, ୨୬।୧୦ (ଏଜେନ୍ସି): ସାରା ଦେଶରେ ସ୍ପେସିଆଲ ଇଣ୍ଟେନସିଭ ରିଭିଜନ (ଏସଆଇଆର) କରିବାକୁ ନିର୍ବାଚନ କମିଶନ (ଇସି) ପ୍ରସ୍ତୁତି କରିଛନ୍ତି । ଏ ନେଇ ଇସିଙ୍କ ପକ୍ଷରୁ ସୋମବାର ସନ୍ଧ୍ୟାରେ ବଡ଼ ଘୋଷଣା କରାଯିବ । ସାମ୍ବାଦିକ ସମ୍ମିଳନୀ କରି ଏ ବିଷୟରେ ଇସିଙ୍କ ପକ୍ଷରୁ ବିସ୍ତୃତ ସୂଚନା ଦିଆଯିବ । ପ୍ରଥମ ପର୍ଯ୍ୟାୟରେ ୧୦ରୁ ୧୫ ରାଜ୍ୟରେ ଏସଆଇଆର ହୋଇପାରେ । ଏଥିରେ ଆସନ୍ତା ବର୍ଷ ବିଧାନସଭା ନିର୍ବାଚନ ହେବାକୁ ଥିବା ରାଜ୍ୟଗୁଡ଼ିକ ସାମିଲ ଅଛନ୍ତି । ଆସାମ, ତାମିଲନାଡୁ, ପୁଡୁଚେରି, କେରଳ ଏବଂ ପଶ୍ଚିମବଙ୍ଗରେ ଆସନ୍ତା ବର୍ଷ ବିଧାନସଭା ନିର୍ବାଚନ ହେବାକୁ ଯାଉଛି । ତେଣୁ ଏହି ସବୁ ରାଜ୍ୟରେ ପ୍ରଥମେ ଏସଆଇଆର କରାଯାଇପାରେ । ସ୍ଥାନୀୟ ପୌର ନିର୍ବାଚନ ହେଉଥିବା ରାଜ୍ୟରେ ପ୍ରଥମେ ଏସଆଇଆର ହେବ ନାହିଁ ବୋଲି ପୂର୍ବରୁ ନିର୍ବାଚନ କମିଶନଙ୍କ ପକ୍ଷରୁ କୁହାଯାଇଥିଲା । କାରଣ ନିମ୍ନସ୍ତରର କର୍ମଚାରୀ ନିର୍ବାଚନ କାର୍ଯ୍ୟରେ ବ୍ୟସ୍ତ ରହିବେ । ସେମାନେ ଏସଆଇଆର ପାଇଁ ସମୟ ଦେଇପାରିବେ ନାହିଁ । ନିର୍ବାଚନ ପରେ ଏହି ସବୁ ରାଜ୍ୟରେ ଏସଆଇଆର ହେବ ।

କିଛି ଦିନ ତଳେ ଏସଆଇଆର ଲାଗୁ କରିବାର ପ୍ରକ୍ରିୟାକୁ ଚୂଡ଼ାନ୍ତ ରୂପ ଦେବା ପାଇଁ ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ଙ୍କ ସହ ଦୁଇ ଥର ବୈଠକ କରିଥିଲେ । ଅନେକ ସିଇଓ ଗତ ଏସଆଇଆରରେ ଜାରି କରାଯାଇଥିବା ଭୋଟର ତାଲିକାକୁ ସମ୍ବନ୍ଧିତ ରାଜ୍ୟର ୱେବସାଇଟରେ ଜାରି କରିସାରିଛନ୍ତି । ଦିଲ୍ଲୀର ମୁଖ୍ୟ ନିର୍ବାଚନ ଅଧିକାରୀ ନିଜ ୱେବସାଇଟରେ ୨୦୦୮ର ଭୋଟର ତାଲିକା ଜାରି କରିଛନ୍ତି । ସେଠାରେ ୨୦୦୮ରେ ଏସଆଇଆର ହୋଇଥିଲା । ସେହିପରି ଉତ୍ତରାଖଣ୍ଡରେ ମଧ୍ୟ ତାଲିକା ଜାରି କରାଯାଇଛି । ରାଜ୍ୟରେ ଶେଷ ଥର ପାଇଁ ହୋଇଥିବା ଏସଆଇଆରକୁ କଟ୍-ଅଫ ଭାବେ ଧରାଯିବ । ଅର୍ଥାତ୍ ସେହି ତାଲିକାରେ ସାମିଲ ଥିବା ଲୋକଙ୍କୁ କୌଣସି ପ୍ରମାଣପତ୍ର ଦେବାକୁ ପଡ଼ିବ ନାହିଁ । ଅଧିକାଂଶ ରାଜ୍ୟରେ ୨୦୦୨ ଏବଂ ୨୦୦୪ ମଧ୍ୟରେ ଏସଆଇଆର ହୋଇଥିଲା । ଅଧିକାଂଶ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ପୂର୍ବର ଏସଆଇଆର ସହ ଏବେର ଭୋଟର ତାଲିକାକୁ ମେଳ କରି ସାରିଲେଣି । ବେଆଇନ ଭାବେ ଦେଶରେ ରହୁଥିବା ଲୋକଙ୍କୁ ବାହାର କରିବା ଏହି ଏସଆଇଆରର ପ୍ରମୁଖ ଉଦ୍ଦେଶ୍ୟ ।

# ନରମୁଛି ଆମେରିକା ସ୍ୱର

## ଭାରତକୁ ଅଣଦେଖା କରି ପାକିସ୍ତାନ ସହ ବନ୍ଧୁତା କରିବୁନି

ୱାସିଂଟନ, ୨୬।୧୦ (ଏଜେନ୍ସି): ଶୁଳ୍କ ଲଗାଇ ଏବଂ ୟୁକ୍ରେନ ଯୁଦ୍ଧ ପାଇଁ ଭାରତକୁ ଦୋଷ ଦେଉଥିବା ଆମେରିକାର ସ୍ୱର ନରମ ହେବାରେ ଲାଗିଛି । ବାରମ୍ବାର ମିଥ୍ୟା ଦାବି କରୁଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଠାରୁ ଭାରତ କ୍ରମାଗତ ଭାବେ ଦୂରତ୍ୱ ରକ୍ଷା କରୁଛି । ଚୁପ୍‌ଚାପ ରହି ଟ୍ରମ୍ପଙ୍କୁ ଭାରତ ଜବାବ ଦେଉଛି । କ୍ୱାଲାଲମ୍ପୁରରେ ଅନୁଷ୍ଠିତ ଆସିଆନ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାମିଲ ନ ହେବା ମଧ୍ୟ ଏହାକୁ ଦର୍ଶାଉଛି । ଏହି ସମ୍ମିଳନୀରେ ମୋଦୀଙ୍କ ସହ ସାକ୍ଷାତ ହେବ ବୋଲି ପୂର୍ବରୁ ଟ୍ରମ୍ପ କହି ସାରିଥିଲେ । କିନ୍ତୁ ମୋଦୀ ଏହି ସମ୍ମିଳନୀରେ ସାମିଲ ନ ହୋଇ ଟ୍ରମ୍ପଙ୍କୁ ବଡ଼ ବାର୍ତ୍ତା ଦେଇଛନ୍ତି । ଭାରତର ଏଭଳି ଆଭିମୁଖ୍ୟକୁ ଦେଖି ଆମେରିକା ନରମ ଆଭିମୁଖ୍ୟ ଗ୍ରହଣ କରିଛି । ଭାରତକୁ ଅଣଦେଖା କରି ପାକିସ୍ତାନ ସହ ସମ୍ପର୍କକୁ ମଜବୁତ କରିବାକୁ ଚାହୁଁନାହୁଁ ବୋଲି ଆମେରିକା ବିଦେଶମନ୍ତ୍ରୀ ମାର୍କୋ ରୁବିୟୋ କହିଛନ୍ତି ।

ରୁବିୟୋ କହିଛନ୍ତି ଯେ ପୂର୍ବରୁ ଆତଙ୍କବାଦ ବିରୋଧରେ ଆମେରିକା ଏବଂ ପାକିସ୍ତାନ ମିଳିତ ଭାବେ କାମ କରି ଆସୁଛନ୍ତି । କିନ୍ତୁ ଏହା ଦ୍ୱାରା ଭାରତ ସହ ସମ୍ବନ୍ଧ ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ । ପାକିସ୍ତାନ ସହ ଘନିଷ୍ଠତାକୁ ନେଇ ଭାରତ ଚିନ୍ତା ପ୍ରକଟ କରିଛି କି ନାହିଁ ପଚାରିବାରୁ ରୁବିୟୋ କହିଥିଲେ ଯେ କୁଟନୀତି କ'ଣ ତାହା ନୂଆଦିଲ୍ଲୀ ଜାଣିଛି । ଅନେକ ଦେଶ ସହ ସମ୍ପର୍କ ରଖିବାକୁ ପଡ଼ିଥାଏ ବୋଲି ଭାରତ ଭଲ ଭାବେ ଅବଗତ ଅଛି । ଭାରତର ମଧ୍ୟ ଅନେକ ଦେଶ ସହ ଭଲ ସମ୍ପର୍କ ରହିଛି । ଏହା ବିଦେଶ ନୀତିର ଅଂଶବିଶେଷ । ଭାରତ ସହ ଯୁଦ୍ଧ ବନ୍ଦ କରିଥିବାରୁ ପାକିସ୍ତାନ-ଆମେରିକାର ସମ୍ବନ୍ଧ ବୃଦ୍ଧି ପାଇଲା କି ବୋଲି ଜଣେ ସାମ୍ବାଦିକ ପଚାରି ଥିଲେ । ଏହାର ଉତ୍ତରରେ ରୁବିୟୋ କହିଥିଲେ ଯେ ଏହା ପୂର୍ବରୁ ପାକିସ୍ତାନ ସହ ଆଲୋଚନା ଆରମ୍ଭ କରାଯାଇଥିଲା । ପାକିସ୍ତାନ ସହ ଆମେ ରଣନୈତିକ ବନ୍ଧୁତା ସ୍ଥାପନ କରିବାକୁ ଚାହୁଁଛୁ । ଅନେକ ପ୍ରସଙ୍ଗରେ ଦୁଇ ଦେଶ ଏକାଠି କାମ କରିପାରିବେ । ଭାରତ-ପାକିସ୍ତାନ ମଧ୍ୟରେ ଦୀର୍ଘ ଦିନ ହେଲା ଉତ୍ତେଜନା ରହି ଆସିଛି । କିନ୍ତୁ ଆମେ ଅନେକ ଦେଶଙ୍କ ସହ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ପ୍ରତିଷ୍ଠା କରିବାକୁ ଚାହୁଁଛୁ । କିନ୍ତୁ ଭାରତ କିମ୍ବା ଅନ୍ୟ କୌଣସି ଦେଶର ସମ୍ପର୍କକୁ ଅଣଦେଖା କରି ଏପରି କରିବୁ ନାହିଁ ବୋଲି ସେ କହିଛନ୍ତି ।

# ସଲ୍‌ମାନ ଖାନ୍ ଜଣେ ଆତଙ୍କବାଦୀ: ପାକିସ୍ତାନ



ଇସଲାମାବାଦ, ୨୬।୧୦ (ଏଜେନ୍ସି): ଆତଙ୍କବାଦୀଙ୍କୁ ପ୍ରୋତ୍ସାହନ ଦେଉଥିବା ପାକିସ୍ତାନ ନିଜେ ଏହାର ଶିକାର ହେଉଛି । ନିଜ ଦେଶରେ ନିରୀହ ଲୋକଙ୍କ ଉପରେ ଆକ୍ରମଣ କରୁଥିବା ଏହି ଦେଶ ଅନ୍ୟ ରାଷ୍ଟ୍ର ଉପରେ ପ୍ରଶ୍ନ ଉଠାଉଛି । ଯିଏ ଏହି ନୃଶଂସ କୃତ୍ୟର ସମାଲୋଚନା କଲା ତାହା ଉପରେ ପାକିସ୍ତାନ ଦୋଷ ଲଦୁଛି । ଏବେ ବଲିଉଡ ଅଭିନେତା ସଲମାନ ଖାନଙ୍କୁ ଏହି ଦେଶ ଆତଙ୍କବାଦୀ କହିଛି । ସାଉଦି ଆରବର ରାଜଧାନୀ ରିଆଧରେ ସଲ୍‌ମାନ ଦେଇଥିବା ଏକ ମନ୍ତବ୍ୟକୁ ନେଇ ପାକିସ୍ତାନ ବିଚଳିତ ହୋଇ ଏଭଳି ପଦକ୍ଷେପ ନେଇଛି । ସୂଚନା ଅନୁଯାୟୀ ରିଆଧର ଜୟ ଫୋରମ-୨୦୨୫ରେ ସଲ୍‌ମାନ ପାକିସ୍ତାନ ଏବଂ ବଲୁଚିସ୍ତାନକୁ ଅଲଗା ଅଲଗା ଦେଶ କହିଥିଲେ । ବୁଲଚିସ୍ତାନରେ ମାନବାଧିକାର ଉଲ୍ଲଙ୍ଘନ କରୁଥିବା ପାକିସ୍ତାନ ଏହାକୁ ନେଇ କ୍ଷୁବ୍ଧ ହୋଇଯାଇଥିଲା । ରିପୋର୍ଟ ଅନୁଯାୟୀ ପାକିସ୍ତାନ ସରକାର ଆତଙ୍କବାଦୀ ନିରୋଧୀ ଆଇନ-୧୯୯୭ର ଅନୁଚ୍ଛେଦ ୪ ଅଧିନରେ ସଲ୍‌ମାନଙ୍କୁ ସାମିଲ କରିଛି । ଆତଙ୍କବାଦୀ କାର୍ଯ୍ୟକଳାପ ସାମିଲ ସନ୍ଦେହରେ ଏହି ଧାରାରେ ବ୍ୟକ୍ତିଙ୍କୁ ସାମିଲ କରାଯାଇଥାଏ । ସାମାଜିକ ଗଣମାଧ୍ୟମରେ ପାକିସ୍ତାନର ପକ୍ଷରୁ ଜାରି ବିଜ୍ଞପ୍ତି ଖୁବ ଭାଇରାଲ ହେବାରେ ଲାଗିଛି । ରିଆଧରେ ଆୟୋଜିତ କାର୍ଯ୍ୟକ୍ରମରେ ଶାହରୁଖ ଖାନ, ଅମିର ଖାନଙ୍କ ଉପସ୍ଥିତିରେ ଦବଙ୍ଗ ଷ୍ଟାର କହିଥିଲେ ଯେ ଏବେ ହିନ୍ଦୀ ଚଳଚ୍ଚିତ୍ର ପ୍ରସ୍ତୁତ କରି ଏଠାରେ ମୁକ୍ତିଲାଭ କରାଗଲେ ତାହା ସୁପରହିଟ୍ ହେବ । ତାମିଲ, ତେଲୁଗୁ କିମ୍ବା ମାଲାୟଲମ ଚଳଚ୍ଚିତ୍ର ମଧ୍ୟ ଶହେ କୋଟିରୁ ଅଧିକ ବ୍ୟବସାୟ କରିବ । କାରଣ ଏଠାରେ ଅନେକ ଦେଶରୁ ଲୋକ ଆସି ରହୁଛନ୍ତି । ଏମାନଙ୍କ ମଧ୍ୟରେ ବଲୁଚିସ୍ତାନ, ଆଫଗାନିସ୍ତାନ, ପାକିସ୍ତାନ ନାଗରିକ ସାମିଲ ଅଛନ୍ତି ।

# ଏସି ବସ୍‌ରେ ନିଆଁ; ବର୍ତ୍ତିଲେ ୪୦ ଯାତ୍ରୀ

ଲକ୍ଷ୍ନୌ,୨୬ ।୧୦(ଏଜେନ୍ସି): ଆଗ୍ରା-ଲକ୍ଷ୍ନୌ ଏକ୍ସପ୍ରେସୱେରେ ଏକ ଡବଲ ଡେକର ଏସି ସ୍ଲିପର ବସ୍‌ରେ ରବିବାର ହଠାତ ନିଆଁ ଲାଗିଯାଇଥିଲା । ତେବେ ବସ୍‌ରେ ଥିବା ୪୦ ଯାତ୍ରୀଙ୍କ ସମେତ ଅନ୍ୟମାନେ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ଏଥିରେ କାହାର କୌଣସି କ୍ଷତି ହୋଇନାହିଁ ବୋଲି ପୁଲିସ କହିଛି । ଅପରାହ୍ଣ ୪.୪୫ ମିନିଟ୍‌ରେ ଦିଲ୍ଲୀରୁ ଗୋଣ୍ଡା ଯାଉଥିବା ଏହି ୪୪ ସିଟର ବସ୍‌ରେ ଟୋଲ ପ୍ଲାଜାର ୫୦୦ମି ପରେ ହିଁ ନିଆଁ ଲାଗିଥିଲା । ସୂଚନା ପାଇବା ମାତ୍ରେ ପୁଲିସ ଓ ଦମକଳ ବାହିନୀ ଘଟଣା ସ୍ଥଳରେ ପହଞ୍ଚିଥିଲେ । ବସ୍‌ରୁ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ଓହ୍ଲାଇ ଦିଆଯାଇଥିଲା ।

# ପୁଲିସ ଅଧିକାରୀଙ୍କ ବିଦେଶ ପ୍ରୀତି

ଚଣ୍ଡିଗଡ଼, ୨୬।୧୦ (ଏଜେନ୍ସି): ଲାଞ୍ଚ କାରବାର ମାମଲାରେ ଧରା ପଡ଼ିଥିବା ପଞ୍ଜାବର ପୂର୍ବତନ ଡିଆଇଜି (ରୋପଡ ରେଞ୍ଜ) ହରଚରଣ ସିଂହ ଭୁଲ୍ଲରଙ୍କ ଗୁମର ଖୋଲିବାରେ ଲାଗିଛି । ଏବେ ତାଙ୍କର ବିଦେଶ ଲିଙ୍କ୍‌କୁ ନେଇ ବିଚଳିତ କରିବା ଭଳି ତଥ୍ୟ ସାମ୍ନାକୁ ଆସିଛି । ଦାୟିତ୍ୱରେ ଥିବା ସମୟରେ ଭୁଲ୍ଲର ୧୦ ଥର ଦୁବାଇ ଗସ୍ତ କରିଥିଲେ । ଏହାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି । ସିବିଆଇ ଭୁଲ୍ଲରଙ୍କ ପାସପୋର୍ଟକୁ

## ଦୁବାଇରେ ୨, କାନାଡ଼ାରେ ୩ ଫ୍ଲାଟ୍

ଜବତ କରିଛି । ଏହା ମାଧ୍ୟମରେ ତାଙ୍କ ବିଦେଶ ଗସ୍ତର ବିସ୍ତୃତ ବିବରଣୀ ସଂଗ୍ରହ କରାଯାଉଛି । ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ବିଦେଶରେ ଭୁଲ୍ଲରଙ୍କ ଅମାପ ସମ୍ପତ୍ତି ରହିଛି । ଏ ପର୍ଯ୍ୟନ୍ତ ଦୁବାଇରେ ୨ଟି ଏବଂ କାନାଡ଼ାରେ ତାଙ୍କର ତିନୋଟି ଫ୍ଲାଟ ଥିବା ଜଣାପଡ଼ିଛି । ଏହା ବ୍ୟତୀତ ଲୁଧିଆନାରେ ତାଙ୍କର ପ୍ରାୟ ୫୫ ଏକର ଜମି ଏବଂ ମାଛିୱାଡ଼ା କ୍ଷେତ୍ରରେ ୨୦ ଦୋକାନ ଥିବା ସୂଚନା ମିଳିଛି । ସେ ବିଦେଶରେ ଆହୁରି ଅନେକ ସମ୍ପତ୍ତି କ୍ରୟ କରିଥିବା ସିବିଆଇ ସନ୍ଦେହ କରୁଛି । ଏବେ ସିବିଆଇ ଏହାର ସନ୍ଧାନ କରିବାରେ ଲାଗିଛି । ବିଦେଶରେ ଥିବା ସମ୍ପତ୍ତି ଗୁଡିକ ଭୁଲ୍ଲର ନିଜ ନାମରେ କି ଆଉ କାହା ନାଁରେ କିଣିଥିଲେ ତାହା ଜାଣିବା ପାଇଁ ପ୍ରୟାସ କରାଯାଉଛି । ଆଗାମୀ ଦିନରେ ଭୁଲ୍ଲରକୁ ନେଇ ଆହୁରି ବିସ୍ଫୋରକ ସୂଚନା ସାମ୍ନାକୁ ଆସିପାରେ ।

ଏକ ଘରୋଇ ଚ୍ୟାନେଲକୁ ସାକ୍ଷାତକାର ଦେଇ ପୂର୍ବତନ ଡିଜିପି ସିଦ୍ଧାର୍ଥ ଚଟୋପାଧ୍ୟାୟ କହିଛନ୍ତି ଯେ ମନ୍ତ୍ରୀ ଏବଂ ଅଧିକାରୀମାନେ ଏପରି ଅଧିକାରୀମାନଙ୍କ ବିଷୟରେ ସବୁ କିଛି ଜାଣଥାନ୍ତି । ଯେଉଁ ଟଙ୍କା ଭୁଲ୍ଲରଙ୍କ ପାଖରୁ ମିଳିଛି ତାହା ତ ଦିନକ ମଧ୍ୟରେ ଆସିବ ନାହିଁ ।



ସମସ୍ତେ ଏ ବିଷୟରେ ଅବଗତ ଥିଲେ ବୋଲି ସ୍ପଷ୍ଟ ହେଉଛି । କିନ୍ତୁ କେହି ଏହି ବିଷୟରେ ମୁହଁ ଖୋଲି ନ ଥିଲେ । ଏପରି କାର୍ଯ୍ୟରେ ଜଡ଼ିତ ଥିବା ଭୁଲ୍ଲର ଏକମାତ୍ର ଅଧିକାରୀ ନୁହଁନ୍ତି । ପୁଲିସ ବିଭାଗ ଭିତରେ ଆହୁରି ବଡ଼ ବଡ଼ କୁମ୍ଭୀର ଅଛନ୍ତି, ଯେଉଁମାନେ ମନ୍ତ୍ରୀ, ଅଧିକାରୀ ଏବଂ ବିଚାରପତିଙ୍କ ଆବଶ୍ୟକତାକୁ ପୂରଣ କରୁଛନ୍ତି । ଭୁଲ୍ଲରଙ୍କ ଗିରଫ ପରଠୁ ସରକାର ଏବଂ ବିରୋଧୀଙ୍କ ସବୁ ନେତା ଚୁପ ରହିଛନ୍ତି ।

ଅନ୍ୟପକ୍ଷରେ ମଣ୍ଡି ଗୋବିନ୍ଦଗଡ଼ର ବ୍ୟବସାୟୀଙ୍କ ସହ ଲାଞ୍ଚ କାରବାରରେ ମଧ୍ୟସ୍ଥ ଥିବା କୃଷ୍ଣୁକୁ ସିବିଆଇ ସରକାରୀ ସାକ୍ଷୀ କରିପାରେ । ଏଥିପାଇଁ ସିବିଆଇ ତାକୁ ରାଜି କରାଇବାକୁ ପ୍ରୟାସ କରୁଛି । ଯଦି ସେ ସରକାରୀ ସାକ୍ଷୀ ହୁଅନ୍ତି, ତେବେ ଭୁଲ୍ଲରଙ୍କ ସମସ୍ୟା ଅଧିକ ବୃଦ୍ଧି ପାଇବ । ସୂଚନାଯୋଗ୍ୟ ଯେ ସିବିଆଇ ଗତ ୧୬ ତାରିଖରେ ଭୁଲ୍ଲରଙ୍କ ଘରୁ ୭.୫ କୋଟି ଟଙ୍କା, ଅଢେଇ କେଜି ସୁନା, ୨୬ ମହଙ୍ଗା ଗାଡ଼ି, ଅସ୍ତ୍ରଶସ୍ତ୍ର, ୫୦ରୁ ଅଧିକ ସମ୍ପତ୍ତି ଜବତ କରିଥିଲା ।



# ଆଫଗାନିସ୍ତାନକୁ ଖୋଲା ଯୁଦ୍ଧ ଧମକ ଦେଲା ପାକିସ୍ତାନ

ଇସ୍ଲାମାବାଦ୍୨୬ ।୧୦(ଏଜେନ୍ସି): ଅସ୍ତ୍ରବିରତି ପାଇଁ ଆଲୋଚନା ଚାଲିଥିବା ବେଳେ ପାକସ୍ତାନ ପ୍ରତିରକ୍ଷା ମନ୍ତ୍ରି ଖ୍ୱାଜା ମହମ୍ମଦ ଆସିଫ୍ ଶନିବାର ଆଫଗାନିସ୍ତାନକୁ ଖୋଲା ଯୁଦ୍ଧର ଧମକ ଦେଇଛନ୍ତି । ଆଫଗାନିସ୍ତାନ ସହିତ ଚାଲିଥିବା ଅସ୍ତ୍ରବିରତି ଆଲୋଚନା ବିଫଳ ହେଲେ ଯୁଦ୍ଧ ଛଡ଼ା ଅନ୍ୟ କୌଣସି ବିକଳ୍ପ ନାହିଁ । ତେବେ ଦୁଇ ଦେଶ ଶାନ୍ତି ଚାହୁଁଛନ୍ତି ବୋଲି ସେ କହିଛନ୍ତି । ତୁର୍କୀର ଇସ୍ତାନବୁଲ ସହରରେ ଶନିବାର ଦୁଇ ଦେଶ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ଶାନ୍ତି ଆଲୋଚନା ହେବାକୁ ଯାଉଥିବା ବେଳେ ଆସିଫ ଏହି ମନ୍ତବ୍ୟ ଦେଇଛନ୍ତି । ତେବେ ଏହା ଉପରେ ଆଫଗାନିସ୍ତାନ ତରଫରୁ କୌଣସି ପ୍ରତିକ୍ରିୟା ଦିଆଯାଇ ନାହିଁ । ଏହାପୂର୍ବରୁ କାତାର ରାଜଧାନୀ ଦୋହାରେ ମଧ୍ୟ ଶାନ୍ତିପ୍ରତିଷ୍ଠା ପାଇଁ ଦୁଇ ଦେଶ ମଧ୍ୟରେ ଆଲୋଚନା ହୋଇଥିଲା । ତେଣୁ ଦୋହା ଆଲୋଚନାକୁ ଭିତ୍ତି କରି ଇସ୍ତାନବୁଲ୍‌ରେ ଗଠନମୂଳକ ଆଲୋଚନା ହେବ । ଏହି ଆଲୋଚନାରେ ଆଫଗାନିସ୍ତାନ ଟିମ୍‌ର ନେତୃତ୍ୱ ନେବେ ମନ୍ତ୍ରୀ ହାଜି ନଜିବ । ସେହିପରି ପାକିସ୍ତାନ ତରଫରୁ ଦୁଇଜଣ ସୁରକ୍ଷାକର୍ମୀ ଏଥିରେ ସାମିଲ ହେବେ ବୋଲି କୁହାଯାଇଛି । ଇସ୍ତାନବୁଲ୍‌ରେ ହେବାକୁ ଥିବା ଆଲୋଚନାର ଫଳାଫଳ ଉପରେ ଶାନ୍ତି ନିର୍ଭର କରିବ । କିଛିଦିନ ତଳେ ହୋଇଥିବା ସଂଘର୍ଷ ଓ ପାକିସ୍ତାନ ଆକ୍ରମଣରେ ୩୭ ଜଣ ଆଫଗାନିସ୍ତାନ ନାଗରିକ ମୃତ୍ୟୁବରଣ କରିଥିବା ବେଳେ ୪୨୫ ଜଣ ଲୋକ ଆହତ ହୋଇଥିଲେ ।

**ଆଲୋଚନା ବିଫଳ ହେଲେ ଯୁଦ୍ଧ ନିଶ୍ଚିତ; ଆସିଫ୍**

# ବିହାର ନିର୍ବାଚନ: ୧୬ ନେତାଙ୍କୁ ବିଦା କଲା ଜେଡିୟୁ

ପାଟନା, ୨୬।୧୦ (ଏଜେନ୍ସି):



ବିହାର ନିର୍ବାଚନ ତାତି ବଢ଼ିବାରେ ଲାଗିଛି । କ୍ଷମତାସୀନ ଏନ୍‌ଡିଏ ଏବଂ ବିରୋଧୀ ମେଣ୍ଟ ଇଣ୍ଡିଆର ପ୍ରାର୍ଥୀଙ୍କ ମଧ୍ୟରେ ବାକ୍ ଯୁଦ୍ଧ ତୀବ୍ର ହୋଇ ଚାଲିଛି । ବିରୋଧୀ ଦଳ ନେତା ତଥା ମହାମେଣ୍ଟର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ତେଜସ୍ୱୀ ଯାଦବ ରବିବାର କଟିହାରରେ ଜନସଭା କରି ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କୁ ନିଶାଣ କରିଥିବାବେଳେ ଆରଜେଡିର ବାହୁବଳୀ ପ୍ରାର୍ଥୀ ଅନନ୍ତ ସିଂହଙ୍କ ମଞ୍ଚ ଭାଙ୍ଗି ଯାଇଛି । ସେ ଶନିବାର ରାମପୁର-ଡୁମରାରେ ଜନସଭାକୁ ସମ୍ବୋଧନ କରୁଥିବାବେଳେ ଏହି ଅଘଟଣ ଘଟିଥିଲା । ଏଥିଯୋଗୁଁ ଅନନ୍ତଙ୍କ ସମେତ ମଞ୍ଚରେ ଥିବା ସମସ୍ତ ନେତା ତଳେ ପଡ଼ି ଯାଇଥିଲେ । ଚଳିତ ଥର ଅନନ୍ତ ଜେଡିୟୁ ଟିକେଟରୁ ମୋକାମାରେ ନିର୍ବାଚନ ଲଢୁଛନ୍ତି । ଅନ୍ୟପଟେ ଜେଡିୟୁ ଗତ ଦୁଇ ଦିନରେ ୧୬ ବିଦ୍ରୋହୀ ନେତାଙ୍କୁ ଦଳରୁ ବାହାର କଲାଣି । ଗୋପାଳପୁରରୁ ୪ ଥରର ବିଧାୟକ ହୋଇଥିବା ଗୋପାଳ ମଣ୍ଡଳ, ପୂର୍ବତନ ମନ୍ତ୍ରୀ ହିମରାଜ ସିଂହ, ପୂର୍ବତନ ବିଧାନ ପରିଷଦ ସଞ୍ଜୀବ ଶ୍ୟାମ ସିଂହ, ପୂର୍ବତନ ବିଧାୟକ ମହେଶ୍ୱର ପ୍ରସାଦ ଯାଦବ ଏବଂ ପ୍ରଭାତ କିରଣଙ୍କୁ ରବିବାର ଦଳରୁ ବାହାର କରାଯାଇଛି । ଏମାନେ ସଂଗଠନ ବିରୋଧୀ କାର୍ଯ୍ୟରେ ଲିପ୍ତ ଥିବା ଅଭିଯୋଗ ହୋଇଥିଲା । ଗୋପାଳ କିଛି ଦିନ ତଳେ ନୀତୀଶଙ୍କ ଘର ଆଗରେ ଧାରଣା ଦେଇ ଟିକଟ ଦାବି କରିଥିଲେ । ଏହା ପୂର୍ବରୁ ଜେଡିୟୁ ଶନିବାର ୧୧ ବିଦ୍ରୋହୀ ନେତାଙ୍କୁ ଦଳରୁ ବିତାଡ଼ିତ କରିଥିଲା ।

ଆଜି ଚାଚା ନୀତୀଶଙ୍କୁ ତେଜସ୍ୱୀ ନିଶାଣ କରିଛନ୍ତି । ସେ କହିଛନ୍ତି ଯେ ଚାଚା ପାର୍ଶ୍ୱ ବଦଳାଇ ବିଜେପିକୁ ଚାଲି ଯାଇଛନ୍ତି । ନୀତୀଶ ହିଁ ବିଜେପିକୁ ବିହାରରେ ସ୍ଥାନ ଦେଇଛନ୍ତି । ଆମେ କେବେ ବିଜେପି ଆଗରେ ହାତ ଟେକି ଦେଇନାହୁଁ । କ୍ଷମତାକୁ ଆସିଲେ ମୁସଲମାନଙ୍କୁ ନେଇ ଆସିଥିବା ୱାକଫ ବିଲ୍‌କୁ ପ୍ରତ୍ୟାହାର କରିବୁ । ଏହା ସହିତ ତେଜସ୍ୱୀ ନିର୍ବାଚନୀ ପ୍ରତିଶ୍ରୁତିର ବର୍ଷା କରିଛନ୍ତି । ପଞ୍ଚାୟତ ପ୍ରତିନିଧିଙ୍କ ଭତ୍ତା ଦୁଇ ଗୁଣ, ଜିଲ୍ଲା ପରିଷଦ ନେତାଙ୍କୁ ୫୦ ଲକ୍ଷ ଟଙ୍କାର ବୀମା, ପିଡିଏସ ଡିଲରଙ୍କ ପାଉଣା ବୃଦ୍ଧି, କୁମ୍ଭାର ଆଦିଙ୍କୁ ବିନା ସୁଧରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଦିଆଯିବ ବୋଲି କହିଛନ୍ତି । ସେହିପରି କିଶନଗଞ୍ଜରେ ଏକ ରାଲିକୁ ସମ୍ବୋଧନ କରି ତେଜସ୍ୱୀ କହିଥିଲେ ଯେ ସେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ଧମକରେ ଭୟଭୀତ ହେବେ ନାହିଁ ।

# ରାହୁଲଙ୍କ ଅନୁପସ୍ଥିତିକୁ ନେଇ ବଢୁଛି ଚର୍ଚ୍ଚା

ପାଟନା, ୨୬।୧୦ (ଏଜେନ୍ସି): ବିହାରର ନିର୍ବାଚନୀ ପାଣିପାଗ ସରଗରମ ହୋଇଥିବାବେଳେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଅନୁପସ୍ଥିତିକୁ ନେଇ ଚର୍ଚ୍ଚା ହୋଇଛି । ଗତ ସେପ୍ଟେମ୍ବର ୧ ତାରିଖରେ ରାହୁଲ ଶେଷ ଥର ପାଇଁ ବିହାର ଗସ୍ତରେ ଆସିଥିଲେ । ସେତେବେଳେ ସେ ପାଟନାରେ 'ଭୋଟର ଅଧିକାର ଯାତ୍ରା'କୁ ସମ୍ବୋଧନ କରି ବେକାରୀ, ସାମାଜିକ ନ୍ୟାୟ ଏବଂ ଶିକ୍ଷାକୁ ନେଇ ସରକାରଙ୍କୁ ଘେରିଥିଲେ । ମାତ୍ର ଦୁଇ ମାସ ବିତି ଯାଇଥିବାବେଳେ ରାହୁଲଙ୍କୁ ବିହାରରେ ଦେଖିବାକୁ ମିଳୁନାହିଁ । କଂଗ୍ରେସର ପ୍ରଚାର ମଧ୍ୟ ସେତେ ଜୋରରେ ହେଉନାହିଁ । ଏହାକୁ ନେଇ ଅନେକ କଂଗ୍ରେସ ପ୍ରାର୍ଥୀ ହାଇକମାଣ୍ଡଙ୍କ ଉପରେ ପ୍ରଶ୍ନ ଉଠାଇଲେଣି । ଜଣେ ନେତା କହିଛନ୍ତି ଯେ ତୁମ ପ୍ରମୁଖ ନେତା କୁଆଡେ ଗଲେ ବୋଲି ଲୋକେ ପ୍ରଶ୍ନ ପଚାରୁଛନ୍ତି । ଏହାର କ'ଣ ଉତ୍ତର ଦେବୁ ଆମେ ଜାଣିପାରୁନାହୁଁ । ଅନ୍ୟ ଜଣେ ନେତା କହିଛନ୍ତି ଯେ ଆମେ ପୋଷ୍ଟର ଲଗାଇ ରୋଡ ସୋ' କରୁଛୁ । କିନ୍ତୁ ଲୋକେ ରାହୁଲଙ୍କୁ ଦେଖିବାକୁ ଚାହୁଁଛନ୍ତି । ତେବେ ରାହୁଲଙ୍କ ଏହି ଅନୁପସ୍ଥିତି ମହାମେଣ୍ଟରେ ଚାଲିଥିବା ଟଣାଓଟରାକୁ ଦର୍ଶାଉଛି । ଏହାକୁ ନେଇ ଆରଜେଡିର ଜଣେ ନେତା କହିଛନ୍ତି ଯେ ଏକାଠି ହୋଇ ନିର୍ବାଚନ ଲଢ଼ାଯାଏ । ଯଦି କୌଣସି ସହଯୋଗୀ ଦଳ ଏଥିରେ ସହଯୋଗ କରିବନି ତେବେ ତାହା ବୋଝ ପାଲଟି ଯାଇଥାଏ । ତେବେ ଆଭ୍ୟନ୍ତରୀଣ କନ୍ଦଳ, ରାଜ୍ୟ ନେତାଙ୍କ ସହ ପ୍ରଚାର କାର୍ଯ୍ୟକ୍ରମ ଧାର୍ଯ୍ୟ ଏବଂ ହାଇକମାଣ୍ଡଙ୍କ କମ୍ ସହଯୋଗ କରୁଥିବାରୁ ରାହୁଲ ଦୂରେଇ ରହିଛନ୍ତି ବୋଲି କୁହାଯାଉଛି ।

## ଆଜିର ରାଶିଫଳ

**ମେଷ:** ବରିଷ୍ଠ ଅଧିକାରୀ ଆପଣଙ୍କ କାର୍ଯ୍ୟରେ ଖୁସି ହେବେ। ବ୍ୟବସାୟରେ ସମସ୍ୟା ସୂର ହେବ। କୌଣସି କଥାକୁ ନେଇ ଚିନ୍ତାରେ ରହିବେ। ନୂଆ କାମରେ ପରିବାରର ସହଯୋଗ ମିଳିବ।

**ବୃଷ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। କାର୍ଯ୍ୟରେ ପଦୋନ୍ନତି ସମ୍ଭାବନା ରହିବ। ଛାତ୍ରଛାତ୍ରୀଙ୍କୁ ଶୁଭଫଳ ମିଳିବ। ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ଘରେ ପୂଜାପାଠ ଆୟୋଜନ କରିବେ।

**ମିଥୁନ:** ନିଜ ଦାୟିତ୍ୱ ସୁଚାରୁରୂପେ ତୁଲାଇବେ। ଧନ ବ୍ୟୟର ଯୋଗ ରହିଛି। ଭାଇ, ଭଉଣୀଙ୍କ ମନୋମାଳିନ୍ୟ ଦୂର ହେବ। ରାଜନୀତିରେ ସଫଳତା ମିଳିବ।

**କର୍କଟ:** ଚାକିରିଆଙ୍କୁ ଧନ ପ୍ରାପ୍ତି ଯୋଗ ଅଛି। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଯାନବାହନ କିଣିପାରନ୍ତି। କୌଣସି ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ସିଂହ:** ଦୂର ସ୍ଥାନକୁ ଯାତ୍ରା କରିବେ। ନୂଆ ଲୋକଙ୍କ ସହ ସମ୍ପର୍କ ଘନିଷ୍ଠ ହେବ। ଅଧିକ ଖର୍ଚ୍ଚାନ୍ତ ହେବେ। ଛାତ୍ରଛାତ୍ରୀ ବିଦେଶ ଯାତ୍ରା କରିବେ।

**କନ୍ୟା:** ବନ୍ଧୁଙ୍କ ସହାୟତାରେ ଆୟର ନୂଆ ମାର୍ଗ ଉନ୍ମୁକ୍ତ ହେବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପୂଜାପାଠରେ ସାମିଲ ହେବେ। ପ୍ରେମ ଜୀବନରେ ମଧୁରତା ଆସିବ।

**ତୁଳା:** ପୈତୃକ ସମ୍ପତ୍ତିରେ ବିବାଦ ଦେଖା ଦେବ। ପୂର୍ବରୁ କରିଥିବା ନିବେଶରୁ ଲାଭ ମିଳିବ। ସରକାରୀ କ୍ଷେତ୍ରରେ ସଫଳତା ମିଳିବ। ଜୀବନସାଥୀଙ୍କ ସହଯୋଗ ମିଳିବ।

**ବିଛା:** ବ୍ୟାଙ୍କ ଚାକିରିଆଙ୍କୁ କୌଣସି ଖୁସି ଖବର ମିଳିବ। ପିଲାଙ୍କ ସହ ସମୟ ଅତିବାହିତ କରିବେ। ପରିବାର ସହ କୌଣସି ସ୍ଥାନକୁ ବୁଲିବାକୁ ଯିବେ। ସ୍ୱାସ୍ଥ୍ୟରେ ସୁଧାର ହେବ।

**ଧନୁ:** ଅର୍ଥ ସଞ୍ଚୟ କରିବେ। ଭବିଷ୍ୟତର କୌଣସି ଯୋଜନାକୁ ନେଇ ଚିନ୍ତାରେ ରହିବେ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**ମକର:** ସମୟ ପୂର୍ବରୁ କାର୍ଯ୍ୟ ଶେଷ କରିବେ। ବ୍ୟବସାୟରେ ପରିବର୍ତ୍ତନ ଆଣିବା ଲାଗି ଘରର ଗୁରୁଜନଙ୍କ ସହ ଆଲୋଚନା କରିବେ। ଜମି କିଣାବିକାକୁ ନେଇ ନୂଆ ଯୋଜନା କରିବେ।

**କୁମ୍ଭ:** ପ୍ରେମ ଜୀବନରେ ପ୍ରଗାଢ଼ତା ଆସିବ। ଭବିଷ୍ୟତ ଲାଗି ଅର୍ଥ ନିବେଶ କରିବେ। ଛାତ୍ରଛାତ୍ରୀ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ଦେଖା ଦେବ।

**ମୀନ:** ଭଜନ, କୀର୍ତ୍ତନରେ ସାମିଲ ହେବେ। କୌଣସି କାମରେ ପରିବାରର ସହଯୋଗ ମିଳିବ। ବିରୋଧୀଙ୍କଠାରୁ ଦୂରତ୍ୱ ରକ୍ଷା କରିବେ।

## ଆଜିର ଇତିହାସ

- ୧୬୭୬-ପୋଲାଣ୍ଡ ଓ ତୁର୍କୀ ବାର୍‌ସା ସନ୍ଧିରେ ସ୍ୱାକ୍ଷର କଲେ।
- ୧୯୨୦-ଭାରତର ପୂର୍ବତନ ରାଷ୍ଟ୍ରପତି କେ.ଆର୍ ନାରାୟଣଙ୍କ ଜନ୍ମ।
- ୧୯୬୮ - ମେକ୍ସିକୋ ସିଟିରେ ୧୯ତମ ଅଲିମ୍ପିକ୍ ଖେଳର ସମାପନ ହେଲା।
- ୨୦୦୩-ଚୀନ୍‌ରେ ଭୂମିକମ୍ପ ଯୋଗୁଁ ୫୦,୦୦୦ରୁ ଅଧିକ ଲୋକ ପ୍ରଭାବିତ ହେଲେ।

## ସ୍କୁଲରେ 'ଡେସ୍କ ନାପ୍'

ଚୀନ୍‌ର ଗୋଟିଏ ସ୍କୁଲର ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି। ଭିଡିଓରେ ଦେଖିବାକୁ ମିଳିଛି, କିଭଳି ସ୍କୁଲ ଡେସ୍କ କିଛି ସେକେଣ୍ଡରେ ବେଡ୍‌ରେ ରୂପାନ୍ତରିତ ହୋଇଛି। ଏହାକୁ ବ୍ୟବହାର କରି ପିଲାମାନେ କିଛି ସମୟ ପାଇଁ ଆରାମ କରୁଛନ୍ତି, ଯେମିତି ସେମାନେ ନିଜ ଘରେ କରିଥାନ୍ତି। ସାଧାରଣତଃ ପିଲାମାନେ ସ୍କୁଲରେ ୬-୭ ଘଣ୍ଟା ରହିବା ଦ୍ୱାରା ଥକ୍କା ଅନୁଭବ କରନ୍ତି। ଫଳରେ ପଢ଼ିବା ବେଳେ ସେମାନଙ୍କୁ ନିଦ ଲାଗେ। ଏହାକୁ ଦୃଷ୍ଟିରେ ରଖି ସ୍କୁଲରେ ଏଭଳି ବ୍ୟବସ୍ଥା କରାଯାଇଥିବା କୁହାଯାଉଛି। ତେଣୁ ସ୍କୁଲରେ ପିଲାମାନେ ଦ୍ୱିପହରରେ ଅଳ୍ପ ସମୟ ଶୋଇବା ପାଇଁ ଡେସ୍କ ଶଯ୍ୟାରେ ରୂପାନ୍ତରିତ ହେବାର ବ୍ୟବସ୍ଥା କରାଯାଇଛି। ପିଲାଙ୍କର ସ୍କୁଲରେ ଏଭଳି ଡେସ୍କରେ ଶୋଇବାକୁ 'ଡେସ୍କ ନାପ୍' ବୋଲି କୁହାଯାଉଛି। ତେବେ ଭିଡିଓରେ ଦେଖିବାକୁ ମିଳୁଛି, ଶ୍ରେଣୀଗୃହରେ କିଛି ପିଲା ନୀଳ ରଙ୍ଗର ଡେସ୍କରେ ଶୋଇଛନ୍ତି। ଏହାସହ ପିଲାମାନେ ଯେଭଳି ଆରାମରେ ଶୋଇବେ, ଡେସ୍କରେ ଛୋଟ



କୁସନ ବି ଲାଗିଛି। ଅନ୍ୟପଟେ ପିଲାଙ୍କ ପାଇଁ ଏଭଳି ବ୍ୟବସ୍ଥାକୁ ଲୋକମାନେ ଖୁବ୍ ପ୍ରଶଂସା କରୁଛନ୍ତି। ଏହା ଯୋଗୁଁ ପିଲାଙ୍କୁ ଆଉ ଥକ୍କା ଲାଗିବ ନାହିଁ ବୋଲି ଅନେକେ କହିଛନ୍ତି। ଏହାବାଦ୍ ମସ୍ତିଷ୍କ ବିକାଶ ଲାଗି ଦ୍ୱିପହର ନିଦ୍ରା ଜରୁରି ବୋଲି କେହି କେହି କହିଛନ୍ତି। ତା'ସହ ଚୀନ୍‌ର ଏହି ଟେକ୍ନୋଲୋଜିକୁ ଲୋକେ ବେଶ୍ ପସନ୍ଦ କରିଛନ୍ତି।

## 'ଲଭ୍ ଆଣ୍ଡ ୱାର୍' ସୁଟିଂ ସେଟ୍‌ରୁ ଆଲିଆଙ୍କ ଲୁକ୍ ଲିକ୍



ସଞ୍ଜୟ ଲୀଳା ବନ୍‌ସାଲୀ ଏବେ 'ଲଭ୍ ଆଣ୍ଡ ୱାର୍'ର ସୁଟିଂରେ ବ୍ୟସ୍ତ ଅଛନ୍ତି। ଏଥିରେ ଲିଡ୍ ରୋଲରେ ରଣବୀର କପୁର, ଭିକି କୌଶଲ ଓ ଆଲିଆ ଭଟ୍ଟ ନଜର ଆସିବେ। ଇତିମଧ୍ୟରେ ସୁଟିଂ ସେଟ୍‌ରୁ ଆଲିଆଙ୍କର କିଛି ଫଟୋ ଭାଇରାଲ ହୋଇଛି। ଏଥିରେ ସେ ରେଟ୍ରୋ ଲୁକ୍‌ରେ ନଜର ଆସିଛନ୍ତି। ତାଙ୍କର ହେୟାର୍ ଷ୍ଟାଇଲ୍ ଓ ଲୁକ୍ ଷାଠିଏ ଦଶକର ହିରୋଇନ୍‌ମାନଙ୍କ ଭଳି ହୋଇଛି। ତେବେ ଆଲିଆଙ୍କ ଫଟୋ ଲିକ୍ ହେବା ପରେ ରାଜ୍ କପୁରଙ୍କ ଫିଲ୍ମ 'ସଙ୍ଗମ'କୁ ନେଇ ପୁଣି ଥରେ ଚର୍ଚ୍ଚା ଆରମ୍ଭ ହୋଇଛି। ପୂର୍ବରୁ ମଧ୍ୟ ଏହା 'ସଙ୍ଗମ'ର ରିମେକ୍ ବୋଲି କୁହାଯିବାରୁ ସଞ୍ଜୟ ଏହି କଥାକୁ ଖଣ୍ଡନ କରିଥିଲେ। 'ସଙ୍ଗମରେ ରାଜ୍ କପୁର, ବୈଜୟନ୍ତୀମାଳା, ରାଜେନ୍ଦ୍ର କୁମାର ନଜର ଆସିଥିଲେ। ଏହା ତ୍ରିକୋଣୀୟ ପ୍ରେମ କାହାଣୀ ଉପରେ ଆଧାରିତ ଥିଲା। 'ଲଭ୍ ଆଣ୍ଡ ୱାର୍'ର କାହାଣୀ ଯୁଦ୍ଧ ପୃଷ୍ଠଭୂମିରେ ଗଢ଼ି ଉଠିଥିବା ତ୍ରିକୋଣୀୟ ପ୍ରେମ କାହାଣୀ ଉପରେ ଆଧାରିତ। ଏହି ଫିଲ୍ମ ଆସନ୍ତାବର୍ଷ ମାର୍ଚ୍ଚ ୨୦ରେ ଆସିବ।

## ୨୦୩୦ ସୁଦ୍ଧା ବଦଳିବ ଯୁଦ୍ଧର ସ୍ୱରୂପ

ସାରା ବିଶ୍ୱରେ ପ୍ରଯୁକ୍ତିବିଦ୍ୟା ଏତେ ଦ୍ରୁତ ଗତିରେ ପରିବର୍ତ୍ତନ ହେଉଛି ଯେ, ଆଗାମୀ ଦିନରେ ଯୁଦ୍ଧର ସ୍ୱରୂପ ସମ୍ପୂର୍ଣ୍ଣ ଭାବରେ ବଦଳି ଯାଇପାରେ। ଏବେ ସୁଦ୍ଧା ଯୁଦ୍ଧ ମଇଦାନରେ ସୈନିକଙ୍କ ଉପସ୍ଥିତି ସବୁଠୁ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଥିଲା। ହେଲେ ୨୦୩୦ ସୁଦ୍ଧା ଏହାର ଦୃଶ୍ୟ ସମ୍ପୂର୍ଣ୍ଣ ଅଲଗା ହେବ ବୋଲି ଆକଳନ କରାଯାଉଛି। ଏନେଇ ଏଆଇକୁ ପ୍ରଶ୍ନ କରାଯିବାରୁ ତା'ଠାରୁ ଆଶ୍ଚର୍ଯ୍ୟଜନକ ଉତ୍ତର ମିଳିଛି। ଏବର ଚର୍ଚ୍ଚିତ ଟେକ୍ନୋଲୋଜି ହେଉଛି ଏଆଇ। ପ୍ରତିରକ୍ଷା କ୍ଷେତ୍ରରେ ଏହାର ବ୍ୟବହାର ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଏଆଇ କେବଳ ଶତ୍ରୁର ଗତିବିଧି ଉପରେ ନଜର ରଖିବ ନାହିଁ, ବରଂ ବାସ୍ତବ ସମୟରେ ଯୁଦ୍ଧ ରଣନୀତି ପ୍ରସ୍ତୁତ



କରିବ ଏବଂ ଅସ୍ତ୍ରଶସ୍ତ୍ର ନିୟନ୍ତ୍ରଣ କରିବାକୁ ମଧ୍ୟ ସକ୍ଷମ ହେବ। ଭବିଷ୍ୟତରେ ଏହି ଟେକ୍ନିକ୍ ଯୁଦ୍ଧକ୍ଷେତ୍ରରେ ସୈନିକଙ୍କ ସ୍ଥାନ ନେଇପାରେ। କାରଣ ଏଆଇ-ଆଧାରିତ ସିଷ୍ଟମଗୁଡ଼ିକ ଲୋକଙ୍କ ତୁଳନାରେ ବହୁତ ଶୀଘ୍ର ବିପଦକୁ ଚିହ୍ନଟ କରିପାରିବ ଏବଂ ପ୍ରତିକ୍ରିୟା ଦେଇପାରିବ। ସେହିପରି ଡ୍ରୋନ୍ ଟେକ୍ନିକ୍ ମଧ୍ୟ ଯୁଦ୍ଧ ତରିକାକୁ ପୂର୍ବରୁ ବଦଳାଇବା ଆରମ୍ଭ କରିସାରିଛି। ଏବେ ଏମିତି ଡ୍ରୋନ୍ ବିକଶିତ କରାଯାଉଛି, ଯାହା କେବଳ ନଜର ରଖିବ ନାହିଁ, ବରଂ ଅସ୍ତ୍ର ନେଇ ଶତ୍ରୁ ଉପରେ ଆକ୍ରମଣ କରିବାକୁ ସକ୍ଷମ ହେବ। ତେବେ ୨୦୩୦ ସୁଦ୍ଧା ଯୁଦ୍ଧ କେବଳ ସ୍ଥଳଭାଗ କିମ୍ବା ଆକାଶପଥରେ ନୁହେଁ, ବରଂ ସାଇବର ସ୍ପେସ୍‌ରେ ମଧ୍ୟ ହେବ। ଏହା ଶତ୍ରୁପକ୍ଷର ବ୍ୟାଙ୍କିଂ ସିଷ୍ଟମ, ପାୱାର ଗ୍ରୀଡ୍, ସାଟେଲାଇଟ୍ ନେଟୱାର୍କ ଏବଂ ଯୋଗାଯୋଗ ବ୍ୟବସ୍ଥାକୁ ଦୁର୍ବଳ କରିପାରେ। ଏଭଳି ଆକ୍ରମଣରେ ସୈନିକଙ୍କୁ ନ ପଠାଯାଇ ବି ଶତ୍ରୁ ଦେଶର ମୂଳଦୁଆକୁ ଦୋହଲାଇ ଦିଆଯାଇ ପାରେ। ଏହି କାରଣରୁ ସାରାବିଶ୍ୱର ସାମରିକ ବାହିନୀ ସାଇବର ସୁରକ୍ଷା ଏବଂ ଡିଜିଟାଲ୍ ଅସ୍ତ୍ରଶସ୍ତ୍ରରେ ବହୁଳ ପରିମାଣରେ ନିବେଶ କରୁଛନ୍ତି। ଆଗାମୀ ଦିନରେ ରୋବୋଟିକ୍ ସେନାର କଳ୍ପନା ବାସ୍ତବରେ ପରିଣତ ହୋଇପାରେ। ଅନ୍ୟପଟେ କିଛି ବିଶେଷଜ୍ଞ ବିଶ୍ୱାସ କରୁଛନ୍ତି, ୨୦୩୦ ସୁଦ୍ଧା ଯୁଦ୍ଧର ରୂପ ଏମିତି ହେବ ଯେ, ମଣିଷ କଣ୍ଟ୍ରୋଲ ରୁମ୍‌ରୁ ଆଦେଶ ଦେବ ଏବଂ ଯୁଦ୍ଧ କ୍ଷେତ୍ରରେ ମେସିନ୍ ପରସ୍ପର ସହିତ ଲଢ଼ିବେ। ଏଥିରେ ଡ୍ରୋନ୍, ଏଆଇ ସିଷ୍ଟମ୍, ରୋବଟ୍ ଏବଂ ସାଇବର ଆକ୍ରମଣ ପ୍ରମୁଖ ଭୂମିକା ଗ୍ରହଣ କରିବ। ତେଣୁ ଏଭଳି ପରିସ୍ଥିତିରେ ପାରମ୍ପରିକ ସେନାଙ୍କ ଭୂମିକା ଖୁବ୍ ସୀମିତ ହେବ।

## କାର୍ତ୍ତିକ ମାସରେ ଦୀପଦାନ

**ଚାଲିଛି ଧର୍ମମାସ କାର୍ତ୍ତିକ। ଶାସ୍ତ୍ରରେ ଏହି ମାସରେ ଦୀପଦାନକୁ ମହତ୍ତ୍ୱପୂର୍ଣ୍ଣ ବୋଲି କୁହାଯାଇଛି। କାର୍ତ୍ତିକ ମାସରେ ଦୀପଦାନ ଓ ତୁଳସୀ ପୂଜା ଦ୍ୱାରା ଦେବୀ ଲକ୍ଷ୍ମୀ ଏବଂ ଭଗବାନ ବିଷ୍ଣୁଙ୍କ କୃପା ପ୍ରାପ୍ତି ହୁଏ।**



କାର୍ତ୍ତିକ ମାସରେ ଦୀପଦାନକୁ ଖୁବ୍ ଶୁଭ ବୋଲି କୁହାଯାଇଛି। ଏହି ପବିତ୍ର ମାସରେ ନିତିଦିନ ସୂର୍ଯ୍ୟୋଦୟ ପୂର୍ବରୁ ସ୍ନାନ ସାରି ନଦୀ ତଥା ପୁଷ୍କରଣୀରେ ଦୀପଦାନ କରିବା ଦ୍ୱାରା ପୁଣ୍ୟ ହୋଇଥାଏ। ସେହିପରି ସକାଳେ ତୁଳସୀ ଗଛ ପାଖରେ ଘିଅ ଦୀପ ଜାଳିଲେ ପାପ ନାଶ ହୁଏ। ବିଶେଷକରି ଏହି ମାସରେ ଚଉରା ମୂଳେ ଆକାଶଦୀପ ଜାଳିବାର ପରମ୍ପରା ଅଛି। ତେବେ ଯେଉଁମାନେ ମାସ ସାରା ଦୀପ ଜଳାଇ ପାରନ୍ତି ନାହିଁ, ସେମାନେ ପଞ୍ଚକରେ ଆକାଶଦୀପ ପ୍ରଜ୍ୱଳନ କରିଥାନ୍ତି।


ଦୀପ ତଥା ଆକାଶ ଦୀପ ଜାଳିଲେ ପୂର୍ବପୁରୁଷମାନେ ଖୁସି ହୋଇ ଆଶୀର୍ବାଦ ପ୍ରଦାନ କରନ୍ତି। ଆକାଶଦୀପକୁ ସନ୍ଧ୍ୟା ପୂର୍ବରୁ ଲଗାଯାଏ। ଏକ ଛିଦ୍ରଯୁକ୍ତ ହାଣ୍ଡିରେ କିଛି ବାଲି ଓ ତା'ଉପରେ ଏକ ପ୍ରଜ୍ୱଳିତ ଦୀପ ରଖାଯାଏ। ଏହାର ଉପରିଭାଗକୁ ଏକ ପଲମରେ ଢ଼ାଙ୍କି ତାହାକୁ ଏକ ସୁଉଚ୍ଚ ବାଉଁଶ ଦଣ୍ଡର ଅଗ୍ରଭାଗରେ ବାନ୍ଧି ଦିଆଯାଏ। ବାଉଁଶ ଶୀର୍ଷରେ ରାତିସାରା ହାଣ୍ଡି ଭିତରେ ଘିଅ ଦୀପ ଜଳୁଥାଏ। ହାଣ୍ଡିର ଛିଦ୍ର ଦେଇ ଦୀପର ଆଲୋକ ଶିଖା ବହୁ ଦୂର ପର୍ଯ୍ୟନ୍ତ ଦେଖାଯାଏ। ଏହି ଆଲୋକ ଦେଇ ପିତୃଲୋକମାନେ ବାଟ ଦେଖିଥାନ୍ତି ବୋଲି ବିଶ୍ୱାସ ଅଛି।

ଅନ୍ୟପଟେ କାର୍ତ୍ତିକ ମାସ ପ୍ରତିପଦାଠାରୁ ପୂର୍ଣ୍ଣମୀ ଯାଏଁ ହବିଷ୍ୟାଳୀମାନେ ମନ୍ଦିର ଓ ଚଉଁରା ମୂଳେ ଆକାଶ ଦୀପ ଜାଳିଥାନ୍ତି। କେତେକ ଏହାକୁ ଦୀପାବଳିଠାରୁ ୧୫ଦିନ ପର୍ଯ୍ୟନ୍ତ ତ ପୁଣି କିଏ ଅଁଳା ନବମୀଠାରୁ ଆଉ କିଏ ପଞ୍ଚୁକ ପାଞ୍ଚଦିନ ଆକାଶଦୀପ ଜାଳନ୍ତି।

## ଆସ୍ଥା

## ଖାଲି ପାଦରେ ମନ୍ଦିର ଯିବାର ମହତ୍ତ୍ୱ

**ମନ୍ଦିରକୁ ଖାଲି ପାଦରେ ଯିବା ହେଉଛି ପବିତ୍ରତା, ସମ୍ମାନର ପ୍ରତୀକ। ଏହା ଅହଂକାର ତ୍ୟାଗ କରି ଭକ୍ତି, ବିନମ୍ରତା, ଦିବ୍ୟ ଶକ୍ତି ଅନୁଭବର ମାର୍ଗଦର୍ଶନ କରାଏ।**



- ମନ୍ଦିର ହେଉଛି ପବିତ୍ରତାର ସ୍ଥାନ। ତେଣୁ ଭକ୍ତଙ୍କୁ ଏହାର ପବିତ୍ରତା ଉପରେ ଦୃଷ୍ଟି ଦେବା ଉଚିତ। କୁହାଯାଏ, ବିନା ଜୋତା, ଚପଲରେ ଜଣେ ମନ୍ଦିରକୁ ପ୍ରବେଶ କରିବା ଦ୍ୱାରା ସହଜରେ ଦିବ୍ୟ ଶକ୍ତି ସହିତ ଜଡ଼ିତ ହୁଅନ୍ତି। ଦେବୀଦେବତାଙ୍କଠାରୁ ଆଶୀର୍ବାଦ ପାଇବାର ଏହା ହେଉଛି ଏକ ଉପାୟ।
- ପୌରାଣିକ କାହାଣୀ ଅନୁସାରେ, ଚମଡ଼ା ଜୋତା ପିନ୍ଧି ମନ୍ଦିରରେ ପ୍ରବେଶ କରିବା ଦେବତାଙ୍କ ଅନାଦର କରିବାକୁ ଇଙ୍ଗିତ କରେ। ଏଭଳି କରିବା ଅନୁଚିତ। ତେଣୁ ମନ୍ଦିରକୁ ପ୍ରବେଶ କରିବା ସମୟରେ ଲୋକେ ଚମଡ଼ା ଜୋତା ଓ ପର୍ସ ବାହାର କରି ଯାଆନ୍ତି। ମାନ୍ୟତା ଅନୁସାରେ, ମନ୍ଦିର ହେଉଛି ଏମିତି ଏକ ସ୍ଥାନ, ଯାହାକି ମାନସିକ ଶାନ୍ତି ପ୍ରଦାନ କରେ। ସେହିପରି ଖାଲି ପାଦରେ ମନ୍ଦିରରେ ପ୍ରବେଶ କରିବା ଦ୍ୱାରା ସକାରାତ୍ମକ ଶକ୍ତି ପାଦ ମାଧ୍ୟମରେ ଶରୀରକୁ ପ୍ରବେଶ କରେ। ଏହା ମନକୁ ଶାନ୍ତି ରଖିବାରେ ସାହାଯ୍ୟ କରେ।
- ଅନ୍ୟପଟେ ଖାଲି ପାଦରେ ମନ୍ଦିରକୁ ପ୍ରବେଶ କରିବା ଦ୍ୱାରା ଦେବୀ ଦେବତାଙ୍କ ପ୍ରତି ସମ୍ମାନ ଏବଂ ଆଦର ଦର୍ଶାଇବା ଲାଗି ଏହାକୁ ପାଳନ କରିବା ଉଚିତ।

## ମଙ୍ଗଳ ଗ୍ରହର ରାଶି ପରିବର୍ତ୍ତନ ୪ ରାଶିକୁ ମିଳିବ ଶୁଭ ଫଳ

**ମଙ୍ଗଳ ଗ୍ରହକୁ ସମସ୍ତ ଗ୍ରହର ସେନାପତି କୁହାଯାଏ। ମଙ୍ଗଳ ଶକ୍ତି, ସାହସ, ଭକ୍ତି, ପରାକ୍ରମ ଏବଂ ଶୌର୍ଯ୍ୟର କାରକ। ଅକ୍ଟୋବର ୨୭ରୁ ମଙ୍ଗଳ ଗ୍ରହ ତୁଳା ରାଶିରୁ ବୃଷ ରାଶିକୁ ପ୍ରବେଶ କରିବେ। ଏହି ରାଶି ପରିବର୍ତ୍ତନକୁ ଜ୍ୟୋତିଷ ଶାସ୍ତ୍ରରେ ମହତ୍ତ୍ୱପୂର୍ଣ୍ଣ ବୋଲି କୁହାଯାଇଛି। ତେବେ ମଙ୍ଗଳ ଗ୍ରହର ବୃଷ ରାଶିକୁ ପ୍ରବେଶ ଦ୍ୱାରା କେଉଁ ୪ ରାଶିକୁ ଶୁଭ ଫଳ ମିଳିବ, ସେ ସମ୍ପର୍କରେ ଜାଣିବା।**

**ମେଷ:** ଏହି ରାଶି ବ୍ୟକ୍ତିବିଶେଷଙ୍କ ଜୀବନରେ ଶକ୍ତି ଓ ଉତ୍ସାହ ସଞ୍ଚାର ହେବ। କାର୍ଯ୍ୟକ୍ଷେତ୍ରରେ ନୂଆ ସୁଯୋଗ ମିଳିବ। ଦୃଢ଼ ନିଷ୍ପତ୍ତି ନେବାରେ ସଫଳ ହେବେ। ସ୍ୱାସ୍ଥ୍ୟରେ ଉନ୍ନତି ଆସିବ। ପୁରୁଣା ସମସ୍ୟା ଦୂର ହେବ। ନିବେଶ ଲାଗି ଅନୁକୂଳ ସମୟ।

**ବୃଷ:** ବୃଷ ରାଶି ପାଇଁ ଏହି ପରିବର୍ତ୍ତନ ଅତ୍ୟନ୍ତ ଶୁଭ। କ୍ୟାରିୟର, ଧନ ଓ ସ୍ୱାସ୍ଥ୍ୟରେ ସକାରାତ୍ମକ ପରିବର୍ତ୍ତନ ଆସିବ। ସମାଜରେ ମାନ-ସମ୍ମାନ ପ୍ରାପ୍ତି ହେବ। ଆତ୍ମବିଶ୍ୱାସ ବୃଦ୍ଧି ହେବ।

**ମିଥୁନ:** ମିଥୁନ ରାଶିଙ୍କ ପାଇଁ ମଙ୍ଗଳ ଗ୍ରହର ରାଶି ପରିବର୍ତ୍ତନ ଆର୍ଥିକ ଲାଭ ଏବଂ ଯାତ୍ରାର ଅବସର ଆଣିବ। ପରିବାର ଓ ସାଙ୍ଗସାଥୀଙ୍କ ସହଯୋଗ ପ୍ରାପ୍ତ ହେବ। ଅଫିସ୍‌ରେ ନୂଆ ଦାୟିତ୍ୱ ତୁଲାଇବେ। ଶିକ୍ଷା, ବ୍ୟବସାୟ ଓ ପ୍ରେମ ସମ୍ପର୍କରେ ସକାରାତ୍ମକ ଫଳ ଲାଭ ହେବ।

**ଧନୁ:** ଧନୁ ରାଶି ବ୍ୟକ୍ତିଙ୍କ ପାଇଁ ମଙ୍ଗଳ ଗ୍ରହର ରାଶି ପରିବର୍ତ୍ତନ ବିଭିନ୍ନ କ୍ଷେତ୍ରରେ ନୂତନ ଅବସର ପ୍ରଦାନ କରିବ। ଆର୍ଥିକ ଲାଭ ସାଙ୍ଗକୁ ମାନ-ସମ୍ମାନ ପ୍ରାପ୍ତ ହେବ। କାର୍ଯ୍ୟକ୍ଷେତ୍ରରେ ସଫଳତା, ନୂତନ ସ୍ଥାନକୁ ଯାତ୍ରା ଯୋଗ ସୃଷ୍ଟି ହେବ। ପରିବାର ଓ ସମ୍ପର୍କୀୟଙ୍କ ସହିତ ସମ୍ବନ୍ଧ ମଜଭୁତ ହେବ।



## ଅଁଳା ନବମୀ



କାର୍ତ୍ତିକ ଶୁକ୍ଳ ନବମୀ ତିଥିକୁ 'ଅଁଳା ନବମୀ' କୁହାଯାଏ। ଏଭଳି ଏକ ପୁଣ୍ୟ ତିଥିରେ ଶ୍ରୀରାଧା ପାଦଙ୍କ ଦର୍ଶନ କରାଯାଏ। ଏହିଦିନ ଅଁଳା ଗଛକୁ ପୂଜା କରିବାର ବିଧି ଅଛି। ଅଁଳା ନବମୀରେ ଅଁଳା ଗଛ ତଳେ ଭଗବାନ ବିଷ୍ଣୁଙ୍କର ପ୍ରତିମାକୁ ସ୍ନାନ କରାଯାଏ। ହବିଷ୍ୟାଳିମାନେ ଏହିଦିନ ଅଁଳା ଗଛ ମୂଳରେ ହବିଷ୍ୟାନ୍ନ ରାନ୍ଧନ୍ତି ଓ ବୃକ୍ଷ ଚାରିପଟେ ପ୍ରଦକ୍ଷିଣ କରିଥାନ୍ତି।

କୁହାଯାଏ, ଅଁଳା ଗଛରେ ଭଗବାନ ବିଷ୍ଣୁ ବାସ କରିଥାନ୍ତି। ତେଣୁ ଅଁଳା ଗଛକୁ ପୂଜା କରିବା ଦ୍ୱାରା ମା' ଲକ୍ଷ୍ମୀଙ୍କ କୃପା ପ୍ରାପ୍ତି ହୁଏ। କେବଳ ସେତିକି ନୁହେଁ, ଅଁଳା ଗଛ ପୂଜା ଦ୍ୱାରା ଗୋଦାନର ପୁଣ୍ୟଫଳ ପ୍ରାପ୍ତି ହୋଇଥାଏ। ସୁଖ, ସମୃଦ୍ଧି ଓ ଦେବୀ ଲକ୍ଷ୍ମୀଙ୍କୁ ପ୍ରସନ୍ନ କରିବା ପାଇଁ ଅଁଳା ନବମୀ ହେଉଛି ଏକ ଶୁଭଦିନ। ଏହିଦିନ ଅଁଳା ଖାଇବା ଦ୍ୱାରା ରୋଗମୁକ୍ତ ରହିବା କୁହାଯାଏ। ମହିଳାମାନେ ସନ୍ତାନ ପ୍ରାପ୍ତି ଏବଂ ସନ୍ତାନଙ୍କ ମଙ୍ଗଳକାମନା କରି ଅଁଳା ଗଛ ପୂଜା କରିବାର ବିଧି ଅଛି।

# ଓଡ଼ିଆ ଝିଅ ପ୍ରୀତିସ୍ମିତାଙ୍କ ବିଶ୍ୱ ରେକର୍ଡ

ଭୁବନେଶ୍ୱର,୨୬।୧୦(ସମିସ)

ଓଡ଼ିଆ ଝିଅ ତଥା ଢେଙ୍କାନାଳର ଭାରୋତ୍ତୋଳନକାରୀ ପ୍ରୀତିସ୍ମିତା ଭୋଇ ମହିଳା ଭାରୋତ୍ତୋଳନ କ୍ରୀଡ଼ାରେ ବିଶ୍ୱରେକର୍ଡ ପ୍ରତିଷ୍ଠା କରିଛନ୍ତି। ଓଡ଼ିଶାର ପ୍ରଥମ ମହିଳା କ୍ରୀଡ଼ାବିତ୍ ଭାବେ ସେ ଦ୍ୱିତୀୟଥର ବିଶ୍ୱରେକର୍ଡ ପ୍ରତିଷ୍ଠା କରିଛନ୍ତି। ଗତବର୍ଷ ୱାର୍ଲ୍ଡ ୟୁଥ୍ ଭାରୋତ୍ତୋଳନର ୪୦ କେଜି କାଟାଗୋରୀର କ୍ଲିନ୍ ଆଣ୍ଡ ଜର୍କରେ ୭୬ କେଜି ଓଜନ ଉଠାଇ ପ୍ରଥମ ବିଶ୍ୱରେକର୍ଡ କରିଥିଲେ। ଆଜିର ରେକର୍ଡ ପରେ ପ୍ରୀତିସ୍ମିତାଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛାର ସୁଅ ଛୁଟିଛି। ପ୍ରୀତିସ୍ମିତା ଏହି ବିଶ୍ୱରେକର୍ଡ ବାହାରିନ୍‌ର ମାନାମାଠାରେ ଚାଲିଥିବା ୟୁଥ୍ ଏସିଆନ୍ ଗେମ୍ସରେ ସୃଷ୍ଟି କରିଛନ୍ତି। କ୍ଲିନ୍ ଆଣ୍ଡ ଜର୍କରେ ଏହି ବିଶ୍ୱରେକର୍ଡ କରିବା ସହ ୨ଟି ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ପାଇଛନ୍ତି। ଦ୍ୱିତୀୟ ସ୍ୱର୍ଣ୍ଣ ତାଙ୍କୁ ଓଭରଅଲ୍ କାଟାଗୋରୀରେ ମିଳିଛି। ସ୍ନାଚ୍‌ରେ ରୌପ୍ୟ ପଦକ ପାଇଛନ୍ତି।

ରବିବାର ୟୁଥ୍ ୪୪ କେଜି ବିଭାଗରେ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ପ୍ରୀତିସ୍ମିତା ସ୍ନାଚ୍‌ରେ ୬୬ କେଜି, କ୍ଲିନ୍ ଆଣ୍ଡ ଜର୍କରେ ୯୨ କେଜି ଓଜନ ଉଠାଇଥିଲେ। ସେ ମୋଟ ୧୫୮ କେଜି ଓଜନ ଉଠାଇ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏଠାରେ ସେ କ୍ଲିନ୍ ଆଣ୍ଡ ଜର୍କରେ ୯୨ କେଜି ଓଜନ ଉଠାଇବା ଫଳରେ ଏସୀୟ ଓ ବିଶ୍ୱ ରେକର୍ଡ ପ୍ରତିଷ୍ଠା କରିଥିଲେ। ସ୍ନାଚ୍‌ରେ ସେ ତାଙ୍କ ଚାଇନିଜ୍ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ପଛରେ ପଡ଼ିଥିଲେ। ଏଥିରେ ସେ ପ୍ରଥମ ଆଟେମ୍ପଟରେ ୬୬ କେଜି ଓଜନ ଉଠାଇଥିଲେ, ଯାହାକି ତାଙ୍କ ଜାତୀୟ ରେକର୍ଡଠାରୁ ୩ କେଜି ଅଧିକ ଥିଲା। କିନ୍ତୁ ଏହା ପରେ ସେ ୬୮ ଓ ୬୯ କେଜି ଓଜନ ଉଠାଇବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। କ୍ଲିନ୍ ଆଣ୍ଡ ଜର୍କରେ ସେ ପ୍ରଥମେ ୮୭ କେଜି ଓଜନ ଉଠାଇଥିଲେ। ଏହା ପରେ ୯୦ ଓ ପରେ ୯୨ କେଜି ପର୍ଯ୍ୟନ୍ତ ସଫଳତାର ସହ ଲିଫ୍ଟ କରିଥିଲେ। ଏହା ଫଳରେ ସେ ନୂଆ ବିଶ୍ୱରେକର୍ଡ କରିବାରେ ସମର୍ଥ ହୋଇଥିଲେ। ଏସୀୟ ଚାମ୍ପିଅନସିପ୍ ନିୟମ ଅନୁଯାୟୀ ସେ ସ୍ନାଚ୍‌ରେ ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ, କ୍ଲିନ୍ ଆଣ୍ଡ ଜର୍କ ଓ ଓଭରଅଲ କାଟାଗୋରୀରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ।



ୟୁଥ୍ ଏସିଆନ୍ ଗେମ୍ସ

ଢେଙ୍କାନାଳର ଭାରୋତ୍ତୋଳନ ସବ୍‌ସେଣ୍ଟରରୁ ପ୍ରଶିକ୍ଷଣ ନେଇ ପ୍ରୀତିସ୍ମିତା ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିଲେ। ଗୋପାଳକୃଷ୍ଣ ଦାସ ତାଙ୍କର ପ୍ରଥମ ଗୁରୁ ଥିବାବେଳେ ଏବେ ଉତ୍ତରପ୍ରଦେଶର ମୋଦିନଗରରେ ଥିବା ୱେଟ୍‌ଲିଫ୍ଟିଙ୍ଗ୍ ୱାରିୟରରେ କୋଚ ବିଜୟ ଶର୍ମାଙ୍କ ଅଧିନରେ ପ୍ରଶିକ୍ଷଣ ନେଉଛନ୍ତି। ଏହି ସଫଳତା ଲାଗି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, ଓଡ଼ିଶା ଭାରୋତ୍ତୋଳନ ସଂଘ ସଭାପତି ଇଂ ଚିତ୍ତରଞ୍ଜନ ସ୍ୱାଇଁ, ସମ୍ପାଦକ ଗୋପାଳକୃଷ୍ଣ ଦାସ ଓ ଅନ୍ୟମାନେ ପ୍ରୀତିସ୍ମିତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହି ପ୍ରତିଯୋଗିତାରେ ଆଉ ଜଣେ ଝିଅ ଗଞ୍ଜାମର ଟିକି ମୋହିନୀ ମଲ୍ଲିକ ଅଂଶଗ୍ରହଣ କରିଛନ୍ତି।

## ରାଜ୍ୟ ଭାରୋତ୍ତୋଳନ ଚାମ୍ପିଅନସିପ୍ ୨୮ରୁ

ଭୁବନେଶ୍ୱର: ଓଡ଼ିଶା ରାଜ୍ୟ ଭାରୋତ୍ତୋଳନ ଚାମ୍ପିଅନସିପ୍ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଥିବା ବିଜୁ ପଟ୍ଟନାୟକ ଭାରୋତ୍ତୋଳନ କକ୍ଷରେ ଚଳିତମାସ ୨୮ରୁ ୩୦ ତାରିଖଯାଏ ଅନୁଷ୍ଠିତ ହେବ। ଏଥିରେ ଉଭୟ ପୁରୁଷ, ମହିଳାର ବରିଷ୍ଠ, ଜୁନିଅର ଓ ୟୁଥ୍ ବିଭାଗରେ ପ୍ରତିଦ୍ୱନ୍ଦ୍ୱିତା ଅନୁଷ୍ଠିତ ହେବ। ରାଜ୍ୟର ୨୦ଟି ଜିଲ୍ଲାରୁ ୨୦୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ଏଥିରୁ ଜାତୀୟ ପ୍ରତିଯୋଗିତା ନିମନ୍ତେ ଖେଳାଳି ଚୟନ କରାଯିବ ବୋଲି ଆୟୋଜକ ଓଡ଼ିଶା ଭାରୋତ୍ତୋଳନ ସଂଘ ସଭାପତି ଇଂ ଚିତ୍ତରଞ୍ଜନ ସ୍ୱାଇଁ ଜଣାଇଛନ୍ତି।

**ଆଇସିସି ମହିଳା ଦିନିକିଆ ବିଶ୍ୱକପ୍**

# ପରାଜୟ ସହ ନ୍ୟୁଜିଲାଣ୍ଡ ଓ ସୋଫିଙ୍କ ବିଦାୟ

ବିଶାଖାପାଟଣା, ୨୬।୧୦ (ଏଜେନ୍ସି): ରବିବାର ଏଠାରେ ଖେଳାଯାଇଥିବା ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ର ଏକ ମ୍ୟାଚରେ ଇଂଲଣ୍ଡ ୮ ୱିକେଟ୍‌ରେ ସହଜରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ୩୮.୨ ଓଭରରେ ୧୬୮ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଓପନର୍ ଜର୍ଜିଆ ପ୍ଲିମର ସର୍ବାଧିକ ୪୩ ଓ ଆମେଲିଆ କେର୍ ୩୫ ରନ କରିଥିଲେ। ବିଦାୟୀ ମ୍ୟାଚ୍ ଖେଳୁଥିବା ସୋଫି ୨୩ ରନରେ ଆଉଟ୍ ହୋଇଥିଲେ। ଇଂଲଣ୍ଡର ସ୍ପିନର ଲିନସୀ ସ୍ମିଥ ୩ ଏବଂ ଆଲିସେ କାପସୀ ଓ ଅଧିନାୟିକା ନାଟାଲୀ-ସ୍କିଭର ବ୍ରଣ୍ଟ ୨ଟି ଲେଖାଏ ୱିକେଟ୍ ନେଇଥିଲେ। ଜବାବରେ ଓପନର୍ ଆମି ଜୋନ୍ସଙ୍କ ଅପରାଜିତ ୮୬ ରନ ବଳରେ ଇଂଲଣ୍ଡ ୨୯.୨ ଓଭରରେ ୨ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଇଂଲଣ୍ଡ ଏଥିସହ ୭ ମ୍ୟାଚ୍‌ରୁ ୫ମ ବିଜୟ ସହିତ ୧୧ ପଏଣ୍ଟ ପାଇ ଅଷ୍ଟ୍ରେଲିଆ (୧୩) ପଛକୁ ଟେବଲ୍‌ର ଦ୍ୱିତୀୟ ସ୍ଥାନରେ ରହି ଲିଗ୍ ପର୍ଯ୍ୟାୟ ଶେଷ କରିଛି। ଅକ୍ଟୋବର ୨୯ରେ ପ୍ରଥମ ସେମିରେ ଦକ୍ଷିଣ ଆଫ୍ରିକାକୁ ଭେଟିବ ଇଂଲଣ୍ଡ। ଅପରପକ୍ଷରେ ନ୍ୟୁଜିଲାଣ୍ଡ ୭ଟି ମ୍ୟାଚ୍‌ରୁ ୪ର୍ଥ ପରାଜୟ ସହ ୪ ପଏଣ୍ଟ ପାଇ ୬ଷ୍ଠ ସ୍ଥାନରେ ରହି ଅଭିଯାନ ଶେଷ କରିଛି।

### ଭାରତର ବିଜୟରେ ବର୍ଷା ବାଧକ

ନଭି ମୁମ୍ବଇ, ୨୬।୧୦ (ଏଜେନ୍ସି): ଭାରତ ବିଶ୍ୱକପ୍‌ରେ ଏହାର ଶେଷ ଲିଗ୍ ମ୍ୟାଚରେ ବାଂଲାଦେଶ ବିପକ୍ଷରେ ନିଶ୍ଚିତ ବିଜୟରୁ ବଞ୍ଚିତ ହୋଇଛି। ରବିବାର ଅନୁଷ୍ଠିତ ବର୍ଷା ବାଧାପ୍ରାପ୍ତ ଏହି ୨୭ ଓଭରବିଶିଷ୍ଟ ମ୍ୟାଚରେ ବାଂଲାଦେଶ ୯ ୱିକେଟ୍‌ରେ ୧୧୯ ରନ କରିଥିଲା। ଏହାପରେ ଡିଏଲ୍ ପଦ୍ଧତିରେ ଭାରତ ସାମ୍ନାରେ ୧୨୬ ରନର ପୁନଃଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଏହାକୁ ପିଛା କରିଥିବା ଭାରତ ୮.୪ ଓଭରରେ କୌଣସି ୱିକେଟ୍ ନ ହରାଇ ୫୭ ରନ କରିଥିବାବେଳେ ପୁନର୍ବାର ବର୍ଷା ହୋଇଥିଲା। ଶେଷରେ ମ୍ୟାଚ ରେଫରି ମ୍ୟାଚକୁ ବାତିଲ କରିଥିଲେ। ଫଳରେ ଭାରତ ୭ ମ୍ୟାଚରୁ ୩ଟି ଲେଖାଏ ବିଜୟ ଓ ପରାଜୟ ଏବଂ ଗୋଟିଏ ବାତିଲ ସହ ୪ ପଏଣ୍ଟ ପାଇ ଚତୁର୍ଥ ସ୍ଥାନରେ ରହିଛି। ଆସନ୍ତା ୩୦ରେ ଭାରତ ଏଠାରେ ଦ୍ୱିତୀୟ ସେମିରେ ଅଷ୍ଟ୍ରେଲିଆକୁ ଭେଟିବ।

## କ୍ରିକେଟ୍ ସହ ଜାତୀୟ ହକି ଦଳରୁ ଖେଳିଥିଲେ ସୋଫି

ବିଶାଖାପାଟଣା, ୨୬।୧୦ (ଏଜେନ୍ସି): ଇଂଲଣ୍ଡ ବିପକ୍ଷ ମ୍ୟାଚ୍ ସହ ନ୍ୟୁଜିଲାଣ୍ଡ ଅଧିନାୟିକା ସୋଫି ଡିଭାଇନ ଦିନିକିଆ ଫର୍ମାଟ୍‌ରୁ ସନ୍ନ୍ୟାସ ନେଇଛନ୍ତି। ବିଦାୟୀ ମ୍ୟାଚ୍‌ରେ ବିଜୟ ସ୍ୱାଦ ଚାଖିପାରି ନ ଥିଲେ ମଧ ୩୬ ବର୍ଷୀୟା ସୋଫିଙ୍କ ଦୁଇ ଦଶନ୍ଧିର ଦିନିକିଆ କ୍ୟାରିୟର ବେଶ୍ ସ୍ମରଣୀୟ ରହିଥିଲା। ମାତ୍ର ୧୭ ବର୍ଷ ବୟସରେ ୨୦୦୬ରେ ସେ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳି ଦିନିକିଆ କ୍ରିକେଟ୍‌ରେ ପାଦ ଥାପିଥିଲେ। ୧୯ ବର୍ଷର ଲମ୍ବା କ୍ୟାରିୟରରେ ସେ ୧୫୯ଟି ମ୍ୟାଚ୍ ଖେଳିଛନ୍ତି। ଅଗ୍ରଭାଗରେ ଜଣେ ନିର୍ଭରଯୋଗ୍ୟ ବ୍ୟାଟର୍ ସହ ସୋଫି ମିଡିୟମ ପେସ୍ ବୋଲିଂ ମଧ କରିଥାନ୍ତି। ତାଙ୍କ ନାମରେ ଦିନିକିଆରେ ୪,୨୭୯ ରନ ଓ ୧୩୩ ୱିକେଟ୍ ଲିପିବଦ୍ଧ




ରହିଛି। ସେହିଭଳି ଏହି ଫର୍ମାଟ୍‌ରେ ସେ ୯ଟି ଶତକ ଓ ୧୮ଟି ଅର୍ଦ୍ଧଶତକ ମାରିଛନ୍ତି। ନ୍ୟୁଜିଲାଣ୍ଡ ପାଇଁ ସର୍ବାଧିକ ଦିନିକିଆ ମ୍ୟାଚ୍ ଖେଳିବାରେ ସୁଜି ବେଟ୍ସ (୧୭୮)ଙ୍କ ପଛକୁ ସେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ବିଶ୍ୱର ୩ୟ ଓ ନ୍ୟୁଜିଲାଣ୍ଡର ଏକମାତ୍ର ମହିଳା କ୍ରିକେଟର୍ ଭାବେ ସୋଫି ଦିନିକିଆରେ ୪୦୦୦ରୁ ଊର୍ଦ୍ଧ୍ୱ ରନ ଓ ୧୦୦ରୁ ଊର୍ଦ୍ଧ୍ୱ ୱିକେଟ୍ ନେବାର ବିରଳ ସଫଳତା ପାଇଛନ୍ତି। ଏହି କ୍ଲବରେ ୱେଷ୍ଟଇଣ୍ଡିଜର ଷ୍ଟିଫାନୀ ଟେଲର ଓ ଅଷ୍ଟ୍ରେଲିଆର ଏଲିସେ ପେରୀ ରହିଛନ୍ତି। ସୋଫିଙ୍କ କ୍ୟାରିୟରକୁ ନେଇ ଆଉ ଏକ ରୋଚକ କଥା ହେଉଛି ସେ ନ୍ୟୁଜିଲାଣ୍ଡ ମହିଳା ହକି ଦଳ ପକ୍ଷରୁ ମଧ ମ୍ୟାଚ୍ ଖେଳିଛନ୍ତି। ୨୦୧୧ ଓ ୨୦୧୨ ଦୁଇ ବର୍ଷ ସେ କ୍ରିକେଟ୍‌ରୁ ବ୍ରେକ୍ ନେଇ ନ୍ୟୁଜିଲାଣ୍ଡ ହକି ଦଳ ପକ୍ଷରୁ ଖେଳିଥିଲେ।

**● ରଣଜୀ ଇତିହାସର ସବୁଠୁ ସଂକ୍ଷିପ୍ତ ମ୍ୟାଚ୍**

## ୫୪୦ ବଲ୍, ୩୨ ୱିକେଟ୍, ୩୫୯ ରନ

ଗୌହାଟୀ, ୨୬।୧୦ (ଏଜେନ୍ସି): ଘରୋଇ ଆସାମ ଓ ସର୍ଭିସେସ ମଧ୍ୟରେ ଏଠାରେ ଅନୁଷ୍ଠିତ ରଣଜୀ ଟ୍ରଫି ଏଲିଟ୍ ଗ୍ରୁପ୍-ସି'ର ଏକ ମ୍ୟାଚ ମାତ୍ର ଦେଢ଼ ଦିନ ମଧ୍ୟରେ ସମାପ୍ତ ହୋଇଯାଇଛି। ଏହି ମ୍ୟାଚରେ ସର୍ଭିସେସ୍ ବୋଲର ଦମ୍‌ଦାର ପ୍ରଦର୍ଶନ କରିବା ଯୋଗୁ ଦଳ ୮ ୱିକେଟ୍‌ରେ ଆସାମକୁ ପରାସ୍ତ କରିଛି। ରଣଜୀ ଟ୍ରଫି ଇତିହାସରେ ବଲ୍ ଦୃଷ୍ଟିରୁ ଏହା ସବୁଠୁ ସଂକ୍ଷିପ୍ତ ମ୍ୟାଚ୍ ହେବାର ମଧ ରେକର୍ଡ ହୋଇଛି। ଏହି ମ୍ୟାଚ୍‌ରେ ମୋଟ୍ ୫୪୦ଟି ବଲ୍ ବୋଲିଂ ହୋଇଥିଲା। ଯେଉଁଥିରେ ୩୨ଟି ୱିକେଟ୍ ପତନ ଘଟିଥିବାବେଳେ ୩୫୯ ରନ ସଂଗୃହିତ ହୋଇଥିଲା। ସେହିଭଳି ଆସାମର ପ୍ରଥମ ଇନିଂସରେ ସର୍ଭିସେସର ଦୁଇ ବାମହାତୀ ବୋଲର ଅର୍ଜୁନ ଶର୍ମା ଓ ମୋହିତ ଜାଙ୍ଗ୍ରା ହ୍ୟାଟ୍ରିକ ନେଇ ଅନ୍ୟ ଏକ ରେକର୍ଡ କରିଥିଲେ। ଗୋଟିଏ ପାଳିରେ ଦୁଇଜଣ ବୋଲର ହ୍ୟାଟ୍ରିକ ୱିକେଟ୍ ନେବା ରଣଜୀ ଟ୍ରଫିରେ ଏହା ପ୍ରଥମ ଘଟଣା ଥିଲା। ଏହି ମ୍ୟାଚରେ ଆସାମ ପ୍ରଥମ ଇନିଂସରେ ୧୭.୨ ଓଭର ଖେଳି ୧୦୩ ରନରେ ଅଲ୍‌ଆଉଟ ହୋଇଥିଲା। ଜବାବରେ ସର୍ଭିସେସ ୨୯.୨ ଓଭରରେ ୧୦୮ ରନ କରିବାକୁ ସମର୍ଥ ହୋଇଥିଲା। ୫ ରନ ପଛରେ ଥାଇ ଦ୍ୱିତୀୟ ପାଳି ଆରମ୍ଭ କରିଥିବା ଆସାମ ୨୯.୩ ଓଭରରେ ୭୫ ରନରେ ସୀମିତ ରହିଥିଲା। ଏହାପରେ ସର୍ଭିସେସ ୧୩.୨ ଓଭରରେ ଲକ୍ଷ୍ୟ ହାସଲ କରିନେଇଥିଲା। ପୂର୍ବରୁ ରଣଜୀ ଟ୍ରଫିର ୧୯୬୧-୬୨ ସିଜନରେ ଦିଲ୍ଲୀ ଓ ରେଳବାଇ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ୫୪୭ଟି ବଲରେ ଫଳାଫଳ ବାହାରିଥିଲା।

**● ସାଉଥ୍ ଏସିଆନ୍ ସିନିଅର ଆଥ୍‌ଲେଟିକ୍ସ**

## ସରୁନ, ପ୍ରତୀକଙ୍କୁ କାଂସ୍ୟ ସଫଳତା

ଭୁବନେଶ୍ୱର, ୨୬।୧୦ (ସମିସ): ରାଞ୍ଚିରେ ଅନୁଷ୍ଠିତ ସାଉଥ୍ ଏସିଆନ୍ ସିନିଅର ଆଥ୍‌ଲେଟିକ୍ସ ଚାମ୍ପିଅନସିପର ଶେଷ ଦିନରେ ଓଡ଼ିଶାର ସରୁନ ପାୟାସିଂ ଓ ପ୍ରତୀକ ମହାରଣା କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ରବିବାର ଅନୁଷ୍ଠିତ ପୁରୁଷ ଲଙ୍ଗ ଜମ୍ପ୍ ଫାଇନାଲରେ ସରୁନ ୭.୫୨ ମିଟର ଲମ୍ଫ ପ୍ରଦାନ କରି ପୋଡିୟମର ୩ୟ ସ୍ଥାନରେ ରହିଥିଲେ। ସେହିଭଳି ପୁରୁଷ ୨୦୦ ମିଟର ରେସରେ ଭାଗନେଇଥିବା ପ୍ରତୀକ ୩ୟ ସ୍ଥାନ ହାସଲ କରିଥିଲେ। ଏହି ଦୂରତାକୁ ସେ ୨୧.୪୪ ସେକେଣ୍ଡରେ ଫିନିଶ କରିଥିଲେ।

## ମହିଳା ଟି-୨୦: ଓଡ଼ିଶା ପରାସ୍ତ

କଟକ,୨୬।୧୦(ସମିସ): ୧୯ ବର୍ଷରୁ କମ୍ ମହିଳା ଟି-୨୦ ଟ୍ରଫି ରବିବାର ଠାରୁ ଆରମ୍ଭ ହୋଇଛି। ରାୟପୁରର ଆରଡିସିଏ ଗ୍ରାଉଣ୍ଡରେ ଖେଳାଯାଇଥିବା ପ୍ରଥମ ମୁକାବିଲାରେ ସୌରାଷ୍ଟ୍ର ୨ ୱିକେଟରେ ଓଡ଼ିଶାକୁ ହରାଇଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ ସୁଯୋଗ ପାଇଥିବା ଓଡ଼ିଶା ୭ ୱିକେଟ ହରାଇ ୮୮ରନ କରିଥିଲା। ଶ୍ରେୟା ପ୍ରିୟଦର୍ଶିନୀ ଅପରାଜିତ ୨୫ରନ କରିଥିଲେ। ସୌରାଷ୍ଟ୍ରର ହର୍ଷିତବା ଜାଡେଜାଙ୍କୁ ୨ଟି ୱିକେଟ ମିଳିଥିଲା। ୧୮.୩ ଓଭରରେ ୮ ୱିକେଟ ହରାଇ ସୌରାଷ୍ଟ୍ର ବିଜୟୀ ହୋଇଥିଲା। ହର୍ଷିତବା ସର୍ବାଧିକ ୧୬ରନ କରିଥିବା ବେଳେ ଓଡ଼ିଶା ପକ୍ଷରୁ ବିଜୟଲକ୍ଷ୍ମୀ ବେହେରା ଏବଂ ଅନନ୍ୟା ରାଉତ ଯଥାକ୍ରମେ ୩ଟି ଓ ୨ଟି ୱିକେଟ ଅକ୍ତିଆର କରିଥିଲେ।

**● ସିକେ ନାଇଡୁ ଟ୍ରଫି**

## ରିତେଶଙ୍କୁ ୪ ୱିକେଟ; ଆସାମ ୨୦୦/୯

କଟକ,୨୬।୧୦(ସମିସ): ୨୩ ବର୍ଷରୁ କମ୍ ପୁରୁଷ ସିକେ ନାଇଡୁ ଟ୍ରଫିର ଦ୍ୱିତୀୟ ପର୍ଯ୍ୟାୟ ଲିଗ୍ ମ୍ୟାଚ୍ ରବିବାର ଠାରୁ ଆରମ୍ଭ ହୋଇଛି। ଭୁବନେଶ୍ୱରର କିଟ୍ କ୍ରିକେଟ ଷ୍ଟାଡିୟମରେ ଆସାମକୁ ଭେଟିଛି ଓଡ଼ିଶା ଦଳ। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଆସାମ ୯ ୱିକେଟ ହରାଇ ୨୦୦ ରନ ସଂଗ୍ରହ କରିଛି। ରାଜବୀର ସିଂହ ୯୪ ରନର ଅପରାଜିତ ସଂଘର୍ଷପୂର୍ଣ୍ଣ ପାଳି ଖେଳିଥିଲେ। ଅନ୍ୟ ଖେଳାଳିମାନେ ବିଫଳ ହୋଇଥିବା ବେଳେ ଶେଷ ବ୍ୟାଟର ନିଶାନ୍ତ ସିଂଘାଣିଆ ୧ରନରେ ଅପରାଜିତ ରହିଛନ୍ତି। ଓଡ଼ିଶା ପକ୍ଷରୁ ରିତେଶ ପ୍ରିୟରଞ୍ଜନ ସର୍ବାଧିକ ୪ଟି ଏବଂ ଆୟୁଷ ବାରିକ ଓ ମହମ୍ମଦ ଡାନିସଙ୍କୁ ୨ଟି ଲେଖାଏ ୱିକେଟ ମିଳିଛି।

**ଏସିଆ ରଗ୍‌ବୀ ଏମିରେଟ୍ସ ସେଭେନ୍ସ ଟ୍ରଫି**

# ଫାଇନାଲ ସହ ଡିଭିଜନ-୧କୁ ଭାରତର ଯୋଗ୍ୟତା

ନୂଆଦିଲ୍ଲୀ, ୨୬।୧୦ (ଏଜେନ୍ସି): ଓମାନର ରାଜଧାନୀ ମସ୍କଟରେ ଅନୁଷ୍ଠିତ ଏସିଆ ରଗ୍‌ବୀ ଏମିରେଟ୍ସ ସେଭେନ୍ସ ଟ୍ରଫିରେ ଭାରତ ଏହାର ଅପରାଜେୟ ଧାରା ବଜାୟ ରଖି ଫାଇନାଲରେ ପ୍ରବେଶ କରିଛି। ରବିବାର ଅନୁଷ୍ଠିତ ସେମିଫାଇନାଲରେ ଭାରତ ୧୭-୦ରେ ସାଉଦୀ ଆରବକୁ ପରାସ୍ତ କରିଥିଲା। ଏଥିପୂର୍ବରୁ ଭାରତ କ୍ୱାର୍ଟରରେ ୨୧-୭ ସ୍କୋରରେ ଇରାନକୁ ଏବଂ ଲିଗ୍ ପର୍ଯ୍ୟାୟରେ ୧୪-୧୦ରେ ଲେବାନନ୍ ଏବଂ ୨୬-୫ ସ୍କୋରରେ ଆଫଗାନିସ୍ତାନକୁ ହରାଇଥିଲା। ସ୍ୱର୍ଣ୍ଣ ପଦକ ତଥା ଟାଇଟଲ୍ ଲଢ଼େଇରେ ଭାରତର ମୁକାବିଲା କାଜାଖସ୍ତାନ ସହ ହେବ। ଅପରପକ୍ଷରେ ଫାଇନାଲରେ ପ୍ରବେଶ ସହ ଭାରତ ଏହି ଟୁର୍ଣ୍ଣାମେଣ୍ଟର ଡିଭିଜନ-୧ ପର୍ଯ୍ୟାୟକୁ ଯୋଗ୍ୟତା ଅର୍ଜନ କରିବାରେ ସଫଳ ହୋଇଛି। ଫଳରେ ଭାରତ ପ୍ରଥମଥର ଲାଗି ଏସିଆ ରଗ୍‌ବୀର ଡିଭିଜନ-୧ ପର୍ଯ୍ୟାୟରେ ଖେଳିବ। ଯେଉଁଥିରେ ଏସିଆ ମହାଦେଶର ଶ୍ରେଷ୍ଠ-୮ଟି ଦଳ ଅଂଶଗ୍ରହଣ କରୁଛନ୍ତି। ଉଲ୍ଲେଖଯୋଗ୍ୟ, ଭାରତୀୟ ରଗ୍‌ବୀ ଦଳରେ ଓଡ଼ିଶାର ୪ଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଆଶିଷ ଶବର, ଗଣେଶ ମାଝି, ଯୁଗଳ କିଶୋର ମାଝି ଓ ଶାହନୱାଜ ଅହମ୍ମଦ। ଏମାନଙ୍କ ମଧ୍ୟରୁ ଆଶିଷ, ଗଣେଶ ଓ ଯୁଗଳ କିସ୍ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି।

**ନନ୍ଦକିଶୋର ପଟ୍ଟନାୟକ ସ୍ମାରକୀ ମହିଳା ଫୁଟବଲ**

# କେନ୍ଦୁଝରର ତାରିଣୀ କ୍ଲବ୍‌ଠାରୁ ହାରିଲା କ୍ରୀଡ଼ା ଛାତ୍ରାବାସ

ଭୁବନେଶ୍ୱର,୨୬।୧୦(ସମିସ): କେନ୍ଦୁଝରର ତାରିଣୀ କ୍ଲବ୍ ୫-୪ ଗୋଲରେ ରାଜ୍ୟ କ୍ରୀଡ଼ା ଛାତ୍ରାବାସକୁ ହରାଇ ଏଠାରେ ଚାଲିଥିବା ତୃତୀୟ ନନ୍ଦକିଶୋର ପଟ୍ଟନାୟକ ସ୍ମାରକୀ ମହିଳା ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଲିଗ୍ ମ୍ୟାଚ୍‌ରେ ବିଜୟୀ ହୋଇଛି। ନୟାପଲ୍ଲୀର ସିଟି କ୍ଲବ୍ ଏବଂ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ୟୁନିଟ-୧ ସ୍ଥିତ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଖେଳାଯାଉଛି। ଏହି ମ୍ୟାଚ୍‌ରେ ବିଜୟୀ ତାରିଣୀ କ୍ଲବ୍‌ର ରାଣୀ ବାଗ୍‌ଙ୍କୁ ପୂର୍ବତନ ଅନ୍ତର୍ଜାତୀୟ



ମହିଳା ଖେଳାଳି ରଞ୍ଜିତା ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଏହି ମ୍ୟାଚ୍‌କୁ ରେଫରି ଶେଖାୱତ ଖାନ୍, ସୁଜିତ କୁମାର ପାତ୍ର, ଶିବପ୍ରସାଦ ସାମନ୍ତରାୟ ଓ ଶୋଭାଲିନ୍ ପଣ୍ଡା ପରିଚାଳନା କରିଥିଲେ। ଶିବଶଙ୍କର ପଣ୍ଡା ମ୍ୟାଚ୍ କମିଶନର ଥିଲେ। ଖେଳ ଶେଷରେ ସିଟି କ୍ଲବ୍ ସମ୍ପାଦକ ପ୍ରଦୀପ ରାଉତରାୟ ଧନ୍ୟବାଦ ଦେଇଥିଲେ। ମହେନ୍ଦ୍ରନାଥ ନାୟକ, ବନୋଜ ପ୍ରଧାନ, ତିଳୋତ୍ତମା ଦଳେଇ ଓ ଦୀପକ କୁମାର ରାଉତରାୟ ପ୍ରମୁଖ ସହାୟତା ଯୋଗାଇଥିଲେ।

## ବ୍ରୁକ୍‌ଙ୍କ ଶତକ ବେକାର; ପ୍ରଥମ ଦିନିକିଆରେ ଇଂଲଣ୍ଡ ବିଜୟୀ

ମାଉଣ୍ଟ ମାଉଙ୍ଗାନୁଇ,୨୬।୧୦(ଏଜେନ୍ସି): ଇଂଲଣ୍ଡ ଅଧିନାୟକ ହ୍ୟାରୀ ବ୍ରୁକ୍‌ଙ୍କ ୧୩୫ ରନ୍‌ର ସାହସିକ ଶତକ ସତ୍ତ୍ୱେ ଏଠାରେ



ରବିବାର ଅନୁଷ୍ଠିତ ପ୍ରଥମ ଦିନିକିଆରେ ନ୍ୟୁଜିଲାଣ୍ଡ ୪ ୱିକେଟରେ ବିଜୟୀ ହୋଇଛି। ପ୍ରଥମେ ବ୍ୟାଟିଂ କରି ଇଂଲଣ୍ଡ ୫୫ ରନ୍‌ରେ ୬ ୱିକେଟ ହରାଇଥିଲେ ମଧ ୩୫.୨ ଓଭରରେ ୨୨୩ ରନ୍ କରିଥିଲା। ଜବାବରେ ନ୍ୟୁଜିଲାଣ୍ଡ ୩୬.୪ ଓଭରରେ ୬ ୱିକେଟରେ ବିଜୟ ଲାଗି ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା। ବିଜୟୀ ଦଳ ପକ୍ଷରୁ ଡାରିଲ ମିଚେଲ ସର୍ବାଧିକ ଅପରାଜିତ ୭୮ ଓ ମାଇକେଲ ବ୍ରେସ୍‌ୱେଲ ୫୧ ରନ୍ କରିଥିଲେ ମଧ ବ୍ରୁକ୍ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

## ଅଭିଷେକ ନାୟାର କେକେଆର ହେଡ୍ କୋଚ୍

କୋଲକାତା,୨୬।୧୦(ଏଜେନ୍ସି): ଭାରତୀୟ କ୍ରିକେଟ ଦଳର ପୂର୍ବତନ ସହକାରୀ କୋଚ୍ ଅଭିଷେକ ନାୟାର ଚଳିତ ସିଜନରେ ଆଇପିଏଲ୍ ଟିମ୍ କେକେଆର୍ (କୋଲକାତା ନାଇଟ୍ ରାଇଡର୍ସ)ର ନୂଆ ହେଡ୍ କୋଚ୍ ହେବେ।



ଏ ସମ୍ପର୍କରେ ଦଳ ପକ୍ଷରୁ କୌଣସି ଆନୁଷ୍ଠାନିକ ଘୋଷଣା ହୋଇ ନ ଥିଲେ ମଧ ସେ ଚନ୍ଦ୍ରକାନ୍ତ ପଣ୍ଡିତଙ୍କ ସ୍ଥାନରେ ଏହି ଦାୟିତ୍ୱ ଗ୍ରହଣ କରିବେ ବୋଲି କେକେଆର୍ ଟିମ୍ ମ୍ୟାନେଜମେଣ୍ଟ ସୂତ୍ରରୁ ସ୍ପଷ୍ଟ ହୋଇଛି। ୩ଥର ଆଇପିଏଲ୍ ଟାଇଟଲ ଜିତିଥିବା କେକେଆର ଗତ ଆଇପିଏଲ୍ ସିଜନରେ ଅତ୍ୟନ୍ତ ଖରାପ ପ୍ରଦର୍ଶନ କରି ଅଷ୍ଟମ ସ୍ଥାନରେ ରହିଥିଲା।

## ଓସିଏର ସ୍ୱତନ୍ତ୍ର ସାଧାରଣ ପରିଷଦ ବୈଠକ

କଟକ,୨୬।୧୦(ସମିସ): ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ)ର ସ୍ୱତନ୍ତ୍ର ସାଧାରଣ ପରିଷଦ ବୈଠକ ରବିବାର ବାରବାଟୀ ଷ୍ଟାଡିୟମ ପରିସରସ୍ଥ ଓସିଏ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ପଙ୍କଜ ଲୋଚନ ମହାନ୍ତି ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଆର୍ଥିକ ରିପୋର୍ଟ ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା। ଡିସେମ୍ବର ୯ରେ ବାରବାଟୀରେ ହେବାକୁ ଥିବା ଭାରତ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ଅନ୍ତର୍ଜାତୀୟ ଟି-୨୦ ମ୍ୟାଚ୍ ବାବଦରେ ଆଲୋଚନା ହୋଇଥିଲା। ସମ୍ପାଦକ ସଞ୍ଜୟ ବେହେରା, ଉପସଭାପତି ଜଗମୋହନ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ପ୍ରଭାତ କୁମାର ଭୋଳ, କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ଆପେକ୍ସ କାଉନସିଲ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ ଉପସ୍ଥିତ ଥିଲେ।

**ରଣଜୀ ଟ୍ରଫି**

# ଓଡ଼ିଶା ବିପକ୍ଷରେ ୟୁପି ପ୍ରଥମ ଇନିଂସ ଅଗ୍ରଣୀ

କଟକ,୨୬।୧୦(ସମିସ)

କାନପୁର ଗ୍ରୀନପାର୍କ ଷ୍ଟାଡିୟମରେ ଚାଲିଥିବା ରଣଜୀ ଟ୍ରଫିର ଓଡ଼ିଶା ବିପକ୍ଷ ମ୍ୟାଚ୍‌ରେ ପ୍ରଥମ ଇନିଂସ୍ ଅଗ୍ରଣୀ ହାସଲ କରି ଘରୋଇ ଉତ୍ତରପ୍ରଦେଶ ଦଳ ଦୃଢ଼ ସ୍ଥିତିରେ ରହିଛି। ଓଡିଶାର ବୋଲିଂ ଆଟାକ୍ ପୁର୍ନବାର ବିଫଳ ସାବ୍ୟସ୍ତ ହୋଇଛି। ଓଡ଼ିଶାର ପ୍ରଥମ ପାଳି ୨୪୩ରନ ଜବାବରେ ଉତ୍ତରପ୍ରଦେଶ ରବିବାର ଦ୍ୱିତୀୟ ଦିବସ ଷ୍ଟମ୍ପ ସୁଦ୍ଧା ୩ ୱିକେଟ ବିନିମୟରେ ୨୬୨ରନ ସଂଗ୍ରହ କରିଛି। ହାତରେ ୭ ୱିକେଟ ବଳକା ଥିବା ବେଳେ ଖେଳର ଅବଶିଷ୍ଟ ଦୁଇ ଦିନରେ ଓଡ଼ିଶା ଠାରୁ ବିଜୟ ପଏଣ୍ଟ ହାତେଇପାରେ ଘରୋଇ ଦଳ। ଅନ୍ୟପକ୍ଷରେ ମ୍ୟାଚ୍‌ରୁ ୧ ପଏଣ୍ଟ ପାଇବା ଆଶାରେ ଓଡ଼ିଶା ମ୍ୟାଚ୍‌କୁ ଡ୍ର ରଖିବାକୁ ଲକ୍ଷ୍ୟ ରଖିବ। ପୂର୍ବଦିନର ସ୍କୋର ୧୭/୦ରୁ ଉତ୍ତରପ୍ରଦେଶ ଆଜି ଖେଳ ଆରମ୍ଭ ପରେ ୪୫ ରନରେ



ପ୍ରଥମ ୱିକେଟ ହରାଇଥିଲା। ଅଭିଷେକ ଗୋସ୍ୱାମୀ ୨୪ ରନରେ କ୍ଲିନ ବୋଲ୍ଡ ହୋଇଥିଲେ। ପଦାର୍ପଣ ମ୍ୟାଚ୍ ଖେଳୁଥିବା ସମ୍ବିତ ବରାଳ ଓଡ଼ିଶା ପାଇଁ ପ୍ରଥମ ସଫଳତା ଦେଇଥିଲେ। ପରେ କ୍ରିଜକୁ ଆସିଥିବା ୱିକେଟକିପର ଆର୍ଯ୍ୟନ ଜୁୟଲ ଖାତା ଖୋଲିବା ପୂର୍ବରୁ ସମ୍ବିତଙ୍କ ଦ୍ୱିତୀୟ ଶିକାର ପାଲଟିଥିଲେ। ଓପନର ମାଧବ କୌଶିକ ଏବଂ ଅଧିନାୟକ କରନ ଶର୍ମା ୭୫ ରନର ଭାଗୀଦାରି ସୃଷ୍ଟି କରିଥିଲେ। ୧୨୨ବଲରୁ ୬୭ରନ କରିଥିବା ବେଳେ ମାଧବ ଏଲବିଡବ୍ଲ୍ୟୁ ହୋଇ ପ୍ୟାଭିଲିୟନ ଫେରିଥିଲେ। ଏହି ୱିକେଟ ମଧ ନବାଗତ ସମ୍ବିତଙ୍କୁ ମିଳିଥିଲା। ଅଧିନାୟକ କରନ ୮୩ ଏବଂ ଆରାଧ୍ୟ ଯାଦବ ୮୦ ରନରେ ଅପରାଜିତ ଅଛନ୍ତି। ସମ୍ବିତଙ୍କୁ ୩ଟି ୱିକେଟ ମିଳିଥିବା ବେଳେ ରାଜେଶ ମହାନ୍ତି, ସୁନୀଲ ରାଉଳ, ବାଦଲ ବିଶ୍ୱାଳ, ଗୋବିନ୍ଦ ପୋଦ୍ଦାର, ସୁମିତ ଶର୍ମା କୌଣସି ସଫଳତା ନପାଇ ଦଳକୁ ନିରାଶ କରିଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS